# ସ୍ମୃତି ଖୋଜେ ଅନୁଭୁତି

ଲିଙ୍ଗରାଜ ମନ୍ତୁନ

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ସ୍ମୃତି ଖୋଜେ ଅନୁଭୂତି


ରଚନା :

ଶ୍ରୀ ଲିଙ୍ଗରାଜ ମହୁନ

ସମ୍ପାଦନା

ଡ. ପରମାନନ୍ଦ ପଟେଲ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ସ୍ମୃତି ଖୋଜେ ଅନୁଭୂତି

*ରଚନା* : ଶ୍ରୀ ଲିଙ୍ଗରାଜ ମନ୍ଥନ

*ସମ୍ପାଦକ* : ଡ. ପରମାନନ୍ଦ ପଟେଲ

©*ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୬ ଜାନୁୟାରୀ, ୨୦୧୬
ମୁଦ୍ରଣ : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

## SMRUTI KHOJE ANUBHUTI

***Written By*** : **Lingaraj Manthan**

***Editor*** : **Dr. Paramananda Patel**

©***Publisher*** : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition** : 26th January 2016.

Printed at : Bholanath Press
Bomikhal, Bhubaneswar.

# ମୁଖବନ୍ଧ

କର୍ମକ୍ଷେତ୍ରରେ ଅନୁଭୁତି ଅନେକ । ବିଶେଷ କରି କ୍ଷେତ୍ର ଅଧିକାରୀ ମାନେ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ ସମ୍ପାଦନ ସମୟରେ ଅନେକ ଅନୁଭୂତି ଆହରଣ କରିଥାନ୍ତି । ସମସ୍ୟା ଆସେ, ତା'ର ସଫଳ ସମାଧାନ କରିପାରିଲେ ଜନ ସମାଦର ଲାଭ କରାହୁଏ । "ସରକାରୀ କ୍ଷେତ୍ରରେ ଦାୟୀତ୍ୱ ମାତ୍ର" କହି ସରକାରଙ୍କ ଠାରୁ କୌଣସି ସାବାସୀ ମିଳେ ନାହିଁ । ମାତ୍ର ଦାୟୀତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରି ଲୋକାଭିମୁଖୀ କରାଇ ପାରିଲେ ଲୋକଙ୍କ ଠାରୁ ଯେଉଁ ଆଶୀର୍ବାଦ ମିଳେ ତାହା ହିଁ ସବୁଠୁ ବଡ଼ ସମ୍ମାନ । ବିଭିନ୍ନ ବିକାଶ କାର୍ଯ୍ୟକ୍ରମକୁ ଠିକ୍ ଭାବରେ ପ୍ରତିକୂଳ ପରିବେଶରେ ଲୋକାଭିମୁଖୀ କରାଇ ପାରିବା ହେଉଛି ସବୁଠୁ ବଡ଼ ପୁରସ୍କାର ।

ବିଂଶ ଶତାବ୍ଦୀର ଅନ୍ତିମ ଦଶନ୍ଧି ହେଉଛି ସେହିପରି ଏକ ଘଡ଼ିସନ୍ଧି ଦଶନ୍ଧି । ଦ୍ୱିତୀୟ ପିଢ଼ୀର ଜନ ସାଧାରଣଙ୍କ ବିକାଶ ପର୍ବର ସମୟ । ଦେଶ କ୍ରମଶଃ ଜଟିଳ ଆଡକୁ ଗତି କରିବା ଆରମ୍ଭ କରିଥାଏ । ଏହି ସମୟରେ ବିକାଶ ବାର୍ତ୍ତା ଜଣାଇବା ହେଉଥାଏ ପ୍ରାଥମିକତା । ଓଡ଼ିଶାର ଅଣୁପ୍ରକଳ୍ପ ଅଞ୍ଚଳରେ ଯେଉଁ କତିପୟ କ୍ଷେତ୍ରାଧିକାରୀ ଏହି ଦାୟୀତ୍ୱ ନେଇଥାନ୍ତି ତନ୍ମଧ୍ୟରେ ଶ୍ରୀ ଲିଙ୍ଗରାଜ ମହନ୍ତ, ପାଉଡି ଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ପଦାଧିକାରୀ ରୂପେ ପାଉଁଡି ଭୂୟାଁ ମାନଙ୍କ ହୃଦୟକୁ ଛୁଇଁବାର ଚେଷ୍ଟା କରି ସଫଳ ହୋଇଥିବାର ନଜୀରକୁ ଆସେ ।

ପ୍ରାଚୀନ ଜନଜାତି ଯେଉଁମାନେ ତଥାପି ବିକାଶ ମାର୍ଗ ଦେଖି ପାରି ନଥିଲେ ତାଙ୍କ ସଂସ୍କୃତିକୁ ଅଧ୍ୟୟନ କରି ତଦନୁରୂପ ବିକାଶ କଥା ଚିନ୍ତନ କରିବା ଏବଂ ତାକୁ ରୂପାୟନ କରିବା ଓ କରାଇବାରେ ଯେଉଁ ସବୁ

ଅଭିଜ୍ଞତା ସେ ପାଇଥିଲେ ତାକୁ "ସ୍ମୃତିଖୋଜେ ଅନୁଭୂତି" ପୁସ୍ତକରେ ବଖାଣିଛନ୍ତି । ପେଶାରେ ଜଣେ କଲ୍ୟାଣ ଅଧିକାରୀ ହୋଇ ସୁଦ୍ଧା ପାଉଡ଼ି ଭୂୟାଁଙ୍କ ନିକଟତର ହୋଇ ତାଙ୍କ ଭିତର ହଜିଯିବା ଖୁବ୍ କମ୍ ଭାଗ୍ୟରେ ଘଟେ ।

ତାଙ୍କର ସେହିଦିନର ତିକ୍ତ ମଧୁର ଅନୁଭୂତିର କିଞ୍ଚିତ କଥା ଶ୍ରୀ ମନ୍ଥନ ଏଥିରେ ବାଢ଼ିଛନ୍ତି । ପ୍ରକାଶନ ଉପଯୋଗୀ କରିବାକୁ ଏକାଡେମୀର ବରିଷ୍ଠ ଗବେଷକ ଡ. ପରମାନନ୍ଦ ପଟେଲଙ୍କ ପ୍ରୟାସ ପ୍ରଶଂସନୀୟ ।

ପୁସ୍ତକଟି ବିକାଶ ପ୍ରାଧିକାରୀ, ଗବେଷକ ତଥା ସଂସ୍କୃତି ପ୍ରେମୀଙ୍କ ସମାଦର ଲାଭ କଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ ଏତିକି ଆଶା ଓ ବିଶ୍ୱାସ ।

ଅଖିଳ ବିହାରୀ ଓତା
ସଦସ୍ୟ ସଚିବ

# ଦି' ପଦ ...

କର୍ମଜୀବୀ ଜୀବନରୁ ଅବସର ନେବାପରେ ଅତୀତର ଅନୁଭୂତିଗୁଡ଼ିକ ସ୍ମୃତିର ଆଇନାରେ ପ୍ରତିବିମ୍ବିତ ହେଉହେଉ ଦିନକର କଥା ମୋ' ମାନସ-ପଟରେ ଉଜ୍ଜୀବୀତ ହୋଇଉଠିଲା । ସେଦିନର କଥା:- ପ୍ରାଚୀନ ଜନଜାତି ସମ୍ପ୍ରଦାୟ ପାଉଡ଼ିଭୂୟାଁ ଓଡ଼ିଶାର ୧୩ ଗୋଟି ଆଦିମ ଜନଜାତି ମଧ୍ୟରୁ ଅନ୍ୟତମ । ସୁନ୍ଦରଗଡ ଜିଲ୍ଲାର ବଣେଇ ଉପଖଣ୍ଡ ଅଞ୍ଚଳସ୍ଥିତ ଖୁଣ୍ଟଗାଁ ଇଲାକାର ଘନ ବଣ-ଜଙ୍ଗଲ, ପାହାଡ଼ବେଷ୍ଟିତ ଅଞ୍ଚଳରେ ବସବାସ କରୁଥିବା ଗୋଟିଏ ଗୋଷ୍ଠୀ । ଏହି ସମ୍ପ୍ରଦାୟର ସାମାଜିକ, ଅର୍ଥନୈତିକ ଓ ସଂସ୍କୃତିକ ବିକାଶ ଘଟାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାପାଇଁ ସରକାରଙ୍କର ପ୍ରଚେଷ୍ଟା ପରିପ୍ରେକ୍ଷୀରେ ଗଠିତ ହୋଇଛି "ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା" । ବିକାଶଧାରାରେ ସଫଳତା ଆଣିବାପାଇଁ ଦାୟିତ୍ୱ ବହନକାରୀ ନିର୍ବାହୀ ଅଧିକାରୀ ଭାବେ ମୋତେ ସୁଯୋଗ ମିଳିଥିଲା ୧୯୮୮ ମସିହାରେ । ଜଣେ ଜିଲାମଙ୍ଗଳ ଅଧିକାରୀ ଭାବେ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ପଦାଧିକାରୀ ରହି ଏହି ସଂସ୍ଥାର ତୃତୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲି । ଏହି ଦାୟିତ୍ୱ ବହନ କରିବା ପରେ ମୁଁ ଏ ଗୋଷ୍ଠୀର ଅର୍ଥନୈତିକ ସାମାଜିକ ଓ ସାଂସ୍କୃତିକ ସ୍ଥିତାବସ୍ଥାକୁ ସାମଗ୍ରିକ ଭାବେ ଅନୁଧ୍ୟାନ କରିବା ପରେ ଭାବପ୍ରବଣ ହୋଇ ପଡ଼ିଥିଲି । ଅମୃତର ସନ୍ତାନ, ଯାହାର ପ୍ରାଣରେ ଭରି ରହିଛି ନୈସର୍ଗିକ ଚିନ୍ତା ଚେତନାର ଭାବଧାରା, ପ୍ରକୃତି ଯାହାପାଇଁ ସଦା ସଦୟ, ଏ କୃତ୍ରିମ ହାତ ତା'ପାଇଁ କି ବିକାଶ ଦେବ ? ତଥାପି ସରକାରଙ୍କର ଦ୍ୱାରା ପ୍ରେରୀତ ବିକାଶ ଅଭିପ୍ରେତ କର୍ମଚାରୀ ହିସାବରେ ମୋ'ର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ଅବସରରେ ମୋ'ର ଭାବପ୍ରବଣ ମନକୁ ନେଇ କାର୍ଯ୍ୟ ଆରମ୍ଭ କଲି । ଏ ଜାତିକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ହେଲେ ବହୁତ କାମ କରିବାକୁ ଅଛି । ଏଥିପାଇଁ କେବଳ ଯୋଗ୍ୟତା ନୁହେଁ , ନିଷ୍ଠାପର ସେବା ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଭାବ ପ୍ରବଣତା ହୋଇ କାର୍ଯ୍ୟସମ୍ପାଦାନରେ ବ୍ରତୀହେଲି । ଦିନେ ଏହି ସଂସ୍ଥାର କାର୍ଯ୍ୟକ୍ରମ ଓ ପ୍ରାଚୀନ ଜନଜାତିର ସାମାଜିକ

ଓ ସଂସ୍କୃତିକ ସ୍ଥିତି ଅନୁଧ୍ୟାନ କରିବାପାଇଁ ଜଣେ ବରିଷ୍ଠ ନୃତତ୍ତ୍ୱବିତ୍ ଖୁଣ୍ଡଗାଁ ଆସିଥିଲେ । ତାଙ୍କୁ ମୋର ପ୍ରକଳ୍ପ ଅଞ୍ଚଳ ବୁଲାଇ ଦେଖାଇଦେଲି । ସମୀକ୍ଷା ଅବସରରେ ବହୁ ତଥ୍ୟ ସଂଗ୍ରହ କରିସାରି ସେ ମୋ' ସହିତ ବ୍ୟକ୍ତିଗତ ଆଳାପ କଲେ । ସେ ଯେ ଜାଣିବାକୁ ପାଇଲେ ମୁଁ ଜଣେ ଆଦିବାସୀ ବିକାଶପ୍ରେମୀ ବ୍ୟକ୍ତି ଏବଂ ଜଣେ ସାରସ୍ୱତ ପ୍ରେମୀ । 'ଖଣ୍ଡାଧାର' କବିତା ବହିରେ ପାଉଡ଼ିଭୂୟାଁର ଜୀବନ ଚିତ୍ରର ଚିତ୍ରଣ ଏବଂ ବିକାଶ ପ୍ରେମୀ ପଶାସକ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ (ଭା.ପ୍ର.ସେ) ତତ୍‌କାଳୀନ ଜିଲାପାଳଙ୍କର ପାଉଡ଼ିଭୂୟାଁ ଜାତିର ବିକାଶ ପ୍ରୀତିର ନିଛକ ଚିତ୍ର ବର୍ଣ୍ଣନା ଦେଖି ଖୁସିହେଲେ । ତାପରେ ସେ ମୋତେ କହିଲେ 'ମି. ମନ୍ଥନ' ! ତୁମର ସାରସ୍ୱତ ଚିନ୍ତାଧାରାରେ ଗୋଟିଏ କାମ କରିପାରିବ କି ? "କ'ଣ ସାର" ? ବୋଲି ମୁଁ ପ୍ରଶ୍ନ କଲି । ସେ କହିଲେ , "ତୁମେ କାର୍ଯ୍ୟକରିବା ଅବସରରେ ଯାହାକିଛି ଅନୁଭୂତି ଅର୍ଜନ କରୁଛ, ସେଗୁଡ଼ିକୁ ଗୋଟିଏ ଆଲେଖ୍ୟରେ ଏକତ୍ର କରି ପ୍ରକାଶ କରିବ । ଏଭଳି କାର୍ଯ୍ୟଧାରାର ଅନୁଭୂତିକୁ ଲିପିବଦ୍ଧ କରିବାକୁ କେହି ପ୍ରୟାସ କରି ନାହାନ୍ତି । ଏହା ଆଦିବାସୀ ବିକାଶର ବାସ୍ତବ ସଚେତନତା ପାଇଁ ବାର୍ତ୍ତାବହ ରୂପେ ନିର୍ଦ୍ଦେଶୀତ ହୋଇ ପାରିବ ।

ପରବର୍ତ୍ତୀ ଆଲେଚନାରୁ ଉପଲବ୍ଧି କଲି ଯେ - ଆଦିବାସୀ ବିକାଶ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଅବସରରେ ବହୁ ନୀତି, ନିୟମ, ବିଧି ବିଧେୟକ ସରକାରୀ ଆଦେଶନାମା, ପଦାଧିକାରୀ ଓ ପ୍ରଶାସକଙ୍କର ଉପଦେଶ ଆବଶ୍ୟକତା ଭିତ୍ତିରେ କାର୍ଯ୍ୟକାରୀ ହୁଏ; କିନ୍ତୁ ଏହି କାର୍ଯ୍ୟକ୍ରମ ଓ ନୀତି ନିୟମ ବିଧି, ବିଧେୟକ ଆଧାରରେ କାର୍ଯ୍ୟ କରିବାର ତରିକା ବା ଶୈଳୀ ଲିପିବଦ୍ଧ ନହୋଇ ଲୁପ୍ତ ହୋଇଯାଏ; ତେଣୁ , ମୁଁ ଚିନ୍ତା କଲି ମୋର କାର୍ଯ୍ୟକରିବା ସମୟର ଅନୁଭୂତିଗୁଡ଼ିକୁ ଲିପିବଦ୍ଧ କରି ପ୍ରକାଶ କଲେ ଏହା ଭବିଷ୍ୟତ ବିକାଶ ପ୍ରେମୀ କର୍ମଚାରୀମାନଙ୍କ ପାଇଁ ସହାୟକ ହୋଇପାରିବ । କେବଳ ସେତିକି ନୁହେଁ, ସଚେତନତା ବାର୍ତ୍ତା ପରିପ୍ରେକ୍ଷୀରେ ବିକାଶଧାରାକୁ ତ୍ୱରାନ୍ୱିତ କରିପାରିବ । ପାଠକ ପଠନ କରି କୌତୂହଳପ୍ରଦ ନିର୍ଯ୍ୟାସ ଉପଲବ୍ଧି କରି ପାରିବେ । ସାରସ୍ୱତପ୍ରେମୀ ପ୍ରବନ୍ଧକାର ପ୍ରବନ୍ଧ ରଚନାରେ ଉପାଦନ ପାଇପାରିବ । କବି କବିତାର ଆଧାର ଲାଭ କରିପାରିବ । ଭାବୁକ ଭାବରେ ଅନୁସନ୍ଧିତ୍ସୁ ହେବ । ଗାଳ୍ପିକ ଗଳ୍ପରଚନା ଓ

ପ୍ରଯୋଜକ କଥାଚିତ୍ର ପ୍ରଯୋଜନା ପାଇଁ କାହାଣୀ ଓ ଚିତ୍ରୋତ୍ତୋଳନ କ୍ଷେତ୍ର ଖୋଜି ପାରିବ । ଭ୍ରମଣକାରୀ ପର୍ଯ୍ୟଟକ ପାଠ କରି ଆତ୍ମବିଭୋର ହେବେ । ସମ୍ବାଦିକ ସମ୍ବାଦ ସ୍ତମ୍ଭରେ ସ୍ଥାନିତ କରିବାକୁ ସୁଯୋଗ ପାଇବେ । ଶିକ୍ଷକ ଓ ପ୍ରଶିକ୍ଷକ ଶିକ୍ଷାଦାନପାଇଁ ଆନୁଷଙ୍ଗିକ ତଥ୍ୟ ସଂଗ୍ରହ କରିବାପାରିବେ ।

ତେଣୁ, ନୃତତ୍ତ୍ୱବିତ୍ ମହାଶୟଙ୍କର ପ୍ରସ୍ତାବରେ ମୁଁ ଏକମତହୋଇ ଭାବପ୍ରବଣ ହୋଇଗଲି । ମୋ'ର ସ୍ମୃତିରେ ସାଇତା ଅନୁଭୂତିକୁ ସାଉଁଟି ଏହି ପ୍ରବନ୍ଧ "ସ୍ମୃତି ଖୋଜେ ଅନୁଭୂତି" ରଚନା କଲି ।

ପୁସ୍ତକରେ ସ୍ଥାନ ପାଇଥିବା କଳା, ସଂସ୍କୃତି,ପରମ୍ପରା, ଲୋକକଥା, ଲୋକଗୀତ, ଜନଶ୍ରୁତି, ଲୋକଚରିତ୍ର, ପୂଜା,ପାର୍ବଣ, ଶାସନ, ପ୍ରଶାସନ, ସାମାଜିକ ଓ ଅର୍ଥନୈତିକ ବିକାଶ,ଶିକ୍ଷା, ସ୍ୱାସ୍ଥ୍ୟ ଓ ଏହି ବିକାଶ ପ୍ରକ୍ରିୟାରେ ଅନୁଷ୍ଠାନ, ପ୍ରତିଷ୍ଠାନ,ବ୍ୟକ୍ତିବିଶେଷ ତଥା କର୍ମଚାରୀ ସହିତ ମହାମହିମ ରାଜ୍ୟପାଳ, ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ,ପ୍ରଶାସକ,କର୍ମଚାରୀ, ସମାଜସେବୀ, ସାମ୍ବାଦିକ, ଇଞ୍ଜିନିୟର, ଡାକ୍ତର, ଓକିଲ, କଳାକାରମାନଙ୍କର ମାନବୀୟ ଭୂମିକା ପରିପ୍ରେକ୍ଷୀରେ ମୋର ଦୈନନ୍ଦିନ କର୍ମ ସଂପାଦନା ଭିତରେ ବାସ୍ତବ ସତ୍ୟ ଘଟଣାକୁ ସନ୍ଧାନ କରି ସାମଗ୍ରୀକ ଭାବେ ଉପସ୍ଥାପନା କରିଅଛି । ଏହା ପାଠକ ଅଧୟନ ଅବସରରେ ପରସ୍ପର ଘଟଣା ଆଧାରିତ ଆଲେଖ୍ୟକୁ କେଉଁଠି ଅସଙ୍ଗତ, ଅସାମାଞ୍ଜସ୍ୟ ବା ଅପ୍ରାସଙ୍ଗିକ ନ ଭାବିବାକୁ ଅନୁରୋଧ । ଏହା ନିଛକ ସତ୍ୟ , ବାସ୍ତବ ଏବଂ ଅତୀତର ଇତିହାସ ବହନ କରି ଭବିଷ୍ୟତ ଗବେଷକ, ପାଠକ,ଶାସକ ଓ କର୍ମଜୀବୀମାନଙ୍କ ପାଇଁ ଶିକ୍ଷଣୀୟ ଓ ଦିଗ୍‌ଦର୍ଶନର ସହାୟକ ହେବା ଉଦ୍ଦେଶ୍ୟରେ ତଥ୍ୟ ଭିତ୍ତିକ ସାମାଜିକ ଚିତ୍ରର ଅବତାରଣା ଅଟେ ।

ଇତିହାସ ଯଦି ଧରି ନ ରଖିବ ଚଳନ୍ତିକା ଅର୍ଥାତ୍ ବର୍ତ୍ତମାନର ସମାଜିକ ବ୍ୟବସ୍ଥା ବିଲୁପ୍ତ ହେବ । ବର୍ତ୍ତମାନ ଓ ଭବିଷ୍ୟତର ତଥ୍ୟ ଭିତ୍ତିରେ ଦଳିତ ଜାତି ମୁଖ୍ୟ ସ୍ରୋତରେ ସାମିଲ ହେବାର ଚିନ୍ତାଧାରାର ଭିତ୍ତିଭୂମି ଦୁର୍ବଳ ହେବାର ଆଶଙ୍କା ଏଡ଼ାଇବା ପାଇଁ ମୋର ଏତାଦୃଶ ପ୍ରଚେଷ୍ଟା ।

*ଜୟହିନ୍ଦ*

ଲିଙ୍ଗରାଜ ମଲ୍ଲିକ

# ସଂମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତି

ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବିଧାନର ଦଳିତ ଜାତିର (ଆଦିବାସୀ ଓ ହରିଜନ) ସାମାଜିକ ଓ ଅର୍ଥନୈତିକ ଉତ୍‌ଥାନ ପାଇଁ ଆଇନଗତ ବ୍ୟବସ୍ଥା ନିରୂପଣ କରାଯାଇଅଛି । ତଦନୁସାରେ ଓଡ଼ିଶାର ତଫସିଲଭୁକ୍ତ ଜନଜାତି, ତଫସିଲଭୁକ୍ତଜାତି ଓ ଆଦିମ ଜନଜାତି ଭଳି ଦଳିତ ଶ୍ରେଣୀର ସାମାଜିକ ଓ ଅର୍ଥନୈତିକ ବିକାଶର ଧାରା ସ୍ୱାଧୀନତା ପରଠାରୁ ଅଦ୍ୟାବଧି ଯେଉଁ ପ୍ରକ୍ରିୟାରେ ନିଶ୍ଚିତକରଣ ହୋଇ ଆସିଅଛି, ତାହା ମୋର କର୍ମଜୀବୀ ଜୀବନର ଅନୁଭୂତିରୁ କିଛି ଅବତାରଣା କରିବାକୁ ଉଚିତ୍ ମନେ କରେ । ବିଧି, ବିଧେୟକ, ସରକାରୀ ନୀତି, ନିୟମ, ନିର୍ଦ୍ଦେଶନାମା ଆଦି ବହୁଧା ବ୍ୟବସ୍ଥା ପ୍ରଣୀତ ହୋଇ ତଦନୁସାରେ ଯେପରି କାର୍ଯ୍ୟ ସଂପାଦିତ ହୋଇଆସୁଅଛି, ସ୍ଥୁଳତଃ ସେଗୁଡ଼ିକ ହେଲା :-

**ଶିକ୍ଷା :** ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି ଫଳରେ ସ୍ୱତନ୍ତ୍ର ଭାବେ ଉଚ୍ଚ ଇଂରାଜୀ, ମଧ୍ୟ ଇଂରାଜୀ(ଆଶ୍ରମ ବିଦ୍ୟାଳୟ), ମଧ୍ୟ ଇଂରାଜୀ ବାଳିକା ବିଦ୍ୟାଳୟ(କନ୍ୟାଶ୍ରମ), ପ୍ରାଥମିକ ବିଦ୍ୟାଳୟ, (ସେବାଶ୍ରମ), ଶିକ୍ଷାୟତନ ସ୍ଥାପନ କରାଯାଇ ସ୍ୱତନ୍ତ୍ର ଶିକ୍ଷା ପ୍ରଚଳନ କରାଯାଇଅଛି । ସାଧାରଣ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର-ଛାତ୍ରୀମାନଙ୍କୁ (ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ତଥା ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ)ପାଠ୍ୟୋପକରଣ, ଆର୍ଥିକ ସହାୟତା ପ୍ରଦାନ ଏବଂ ସ୍ଥାନ ସଂରକ୍ଷଣ ନୀତି ଅବଲମ୍ବନ କରାଯାଇଅଛି ।

**ସ୍ୱାସ୍ଥ୍ୟ :** ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ପାଇଁ ୬ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଆୟୁର୍ବେଦିକ ଡାକ୍ତରଖାନା, ଭ୍ରାମ୍ୟମାଣ ଡାକ୍ତରଖାନା, ଧାଈ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଅଛି ।

**ବାସଗୃହ :** ଆଦିବାସୀ ଓ ଅନୁସୂଚିତ ଜାତି ମାନଙ୍କ ଦାରିଦ୍ର ମାନଙ୍କ ଚିହ୍ନଟ କରାଯାଇ ଗୃହ ଯୋଗାଇ ଦିଆଯାଇଅଛି । ସାଧାରଣ ଭାବେ ବିଭିନ୍ନ ସମୟରେ ଇ.ଆର.ଆର.ପି., ଅନ୍ତୋଦୟ, ଆଇ.ଆର୍ .ଡି.ପି., ପି.ଏମ୍.ଆର୍.ଓ୍ୱାଇ. ଓ ଅନ୍ୟ କାର୍ଯ୍ୟକ୍ରମମାନଙ୍କରେ ଏହି ଦଳିତ ଶ୍ରେଣୀକୁ ସ୍ୱତନ୍ତ୍ର ଅନୁପାତ ଭିତ୍ତିରେ ସହାୟତା ପ୍ରଦାନ କରାଯାଇଅଛି । ଘର ଡ଼ିହ, ଜମି ଓ ବାସଗୃହ ଆବଶ୍ୟକତା ଭିତ୍ତିରେ ବଣ୍ଟନ କରାଯାଇ ବ୍ୟବସ୍ଥା କରାଯାଇଅଛି ।

**ବୃତ୍ତି :** ବୃତ୍ତିଗତ ଧନ୍ଦା ସ୍ୱରୂପ ସୀବନ କାର୍ଯ୍ୟ, କୃଷି, ବ୍ୟବସାୟ, କୁଟୀର ଶିଳ୍ପଆଦି ଧନ୍ଦାମୂଳକ କାର୍ଯ୍ୟ ଯଥା ଶିବନ କାର୍ଯ୍ୟ, ଚାନ୍ଦୁଆ ଶିଳ୍ପ, ସିପ ସାମୁକା ଶିଳ୍ପ, କାଷ୍ଠ ଶିଳ୍ପ, ପଥର ଖୋଦେଇ ଶିଳ୍ପ, ଟେଡି ଟଏ ଆଦି କୁଟୀରଶିଳ୍ପ ଏବଂ ସେମାନଙ୍କର ପାରମ୍ପରିକ ବୃତ୍ତିର ଉନ୍ନତିକରଣ ପାଇଁ ସହାୟତା ବ୍ୟବସ୍ଥା କରାଯାଉଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ବହୁଧା ଧନ୍ଦା ଯଥା :- ମାଛ ଚାଷ, ଛେଳି ଚାଷ, ଘୁଷୁରି ପାଳନ, ଗୋପାଳନ, କୃଷି, ଫଳୋଦ୍ୟାନ, ଯାନବାହାନ ଯୋଗାଣ ସହ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ଆତ୍ମନିଯୁକ୍ତି ଯୋଗାଇ ଦିଆଯାଉଅଛି । ସାମାଜିକ, ସାଂସ୍କୃତିକ ଓ ପାରମ୍ପରିକ ଜୀବନର ବିକାଶ ପାଇଁ ଜନସଚେତନତା ସୃଷ୍ଟି କରାଯାଇଅଛି ।

ଏ ସବୁର ସଫଳତା ଲକ୍ଷ୍ୟରେ ଓ ସାମାଜିକ ସୁରକ୍ଷା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଅଛି ସେଗୁଡ଼ିକ ହେଲା :-

୧. ଛୁଆଁ, ଅଛୁଆଁ ଭେଦଭାବ ଦୂର କରିବା ପାଇଁ ଅସ୍ପୃଶ୍ୟତା ନିବାରଣ ଆଇନ୍ ୧୯୫୫, ପ୍ରଣୀତ ହୋଇ କାର୍ଯ୍ୟ କରୁଛି ।

୨. ଆଦିବାସୀ ଓ ହରିଜନମାନଙ୍କୁ ନିର୍ଯ୍ୟାତନା, ଶୋଷଣ କ୍ଷେତ୍ରରେ ସୁରକ୍ଷା ଦେବା ପାଇଁ ଆଦିବାସୀ ଓ ହରିଜନ ନିର୍ଯ୍ୟାତନା ନିରୋଧ ଆଇନ୍ ପ୍ରଣୀତ ହୋଇ କାର୍ଯ୍ୟ କରୁଛି ।

୩. ଆଦିବାସୀ ଓ ହରିଜନଠାରୁ ବେଆଇନ୍ ସୂତ୍ରରେ ସ୍ଥାବର ସମ୍ପତ୍ତି ହସ୍ତାନ୍ତର ଓ ଦଖଲ ଉପରେ କଟକଣା ଜାହିର କରି ଏବଂ ସେମାନଙ୍କର ସ୍ୱାର୍ଥ ସୁରକ୍ଷା କରିବା ପାଇଁ ଆଇନ୍ ପ୍ରଣୟନ କରାଯାଇ କାର୍ଯ୍ୟ କରୁଛି ।

୪. ନିଯୁକ୍ତି କ୍ଷେତ୍ରରେ ଆଦିବାସୀ ଓ ହରିଜନମାନଙ୍କର ଆନୁପାତିକ ନିଯୁକ୍ତି ସୁବିଧା ମିଳିବା ପାଇଁ ଓଡ଼ିଶା ଆଦିବାସୀ ଓ ହରିଜନ ସ୍ଥାନ ସଂରକ୍ଷଣ ଆଇନ୍ (ଓ.ଆର.ଭି ଆକ୍ଟ) ପ୍ରଣୟନ କରାଯାଇ କାର୍ଯ୍ୟ କରୁଛି ।

୫. ଆଦିବାସୀ ଓ ହରିଜନମାନଙ୍କୁ ବେଆଇନ୍ ଋଣ ପ୍ରଦାନ କରି ଅତ୍ୟଧିକ ସୁଧ ନେଇ ତାଙ୍କୁ ଶୋଷଣ କରିବା ବିରୁଦ୍ଧରେ ଆଇନ୍ ପ୍ରଣୀତ ହୋଇ ଅଦାଲତରେ ମାମଲା ରୁଜୁ କରିବାକୁ ବ୍ୟବସ୍ଥା କରାଯାଇଅଛି ।

୬. ଶିକ୍ଷା ଓ ନିର୍ବାଚନରେ ଆନୁପାତିକ ଭାବେ ସ୍ଥାନ ସଂରକ୍ଷଣ ପାଇଁ ବିଧି ପ୍ରଣୀତ ହୋଇ କାର୍ଯ୍ୟ କରୁଛି ।

୭. ଅନାବାଦି, ଜଙ୍ଗଲଜମିଆଦି ଯଦି ଆଦିବାସୀଙ୍କ ଦଖଲରେ ଥାଏ, ଦଖଲରୁ ଉଚ୍ଛେଦ ନ କରିବା ଏବଂ ଦଖଲରେ ଥିଲେ ସେମାନଙ୍କୁ ସ୍ଥାୟୀ ରୟତି ସ୍ୱତ ପ୍ରଦାନ କରିବା ପାଇଁ ଆଇନ୍ ପ୍ରଣୟନ ସହ କାର୍ଯ୍ୟ କରୁଛି ।

୮. ଅନ୍ତର୍ଜାତି ବିବାହ (ଓଭଷରକ୍ଷ ଉବଷ୍ୱଷ ଗବକ୍ଷକ୍ଷସବଶର)ପାଇଁ ଆଇନ୍ ପ୍ରଣୀତ ହୋଇ କାର୍ଯ୍ୟ କରୁଛି ।

୯. ଗୋତିଶ୍ରମିକ ଉଚ୍ଛେଦ ଆଇନ୍ ପ୍ରଣୀତ ହୋଇ କାର୍ଯ୍ୟ କରୁଛି ।

୧୦. ଅନାୟାସରେ ଆଦିବାସୀ ଓ ହରିଜନ ସିଭିଲ କେସ୍‌ରେ ମକଦ୍ଦମା ଲଢ଼ିବା ପାଇଁ ଆଇନ୍ ସହାୟତା ବ୍ୟବସ୍ଥା କରାଯାଇଅଛି ।

୧୧. ଏତଦ୍‌ଭିନ୍ନ ଆତ୍ମନିଯୁକ୍ତି କ୍ଷେତ୍ରରେ ବହୁ ଧନ୍ଦାମୂଳକ କାର୍ଯ୍ୟ ପାଇଁ ରିହାତି ସୂତ୍ରରେ ଋଣ ଓ ରିହାତି (୨୫% ଠାରୁ ଆରମ୍ଭ କରି ୧୦୦%) ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

୧୨. ସମବାୟ ଭିତ୍ତିରେ ଆଦିବାସୀମାନଙ୍କ ଅର୍ଥନୀତି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପଞ୍ଚବାର୍ଷିକ ଯୋଜନାଠାରୁ କିଛି ବର୍ଷ ମଧ୍ୟରେ ସମବାୟ ଭିତ୍ତିରେ ଶସ୍ୟଗୋଲା ପ୍ରବର୍ତ୍ତନ ଓ କିଛି ବର୍ଷ ପରେ ଆଦିବାସୀ ଉପଯୋଜନା ଅଞ୍ଚଳରେ ବୃହଦାକାର କୃଷି ଓ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ପ୍ରତିଷ୍ଠା କରାଯାଇ କାର୍ଯ୍ୟ କରୁଛି ।

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧. | ନିଶାନିବାରଣ | ୧ |
| ୨. | ପ୍ରାଚୀନ ଜନଜାତିଙ୍କ ପାରମ୍ପରିକ ଚାଷପ୍ରତି ଆକର୍ଷଣ | ୪ |
| ୩. | ସରଳତା ମଧ୍ୟରେ ଜଟିଳତାର ସନ୍ଧାନ | ୬ |
| ୪. | ପାଉଡ଼ିଭୂୟାଁ ବିବାହ ପଦ୍ଧତି | ୮ |
| ୫. | ପାଉଡ଼ିଭୂୟାଁର ଲୋକନୃତ୍ୟ | ୧୦ |
| ୬. | ପାଉଡ଼ିଭୂୟାଁର ଜଟାଳ ପର୍ବ : | ୧୪ |
| ୭. | ପାଉଡ଼ିଭୂୟାଁ ରମଣୀ | ୧୬ |
| ୮. | ପାଉଡ଼ିଭୂୟାଁ ଲୋକଚରିତ୍ରର | |
| ୯. | ବୈଶିଷ୍ଟ୍ୟ | ୧୭ |
| ୧୦. | କାର୍ଯ୍ୟସମ୍ପାଦନାରେ କାର୍ପଣ୍ୟ | |
| ୧୧. | ସ୍ପୃହଣୀୟ ନୁହେଁ | ୧୯ |
| ୧୨. | ପାଉଡ଼ିଭୂୟାଁର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା | ୨୦ |
| ୧୩. | ଜଣେ ଫଟୋଗ୍ରାଫର୍‌ର ଭୂମିକା | ୨୨ |
| ୧୪. | ପାଉଡ଼ିଭୂୟାଁ ଋଷ-ସାରବିହନ ସହାୟତାର ଦୁରୁପଯୋଗ | ୨୩ |
| ୧୫. | ପ୍ରାଚୀନ ଜନଜାତି ବିକାଶରେ ଏକ ସଫଳତାର କାହାଣୀ | ୨୬ |
| ୧୬. | ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା | ୨୭ |
| ୧୭. | ପାଉଡ଼ିଭୂୟାଁର ଅନ୍ୟ ଏକ ସଫଳତା ଗାଥା | ୨୮ |
| ୧୮. | ମୁଖ୍ୟମନ୍ତ୍ରୀ ଓ ପ୍ରଦର୍ଶନୀ ମଣ୍ଡପ | ୨୯ |
| ୧୯. | ଶରଦୀ ଦେଇ | ୩୧ |
| ୨୦. | ସଂସ୍କୃତି, ସାମାଜିକ ଓ ଅର୍ଥନୈତିକ ବିକାଶର ସନ୍ଧାନ | ୩୪ |
| ୨୧. | ପାଉଡ଼ି ଭୂୟାଁମାନେ ବ୍ୟବହାର କରୁଥିବା ଜଡ଼ିବୁଟି | ୩୬ |
| ୨୨. | ପାଉଡ଼ିଭୂୟାଁ ମାନଙ୍କର ଖାଦ୍ୟପଦାର୍ଥ | ୩୯ |
| ୨୩. | ପାଉଡ଼ିଭୂୟାଁମାନେ ବ୍ୟବହାର କରୁଥିବା କେତେକ ଜଡ଼ିବୁଟି | ୪୦ |

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୨୪. | ବଣଭୋଜି | ୪୩ |
| ୨୫. | ଲୋକ କଥା - ଜନଶ୍ରୁତି | ୫୦ |
| ୨୬. | ପ୍ରଦର୍ଶନୀ ମଣ୍ଡପ ଓ ଆଦିମ ଜନଜାତି ରମଣୀ : | ୫୨ |
| ୨୭. | ପ୍ରଦର୍ଶନୀ ମଣ୍ଡପରେ ପାଉଡ଼ିଭୂୟାଁ | ୫୪ |
| ୨୮. | ଆଦିମ ଜନଜାତି ପାଉଡ଼ିଭୂୟାଁ ପାଇଁ ସଚେତନତା ବାର୍ତ୍ତା | ୫୬ |
| ୨୯ | କୃଷି, ଜଳସେଚନ ଓ ଗମନାଗମନ | ୬୦ |
| ୩୦. | ଅନୁଦାନ ଚାଷପ୍ରତି ଅନାଗ୍ରହ | ୬୩ |
| ୩୧. | ଲାଖ ଚାଷ | ୬୬ |
| ୩୨. | ଲିଚୁଚାଷରେ ଶୋଷଣ | ୬୯ |
| ୩୩. | ପ୍ରକୃତି ପ୍ରେମୀ ଆଦିବାସୀଠାରେ ନିଷ୍ଠୁରତା | ୭୧ |
| ୩୪. | ପୋଡୁଚାଷ ନିବାରଣ କାର୍ଯ୍ୟକ୍ରମ | ୭୩ |
| ୩୫. | ଫିଲମ୍ ସମ୍ପର୍କରେ ଅଭୁଲା କଥା | ୭୭ |
| ୩୬. | ଆଦିବାସୀ ରମଣୀର ପାରମ୍ପରିକ ସ୍ନାନ ସଂସ୍କୃତି | ୭୯ |
| ୩୭. | ପରପାକ ଭୋଜନ ନିଷିଦ୍ଧ ସଂସ୍କୃତି | ୮୦ |
| ୩୮. | ଡ଼ୁଣକୋଇଲା ଓ ଦେବୀ ଓଷା | ୮୧ |
| ୩୯. | କାରିଗରୀ ଜ୍ଞାନ କୌଶଳ | ୮୩ |
| ୪୦. | ପାଉଡ଼ିଭୂୟାଁମାନଙ୍କର ଫିଲିମ୍ ପ୍ରୀତ | ୮୪ |
| ୪୧. | କନ୍ତଦେବୀ | ୮୫ |
| ୪୨. | ଶିଶାଲ ଚାଷ | ୮୭ |
| ୪୩. | ଆଦିବାସୀ ସାହିତ୍ୟ | ୮୮ |
| ୪୪. | ପାଉଡ଼ିଭୂୟାଁ ଅଞ୍ଚଳରେ ସାମ୍ବାଦିକମାନଙ୍କର ଗସ୍ତ | ୯୩ |
| ୪୫. | ଜିଲାପାଳଙ୍କ ଗସ୍ତ | ୯୪ |
| ୪୬. | ଖଲି-ଚଉଡି ପ୍ରସ୍ତୁତି ମେସିନ ବୃତ୍ତାନ୍ତ | ୯୫ |

# ସୂଚୀପତ୍ର

| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|


| | | |
|---|---|---|
| ୪୭. | ଆଦିବାସୀ ପ୍ରତିଭା, କୃତି ଓ କୀର୍ତ୍ତିର ସନ୍ଧାନ | ୯୭ |
| ୪୮. | ନିୟାମକ କମିଟିର ଭୂମିକା | ୯୯ |
| ୪୯. | ମନ୍ତ୍ରୀଙ୍କର ଗସ୍ତ | ୧୦୦ |
| ୫୦. | ନିର୍ଦ୍ଦେଶକ ତାରାଦତ୍ତଙ୍କ ଗସ୍ତ | ୧୦୧ |
| ୫୧. | ଜିନିଷ ପ୍ରତିବଦଳରେ କ୍ରୟବିକ୍ରୟ | ୧୦୩ |
| ୫୨. | ପାଉଡ଼ିଭୂୟାଁମାନଙ୍କୁ ବିକାଶରେ ଆଲୋକିତ କରାଇବା | ୧୦୪ |
| ୫୩. | ପାଉଡ଼ିଭୂୟାଁମାନଙ୍କର ନିଜସ୍ୱ ଶିଳ୍ପ କାରିଗରୀ କୌଶଳ | ୧୦୫ |
| ୫୪. | ଜିଲାପାଳଙ୍କର ନୀତିଗତ ଆଲୋଚନା | ୧୦୭ |
| ୫୫. | ଗମନାଗମନ ବ୍ୟବସ୍ଥା | ୧୦୮ |
| ୫୬. | ଆଦିମ ଜନଜାତିପାଇଁ ଚିକିତ୍ସା ପଦ୍ଧତି | ୧୦୯ |
| ୫୭. | ଶ୍ରୀଯୁକ୍ତ ଜୁଏଲ୍ ଓରାମ୍‌ଙ୍କ ବିଧାୟକ .......... | ୧୧୦ |
| ୫୮. | ପାଉଡ଼ିଭୂୟାଁ ବିକାଶପାଇଁ ଅନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ | ୧୧୧ |
| ୫୯. | ପାଉଡ଼ିଭୂୟାଁ ଯୁବକଯୁବତୀମାନଙ୍କର ନିଯୁକ୍ତି ସମସ୍ୟା | ୧୧୨ |
| ୬୦. | ପାଉଡ଼ିଭୂୟାଁ ଅଞ୍ଚଳରେ ମହୁଚାଷ | ୧୧୩ |
| ୬୧. | ଆଦିମ ଜନଜାତି ମାଙ୍କଡ଼ିଆ | ୧୧୪ |
| ୬୨. | ଭୂୟାଁ ଓ ପାଉଡ଼ି ଭୂୟାଁ | ୧୧୫ |
| ୬୩. | ଆଦିବସୀର କ୍ରିଡ଼ା ପ୍ରତିଭା | ୧୧୬ |
| ୬୪. | ଆଦିମ ଜନଜାତିର ବିକାଶରେ .......... | ୧୧୭ |
| ୬୫. | ପ୍ରଗତି ପଥରେ ଆଦିମ ଜନଜାତି ପାଉଡ଼ି ଭୂୟାଁ | ୧୧୯ |
| ୬୬. | ଏକ ଅନନ୍ୟ ସଫଳତା ଗାଥା | ୧୨୧ |

# ନଶାନିବାରଣ

ଓଡ଼ିଶାର ଏକତୃତୀୟାଂଶରୁ ଊର୍ଦ୍ଧ୍ୱ ଜନସଂଖ୍ୟା ତଫସିଲଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି ଓ ଦୁଇତୃତୀୟାଂଶରୁ କିଛି କମ୍ ସାଧାରଣବର୍ଗର ଲୋକଙ୍କର ବସତି ସ୍ଥଳ । ତଫସିଲଭୁକ୍ତ ଜନଜାତି ମଧ୍ୟରେ ୬୨ ପ୍ରକାରର ଆଦିବାସୀ ଓ ତନ୍ମଧ୍ୟରୁ ୧୩ ପ୍ରକାରର ପ୍ରାଚୀନ ଜନଜାତି । ତଫସିଲ ଭୁକ୍ତ ଜନଜାତି ଓ ତଫସିଲଭୁକ୍ତ ଜାତିଙ୍କର ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶପାଇଁ ସମ୍ବିଧାନରେ ନିର୍ଦ୍ଧାରଣ କରାଯାଇଅଛି । ପୁନଶ୍ଚ ସ୍ୱତନ୍ତ୍ର ଜୀବନଧାରା ପରିପ୍ରେକ୍ଷୀରେ ଆଦିମ ଜନଜାତି ଚିହ୍ନଟ କରାଯାଇ ବିକାଶଧାରାରେ ବିଶେଷ ଦୃଷ୍ଟି ଦେବାର ବ୍ୟବସ୍ଥା କରାଯାଇଅଛି । ଏହିଭଳି ଏକ ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣକାରୀ ପ୍ରାଚୀନ ଜନଜାତି ପାଉଡ଼ିଭୂୟାଁ; ଯାହାର ବସବାସ ସ୍ଥାନ ହେଉଛି ସୁନ୍ଦରଗଡ଼ ଜିଲାର ଲହୁଣିପଡ଼ା ବ୍ଲକ୍ , କୋଇଡ଼ା ବ୍ଲକ୍ (ବଣେଇ ଉପଖଣ୍ଡ), ଅନୁଗୁଳ ଜିଲାର ପାଲ୍‌ଲହଡ଼ା ଓ ଦେବଗଡ଼ ଜିଲାର ବାରକୋଟ୍ ବ୍ଲକ୍ । ଏମାନଙ୍କର ଅର୍ଥନୈତିକ ସାମାଜିକ ଓ ସାଂସ୍କୃତିକ ବିକାଶପାଇଁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ପ୍ରକଳ୍ପ ବା ଅଣୁ ଯୋଜନା, (ଗସମହ୍ବକ୍ତ ଚହ୍ବକ୍ତହରମଷ୍ପ) ସ୍ଥାପନ କରାଯାଇଅଛି । ଏହି ଅଣୁ ଯୋଜନା ପରିଚାଳନାପାଇଁ ଗୋଟିଏ ଲେଖାଏଁ ପରିଚାଳନା କମିଟି (Governing Body) ଗଠନ କରାଯାଇଅଛି । ଏହି ପରିଚାଳାନା କମିଟିର ଅଧ୍ୟକ୍ଷ ଜିଲାପାଳ, ନିର୍ବାହୀ ଅଧିକାରୀ ଭାବେ ସରକାରଙ୍କର ଯେ ଜଣେ ଗେଜେଟେଡ୍ ପାହ୍ୟାର ପଦସ୍ଥ ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଅଛି । ଏତଦ୍ ବ୍ୟତୀତ ଜଣେ ଜୁନିୟର୍ ଇଞ୍ଜିନିୟର, ଜଣେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସରକାରୀ ବିଭାଗରୁ ଜଣେ ମୁଖ୍ୟ କିରାଣୀ ବା ହିସାବ ରକ୍ଷକ (ଜିଲାପାଳଙ୍କ ଅଧୀନରୁ ଡେପୁଟେସନରେ ଆସି) ଏଠାରେ କାର୍ଯ୍ୟ ସମ୍ପାଦନା କରନ୍ତି । ଆବଶ୍ୟକତା ଭିତ୍ତିରେ ସଂସ୍ଥାରେ ବିଭିନ୍ନ କାର୍ଯ୍ୟ ସମ୍ପାଦନା ଯଥା ରାଜସ୍ୱ କାର୍ଯ୍ୟପାଇଁ ଅମିନ, ଚେନ୍‌ମ୍ୟାନ, ସଚେତନ କରାଇବାପାଇଁ ଓ ବିକାଶର ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦାନ କରିବାପାଇଁ ଓ୍ୱାର୍କଚାର୍ଜଡ କର୍ମଚାରୀ ମୁକରିର ହୋଇଥାନ୍ତି । ସାମାଜିକ ଓ ଅର୍ଥନୈତିକ ତଥା ସାଂସ୍କୃତିକ ବିକାଶପାଇଁ ସଂସ୍ଥାଦ୍ୱାରା କୃଷି, ଫଳଚାଷ, ଜଳସେଚନ, ରାସ୍ତାଘାଟ ନିର୍ମାଣ, ସ୍ୱାସ୍ଥ୍ୟରକ୍ଷା,ନିଶାନିବାରଣ, ଶିକ୍ଷା, ସାକ୍ଷରତା, ଜଙ୍ଗଲ ଜାତ ପଦାର୍ଥର କ୍ରୟ-ବିକ୍ରୟ ଆଦି ତୃଣମୂଳସ୍ତରୀୟ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଅଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିର୍ଭରକରେ ସଂସ୍ଥାରେ ଅବସ୍ଥାପିତ କର୍ମଚାରୀ ମାନଙ୍କର ନିଷ୍ଠାପର ସେବା ମନୋବୃତ୍ତି ଓ

ଉତ୍ସର୍ଗୀକୃତ ଚିନ୍ତାଧାରା ମାଧ୍ୟମରେ, ନିର୍ଦ୍ଧାରିତ ସରକାରୀ କାର୍ଯ୍ୟ ସଠିକ୍ ପରିପାଳନ କରିବାରେ । ଆଦିମ ଜନଜାତିମାନଙ୍କ ମଧ୍ୟରେ ନିଶା ନିବାରଣ ଏକ ସ୍ପର୍ଶକାତର ସମସ୍ୟା, ଯାହା ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ହୁଏ; ତେଣୁ ଏ ପ୍ରତିବନ୍ଧକକୁ ଦୂର କରି ବିକାଶ ପ୍ରକ୍ରିୟାରେ ଅଗ୍ରସର ହେବାରେ ସଫଳତା ଆସେ ।

ଦିନକର ଘଟଣା । ପାଉଡ଼ିଭୂୟାଁ ବସବାସ କରୁଥିବା ଖଣ୍ଡାଧାର ପାହାଡ଼ ଗାଁ' ପାଦଦେଶରେ ବୁଢ଼ାଭୂଇଁ । ଏ ଗାଁର ସମସ୍ତ ଅଧିବାସୀ ପାଉଡ଼ିଭୂୟାଁ । ପାଉଡ଼ିଭୂୟାଁମାନେ ଅତ୍ୟନ୍ତ ନିଶାସକ୍ତ । ନିଜେ ଦାରୁ, ମହୁଲି, ହାଣ୍ଡିଆ ଆଦି ମଦ ପ୍ରସ୍ତୁତ କରି ସେବନ କରନ୍ତି ଓ ପ୍ରଚଣ୍ଡ ନିଶାରେ ମାତାଲହୋଇ ନିଜର ଜୀବନ, ଜୀବିକା କଥା ଭୁଲି ଯାଇଥାନ୍ତି । ଏକଦା ଏଇ ଗାଁ'କୁ ଗସ୍ତରେ ଆସିଥିଲି । ଭାବର ଆଦାନ ପ୍ରଦାନ ଛଳରେ ସେମାନଙ୍କ ଅନ୍ତରରେ ସଚେତନତାର ବୀଜବପନ କରିବା ଥିଲା ମୋର ଉଦ୍ଦେଶ୍ୟ । ଗାଁରେ ପହଞ୍ଚିଲା ପରେ ଆମର ସରକାରୀ ଜି'ପ୍‌ଟି ଗାଁ'ର କେନ୍ଦ୍ର ସ୍ଥଳରେ ଗୋଟିଏ ତେନ୍ତୁଳି ଗଛ ମୂଳରେ ରହିଲା । ଗାଁର ବହୁଲୋକ ରୁଣ୍ଡ ହୋଇଗଲେ । କିଛି ସ୍ତ୍ରୀଲୋକ ଆଉ ଛୁଆ ମଧ୍ୟ ପହଞ୍ଚିଲେ; କାରଣ ସଂସ୍ଥାର ଗାଡ଼ି ଓ କର୍ମଚାରୀମାନଙ୍କ ସହ ସେମାନେ ପରିଚିତ । ଯାହାଯାହା ବୁଝାଇବାକୁ ଆସିଥିଲି , ଦେଖିଲି ସେ ସବୁ ବିଷୟରେ କଥାବାର୍ତ୍ତା କରିବା ସମ୍ଭବ ନୁହେଁ ; କାରଣ ଗାଁ'ର କେତେଜଣ ବ୍ୟକ୍ତି ମଦପିଇ ମାତାଲ ଅବସ୍ଥାରେ ଅଛନ୍ତି । ସେମାନଙ୍କର ବାଚାଳତା ପ୍ରାୟ ବାକ୍ୟ ସମାବେଶକୁ ଅଶାନ୍ତ କରିଦେଉଛି । କିଛି ବ୍ୟକ୍ତି ଆସି ମତେ କହିଲେ – "ଜୁହାର ଆଜ୍ଞା'' ସେମାନଙ୍କ ସହ ମଦ ପିଇଦେଇଥିବା ଲୋକମାନେ ମଧ୍ୟ ଆସି କହିଲେ "ଜୁହାର ଆଜ୍ଞା'' ଜୁହାର ଆଜ୍ଞାଜୁହାର........" ଏହିଭଳି ଅବିରତ କହି ଚାଲିଥିଲେ । ପାଦ ଟଳମଳ, ଜିଭ ଖଲ ଖଲ, ଶରୀର ଥର ଥର ହେଉଥିଲା । ଏହିଭଳି ଭାବ ଦେଖି ମୁଁ ଭାବିଲି ଏମାନଙ୍କୁ ନିଶାମୁକ୍ତ କରିବା ଏକାନ୍ତ ଆବଶ୍ୟକ; ତେଣୁ ମଦ ଛାଡ଼ିବା ଉପରେ ସଚେତନତା ବାର୍ତ୍ତା ବାଣ୍ଟିବାକୁ ପ୍ରୟାସ କଲି । ବହୁ ଆଳାପ ଆଲୋଚନା ପରେ ସେମାନେ ମୋ' କଥା ଶୁଣି ଖୁସି ହେଲେ ଏବଂ ମଦ ଛାଡ଼ିଦେବାପାଇଁ ରାଜି ହେଲେ । ଏକଥା ଶୁଣି ମୁଁ ଆନନ୍ଦିତ ହେଲି । ଭାବିଲି ସମ୍ପୂର୍ଣ୍ଣ ନହେଲେ ବି ମୋ ପ୍ରୟାସ କିଛିଟା ଫଳପ୍ରଦ ହେବ । ଏସବୁ କଥା ବୁଝାଇ ସାରିବା ପରେ ମୁଁ ପ୍ରତ୍ୟାବର୍ତ୍ତନ କରିବାକୁ ଉଦ୍ୟତ ହେଲି । ସେମାନେ ସମସ୍ତେ ଚିରାଚରିତ ଢ଼ଙ୍ଗରେ ମୋତେ ବିଦାୟ ଦେବାକୁ "ଜୁହାର ଆଜ୍ଞା'' ଜଣାଇଲେ । ମୁଁ ଗାଡ଼ିରେ ବସିଲି । ଡ୍ରାଇଭର ଗାଡ଼ି ଷ୍ଟାର୍ଟ କଲା । ଏହି ସମୟରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଲା । ପ୍ରାୟ ୭,୮ ଜଣ ମଦପିଇଥିବା

ବ୍ୟକ୍ତି ଗାଡ଼ି ସାମନାକୁ ଆସି ଗାଡ଼ିକୁ ଠେଲିକରି ଅଟକାଇବାକୁ ଲାଗିଲେ । ଏହାଥିଲା ସେମାନଙ୍କର କୌତୂହଳୋଦ୍ଦିପକ ଆଚରଣ । ଡ୍ରାଇଭର୍ ଧୀରେ ଧୀରେ ଗାଡ଼ି ଚାଳନା କରୁ କରୁ ସେମାନେ ଗାଡ଼ିକୁ ଜୋରରେ ଠେଲିବାକୁ ଲାଗିଲେ । ଡ୍ରାଇଭର ଗାଡ଼ି ବନ୍ଦ କରିଦେଲା । ମୁଁ ଗାଡ଼ିରୁ ଓହ୍ଲାଇ ତାଙ୍କୁ ଗାଡ଼ି ଛାଡ଼ି ଦେବାକୁ କହିଲି । ସେମାନେ ପୁଣି କହିଲେ, "ଜୁହାର ଆଜ୍ଞା", "ବାବୁ ଆମକୁ ମଦ ଛାଡ଼ିବାକୁ କହୁଛନା ! ହଁ ବାବୁ ! ମଦ ପିଇବା ଭଲ ନୁହଁ ! ହଁ ବାବୁ ମଦ ପିଇବା ଭଲ ନୁହଁ ! ଆଉ ମଦ ପିଇବୁନି ! ବାବୁ ଆଜି ଦିନଟା ପିଇବୁ । ହଁ ନିଶ୍ଚେ ପିଇବୁ । ଦେ ବାବୁ ଆମକୁ ଦି', ଦି' ଟଙ୍କା ଦେ । ଆମେ ଆଜି ଦିନଟା ପିଇବୁ । କାଲିକି ଆଉ ପିଇବୁନି । ତୋ' କଥା ନିଶ୍ଚେ ମାନିବୁ'' । ପୁଣି ସେମାନଙ୍କ ଭିତରେ କୁହାକୁହି ହେଲେ । "ଅଫିସର୍ ଭଲ କହୁଛି" । ଆମେ ମଦ ପିଇବାନି । ମୋଟେ ପିଇବାନି । ଆଜି ଦିନଟା ପିଇବା । ଦେ ବାବୁ ଦି', ଦି' ଟଙ୍କା ଦେ'' । ଏହି ସ୍ଥିତି ଦୃଷ୍ଟିରୁ ମୁଁ ଭାବିଲି ସେମାନେ ମଦ ଛାଡ଼ିଦେବେ ବୋଲି କହୁଛନ୍ତି, ଆଜି ଦିନଟା ପିଇବେ । ହେଉ ତାଙ୍କ କଥାକୁ ମାନିଲେ ସେ ଭବିଷ୍ୟତରେ ମୋ' କଥା ମାନିପାରନ୍ତି । ଏହା ଭାବି ତାଙ୍କୁ ଦି', ଦି' ଟଙ୍କା ଦେଲି । ତାଙ୍କର ମନସ୍ତତ୍ତ୍ୱକୁ ହୃଦୟଙ୍ଗମ କରି ମଦ ଦେଇ ମଦ ଛଡ଼ାଇବାକୁ ପ୍ରୟାସ କଲି । ଭାବିଲି "ଏହାର ସୁଫଳ ସମ୍ପୂର୍ଣ୍ଣ ନହେଲେ ବି ଆଂଶିକ ଉପଲବ୍ଧ ହୋଇପାରିବ" ।

ଏଠାରେ ଏହା ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଏହିକି ଯେ ବିକାଶ ପ୍ରେମୀ କର୍ମଚାରୀ ପ୍ରଥମେ ବିକାଶ ପଥର ପ୍ରତିବନ୍ଧକ ପ୍ରତି ସଚେତନହୋଇ ଅନ୍ୟକୁ ସଚେତନତାର ପଥ ଦେଖାଇବ । ପ୍ରତିବନ୍ଧକ ଦୂର କରିବାକୁହେଲେ ସମସ୍ୟାର କ୍ରମହ୍ରାସ ପନ୍ଥା ଅବଲମ୍ବନ କରି ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିବ । ଜଣେ ନାଉରିଆକୁ ନଦୀର ପ୍ରଖର ସ୍ରୋତକୁ କାଟି ଅପର କୂଳକୁ ଯିବାପାଇଁ ପ୍ରଥମେ ସୁଅର ଅନୁକୂଳରେ ଡ଼ଙ୍ଗା ବାହି କ୍ରମେ କ୍ରମେ ପ୍ରତିକୂଳକୁ କାଟି କାଟି ଅପର କୂଳରେ ପହଞ୍ଚିବାକୁ ସକ୍ଷମ ହେଲାଭଳି ଉତ୍କଟମଦ୍ୟପାନ ପ୍ରବୃତ୍ତିରୁ ନିବର୍ତ୍ତାଇବା ପାଇଁ କ୍ରମେ କ୍ରମେ ଅଳ୍ପ ଅଳ୍ପ ମଦରୁ ସମ୍ପୂର୍ଣ୍ଣ ମଦ ଛଡ଼ାଇହେବ । ଏହି ଭାବନାରେ ମୁଁ ନିଶା ନିବାରଣର ସଚେତନତା ବାର୍ତ୍ତା ପ୍ରଚାର କରି କେତେକାଂଶରେ ସଫଳ ହେଲି ।

❖❖❖

# ପ୍ରାଚୀନ ଜନଜାତିଙ୍କ ପାରମ୍ପରିକ ଚାଷପ୍ରତି ଆକର୍ଷଣ

ସେଇ ଗାଁ ବୁଢ଼ାଭୂଇଁରେ ଅନ୍ୟ ଏକ ଦିନର ଘଟଣା । ସଂସ୍ଥା ତରଫରୁ ୧୧ ଜଣ ହିତାଧିକାରୀଙ୍କ ଜମିରେ ଫଳୋଦ୍ୟାନ କରାଯାଇଥିଲା । ଅର୍ଥାତ୍ ଜଣେ ହିତାଧିକାରୀପାଇଁ ଏହାର ଏକ ଏକରରୁ ଦେଢ ଏକର ଜମିରେ ଲିଚୁ ବୃକ୍ଷ ରୋପଣ କରାଯାଇଥିଲା । ଏହି ଜମିଥିଲା ସିଲିଂ ବହିର୍ଭୂତ ଜମି ଯାହାକୁ ଭୂମିହୀନ ପାଉଡ଼ିଭୂୟାଁମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ପୂର୍ବରୁ ଏମାନେ ଏହି ଜମିରେ ପାରମ୍ପରିକ ଧାନଚାଷ କରୁଥିଲେ ଓ ଏଥିରୁ ଏକରକୁ ୪୦/୫୦ କିଲୋଗ୍ରାମ ଧାନ ପାଇ ସନ୍ତୁଷ୍ଟ ହେଉଥିଲେ । ଏହା ବଦଳରେ ସେହି ଜମିରେ ଫଳଚାଷ କରି ଲାଭବାନ ହେବେ ଏବଂ ସେମାନଙ୍କର ଆର୍ଥିକ ବିକାଶ ଘଟିବ ଏକଥା ପାଉଡ଼ିଭୂୟାଁ ମାନଙ୍କ ମୁଣ୍ଡକୁ ପଶି ନଥିଲା । ବହୁ କର୍ମଚାରୀ ଏ ସଂସ୍ଥାର କାମ କରି ଗଲେଣି । ଏଭଳି ଚିନ୍ତାଧାରା କାହାର ମନକୁ ଛୁଇଁ ନଥିଲା । ଦିନକର ଘଟଣା, ଖଣ୍ଡାଧାର ପରିଦର୍ଶନ ବଙ୍ଗଳାରେ ପାଉଡ଼ିଭୂୟାଁ ବିକାଶ ଉପରେ ପରିଚାଳନା କମିଟିର ବୈଠକ ଚାଲିଥିଲା । ବହୁ ବିଭାଗୀୟ ଅଧିକାରୀଗଣ ଏହି ସଭାରେ ଉପସ୍ଥିତ ଥିଲେ । ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ ଏହି ସଭାର ଅଧ୍ୟକ୍ଷତା କରି ମୂଲ୍ୟବାନ ଦିଗ୍‌ଦର୍ଶନ ଦେଉଥିଲେ । ଆଲୋଚନା ପ୍ରସଙ୍ଗକ୍ରମେ ସେ ଅବଗତହେଲେ ପାଉଡ଼ିଭୂୟାଁମାନଙ୍କୁ ମିଳିଥିବା ୨୭ ଏକର ସିଲିଂ ବହିର୍ଭୂତ ଜମିରେ ପାଉଡ଼ିଭୂୟାଁ ହିତାଧିକାରୀମାନେ ପାରମ୍ପରିକ ଧାନଚାଷ କରୁଛନ୍ତି । ଏହି ଚାଷରୁ ସେମାନେ ଏକର ପିଛା ମାତ୍ର ୪୦/୫୦ କେଜି ଧାନ ଅମଳ କରୁଛନ୍ତି । ପାଉଡ଼ିଭୂୟାଁପ୍ରେମୀ ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ ସୁଚିନ୍ତିତ ଭାବରେ ପ୍ରକାଶ କଲେ ଯେ ଏହି ଜମିକୁ ଫଳଚାଷଦ୍ୱାରା ଅଧିକ ଉତ୍ପାଦନକ୍ଷମ କରାଯିବ; ତେଣୁ ଏଠାରେ ୨୭ ଏକର ଜମିରେ ଫଳଚାଷ ସ୍ୱରୂପ ଲିଚୁଚାଷ କରାଯିବ । ଏ ଦାୟିତ୍ୱ ମୋତେ ଦେବାକୁ ସ୍ଥିର କଲେ ।

ଆଲୋଚନା କ୍ରମେ ଜିଲାପାଳଙ୍କ ଚିନ୍ତାଧାରା ମୁତାବକ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାର ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ପିତାମ୍ବର ମହାନ୍ତି କହିଲେ ଯେ ଲିଚୁ ଚାଷ ପ୍ରବର୍ତ୍ତନପାଇଁ ସ୍ୱତନ୍ତ୍ର ଅଧିକାରୀ ଶ୍ରୀଯୁକ୍ତ ଲିଙ୍ଗରାଜ ମହନ୍ତଙ୍କୁ ଦାୟିତ୍ୱ ଦିଆଯାଉ; ଜିଲାପାଳ ଆଦେଶ ଦେଲେ; କିନ୍ତୁ ମୋର ଏ ଦାୟିତ୍ୱ ବହନ କରିବାପାଇଁ ଅନିଚ୍ଛା

ଭାବକୁ ଜିଲାପାଳଙ୍କୁ ଜଣାଇ ଅନୁରୋଧ କରି କହିଲି- "ଏ ଦାୟିତ୍ୱ ବରଂ ଉଦ୍ୟାନବିତ୍‌ଙ୍କୁ ଦିଆଗଲେ ଭଲହେବ" । ଜିଲାପାଳ ଏହାର କାରଣ ଜାଣିବାକୁ ଚାହିଲେ । ତାପରେ ପ୍ରକଳ୍ପ ପ୍ରଶାସକ ଜିଲାପାଳଙ୍କୁ ଜଣାଇଲେ ଯେ ସ୍ୱତନ୍ତ୍ର ଅଧିକାରୀଙ୍କ ମତରେ ଏହା ଉଦ୍ୟାନଭିତ୍ତିକ ବୈଷୟିକ କାର୍ଯ୍ୟ ହୋଇଥିବାରୁ ଉଦ୍ୟାନବିତ୍‌ଙ୍କୁ ଦେଲେ ଭଲ । ମୋ ମତାମତ ପରିପ୍ରେକ୍ଷୀରେ ପୁନଶ୍ଚ ସେ କହିଲେ "ଏ ଅଞ୍ଚଳରେ ଲୋକଙ୍କର ନକରାତ୍ମକ ମନୋଭାବ କାର୍ଯ୍ୟ ସମ୍ପାଦନରେ ସ୍ୱତନ୍ତ୍ର ଅଧିକାରୀଙ୍କୁ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ଥବାରୁ ସେ ରାଜି ହେଉ ନାହାନ୍ତି" । ଏହା ଶୁଣି ଜିଲାପାଳ କହିଥିଲେ - "ନକରାତ୍ମକ ମନୋଭାବକୁ ଯଦି ଭୟ କରାଯାଇଥା'ନ୍ତା, ତାହାହେଲେ ହୀରାକୁଦ ବନ୍ଧ - ନିର୍ମାଣ କରାଯାଇପାରିନଥାନ୍ତା । ସମସ୍ତ ପ୍ରତିବନ୍ଧକକୁ ପ୍ରତିହିତ କରିବାପାଇଁ ପ୍ରଶାସନ ପଛରେଅଛି" । ଏଭଳି ଭାବେ ଜିଲାପାଳ ଏହି କାର୍ଯ୍ୟ ମୋତେ କରିବାକୁ ଉତ୍ସାହିତ କଲେ । ଉଦ୍ୟାନବିତ୍ ଲହୁଣିପଡ଼ାଙ୍କୁ ପରାମର୍ଶଦେଇ କହିଲେ "ମହାନ୍ତିବାବୁ ତୁରନ୍ତ ଏହାର କ୍ରପିଂପାଟର୍ଣ୍ଣ ପ୍ରସ୍ତୁତକରି ସ୍ୱତନ୍ତ୍ର ଅଧିକାରୀଙ୍କୁ ଦିଅ, କାର୍ଯ୍ୟ ଆରମ୍ଭ କରିବାକୁ ଏବଂ କହିଲେ "କାର୍ଯ୍ୟ ଆରମ୍ଭ କଲାପରେ ସ୍ୱତନ୍ତ୍ର ଅଧିକାରୀ ଫାଇଲ୍ ନେଇଗଲେ ସ୍କିମ୍ ଅନୁମୋଦନ କରିଦେବି" । ଏଭଳି ବିଶ୍ୱାସନୀୟତାରେ ଜିଲାପାଳ କେବଳ ମୋତେ ହିଁ ଏହି କାର୍ଯ୍ୟ ସମ୍ପାଦନାର ଦାୟିତ୍ୱ ଦେଲେ । ପ୍ରଥମ ପର୍ଯ୍ୟାୟରେ ୧୫ ଏକର ଜମିରେ ଲିଚୁଚାଷ କରିବାକୁ ଅନୁରୋଧ କଲି, ଏଥିରେ ମଧ୍ୟ ସେ ଏକମତ ହେଲେ । ବହୁଘାତପ୍ରତିଘାତ ମଧ୍ୟରେ ଏହି ୧୫ ଏକର ଲିଚୁ ବଗିଚା ଉତାରି ଓ ଉତ୍ପାଦନକ୍ଷମ କରିବା ପାଇଁ ୩ ବର୍ଷ ସମୟ ଲାଗିଲା । ତା'ପରେ ଏହି ଲିଚୁ ଉଦ୍ୟାନ ବହୁ ଉତ୍ପାଦନକ୍ଷମ ଏକ ଆଦର୍ଶ କରିବା ପାଇଁ ଭାବେ ଜିଲାରେ ପରିଚିତ ହେଲା । ଏହା ଏବେ ଏହି ଜିଲା ତଥା ରାଜ୍ୟର ଏକ ଆଦର୍ଶ ଫଳ ଉଦ୍ୟାନ । ହିତାଧିକାରୀମାନେ ଜଣପିଛା ୮୦/୯୦ ହଜାର ଟଙ୍କା ଆଦାୟ କରି ତାଙ୍କର ଅର୍ଥନୈତିକ ଅବସ୍ଥାର ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛନ୍ତି । ଏହା ପ୍ରାଚୀନ ଜନଜାତି ବିକାଶର ଏକ ନମୁନା । ଏ ଜିଲାର ଏକ ଆଦର୍ଶ ଦର୍ଶନୀୟ ଲିଚୁଉଦ୍ୟାନ ପାଉଡ଼ିଭୂୟାଁ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀମାନେ ଉଦ୍ୟାନବିତ୍ ଓ କୃଷି ଅଧିକାରୀମାନେ ଜିଲାର ନମୂନା ରୂପେ ଦର୍ଶକଙ୍କୁ ପ୍ରଦର୍ଶନ କରାଇ ସଫଳତାର ବାର୍ତ୍ତା ପ୍ରସାର କରି ଆସୁଛନ୍ତି ।

❖❖❖

# ସରଳତା ମଧ୍ୟରେ ଜଟିଳତାର ସନ୍ଧାନ

ପାଉଡ଼ିଭୂୟାଁ ଏକ ପ୍ରାଚୀନ ଜନ ଜାତି ଯିଏ ଅତ୍ୟନ୍ତ ସରଳ ପ୍ରାକୃତିକ ସମ୍ବଳକୁ ଆଧାର କରି ଜୀବନ ଅତିବାହିତ କରିଥାଏ । ଛନ୍ଦ, ମାୟା, କପଟ ପାଉଡ଼ିଭୂୟାଁଙ୍କୁ ସ୍ପର୍ଶ କରିନଥାଏ । ଆଧୁନିକତାର ପ୍ରଭାବରେ କିଛିଟା ଜଟିଳତା ଏମାନଙ୍କ ଜୀବନ ସ୍ରୋତକୁ ଧସେଇ ପଶିବାରୁ ଏ ସମାଜରୁ ସେ କିଛି କିଛି ଜଟିଳ ଭାବନାରେ ପ୍ରଭାବିତ ହେଲାଣି ଯଥା – କେଉଁଠି କାହାକୁ ସନ୍ଦେହ କରିବା, ଅବିଶ୍ୱାସ କରିବା, ସରକାରୀ କାର୍ଯ୍ୟକୁ ଗ୍ରହଣ କରିବାରେ ବିମୁଖ ହେବା, ସମାଲୋଚନା କରିବା ଇତ୍ୟାଦି-ଇତ୍ୟାଦି । ସରଳତା ମଧ୍ୟରେ ଏ ଜଟିଳତା ବାହାରର ପ୍ରଭାବକୁ ପ୍ରତିହତ କରିବାର ପ୍ରହରୀ ସଦୃଶ ଅଟେ ।

ଦିନକର ଘଟଣା । ସେତେବେଳେ ସୁନ୍ଦରଗଡ଼ ଜିଲାରେ ସମ୍ପୂର୍ଣ୍ଣ ସାକ୍ଷରତା କାର୍ଯ୍ୟକ୍ରମ ଚାଲିଥାଏ । ଏହାଥିଲା ରାଜ୍ୟର ପ୍ରଥମ କାର୍ଯ୍ୟକ୍ରମ । ଏହି ଅବସରରେ ଜଣେ ଭାବପ୍ରବଣ ସ୍ୱେଚ୍ଛାସେବୀ ସାକ୍ଷରତା କର୍ମୀ ହିସାବରେ କାର୍ଯ୍ୟରତ ଥିଲି । ସାକ୍ଷରତା କାର୍ଯ୍ୟକ୍ରମରେ ଜିଲା ସ୍ତରରେ ମତେ ଜଣେ ପରିଦର୍ଶକ ହିସାବରେ ନିଆଯାଇଥିଲା । ମୁଁ ସାକ୍ଷରତା କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ସହ ସଚେତନ କରାଇବା ଆଦି କାର୍ଯ୍ୟରେ ଜଡ଼ିତ ଥିଲି । ଏ କାର୍ଯ୍ୟ ସମ୍ପାଦନ କରୁ କରୁ ଆବଶ୍ୟକତା ଭିତ୍ତିରେ କିଛି ସଚେତନତା ଧର୍ମୀ ନାଟକ, କ୍ଷୁଦ୍ରଗଳ୍ପ, ଗୀତ, କବିତା, ଗୀତିନାଟ୍ୟ, ଦଣ୍ଡନାଚ, ପାଲା ଆଦି ସାରସ୍ୱତ ସୃଜନୀ ସୃଷ୍ଟି କରିଥିଲି । ଏହି ସବୁକୁ ନେଇ "ସାକ୍ଷରତା ବିଚିତ୍ରା", ପୁସ୍ତକ ସଂକଳନ କରିଥିଲି । ଏଗୁଡ଼ିକ ମଧ୍ୟରେ ସାକ୍ଷରତା ଦଣ୍ଡନାଚ ଅଭିନୟ ପ୍ରଦର୍ଶନ ଥିଲା ଏକ ଅନନ୍ୟ କୃତି । ଉଦିତନଗର ଉଚ୍ଚଇଂରାଜୀ ବିଦ୍ୟାଳୟର ଛାତ୍ରୀମାନେ ଏହି ଅଭିନୟକୁ ସରସ ସୁନ୍ଦର କରି ଉପସ୍ଥାପନା କରି ବିଭିନ୍ନ ସଭା, ସମିତି ଓ ସର୍ବସାଧାରଣ ସ୍ଥାନରେ ପଥପ୍ରାନ୍ତ ନାଟକେ ସହ ଦଣ୍ଡ ନାଚ ମଞ୍ଚସ୍ଥ କରି ଲୋକମାନଙ୍କର ମନଛୁଇଁ ପାରିଥିଲେ ଓ ଲୋକମାନେ ସଚେତନାତା ବାର୍ତ୍ତାକୁ ସଠିକ୍ ଭାବରେ ଆହରଣ କରି ପାରୁଥିଲେ । ସ୍ୱତନ୍ତ୍ର ଅଧିକାରୀ ଥାଇ ସାକ୍ଷରତା କର୍ମୀ ହିସାବରେ ଏହି ଦଣ୍ଡନାଚକୁ ପାଉଡ଼ିଭୂୟାଁ ଅଞ୍ଚଳରେ ପରିବେଷଣ କରିବାପାଇଁ ମନସ୍ଥ କଲି । ଖଣ୍ଡାଧାର ସନ୍ନିକଟବର୍ତ୍ତୀ ଏକ ଗ୍ରାମ ମୁକୁଳାପାଣିଠାରେ ଏହି ନୃତ୍ୟ ପରିବେଷଣର ଆୟୋଜନ କରାଗଲା । ନୃତ୍ୟ ପରିବେଷଣକାରୀ ଛାତ୍ରଛାତ୍ରୀ

(କଳାକାର), ସେମାନଙ୍କର ଗୁରୁ, ଅଭିଭାବକମାନେ ସ୍ୱତନ୍ତ୍ର ବସ୍ ଯୋଗେ ଖୁଣ୍ଟଗାଁଠାରେ ଉପସ୍ଥିତ ହେଲେ । ସେମାନଙ୍କର ଖାଦ୍ୟପେୟ ବ୍ୟବସ୍ଥା ମୋ' ତରଫରୁ କରାଯାଇଥିଲା । ଉତ୍ସର୍ଗୀକୃତଭାବେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହେଲା । ଏହି ନୃତ୍ୟ ପରିବେଷଣ ସମୟରେ ବହୁ ପାଉଡ଼ିଭୂୟାଁ ସ୍ତ୍ରୀ-ପୁରୁଷ ସମବେତହୋଇ ଏହାକୁ ଉପଭୋଗ କରିଥିଲେ । ମୁଁ କୌତୂହଳବସତଃ ଏହି ସମାବେଶ ଭିତରେ କିଛି ସମୟପାଇଁ ସେମାନଙ୍କର ପ୍ରତିକ୍ରିୟା ଜାଣିବାକୁ ବସି ଯାଇଥିଲି । ଏମାନଙ୍କ ଆଳାପ, ଆଲୋଚନା ଭିତରେ ମିଶ୍ର ପ୍ରତିକ୍ରିୟା ଜାଣିବାକୁ ପାଇଲି । ବହୁତ ଲୋକ ଏହି ନୃତ୍ୟ ଦେଖି ଆନନ୍ଦ ଉପଭୋଗ କରିବାସହ ସଚେତନାତର ସ୍ରୋତରେ ଭାସି ଯାଇଥିଲେ । ଏଇ ଗାଁର ସଚେତନ ବ୍ୟକ୍ତି ତା'ର ମତବ୍ୟକ୍ତ କରିବାକୁ ଯାଇ ଜଣକୁ କହୁଥିଲା "ନାଚ ଭଲ ହୋଇଚି, ପାଉଡ଼ିଭୂୟାଁ ଅଫିସର୍ ସତ କଥାକୁ ନେଇ ଏ ନାଟକ କରିଛି । ଏ ନାଟକ ଦେଖେଇବାପାଇଁ ଅଫିସରମାନେ ସରକାରୀ ପଇସାକୁ କେତେ କେତେ ଖାଉଥିବେ" । ଏକଥା ଶୁଣିଲା ବେଳେ ମନକୁ ମନ ଭାବିଲି "ମୁଁ ସିନା ଉତ୍ସର୍ଗୀକୃତ ମନୋଭାବରେ ନିଜକୁ ହଜାଇ ଦେଇଛି । ସ୍ୱଚ୍ଛତା ଭିତିରେ ପଇସା ନଖାଇ ନିଜସ୍ୱ ଅର୍ଥ ବିନିଯୋଗ କରି ସଚେତନତା ବାର୍ତ୍ତା ପ୍ରଚାର କରୁଛି ; , କିନ୍ତୁ ଏ ବ୍ୟକ୍ତିଟି ଯାହା ଭାବୁଛି ବର୍ତ୍ତମାନର ସମୟକୁ ନେଇ ସେ ନିଛକ ସତ କଥା ଭାବୁଛି ; କାରଣ ଆଧୁନିକ ସମାଜ କଳୁଷିତ ହୋଇଗଲାଣି । ସରକାରୀ ଅର୍ଥ ଦୁରୁପଯୋଗର ମାନସିକତା ମଣିଷର ଶିରା ପ୍ରଶିରାରେ ପ୍ରବାହିତ ହେଲାଣି । ଏ ଭାବନା ଆଜି ଏହି ସରଳ ମନ ଭିତରେ ପ୍ରବେଶ କରିଗଲାଣି" । ଯାହା ହେଉ ଏ ଭଳି ଭାବନା ଏ ସମାଜରୁ ଭ୍ରଷ୍ଟାଚାର ଦୂରକରିବାପାଇଁ ସହାୟକ ହେବ । ସରଳ ମନରେ ଜଟିଳତା ପ୍ରବେଶ କରି ଏମାନଙ୍କର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଦିଗରେ ଜାଗ୍ରତପ୍ରହରୀ ସଦୃଶ କାମ କରିବ । ମୁଁ ଏଥିରେ ବିବ୍ରତ ନ ହୋଇ ସେମାନଙ୍କ ମନ୍ତବ୍ୟକୁ, ସେମାନଙ୍କ ଭାବନାକୁ ସେଇମାନଙ୍କ ହିତ ସାଧନପାଇଁ ସ୍ୱାଗତ କରିଥିଲି । ଯାହାହେଉ ଖୁସିର କଥା ସେମାନେ ଅସାଧୁମାନଙ୍କ ପ୍ରତି ସାବଧାନ ରହିବାପାଇଁ ଶିଖିବାକୁ ଆରମ୍ଭ କଲେଣି ।

❖❖❖

# ପାଉଡ଼ିଭୂୟାଁ ବିବାହ ପଦ୍ଧତି

## (ଘିଚା ବାହାଘର)

ପାଉଡ଼ିଭୂୟାଁ, ଅଞ୍ଚଳକୁ ଖୁଣ୍ଟ ଗାଁରୁ ଯିବା ସମୟରେ ଗୋଟିଏ ପାଉଡ଼ିଭୂୟାଁ ଗାଁ' ଫୁଲଝର ପଡେ । ଏହି ଗାଁ'ଟି ଫୁଲଝର ଗ୍ରାମପଞ୍ଚାୟତର ସଦର ମହକୁମା,ଏଇଗାଁରେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଏକ ଶାଖା, ଗୋଟିଏ ଉପସ୍ୱାସ୍ଥ୍ୟ କେନ୍ଦ୍ର, ଗୋଟିଏ ସପ୍ତାହିକ ହାଟ ପ୍ରତିଷ୍ଠା କରାଯାଇଅଛି । ଏହି ପ୍ରତିଷ୍ଠାନଗୁଡ଼ିକ ପାଉଡ଼ିଭୂୟାଁର ସାମାଜିକ, ଅର୍ଥନୈତିକ ଓ ସଂସ୍କୃତିକ ବିକାଶରେ ନିଶ୍ଚିତ ସହାୟକ ହେଉଛି ଏଥିରେ ଦ୍ୱିମତ ନାହିଁ । ଏଠାରେ ଏହା ଅବତାରଣା କରିବାର ତାତ୍ପର୍ଯ୍ୟ ଏହି ଯେ, ସାମାଜିକ ଅର୍ଥନୈତିକ ବିକାଶ ବ୍ୟତିରେକ ସାଂସ୍କୃତିକ ବିକାଶ ପାଇଁ ହାଟର ଭୂମିକା କ'ଣ ? ଆଦିବାସୀ ଅଞ୍ଚଳର ହାଟ, ଏହା ଆଦିବାସୀର ଜୀବନ ଶୈଳୀର ଏକ ସହାୟକ କେନ୍ଦ୍ର । ଏଇ ହାଟରୁ ସେ ତା'ର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ କିଣେ, ତା'ର ଉତ୍ପାଦିତ ସାମଗ୍ରୀ (ପାରମ୍ପରିକ କୃଷି ଓ ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ) ବିକ୍ରୟ କରେ , ମଦ ପାନ କରେ, ମଦ ବିକ୍ରି କରେ , ଔଷଧ କିଣେ, ତା'ର ପିଲାମାନଙ୍କର ପାଠ୍ୟପୁସ୍ତକ କିଣେ, ଖିଅର ହୁଏ, ଦେଶବିଦେଶର ହାଲଚାଲ ବୁଝେ, (ପ୍ରଚାର ସଂସ୍ଥା ମାଧ୍ୟମରେ) ପାମ୍ପଲେଟ୍, ଲିଫ୍‌ଲେଟ୍ ସଂଗ୍ରହ କରେ, ମଦପିଇ ମାଦଳର ତାଳେ ତାଳେ ମାତାଲହୋଇ ନାଚ-ଗୀତରେ ମସ୍‌ଗୁଲ ହୁଏ, ଡାକ ବାଲାଠାରୁ ଚିଠି ସଂଗ୍ରହ କରେ, ଆବଶ୍ୟକତା ଭିତ୍ତିରେ ପଞ୍ଚାୟତ କର୍ମଚାରୀ, ଗ୍ରାମସେବକ, ପଶୁଡାକ୍ତର, ଡାକ୍ତର, ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର କର୍ମଚାରୀମାନଙ୍କ ସହ ସାକ୍ଷାତ ଓ ପରାମର୍ଶ କରେ । ଏଭଳି ଜୀବନ ଶୈଳୀ ଭିତରେ ସେ ଆଉ ଏକ ସଂସ୍କୃତିର ସନ୍ଧାନ କରେ ଏଇ ହାଟରେ । ଏ ସଂସ୍କୃତିଟି ହେଉଛି ଯୁବକ-ଯୁବତୀମାନଙ୍କର ମନଦିଆନିଆ ସଂସ୍କୃତି । ପାଉଡ଼ିଭୂୟାଁ ଯୁବକ-ଯୁବତୀ ଏଇ ହାଟରେ ପରସ୍ପର ସହିତ ମିଶନ୍ତି, ଖୁସିଗପ କରନ୍ତି, ପାନ ଦିଆନିଆ ହୁଅନ୍ତି , ମନ ଦିଆନିଆ ହୁଅନ୍ତି ।

ଏସବୁ ପାଉଡ଼ିଭୂୟାଁ ଜୀବନ ଚିତ୍ରର ବହୁଧା ଚିତ୍ରପଟ ସନ୍ଦର୍ଶନ ଅବସରରେ ଦିନେ ଫୁଲଝର ହାଟରେ ଏକ ବିଚିତ୍ର ଦୃଶ୍ୟ ଦେଖିବାକୁ ପାଇଲି । ଜଣେ ଯୁବକ ଗୋଟିଏ ଯୁବତୀର ହାତ ଧରି ଟାଣି ଟାଣି ନେଉଥିବାର ଦୃଶ୍ୟ ମୋତେ କୌତୂହଳୀ କରି

ପକାଇଲା । ମୁଁ ବିଲ ଭିତରେ ଏଇ ଦୃଶ୍ୟ ଦେଖିଦେଖି କିଛିବାଟ ଗଲାବେଳେ ମତେ ଜଣେ ପାଉଡ଼ିଭୂୟାଁ ବ୍ୟକ୍ତି କହିଲା, "ବାବୁ ! ଏ ହେଉଛି ଆମମାନଙ୍କର ଚିରାଚରିତ କଥା । ଆମ ସମାଜରେ ଏପରି ଚଳେ" । କିଶୋର କିଶୋରୀ ପରସ୍ପରକୁ ଆକର୍ଷିତ ହେଲେ, ପୁଅଟି ଝିଅଟିକୁ ଜୀବନସାଥୀ କରିବାକୁ ମନ ବଳାଏ । ତାକୁ ଜୀବନସାଥୀ ରୂପେ ପାଇବାକୁ ହେଲେ କେଉଁ ତରିକାରେ ସେ ବିବାହ କରିବ , ସେ ସ୍ଥିର କରେ । ଗୋଟିଏ ପଦ୍ଧତିରେ ପୁଅଘର ଝିଅଘରକୁ ପ୍ରସ୍ତାବ ନେଇ ଯାଏ ଓ ଯଥାରୀତି ଜ୍ଞାତିପରିଜନ ଗହଣରେ ଯାନିଯୌତୁକ, ଭୋଜି ଭାତ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ । ଅନ୍ୟଏକ ପ୍ରଥା ହେଲା କିଶୋର କିଶୋରୀର ହାତଧରି ଟାଣି ଟାଣି ନେଇ ଘରକୁ ଯିବା । ଏହିପରି ଭାବେ ଟାଣି ଟାଣି ହୋଇ ଯିବାପରେ ଝିଅଘର ଖବର ପାଇ ପୁଅଘରକୁ ଯାଆନ୍ତି । ସେଠାରେ ବିଧି ମୁତାବକ ଆଲୋଚନା, ପ୍ରାରମ୍ଭିକ ଭୋଜନ ଓ ମଦ୍ୟପାନ କରି ପୁଅଝିଅର ବିଭାଘର ସ୍ଥିରୀକୃତ ହୁଏ । ପରେ ଝିଅକୁ ଘରକୁ ଫେରେଇ ଆଣନ୍ତି  ଓ ପରବର୍ତ୍ତୀ ପର୍ଯ୍ୟାୟରେ ଯଥାରୀତି ଜାତିପରିଜନଙ୍କ ସହଯୋଗରେ ଶକ୍ତି ଅନୁସାରେ ଯାନିଯୌତୁକ ଓ ଭୋଜିଭାତ ମାଧ୍ୟମରେ ବିବାହ ସମ୍ପନ୍ନ ହୁଏ । ଏହାକୁ 'ଘିଚା ବାହାଘର' କୁହନ୍ତି ।" ଏଭଳି ଘିଚା  ବାହାଘର ପାଉଡିଭୂୟାଁର ଏକ ଅନନ୍ୟ ସଂସ୍କୃତି  । ଏହା ରାସ୍ତାଘାଟ, ଯାତ୍ରା, ବା ହାଟସ୍ଥଳରେ ଦେଖିବାକୁ ମିଳେ । ଉଭୟ ପ୍ରକାରର ବିଭାଘରପାଇଁ ସେମାନଙ୍କର ସାହି ଭାଇବସି ଆଲୋଚନାକରି ନିଷ୍ପତି ନେବାର ବୈଧାନିକ ବ୍ୟବସ୍ଥା ଅଛି  । ତାହାକୁ 'ନିୟାସାହି ଥୁଙ୍କା' କହନ୍ତି । କେବଳ ବିଭାଘର ନୁହେଁ, ଯେକୌଣସି ନୀତିଗତ ନିଷ୍ପତିପାଇଁ 'ନିୟାସାହି ଥୁଙ୍କା'ର ଉପଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ  ।

❖❖❖

# ପାଉଡ଼ିଭୂୟାଁର ଲୋକନୃତ୍ୟ

ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ହିସାବରେ ଯୋଗଦାନ କରିବାର କିଛି ଦିନପରେ ତଲଗିନିଆ ଗାଁ'କୁ ପାଉଡ଼ିଭୂୟାଁମାନଙ୍କର ଜୀବନ ଯାତ୍ରା ସମ୍ପର୍କରେ ଅନୁଧ୍ୟାନ କରିବାକୁ ଯାଇଥିଲି । ଏ ଗାଁର ଲୋକ ମତେ ସ୍ୱାଗତ କରିବାକୁ ଯାଇ ବହୁ ପାରମ୍ପରିକ ବ୍ୟବସ୍ଥାର ଆୟୋଜନ କରିଥିଲେ । ସେମାନଙ୍କର ଲୋକନୃତ୍ୟ "ଚାଙ୍ଗୁନାଚ" ପରିବେଷଣ କରିଥିଲେ । ଏହି ଚାଙ୍ଗୁନାଚରେ ଯୁବକ ଓ ଯୁବତୀ ଦୁଇ ଦଳହୋଇ ନାଚ କରନ୍ତି । ଯୁବକମାନେ ଚାଙ୍ଗୁ ବଜାନ୍ତି ଓ ଯୁବତୀମାନେ ମୁଣ୍ଡରେ ଓଢ଼ଣାଦେଇ ନଇଁ, ନଇଁ ଜଣେ ଅନ୍ୟଜଣଙ୍କର ଅଣ୍ଟାକୁ ପଛପାଖେ ହାତ ବୁଲାଇ ଛନ୍ଦା ଛନ୍ଦିହୋଇ ଗୀତର ତାଳେ ତାଳେ ନାଚ କରନ୍ତି । ଏହି ନାଚ ଦେଖୁଥିଲି । ନାଚ ଦେଖିବା ସମୟରେ ସଂସ୍ଥାର କର୍ମଚାରୀମାନେ ମତେ ଅବଗତ କରାଇଥିଲେ ଯେ ଏହି ଲୋକନୃତ୍ୟ ଭୁବନେଶ୍ୱର ଆଦିବାସୀ ପ୍ରଦର୍ଶନୀ ମଣ୍ଡପର ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ହୁଏ । ମୁଁ ଭାବପ୍ରବଣ ବଶତଃ ପଚାରିଲି "ଏହା ବ୍ୟତୀତ ପାଉଡ଼ିଭୂୟାଁର ଆଉ କି କି ପ୍ରକାର ଲୋକନୃତ୍ୟ ଅଛି" ? ଅନୁଧ୍ୟାନରୁ ମୁଁ ଜାଣିବାକୁ ପାଇଲି ଆଉଗୋଟିଏ ନୃତ୍ୟ ଅଛି ଯାହାକୁ ଢ଼ୋଲପାଲି ନାଚ ବା "ଦୋଳିଗୀତ" ନାଚ କହନ୍ତି । ଆଜିର କାର୍ଯ୍ୟକ୍ରମ ଏତିକିରେ ରହିଲା; କିନ୍ତୁ ଢ଼ୋଲପାଲି ନାଚ କଥା ମନରେ ରହିଲା । ଆଉ ଦିନେ ସାନଜଳ ଗାଁକୁ ଯାଇଥିଲି । ଏଇ ଗାଁର ଉତ୍ସାହୀ ଯୁବକ ଯୁବତୀମାନଙ୍କୁ ସଂଗଠିତ କରି ଢ଼ୋଲପାଲି ନାଚ ପରିବେଷଣ କରିବାପାଇଁ ପ୍ରବର୍ତ୍ତାଇଲି । ନାଚର ବ୍ୟବସ୍ଥା କରାଗଲା । ଦେଖିଲି ୧୦ ଜଣ ଯୁବକ ଓ ୧୦ ଜଣ ଯୁବତୀ ଦୁଇ ଦଳହୋଇ ପଛଆଡ଼େ ପରସ୍ପରର ପରସ୍ପର ହାତ ଛନ୍ଦାଛନ୍ଦିହୋଇ ପାଦକୁପାଦ ମିଳାଇ ନାଚ କରୁଛନ୍ତି । ଜଣେ ଯୁବକ ଉଭୟଙ୍କ ମଝିରେ ରହି ଢ଼ୋଲର ତାଳେ ତାଳେ ସଂଯୋଜନା କରୁଛି । ଏହି ନୃତ୍ୟ ସହିତ ଢ଼ୋଲର ତାଳେ ତାଳେ ଓ ତା' ସହିତ ଯୁବକ ଯୁବତୀମାନଙ୍କର ସ୍ୱତଃସ୍ଫୂର୍ତ୍ତ ଭାବେ ମନରୁ ତୁରନ୍ତ ରଚିତ ଲୋକଗୀତ ଗାନ ଜାଇଫୁଲରେ.... ନୃତ୍ୟକୁ ରସାଣିତ କରୁଛି । ଗୀତଟି ଏହି ପରି –

ପୁ- ଜାଇଫୁଲରେ ! ଜଡ଼ାଗଛ ଗବଗାବ,<br>
ଗିତାଲୁ ଭାଇଟା ଶରଧା ଥିବ, ଦୋଳି ଗୀତ ଗାଇଦେବ ।

ସ୍ତ୍ରୀ- ଜାଇଫୁଲରେ ! ବାଡ଼ିରେ ବଦାମ କଷି,<br>
ଆଜି ଢ଼ୋଲିଆକୁ ବରାଦ ଅସି, ରଗଡ଼ କରୁଛି ବେଶୀ ।

ପୁ-	ଜାଇଫୁଲରେ ! ବାଡ଼ିରେ ବଦାମ କଷି,
ଆସରେ ଦୁଲାଣ ଖେଳିବା ନାଚି, ହାତଗୋଡ଼ ବିଞ୍ଚାବିଞ୍ଚି

ସ୍ତ୍ରୀ	ଜାଇଫୁଲରେ ! ଶିଳରେ ସେଟିଲି ଖେଲା,
ଢ଼ୋଲିଆ ଭାଇର ଶରଧାଥିଲାରେ ଶରଧା ଥିଲା ।
ଢ଼ୋଲପାଳି ଢ଼େଗାଇ ଦେଲା ।

ପୁ-	ଜାଇଫୁଲରେ ! ତୋଳିଲି ତାଳପତର ,
ଆସ ନନୀମାନେ ଆସ ଶୀଘିର, ବେଶୀ ଡ଼େରି ନାଇଁ କର ।

ସ୍ତ୍ରୀ-	ଜାଇଫୁଲରେ ! କୁକୁଡ଼ା କଟି କଟାଇ
ଝୁମୁରା ହାଟର ଝିଲି ମିଠାଇରେ ଝିଲି ମିଠାଇ
କାନିରେ ଦେବି ଗଣ୍ଠାଇ ।

ପୁ -	ଜାଇଫୁଲରେ ! ଶାଗତଳେ ଅନାବନା
ଆଜି ଢ଼ୋଲିଆକୁ କର ଗାଆନା, କହିଲି ଗୀତାଲୁ ନନା ।

ସ୍ତ୍ରୀ-	ଜାଇଫୁଲରେ ! କାଟିଗଲେ ଦୋଳି କେନା,
ତେବେ ହେଲେ ଭାଇ ହେଉ ଗାଆନା, ସେଇଟା ନାଇଁ ଭାବନା ।

ପୁ-	ଜାଇଫୁଲରେ ! ବାଡ଼ିବାଇଗଣ ଭେଜି,
ଯାହାହୋଇଯିବ ଆଜିରେ ଆଜି, ମନ ହୋଇଗଲା ରାଜି ।

ସ୍ତ୍ରୀ-	ଜାଇଫୁଲରେ ! ପାଣିରେ ପଡ଼ିଲା ପୋକ,
ଯାହା ହୋଇଯିବ ଆଜି ଦିନର୍କ, କାଲିକି ପଳାବ ଦେଖ ।

ପୁ-	ଜାଇଫୁଲରେ ! ବସନ୍ତ ଡାଳ ପତର,
କାଲି ପଳାଇବୁ ଆମର ଘର, କାହିଁକି ଭାବନା କର ।

ସ୍ତ୍ରୀ-	ଜାଇଫୁଲରେ ! ଘଣ୍ଟିଆ ବଜାଇ ଟିଣି,
ତେବେ ପଳାଇବା ଭାଇଭଉଣୀ, କେହି ନପାରିବେ ଜାଣି ।

ସେହିବର୍ଷ ମୁଁ ଏହି ଲୋକନୃତ୍ୟର ଅଭ୍ୟାସ କରାଇ ପ୍ରଦର୍ଶନୀ ମଣ୍ଡପରେ ଉପସ୍ଥାପନ କରିଥିଲି । ନୃତ୍ୟ ପରିବେଷଣ ସମୟରେ କେତେ ମୌଳିକତା ପ୍ରତି ଦୃଷ୍ଟିଦେଇ ଯୁବକ-ଯୁବତୀମାନଙ୍କର ଲୋକକଳା ଶୈଳୀକୁ ଧ୍ୟାନରେ ରଖି ପାରମ୍ପରିକ ବେଶଭୂଷାରେ ସଜ୍ଜିତ କରାଇଥିଲି । ଯୁବତୀମାନେ ପାରମ୍ପରିକ ଅଳଙ୍କାର ଯଥା- ବନ୍ଧରିଆ, କତରିଆ, ଖଡୁ, ପାହୁଡ଼, ନୋଥ, ଗୁଣା, କାନଫୁଲ ପିନ୍ଧି, ମୁଣ୍ଡରେ ଖୋସା ବାନ୍ଧି ଏବଂ ପାରମ୍ପରିକ

ପରିଧାନ ଯଥା ବିନା ବ୍ଲାଉଜରେ ଶାଢ଼ୀ ପିନ୍ଧି ଲୋକନୃତ୍ୟର ପାରମ୍ପରାଗତ ବୈଶିଷ୍ଟ୍ୟକୁ ଦୃଢ଼ୀଭୂତ କରାଇଥିଲି । ଏହାଦ୍ୱାରା ଏହି ଢ଼ୋଲପାଳି ନୃତ୍ୟ ଦେଖୁଥିବା ବିଚାରକ ମଣ୍ଡଳୀଦ୍ୱାରା ପ୍ରସଂଶିତହୋଇ ରାଜ୍ୟରେ ପ୍ରଥମ ହେବାର ମାନ୍ୟତା ମିଳିଥିଲା ।

ଏ ସଫଳତା ମୋତେ ବିଶେଷ ଉତ୍‌ଫୁଲିତ କରିଥିଲା । ପାଉଡ଼ିଭୂୟାଁମାନେ ବିଶେଷ ଖୁସି ହୋଇଥିଲେ । ଜିଲାପାଳ ଓ ପଦାଧିକାରୀମାନେ ଖୁସି ହୋଇଥିଲେ । ଏ ଖବର ପାଇ ଏହି ସଂସ୍ଥାରେ ଏମାନଙ୍କ ସହ ସମ୍ପର୍କ ଥିବା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପୂର୍ବତନ ପକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ସମ୍ବଲପୁରରୁ ଖୁଣ୍ଟଗାଁକୁ ଧାଇଁ ଆସି ଥିଲେ । ସେ ଖୁସିରେ ଆତ୍ମବିଭୋର ହୋଇ କହିଲେ ଯେ "ପାଉଡ଼ି ଭୂୟାଁ ଲୋକନୃତ୍ୟ ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଛି ଶୁଣି ମୁଁ ଭାବିନେଲି ସତେକି ମୁଁ ନିଜେ ଏ ସଫଳତା ଲାଭ କରିଛି" । ଏହା କେବଳ ଭାବପ୍ରବଣତାର ସଫଳତା କହିଲେ ଅତ୍ୟୁକ୍ତି ହେବାନାହିଁ ।

ଏହି ଆଦିମ ଜନଜାତିର ଆଉ ଏକ ଲୋକନୃତ୍ୟ ହେଉଛି, ଚାଙ୍ଗୁ ନୃତ୍ୟ । ଏହି ନୃତ୍ୟରେ ଯେଉଁ ଗୀତ ବୋଲାଯାଏ

ଘୁମ୍ ଘୁମରେ ସଖୀ ଘୁମ୍ ରେ ପାରା
ପାରା ଉଡ଼ିଗଲେ ରେ ନ ଦିଏ ଧରା,
ଚାହିଁ ଚାହିଁ ମେଘ ଘୁଟିଛି ଆଜି ,
ପାରା ପଶିଯିବେରେ ମେଘ ଭିତରେ ,
ପାଣି ପଡ଼ିଯିବରେ ଭୂମି ତଳକୁ ,
ଚାହିଁଚୁକି ଆଜି ମେଘ ମାଳକୁ ।
ଘୁମ୍ ଘୁମରେ ସଖୀ ଘୁମ୍ ରେ ପାରା.............

**ଦେବୀ ଓଷାରେ ବୋଲାଯାଉଥିବା ଲୋକଗୀତ**

ମାତା ସାରୁଳା, ଗଳା କରିବୁ ଖେଳା !
ଯେତେ ମୁଇଁ ଜାଣଇଁ ମାତା, ଆଉ ନା ଜାଣଇଁ ଯେ,
ମାତା ସାରୁଳା ଗଳା କରିବୁ ଖେଳା !
ଦଶ ରଖିଥିବୁ ମା'ଗୋ ନିନ୍ଦା ନାଇଁ ଦେବୁଯେ,

ମାତା ସାରୁଳା .............ଘୋଷା

ଟାଙ୍ଗଣ ; ନାଶଣ ତୁତ, ଚକ୍ରରେ ଛେଦିବୁ ଯେ,

ଗୁଡ଼ରେ ଲାଗିଲେ ମା'ଗୋ ଦାନ୍ତରେ ଫେଡ଼ିବୁ ଯେ,

ମାତା ସାରୁଳା...............ଘୋଷା ।


ବିନତୀ ବିନତି ମା'ଗୋ ତୋ ପାଦେ ବିନତି ଯେ,

ଗାଳି ପଛେ ଦେବୁ ମାତା, ନିନ୍ଦା ନାଇଁ ଦେବୁ ଯେ,

ମାତା ସାରୁଳା ..................ଘୋଷା

କ୍ରମଶଃ ......

❖❖❖



# ପାଉଡ଼ିଭୂୟାଁର ଜଟାଳ ପର୍ବ :

ଫୁଲଝରର ପାଉଡ଼ଭୂୟାଁ ମାନେ ମତେ ଆମନ୍ତ୍ରଣ କରିଥିଲେ ଜଟାଳ ପର୍ବ ଦେଖିବାକୁ । ଜଟାଳ ପର୍ବ, ଏ ପର୍ବ ହେଉଛି ଏମାନଙ୍କର ଏକ ସାଂସ୍କୃତିକ ପାର୍ବଣ । ପର୍ବଦିନ ସାକାଲୁ ମୁଁ ଯାଇ ପହଞ୍ଚିଲି ପୂଜାସ୍ଥଳରେ । ଆମୂଳଚୂଳ ଅନୁଧ୍ୟାନ କଲିଏହି ପୂଜା ପଦ୍ଧତିକୁ । ନାଳକୂଳରେ ଏକ ପଥର ଚାଙ୍ଗଡ଼ା ଉପରେ ସମସ୍ତ ପୂଜାସାମଗ୍ରୀ ମହଜୁଦ କରି ରଖାଯାଇଥାଏ । ପୂଜାସାମଗ୍ରୀ ମଧ୍ୟରେ ମୁଖ୍ୟତଃ ଅକ୍ଷା (ଅରୁଆ ଚାଉଳ) କୁକୁଡ଼ା ଅଣ୍ଡା, ନାଲି ଧଳା ରଙ୍ଗର କୁକୁଡ଼ା ଚିଆଁ, ମଦ, ନଡ଼ିଆ, କଦଳୀ, ଉଖୁଡ଼ା, ଶାଳପତ୍ରରେ ପ୍ରସ୍ତୁତ ଖଲି ଇତ୍ୟାଦି ।

ପୂଜା ଆରମ୍ଭ ହେଲା । ଏ ପୂଜା କୌଣସି ପ୍ରତିମା ପୂଜା ନୁହେଁ । ଏ ହେଉଛି ପ୍ରକୃତି ପୂଜା । ଜଟାଳ ଦେବତା ଏକ କାଳ୍ପନିକ ଓ ପ୍ରାକୃତିକ ଶକ୍ତି ଯେଉଁ ଶକ୍ତି ଦେବତା ରୂପେ ସେଇ ନାଳ କୂଳରେ ଅରୂପା, ପ୍ରକୃତିର ଛବିରେ କଳ୍ପନାରେ ବିଦ୍ୟମାନ୍ । ପୁନଶ୍ଚ ଅଦୂରରେ ଛେଳିଆଟୋକା ଓ ପତ୍ରିକସା ପାହାଡ଼ ଅବସ୍ଥିତ । ଏଇ ପାହାଡ଼କୁ ବି ପୂଜା କରାଯାଏ । ଝୁଣା, ଧୂପ, ଘିଅବଳିତା, ମଦ, ଅଣ୍ଡାର ନୈବେଦ୍ୟ ଓ କୁକୁଡ଼ା ବଳିଦେଇ ଏହି ପୂଜା ସମ୍ପାଦନ ହୁଏ । ସେମାନଙ୍କ ଭାଷାରେ ମନ୍ତ୍ର ଉଚ୍ଚାରଣ କରାଯାଏ । ତାଙ୍କର ପାରମ୍ପରିକ ବାଦ୍ୟ "ଢ଼ୋଲ ଓ ଚାଙ୍ଗୁ" ବଜାଇ ଢ଼ୋଲ ପାଳି ନାଚ କରି କରି ଏହି ପୂଜାକୁ ଆମୋଦ ପ୍ରମୋଦପ୍ରଦ କରିଥାନ୍ତି । ମୁଁ ଏହି ନୃତ୍ୟଗୀତ, ଓ ପୂଜାରେ ନିଜକୁ ହଜାଇ ଦେଇଥିଲି ; କାରଣ ତାଙ୍କ ସହିତ ମିଶିବାପାଇଁ , ତାଙ୍କ ଦେବତାଙ୍କୁ ମୁଣ୍ଡିଆ ମାରିବାପାଇଁ, ତାଙ୍କ ପ୍ରସାଦ ସେବନ କରିବାପାଇଁ ଓ ତାଙ୍କ ମନସ୍ତତ୍ତ୍ୱରେ ହଜିଯିବାପାଇଁ ମୋର ଭାବର ଆବେଗତା ନିର୍ଦ୍ଦେଶ ଦିଏ, ଯେଉଁ ଭାବ ମଧ୍ୟରେ ମୁଁ ତାଙ୍କର ଆପଣାର ବୋଲି ଗ୍ରହଣୀୟ ହୋଇପାରିବି । ଏହା ଦ୍ୱାରା ମୋ'ର ପରାମର୍ଶ ସେମାନଙ୍କ ହୃଦୟକୁ ସ୍ପର୍ଶ କରି ବିକାଶ ଧାରାରେ ସାମିଲ ହୋଇ ପାରିବେ ।

ମୁଁ ସବୁଥିରେ ସାମିଲ ହେଲି । ତାଙ୍କର ପ୍ରସାଦ ସେବନ କଲି, କୁକୁଡ଼ାରକ୍ତ ଓ ମଦ, ଅରୁଆ ଚାଉଳରେ ମିଶ୍ରଣ ଯାହାକି ଦେବତାଙ୍କୁ ଅର୍ପିତ ହୋଇଥିଲା ତାହାମଧ୍ୟ ପ୍ରସାଦ ଉପରେ ସେବନ କଲି । ତାଙ୍କ ଦେବତାଙ୍କୁ ସଭକ୍ତି ପ୍ରଣାମ କଲି । ତାପରେ ଆରମ୍ଭ ହେଲା ଭୋଜନ ପବ । ଭୋଜନ ପାଇଁ ଯାହା ଯାହା ପ୍ରସ୍ତୁତ ହୋଇଥିଲା

ସେସବୁ ସେମାନଙ୍କର ରୁଚି ସମ୍ପନ୍ନ ଥିଲା । ଦେବତାଙ୍କୁ ଅର୍ପିତ କୁକୁଡ଼ା ଚିଆଁର କେବଳ ପରଗୁଡିକୁ ଛାଡ଼ି ଏହାର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗଏବଂ ପୁଟା ଓ ଅନ୍ତବୁଜୁଳାରୁ ମଇଳା ସଫା କରି ମାଂସ ପ୍ରସ୍ତୁତ କରାଯାଇ ଲୁଣ, ହଳଦୀ ମସଲାଯୁକ୍ତ କରାଯାଇ ତରକାରୀ ପ୍ରସ୍ତୁତ କରାଯାଇଥିଲା । ପୋଡୁଚାଷରୁ ଉତ୍ପନ୍ନ ଡ଼ାଲିକୁ ରନ୍ଧାଯାଇଥିଲା । ଭୋଜନପାଇଁ ପ୍ରାୟ ଦେଢ଼ଫୁଟ ବ୍ୟାସର ଶାଳପତ୍ର ଖଲି ଯାହାର ମଧ୍ୟଭାଗ ଥାଳିସଦୃଶ ଖାଲୁଆ ଏବଂ ବେଲା ସଦୃଶ ପତ୍ର ଠୁଙ୍ଗା ପ୍ରସ୍ତୁତ ହୋଇଥାଏ । ସମସ୍ତେ ଭୋଜନରେ ସାମିଲ ହେଲୁ । ସେଇ ବିରାଟଖଲି ଓ ଚଉତି ଲାଗି, ଭାତ ପରଷା ହେଲା । ସମସ୍ତଙ୍କ ଖଲିରେ ଭରପୂର ଭାତ । ଗୋଟିଏ ଗୋଟିଏ ଖଲିରେ ପ୍ରାୟ ଅଧା କେଜିରୁ ଅଧିକ ଚାଉଳର ଭାତ । ମୋ' ଖଲିରେ ମୋ' ମନ ମୁତାବକ ଭାତ, ତାପରେ କୁକୁଡ଼ା ମାଂସ, ଡ଼ାଲି ପରଷା ହେଲା । ସମସ୍ତେ ଆନନ୍ଦରେ ଭୋଜନ କଲୁ ।

ଅପରାହ୍ନରେ ନାଚ, ଗୀତ, ପାଲା ଦେଖିଲି । ଢ଼ୋଲପାଲି ଗୀତ ଏବଂ ଆଧୁନିକ ନାଚ, ଡ୍ରାମା, ବ୍ୟବସ୍ଥା କରାଯାଇଥିଲା । ଯାତରାର ବ୍ୟବସ୍ଥା, ବହୁଜନ ଯଥା - ମୁଣ୍ଡା, କୋହ୍ଲ, ଭୂୟାଁ ସବର୍ଣ୍ଣ, ଅସବର୍ଣ୍ଣ, ସବୁଶ୍ରେଣୀର ଦର୍ଶକଙ୍କ ସମାଗମ । ଗୁଡ଼ିଆ ପସରା, ମନୋହରୀ, ପନିପରିବା, କୃଷିଜାତ ଖାଦ୍ୟ ଶସ୍ୟ, ଗଙ୍ଗେଇଲିଆ, ବିରି, କୋଳଥ, ରୁମ୍ହା, ସିଙ୍କ, ସୁତୁରି, ମକା, ମଦ, ଶୁଖୁଆ ସବୁର ବଜାର, ପେଁକାଲି, ବେଲୁନ୍, ଖେଳନା ଆଦିର ବିପଣନ ଯାତ୍ରାକୁ ଉତ୍ସବମୁଖର କରୁଥିଲା । ପୁନଶ୍ଚ ମଉଜ ମଜଲିସ୍ , ଖୁସିବାସି, ପାନ ଦିଆନିଆ, ମନଦିଆନିଆ, ଘିଚା ବାହାଘର ଇତ୍ୟାଦି ଇତ୍ୟାଦି ମଧ୍ୟ ଏଠାରେ ଉପଲବ୍ଧ ଥିଲା ।

ପାଉଡିଭୂୟାଁଙ୍କର ପାରମ୍ପରିକ ଜଟାଳ ପର୍ବ ଅଦ୍ୟାବଧି ଉଜ୍ଜୀବିତ ରହିଛି ।

❖❖❖



# ପାଉଡ଼ିଭୂୟାଁ ରମଣୀ

ପାଉଡ଼ିଭୂୟାଁ ରମଣୀ ଅତ୍ୟନ୍ତ ସରଳ, ଛନ୍ଦ, ମାୟା, କପଟ ବିହୀନ, ପରୋପକାରୀ, ଅତିଥି ପରାୟଣା । ଅତିଥିଙ୍କୁ ପିଢ଼ାରେ ଗୋଡ଼ ଥୋଇ ପାଣିରେ ଗୋଡ଼ ଧୋଇ ଦେଇ ସ୍ୱାଗତ କରିଥାଏ । ଅଳଙ୍କାରପ୍ରିୟ । ପାଉଡ଼ିଭୂୟାଁ ରମଣୀ ବନ୍ଧରିଆ, କତରିଆ, ପାହୁଡ଼, ଖଡୁ ଚୁଡ଼ି, ନୋଥ, ଗୁଣା, ନୋଲକ, କାନଫୁଲ, ପେଞ୍ଜନ, ଗଣ୍ଡିଆ, ଫିର୍ ଫିରା, କାଙ୍କଡ଼, ତାଡ଼, ପାହୁଡ଼, ବାହୁଟି, ସୁମ୍‌କି, ବେଣୀ, ଝୁମ୍ପା, କିଲିପ୍, ମୁଣ୍ଡ ଫିତା, ଟିକିଲି (ଚିତା) ପରିଧାନ କରିବାକୁ ଭଲ ପାଏ । ମୁଣ୍ଡରେ ଖୋସାପାରି, ମୁଣ୍ଡକଣ୍ଡା ବ୍ୟବହାର କରେ । ଖୋସାରେ ଜଙ୍ଗଲି ଫୁଲ ଓ ପତ୍ରକୁ ଖୋସିଥାଏ । ହାତରେ, ଗୋଡ଼ରେ, ଚିବୁକରେ ଚିତା କୁଟାଏ । ମଦଖାଏ ନି କିନ୍ତୁ ପୁରୁଷ ମଦ ଖାଇଲେ ଅସହିଷ୍ଣୁ ହୁଏନି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ଓ ଉତ୍ପାଦିତ ସାମଗ୍ରୀ ବିକ୍ରିପାଇଁ ହାଟ ଓ ବଜାରକୁ ଯାଏ । ମୁଣ୍ଡରେ ବୋଝ ମୁଣ୍ଡାଇଥିବାବେଳେ ପଛପଟେ ପଣତକାନିରେ ଭିଡ଼ି ଛୁଆକୁ ଧରିଥାଏ । ଏହି ପଣତକାନିରେ ଝୁଲି ରହି ଛୁଆ ମାତୃସ୍ତନ ପାନକରିବା କୌଶଳରେ ନିପୁଣା ଥାଏ । ଏହାକୁ 'ବଗା' କୁହାଯାଏ । ସିଠାଫଳ, ପାଉଁଶ କିମ୍ବା ଚିକିଟା ମାଟିରେ ନିଜର ମୁଣ୍ଡବାଳ ସଫା କରିବା, ନିଜର ପରିହିତ ବସ୍ତ୍ର ସଫା କରିବାରେ ଅଭ୍ୟସ୍ତ ଥାଏ । ନାଳ, ଝରଣାରେ ସ୍ନାନ କରିବା ସମୟରେ ନଗ୍ନ ସ୍ନାନ କରିଥାଏ (କେବଳ ଅନ୍ତର୍ବାସ ପରିଧାନ କରି ସେ ଗୁପ୍ତ ଅଙ୍ଗପ୍ରତ୍ୟଙ୍ଗ ଆଚ୍ଛାଦିତ ଅବସ୍ଥାରେ ସ୍ନାନକରେ)। ସେ ସମ୍ପୂର୍ଣ୍ଣ ନିରକ୍ଷର, କିନ୍ତୁ ସାରସ୍ୱତ ପ୍ରତିଭା ଉଜ୍ଜୀବିତ ଥାଏ । ଲୋକଗୀତ ତା'ର ସ୍ୱତଃସ୍ଫୂର୍ତ୍ତ କଣ୍ଠନିସୃତ ଓ ତୁରନ୍ତ ଅନ୍ତରରୁ ଝଙ୍କୃତ ହୁଏ । ସେ କଠିନ ପରିଶ୍ରମୀ, କୃଷି, କର୍ମରେ ପୁରୁଷ ସହଯୋଗୀ ପ୍ରବଣ । ଆମୋଦପ୍ରମୋଦ ପ୍ରିୟ, ରଜଦୋଳି ଖେଳପ୍ରିୟ, ଢ଼ୋଲପାଳି ଲୋକଗୀତପ୍ରିୟ । ଛେର୍-ଛେରା , ଡ଼ାଲ୍ ଖାଇ ଓ କରମା ସଂସ୍କୃତି ସହ ଜଡ଼ିତ ।

❖❖❖

# ପାଉଡ଼ିଭୂୟାଁ ଲୋକଚରିତ୍ରର ବୈଶିଷ୍ଟ୍ୟ

ଅମୃତସନ୍ତାନ ଆଦିମ ଜନଜାତି ପାଉଡ଼ିଭୂୟାଁ ସଂସ୍କୃତି ସ୍ୱର୍ଗୀୟ ସୃଷ୍ଟିର ନିଛକ ନିଦର୍ଶନ । ଏଇ ଜୀବନ ଚିତ୍ର ଭିତରେ ଆଉ ଯାହା ଦେଖିଲି, କିଛି ଶିଖିଲି ଓ ତାହା ଲେଖିଲି । ଆସନ୍ତୁ ଦେଖିବା ମୁଁ ଆଉ କ'ଣ ଦେଖିଲି, ଆଉ କ'ଣ ଶିଖିଲି ଓ ଆଉ କ'ଣ ଲେଖିଲି ।

ଆଦିମ ଜନଜାତି ପାଉଡ଼ିଭୂୟାଁ ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶର ଦାୟିତ୍ୱ ବହନ କରିବା ଅବସରରେ ଗାଁ'କୁ ଗାଁ' ବୁଲିଲି । ଆବାଳବୃଦ୍ଧବନିତାଙ୍କ ସଂସ୍ପର୍ଶରେ ଆସିଲି । ଛଣଛପରର ଘର ଦେଖିଲି । ନାଳ ଓ ଝରଣା ଜଳରେ ସ୍ନାନ ଓ ପାନ, ଭୋଜନ ଯଥା ଗଙ୍ଗେଇ ଭାତ, ହାଣ୍ଡିଆ (ପାଚୋଇ), କନ୍ଦାସିଝା, ପଣସ ସିଝା, ଆମ୍ବ, କୋଇଲି, କରଡ଼ି, ହେଣ୍ଡୁଆ, ପଣସ, ଜଙ୍ଗଲିକନ୍ଦା, ଜଙ୍ଗଲି ଫଳମୂଳ, ବଣଛତୁ, ବଣସାରୁ, ସାରୁ ପତ୍ର, ତେନ୍ତୁଳି ପତ୍ରର ଗୁଣ୍ଡ, କୋଇଲେରି ଶାଗ, କଳେଇ (ଝଡ଼ିପୋକ) କାଇ , କାଇଭାତ, ଜଙ୍ଗଲୀ ଶିକାର, ଯଥା - ବରହା, କଟରି, ଖେଡ଼ିଆ, ଗରାଣ୍ଡି, ମୟୂର, ଝିଙ୍କ, ବଣ କୁକୁଡ଼ା, ବଲୁଆ (ପାହାଡ଼ି ମୂଷା), ଉଦ୍ ମୂଷା, ବେଲୁରା, ପତନି ମୂଷା, ବାଢୁଣିଆ ମୂଷା, ସାମୁଲେଇ ମୂଷା, ନେଉଳର ଶିକାର ସହିତ ମାଛ ଯଥା ଚେଙ୍ଗ ମାସ, ମାଗୁରା ମାସ, ଚାରଗୋଡିଆ ମାସ, ଗେନ୍ଟୁ ମାସ, ଶଉଳ ମାସ, ଚିଙ୍ଗୁଡି ମାସ ଓ ଶୁଖୁଆ, କଙ୍କଡା, ଗୁଞ୍ଜୁଆ (କୋଚିଆ), ଗେଣ୍ଡା, ଶାମୁକା ଆଦି ଭକ୍ଷଣ ଦେଖିଲି । ପୋଡୁଚାଷରୁ ଉତ୍ପାଦିତ ଶସ୍ୟ, ଢ଼ୁଙ୍କ, ଗୁଲ୍‌ଜି, ଗୁମ୍ବା, ମାଣ୍ଡିଆ, କାଙ୍ଗୁ, ତିସିଲିଆ, ସୁତୁରୀ, କୁଆରୀ (ମକା), ବିରି, କୁଳଥ୍ (କୋଳଥ), ମୁଗ, ରାହାଡି, ଗରଗଡ, ଢୁଙ୍କ ଆଦି ଖାଦ୍ୟରୂପେ ବ୍ୟବହାର ଦେଖିଲି । ବିଭିନ୍ନ ପ୍ରକାରର ଜଙ୍ଗଲି ଶାଗ ଯଥା ସୁରକାନି ଶାଗ, ଆମ୍ବରୁଳି ଶାଗ, କଞ୍ଚନ ଫୁଲ, ପୋଡଇ ଶାଗ, ଡୁମୁରୁ ଶାଗ ଆଦି ଭକ୍ଷଣ କରିବାର ଦେଖିଲି । ଆମ୍ବେଡ଼ା, କୁସୁମ, ବେତକୋଳି, ଜାମୁକୋଳି, ବର କୋଳି, କୁରଡୁ, ଡୁମୁରୁ (ଡ଼ିମ୍ବିରି ଫଳ), କଣ୍ଟେଇ କୋଳି, ବାହାଡ଼ା, ଅଁଳା, ମହୁଲ, ଶାଳ, ଚାର, ଭୋଲୁଆ(ଭାଲିଆ), ବେଲ, କେନ୍ଦୁ, କଇଥ, ତୁରକୋଳି (ତୁଣ୍ଡପୋଡ଼ା କୋଳି)ର ବ୍ୟବହାର ଦେଖିଲି । ମାଛମରା ଫଳ (ମଣ), ଗଛର ଛେଲିରୁ ଚା' ପ୍ରସ୍ତୁତି କରି ବ୍ୟବହାର କରିବା ଦେଖିଲି । ଜଙ୍ଗଲି କନ୍ଦା

ଯଥା ପିତା ଆଳୁ, ବଇଙ୍ଗା, ତୁଙ୍ଗା, ସଇଗା, ମଣ୍ଡେଇଆଳୁ(ପଥରକନ୍ଦ), କଣ୍ଟା ଆଳୁ, ସୁରଙ୍ଗ, ଅଲ, କଳିଆ, ଝୁରମୁଣ୍ଡାଇ, ବାଘଅଲ୍ , ଚେରୁଆ ଆଳୁ, ବର୍ବଶା ଆଳୁ, ସୁରକାନି, ବଡ଼ଲା ଆଳୁ, ମହରାଳି ଆଳୁ ଭକ୍ଷଣ ଦେଖିଲ । ତାଙ୍କ ଜୀବନଶୈଳୀରେ ନିଜସ୍ୱ କାରିଗରୀ କୌଶଳରେ ପ୍ରସ୍ତୁତ ଘରକରଣା ସରଞ୍ଜାମ, ଧନୁଶର, ଲାଉତୁମ୍ବା, ତେଲପେଡ଼ା ଯନ୍ତ୍ର, କଠଉ, ଘୁଙ୍ଗ(ଝାମ୍ପି), ଛତର (ଛତା), ଶିକା, ବାହାଙ୍ଗି, ପେଡି, ବାଟୁଳିଖଡ଼ା, ଅଠାକାଣ୍ଡିଆ, ଫାଶ, ଟାଙ୍ଗିଆ (ବୁଡିଆ), ଫାରସା(ଫଲସିଆ), କାତି(ତାବଲା), କଠଉ, ବିଣା, ଖଜଣି (ଖନ୍ଦନି), ଢୁଲକ୍, ଢ଼ୋଲ, ଚାଙ୍ଗୁ, ଘୁଡୁକି, ଖଜୁରୁପଟି, ପହଁରା (ବାଢୁଣୀ), ଫୁଲଝାଡୁ, ଖଜୁରିପଟି, ଖଜୁରି ଛାଞ୍ଚୁଣି, ମାଞ୍ଜିଆ, ଦଉଡଡ଼ିଆଖଟ, ରଜଦୋଳି, ଲଙ୍ଗଳ, ପୁତୁଗ (ଶସ୍ୟ ସଂରକ୍ଷଣପାଇଁ ପ୍ରସ୍ତୁତ ଓଳିଆ) ଦେଖିଲି । ଆଦିବାସୀ ରମଣୀର ନିରକ୍ଷରତା, ଅସ୍ୱାସ୍ଥ୍ୟକର ବେଶ ପରିପାଟୀ, ଦାନ୍ତଅଘଷା ରହିବା ଦେଖିଲି । ନିରକ୍ଷରତା ଭିତରେ ସାହିତ୍ୟର ସନ୍ଧାନ, କାବ୍ୟିକ ଭାବନାର ପରିପ୍ରକାଶ, ତୁରନ୍ତ ରଚିତ ଗୀତରେ ଯୁବକ ସାଥୀକୁ ଯୁବତୀ ସାଥୀର ବିମୋହନ, କୁରେଇଫୁଲ ଝୁମ୍ପାରେ ଗଭା ମଣ୍ଡନ, ଜଙ୍ଗଲି ଘାସଫୁଲ (କାଦମଲ୍ଲୀ)ରେ ସୁନ୍ଦର କଳା କୌଶଳ ପ୍ରୟୋଗ କରି ଫୁଲତିଆରି, ସରଳ ଅମାୟିକ ବ୍ୟବହାର, ଅତିଥି ସତ୍କାରପାଇଁ ପିଳାପାଣି (ପିଢ଼ାପାଣି) ଓ ହଳଦୀ ପାଣିରେ ଅତିଥିର ହସ୍ତପଦ ପ୍ରକ୍ଷାଳନ ଓ ନମସ୍କାର କରଣ, ରଙ୍ଗମାଟିରେ ଘରର କାନ୍ଥ ଲିପିପୋଛି ଚିତା ଲିଖନ ଶିଖିଲି । ପାଉଡ଼ିଭୂୟାଁ ରମଣୀଠାରେ ଏକ ଅନନ୍ୟ ଗୁଣବତ୍ତା ଲକ୍ଷ୍ୟ କଲି । ସେଇଟି ହେଉଚି ଭୂୟାଁପୁରୁଷମାନେ ଉତ୍କଟ ମଦ୍ୟପାନରେ ଅଭ୍ୟସ୍ତ ଥିବାବେଳେ ସ୍ତ୍ରୀମାନେ ଆଦୌ ମଦ ସ୍ପର୍ଶ କରନ୍ତି ନାହିଁ । ପୁରୁଷମାନଙ୍କ ମଦ୍ୟପାନକୁ ଏମାନେ ପସନ୍ଦ କରନ୍ତି ନାହିଁ । ତଥାପି ମଦପିଇବା ବେଳେ ଏମାନେ କିଛି ପ୍ରତିକ୍ରିୟା ଜଣାନ୍ତି ନାହିଁ । ଏ କଥାଟି ଭୂୟାଁ ରମଣୀ ଚରିତ୍ରର ଏକ ଶିକ୍ଷଣୀୟ କଥା । ବର୍ତ୍ତମାନ ଭୂୟାଁ ରମଣୀମାନେ ପୁରୁଷମାନଙ୍କର ମଦ୍ୟ ପାନକୁ ବିରୋଧ କଲେଣି ।

❖❖❖

# କାର୍ଯ୍ୟସମ୍ପାଦନାରେ କାର୍ପଣ୍ୟ ସ୍ପୃହଣୀୟ ନୁହେଁ

ଦିନକର ଘଟଣା । ଅନୀତା ଅଗ୍ନିହୋତ୍ରୀ ଜିଲାପାଳ ଥା'ନ୍ତି । ସେ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟଗାଁ'ର ଅଧ୍ୟକ୍ଷ ମଧ୍ୟ ଥା'ନ୍ତି । ପାଉଡ଼ିଭୂୟା ଉନ୍ନୟନ ସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ନଥି ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସେହିଭଳି ଏକ ନଥିର ଅନୁମୋଦନପାଇଁ ଜିଲାପାଳ ଫୋନଦ୍ୱାରା ଡକାଇଥିଲେ । ନିର୍ଦ୍ଦିଷ୍ଟ ସମୟରେ ଜିଲା ସଦର ମହକୁମାକୁ ଯାଇ ପହଞ୍ଚିବା କଥା, କାରଣ ସେଦିନ ଜିଲାପାଳଙ୍କର ଏହି ଫାଇଲରେ କାମ କଲାପରେ ଅନ୍ୟ କାର୍ଯ୍ୟରେ ସଦର ମହକୁମା ଛାଡ଼ିବାର ଥିଲା । ତଦନୁସାରେ ମୁଁ ସୁନ୍ଦରଗଡ଼ ବାହାରିଲି । ଖୁଣ୍ଟଗାଁଠାରୁ ସୁନ୍ଦରଗଡ଼ ବଣେଇବାଟ ଦେଇ ପ୍ରାୟ ଦୁଇଶହ କିଲୋମିଟରରୁ ଊର୍ଦ୍ଧ୍ୱ ଦୂର । ସେଦିନ ମୁଁ ମୋର ସରକାରୀ ଜିପ୍ ନ ନେଇ ବସ୍‌ରେ ଯାତ୍ରା କଲି । ନିର୍ଦ୍ଧାରିତ ସମୟର ବହୁବିଳମ୍ବରେ ଯାଇ ସୁନ୍ଦରଗଡ଼ରେ ପହଞ୍ଚିଲି । ଜିଲାପାଳଙ୍କୁ ସାକ୍ଷାତ କଲି । ଜିଲାପାଳ ମୋର ବିଳମ୍ବରେ ବିରକ୍ତିଭାବ ପ୍ରକାଶ କରି ବିଳମ୍ବର କାରଣ ପଚାରିଲେ । ମୁଁ ବସ୍‌ରେ ଆସିବାରୁ ବିଳମ୍ବ ହେଲାବୋଲି କହିଲି । ଭାବିଥିଲି ମୁଁ ଜିପ୍ ନ ନେଇ ବସ୍‌ରେ ଯାତାୟତ ଦେଖାଇଥିବାରୁ ଜିଲାପାଳ ମୋର ସରକାରୀ ଖର୍ଚ୍ଚରେ କାର୍ପଣ୍ୟ ଯୋଗୁ ଖୁସିହେବେ ବୋଲି । କିନ୍ତୁ ସେ ଖୁସି ନହେଇ ମନ୍ତବ୍ୟ ଦେଇଥିଲେ । ଓଷ ସଷ ଲକ୍ଟଙ୍କଭୟ ଲକ୍ଟକ୍ଷସଷଷ ବଭୟ ଚରଭଇକ୍ଷରଷ୍ବ ସରକରୀ ଖର୍ଚ୍ଚ ତୁଳନାରେ ସମୟର ମୂଲ୍ୟ ଅଧିକ । ତେଣୁ ସରକାରୀ ଗାଡ଼ି ଅଧିକାରୀମାନଙ୍କୁ ଦିଆଯାଇଥାଏ , ସମୟକୁ ବଞ୍ଚାଇ ଅଧିକ ଏବଂ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିବାକୁ । ଏହା ଏକ ଶିକ୍ଷଣୀୟ କଥା । ସେଦିନ ଜିଲାପାଳ ସୂଚାଇ ଦେଇଥିଲେ ଯେ ସରକାରୀ ଗାଡ଼ି ବ୍ୟବହାରର କୃପଣତା, ପ୍ରଦର୍ଶନ ଉଚିତ୍ ନୁହେଁ । ଅବଶ୍ୟ ଖର୍ଚ୍ଚସୀମାକୁ ଅତିକ୍ରମ କରିବାରେ ଭାରସାମ୍ୟ ରକ୍ଷାପ୍ରତି ସଚେତନ ରହିବା ଉଚିତ୍ ।

❖❖❖

# ପାଉଡ଼ିଭୂୟାଁର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ରଥବାବୁ । ତାଙ୍କଠାରେ ଉତ୍ସର୍ଗୀକୃତ ସେବା ମନୋଭାବ ଭରପୂର ଥାଏ । ତାଙ୍କୁ ଯେତେବେଳେ ଡ଼ାକିଲେ ତତ୍‌କ୍ଷଣାତ ବାହାରି ପଡ଼ନ୍ତି ପାଉଡ଼ିଭୂୟାଁ ଅଞ୍ଚଳରେ ଗସ୍ତକରି ସ୍ୱାସ୍ଥ୍ୟ ସେବା ଦେବାକୁ । ସେ ପ୍ରସ୍ତାବ ଦେଇଥିଲେ ଭୂୟାଁ ଅଞ୍ଚଳର ଦୁଇଗୋଟି ରୋଗର ନିରାକରଣପାଇଁ - ଗୋଟିଏ ହେଉଛି ମ୍ୟାଲେରିଆ ଓ ଅନ୍ୟଟି ହେଉଛି ଗଳଗଣ୍ଡ ରୋଗ । ଅସ୍ୱାସ୍ଥ୍ୟକର ପରିବେଶ ଓ ନାଳପାଣି ହିଁ ମ୍ୟାଲେରିଆ ରୋଗ ଜୀବାଣୁ ସୃଷ୍ଟି କରେ ଯାହାକୁ ଭୂୟାଁମାନେ ପାନୀୟ ରୂପେ ବ୍ୟବହାର କରନ୍ତି । ଏହି ପାଣି ଲୌହଯୁକ୍ତ ହେତୁ ଗଳଗଣ୍ଡ ରୋଗ ସୃଷ୍ଟି କରାଏ । ଅବଶ୍ୟ ଆଉଗୋଟିଏ ରୋଗ ଯକ୍ଷ୍ମା ଏହି ଅଞ୍ଚଳରେ ପରିଦୃଷ୍ଟ । ତେଣୁ ଏହି ରୋଗଗୁଡିକର ସର୍ବେକ୍ଷଣ, ନିଦାନ ନିରୂପଣ ଓ ନିରାକରଣ ପାଇଁ ମୋ'ର ଅନୁରୋଧକ୍ରମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ରଥ ତାଙ୍କର ପ୍ରାଥମିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସଂସ୍ଥାର ବହୁମୁଖୀ ସଂଯୋଜିକା ତାଙ୍କର ସ୍ୱାସ୍ଥ୍ୟକର୍ମୀଙ୍କ ଜରିଆରେ ସର୍ବେକ୍ଷଣ ଆରମ୍ଭ କରିଥିଲେ ।

ରୋଗୀ ଚିହ୍ନଟ ହେବାପରେ ଚିକିତ୍ସା କେନ୍ଦ୍ରରେ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା କରାଯାଉଥିଲା । ଔଷଧ କ୍ରୟ କରିବାର ଆବଶ୍ୟକ ହେଲେ ଭୂୟାଁ ରୋଗୀ ଡ଼ାକ୍ତରଙ୍କ ଲେଖା ଦାଖଲକଲେ ପାଉଡ଼ିଭୂୟାଁ ସଂସ୍ଥା ତରଫରୁ ଔଷଧକିଣି ଯୋଗାଇ ଦିଆଯାଉଥିଲା । ଏଥିପାଇଁ ସଂସ୍ଥାର ବାର୍ଷିକ ବ୍ୟୟ ବରାଦରେ ବ୍ୟବସ୍ଥା କରାଯାଉଥିଲା ଓ ଏହି ବରାଦି ଅର୍ଥ ମଧ୍ୟରୁ ରୋଗିଚିକିତ୍ସା ଏବଂ ଔଷଧ ଯୋଗାଣର ଖର୍ଚ୍ଚ ବହନ କରାଯାଉଥିଲା । ମ୍ୟାଲେରିଆ ନିରାକରଣ ପାଇଁ ସମସ୍ତଙ୍କ ଘରେ କ୍ଲୋରୋକୁଇନ୍ ବଟିକା ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଥିଲା ।

ଗଳଗଣ୍ଡ ରୋଗର ନିରାକରଣପାଇଁ ଆୟୋଡ଼ିନ୍ ଯୁକ୍ତ ଲୁଣ ବ୍ୟବହାର କରିବାକୁ ହେବ । ପ୍ରତ୍ୟେକ ପାଉଡ଼ିଭୂୟାଁ ପରିବାରକୁ ସଚେତନ କରାଯାଉଥିଲା । ଏହି ଲୁଣ ବ୍ୟବହାରରେ ଅଭ୍ୟସ୍ତ କରିବାକୁ ତାଙ୍କୁ ସଂସ୍ଥା ତରଫରୁ କିଛି ମାସପାଇଁ ମାଗଣାରେ ଆୟୋଡ଼ିନ ଯୁକ୍ତ ଲୁଣ ଟାଟା ଲୁଣ ଯୋଗାଇ ଦିଆଗଲା । ଏହି ଲୁଣ ସିଧା ସଳଖ କମ୍ପାନୀରୁ ମଗାଯାଇଥିଲା । ରିହାତି ଦରରେ କମ୍ପାନୀ ଏହି ଲୁଣ ଯୋଗାଇ ଦେଇଥିଲା ।

ନଳକୂପ ଥିବା ଗ୍ରାମମାନଙ୍କରେ ଝରଣା ଓ ନାଳ ପାଣି ବ୍ୟବହାର ନକରି ନଳକୂପପାଣି ବ୍ୟବହାର କରିବାକୁ ବୁଝାଇ ଦିଆଗଲା । ଅଧିକ ସଂଖ୍ୟକ ନଳକୂପ ଯୋଗାଇ ଦେବାପାଇଁ ଜନସ୍ୱାସ୍ଥ୍ୟ ବିଭାଗଦ୍ୱାରା ବ୍ୟବସ୍ଥା କରାଗଲା ।

ଥରେ ପାଉଡ଼ିଭୂୟାଁ ଅଞ୍ଚଳରେ ଲୋକେ ବର୍ଷାଦିନିଆ ଛତୁ ଖାଇ ଝାଡ଼ା ରୋଗରେ ଆକ୍ରାନ୍ତ ହେଲେ । ଏ ଖବର ପାଇ ମୁଁ ଡ଼ାକ୍ତରଙ୍କ ସହ ଏହି ଅଞ୍ଚଳ ଗସ୍ତ କଲି । ଯେଉଁମାନେ ଝାଡ଼ା ରୋଗରେ ଆକ୍ରାନ୍ତ ଥିଲେ, ତୁରନ୍ତ ଡ଼ାକ୍ତରଖାନାକୁ ବୋହି ନେବାପାଇଁ ପରାମର୍ଶ ଦିଆଗଲା । ଡ଼ାକ୍ତରଖାନାକୁ ରୋଗୀଙ୍କର ସୁଅ ଛୁଟିଲା । ଡ଼ାକ୍ତରଖାନାର ଶଯ୍ୟା ଭରି ହୋଇଯିବାରୁ ବିନା ଶଯ୍ୟାରେ କେତେକ ରୋଗୀଙ୍କୁ ଚିକିତ୍ସା କରାଗଲା । ଉଦ୍‌ବୃତ ରୋଗୀଙ୍କୁ ଡ଼ାକ୍ତରଖାନା ସନ୍ନିକଟବର୍ତ୍ତୀ ମୋ'ର କାର୍ଯାଳୟ ଗୃହ ଓ କର୍ମଚାରୀଙ୍କପାଇଁ ଉଦ୍ଦିଷ୍ଟ ବସାଘର (ଖାଲିଥିବା) ରୋଗୀଙ୍କ ରହିବାପାଇଁ ବ୍ୟବହାର କରାଗଲା । ଔଷଧ, ସାଲାଇନ୍ ସବୁ ସଂସ୍ଥା ତରଫରୁ ଓ ଡ଼ାକ୍ତରଙ୍କ ତରଫରୁ ଯୋଗାଇ ଦିଆଗଲା । ଯୁଦ୍ଧକାଳୀନ ଭିତ୍ତିରେ ରୋଗିଚିକିତ୍ସା କରାଯାଇ ରୋଗକୁ ନିୟନ୍ତ୍ରଣ କରାଗଲା ।

ପୁନଶ୍ଚ ଗ୍ରାମାଞ୍ଚଳରେ କୂପ ବିଶୋଧନ ଓ ବିଶୋଧିତ ଜଳପାନ ତଥା ସଫା ସୁତୁରା ରହି ଅଖାଦ୍ୟ ନଖାଇ, ସଜଖାଦ୍ୟ ଖାଇ, ଶିଝା ପାଣି ବ୍ୟବହାର କରି ରୋଗ ସଂକ୍ରମଣରୁ ରକ୍ଷା ପାଇବାପାଇଁ ଏମ.ପି.ସି.ମାନଙ୍କ ଜରିଆରେ ସଚେତନ କରାଗଲା, ଝଡ଼ା, ଫୁଙ୍କା, ଗୁଣି, ଗାରେଡ଼ି ଓ ଦେଶୀ ଚିକିତ୍ସା ପରିହାର କରିବାକୁ ସତର୍କ କରାଇ ଦିଆଗଲା ।

❖❖❖

# ଜଣେ ଫଟୋଗ୍ରାଫର୍‌ର ଭୂମିକା

ସମସ୍ତଙ୍କଠାରୁ କିଛିନା କିଛି ଶିଖିବାର ଅଛି, ଯାହା ଫଟୋଗ୍ରାଫର୍ ଏକ ଦୃଷ୍ଟାନ୍ତ । ପାଉଡ଼ିଭୂୟାଁ ଉନ୍ନୟନ କାର୍ଯ୍ୟ ନିର୍ବାହ କରିବା ଅବସରରେ ଜଣେ 'ଫଟୋଗ୍ରାଫର୍‌ଙ୍କ ସହ ସାକ୍ଷାତ ହୁଏ । ସେ ତାଙ୍କର ବ୍ୟବସାୟିକ ଅନୁରୋଧରେ ତାଙ୍କୁ କିଛି ସହାୟତା ଦେବାକୁ କହିଲେ । ମୁଁ ତାଙ୍କୁ କହିଲି "ଆମରତ ତୁମକୁ ସାହାଯ୍ୟ କଲାଭଳି କୌଣସି କାର୍ଯ୍ୟ ନାହିଁ । ଯଦି ସବମ୍ଭ ହୁଏ ଆମର ବିଭିନ୍ନ ହିତାଧିକାରୀଙ୍କର କୃଷି ଓ ଫଳୋଦ୍ୟାନ, ସେଚକୂପ, ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ବା ସଭାସମିତି ସମୟରେ ଫଟୋ ଉତ୍ତୋଳନ ପାଇଁ ତୁମକୁ ଡକାଯାଇପାରେ" । ସେୟା ହେଲା, କିଛି କିଛି ଫଟୋ ଉଠାଇ ସେ ସନ୍ତୁଷ୍ଟ ହେଲେ । ଦିନେ ସେ କହିଲେ "ଆଉ ଟିକିଏ ଫଟୋ ଉତ୍ତୋଳନ କାର୍ଯ୍ୟକ୍ରମକୁ ବୃଦ୍ଧି କଲେ ଭଲ ହୁଅନ୍ତା" । ତା'ପରେ ଏହା କିପରି ବୃଦ୍ଧି କରାଯିବ ମୁଁ  ଚିନ୍ତାକଲି । ସେ ଟିକେ ସୂଚନା ଦେଇ କହିଲେ ପ୍ରତି ପରିବାରର ସଦସ୍ୟମାନଙ୍କର ଗୋଟିଏ ଲେଖାଏଁ ଫଟୋ ପରିଚୟ ପତ୍ର ପ୍ରସ୍ତୁତ କଲେ ଭଲ ହୁଅନ୍ତା । ତା ପରେ ମୁଁ ଭାବିଲି ଏହି ପରିଚୟପତ୍ରରେ ହିତାଧିକାରୀଙ୍କ ନାମ, ବୟସ, ଠିକଣା, କର୍ମ, ଆୟ, ଶିକ୍ଷାଗତ ଯୋଗ୍ୟତା ଇତ୍ୟାଦି ସହ ବିଭିନ୍ନ ସମୟରେ ପ୍ରାପ୍ତ ସରକାରୀ ସାହାଯ୍ୟ ଦରଜ କରା ଯାଇ ସବୁ ସମୟପାଇଁ ଏକ ତଥ୍ୟ ଭିତ୍ତିକ ପରିଚୟ ଲିପିବଦ୍ଧ ହୋଇ ରହିପାରନ୍ତା । ଏହାଦ୍ୱାରା ହିତାଧିକାରୀ ବିଭିନ୍ନ ସମୟରେ ସାହାଯ୍ୟ ପାଇବାରେ ସହାୟକ ହୋଇପାରନ୍ତା । ପ୍ରକଳ୍ପ କାର୍ଯ୍ୟ ଦର୍ପଣ ଭଳି କାମ କରନ୍ତା । ଏହି ପ୍ରସ୍ତାବଟି ଉପସ୍ଥାପନା କରିବାରୁ ପରିଚାଳନା କମିଟିଦ୍ୱାରା ଅନୁମୋଦିତ ହେଲା ଓ ପରିଚୟ ପତ୍ର ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହେଲା । ଏହି ପରିଚୟପତ୍ରରେ ସମସ୍ତଙ୍କର ପାସ୍‌ପୋର୍ଟ ସାଇଜ୍  ଫଟୋ ଯୋଡ଼ାଯାଇ ପରିଚୟ ପତ୍ର ସଜଡ଼ା ହେବାକୁ ସ୍ଥିର ହେଲା  । ସମସ୍ତଙ୍କର ଫଟୋ ଉତ୍ତୋଳନପାଇଁ ଆଦେଶ ଦିଆଗଲା । ଏହିଭଳି ପରିଚୟ ପତ୍ର ପ୍ରସ୍ତୁତିର ଚିନ୍ତାଧାରା ସୃଷ୍ଟି ହେଲା । ତେଣୁ ଏହି ଫଟୋଗ୍ରାଫରର ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନପାଇଁ ଖୋରାକ ଯୋଗାଇ ଥିଲା କହିଲେ ଅତ୍ୟୁକ୍ତି ହେବନି ।

❖❖❖

# ପାଉଡ଼ିଭୂୟାଁ କୃଷ-ସାରବିହନ ସହାୟତାର ଦୁରୁପଯୋଗ

ପାଉଡ଼ିଭୂୟାଁର ଜୀବନ ପ୍ରକୃତିଦ୍ୱାରା ନିୟନ୍ତିତ । ଏହାର ଖାଦ୍ୟପେୟ, ବସ୍ତ୍ର, କୃଷି, ଶିକ୍ଷ, ଜୀବିକା, ଧର୍ମ, କର୍ମ, ସମାଜ, ସଂସ୍କୃତି ଇତ୍ୟାଦିରେ ପ୍ରକୃତି ହିଁ ଉପଲବ୍ଧ । ଏଇ ଯେପରି ଖାଦ୍ୟପେୟ ଓ ବସ୍ତ୍ର କଥା ଚିନ୍ତା କରାଯାଉ । ତା'ର ପାରମ୍ପରିକ ଖାଦ୍ୟାଭ୍ୟାସରେ ବ୍ୟବହାର କରୁଥିବା ଜଙ୍ଗଲଜାତଫଳ, ମୂଳ, ଯଥା ଟୁଙ୍ଗା, କରବା, ପିଛୁଳି, ଟୋଲ୍, ଚାର, କେନ୍ଦୁ, ଆମ୍ବ,ପଣସ, ମହୁଲ, ଆମ୍ବେଡ଼ା, ଡ଼ିମ୍ବିରି, ଖଜୁରି, ହରିଡ଼ା, ବାହାଡ଼ା, କୁରଡୁ, ଜାମୁ, ଅଁଳା, ମରାଡି(କଡ଼ିକିଆ), କାଙ୍କଣ (କାଙ୍କଡ଼), ଅଷାଳିଆ (ଅଷାଢୁଆ), କାଦୋବଢଲ(ଆତ), କଣିଆ, ସଲପ୍ ଗଛର ଫଳ, ଜଙ୍ଗଲୀ ଶାଗ ଯଥା - କୋଇଲିର ଶାଗ ଇତ୍ୟାଦି ଜଙ୍ଗଲରୁ ବା ପାହାଡ଼ରୁ ସ୍ୱତଃ ଉତ୍ପନ୍ନ ହୁଏ । ଏସବୁ ଉତ୍ପାଦନପାଇଁ କୃତ୍ରିମ ଉପାୟରେ ଭୂମିକର୍ଷଣ କରିବା, ଘାସ ବାଛିବା, କୋଡ଼ାଖୁସା କରିବା, ଜଳସେଚନ କରିବା, ସାରବିହନ ପ୍ରୟୋଗ କରିବା ଆବଶ୍ୟକ ହୁଏନି । ଏସବୁର ବୀଜ ରୋପଣ, ଅଙ୍କୁରୋଦ୍‌ଗମ, ବୃକ୍ଷର କ୍ରମବୃଦ୍ଧି, ଫୁଲ, ଫଳ, ମୂଳ, ପତ୍ର ଇତ୍ୟାଦିର ସୃଷ୍ଟି ପ୍ରକୃତିଦ୍ୱାରା ସଂଗଠିତ ହୋଇଥାଏ । ପ୍ରକୃତି ତା'ର ବ୍ୟବସ୍ଥା କରିଥାଏ । ବୃକ୍ଷ ଚେରଦ୍ୱାରା ଭୂତଳଜଳ ଆହରଣ ହୋଇ ଜଳସେଚିତ ହୋଇଥାଏ ।

ପୁନଶ୍ଚ ପ୍ରକୃତିଦ୍ୱାରା ସୃଷ୍ଟ ଓ ପରିପୁଷ୍ଟ ବୃକ୍ଷଲତାର ତନ୍ତୁରୁ ଆଦିବାସୀର ପରିଧାନ ପ୍ରସ୍ତୁତ ହୁଏ । (ଅଧୁନା ଏହା ପରିବର୍ତ୍ତେ ଆଧୁନିକ କାର୍ପାସ ବସ୍ତ୍ର ବ୍ୟବହୃତ ହେଲାଣି) ।

ଗୃହ ନିର୍ମାଣ ସାମଗ୍ରୀ ଯଥା - ଶାଳପତ୍ର, ଜଙ୍ଗଲୀ ଘାସ (ଛଣ) ସିଆଳି ପଟ, ସିଆଳି ପତ୍ର, ଗଛପତ୍ର, କାଠ, ବାଉଁଶଆଦି ସ୍ୱତନ୍ତ୍ର ସୃଷ୍ଟି ହୋଇଥିବା ବୃକ୍ଷ-ଲତାମାନ ସଂଗୃହୀତହୋଇ ଗୃହନିର୍ମାଣରେ ଉପଯୋଗ ହୁଏ । ଗୃହ ଉପକରଣପାଇଁ ଶିଆଳିପତ୍ର ଭୋଜନ ପାତ୍ର ଯଥା ଖଲି ଓ ଚଉତି ପ୍ରସ୍ତୁତି, କାଷ୍ଠପାତ୍ର, ଯଥା - ବେଲା (କଂସା), ଗିନା, ଚଟୁ, ଡ଼ଙ୍କାଆଦି ପ୍ରସ୍ତୁତ ହୋଇଥାଏ । ଶସ୍ୟ ଆଦି ମାପିବାପାଇଁ କାଠରେ 'ପାଇ' ତିଆରି ହୋଇଥାଏ । ଶାଳପତ୍ର, ତାଳପତ୍ର ଓ ବାଉଁଶ ପାତରେ ଛତା, ଘୁଙ୍ଗ(ଝାମ୍ପି), ଝାମ୍ପଲ(ପକ୍ଷିଆ) ହୋଇଥାଏ । ପାଦର କଠଉ, ବାଦ୍ୟଯନ୍ତ୍ର, ଯଥା- ଢ଼ୋଲ, ଚାଙ୍ଗୁ,

ଘୁଡୁକି, ଖିଡକ (ଦାସକାଠି), ଖଜଣି ପେଁକାଳି, ବଂଶୀ, ଖେଳ ସାମଗ୍ରୀ କେଲବାଡି(ଟୁଙ୍ଗିବାଡ଼ି), ଫେଟି, ବାଟୁଲିଖଡ଼ା, କଣିଆ (ଛଢେଇମରା ଜନ୍ତା), ମିଟିକା (ଛିଟିକିଣି), ଫାସ, ଫେଟି, ବାଡି ସବୁ ପ୍ରକୃତିଦତ୍ତ ଉପାଦାନରୁ ପ୍ରସ୍ତୁତ ହୋଇଥାଏ । ଜଙ୍ଗଲି ମାଂସ ପାଇଁ ପ୍ରକୃତିଦ୍ୱାରା ସ୍ୱତଃ ସୃଷ୍ଟ ଓ ପରିପୁଷ୍ଟ ପଶୁ, ପକ୍ଷୀ, ଶିକାର କରି ଭକ୍ଷଣ କରିଥାଏ । ଏଥିପାଇଁ ପ୍ରକୃତି ଉପାଦାନରୁ ଉପକରଣ ଯଥା – କାଣ୍ଡିଆ, ଫାଶ, ଫେଟି ଓ ଠେଙ୍ଗା ପ୍ରଭୃତି  ପ୍ରସ୍ତୁତ ହୋଇ ଥାଏ । କୃଷି ଉପକରଣ ଯଥା ନଙ୍ଗଳ, ନଙ୍ଗଳ ଦଉଡ଼ି, ଯତ୍(ଯୋତ), ପଘା, ଖଣତା(ଖଣତି), କୋଦାଳି (କୋଡି), ରଫା (ଫାଉଡା), ଗଜଣି (ଗୋଜଣା), କେରୁଆଡ (କାତୁଆ), ଡଙ୍ଗା (ଗୋରୁଖିଆ କୁଣ୍ଡ), ବେଙ୍ଗେଳା ମେଢ଼ି, ଧାଉଣି (ଦାଉଣି), କାଙ୍ଗକାନି (ଉଖୁଣି), ଶଗଡ଼ି, ଟିପେଇ (ଘୁଡା), ଖୁଣ୍ଟବାଡି (ବାକୁଲି), ପଞ୍ଜାରି (ଅର), ପହି, କାନକିଳି (ଅନିକିଳି), ଅଖ, ଦଣ୍ଡା (ଇଷାଣି), ଜିଆଳି (ଝୁରାଡିହ), ପ୍ରଭୃତି ପ୍ରକୃତି ସୃଷ୍ଟ କାଠ ଓ ଗଛର ତନ୍ତୁରୁ ପ୍ରସ୍ତୁତ ହୋଇଥାଏ ।

ପରବର୍ତ୍ତୀ ସମୟରେ ସେମାନେ ପାରମ୍ପରିକ ଖାଦ୍ୟଶସ୍ୟ ବ୍ୟତୀତ କିଛି ଆଧୁନିକ ପ୍ରଣାଳୀର ଚାଷ ବା ଆଧୁନିକ ଚାଷ କରିବାକୁ ପ୍ରୟାସ କଲେ । ଏହି ଖାଦ୍ୟ ଶସ୍ୟ ସେମାନଙ୍କର ପାରମ୍ପରିକ ଖାଦ୍ୟଶସ୍ୟ । ସେଗୁଡ଼ିକ ହେଲା ଜହ୍ନା (ଗଙ୍ଗେଇ), ବାଜରା, ମକା, କାନ୍ଦୁଲ, ରୁମ୍ବା, ସିଙ୍କ, ଜାଲି, ଗୁଲ୍‌ଜି, ଢୁଙ୍କ , ମାଣ୍ଡିଆ, କୋଳଥ, ବିରି, ସୁତୁରି, ଇତ୍ୟାଦି ଶସ୍ୟ ଓ କଖାରୁ, କାକୁଡ଼ି, ଝୁଡ଼ଙ୍ଗ, ଭେଣ୍ଡି, ଜହ୍ନି, ଦୁଦୁକା ଇତ୍ୟାଦି ପରିବା ।

ଏସବୁକୁ ଚାଷକରିବାପାଇଁ କେବଳ ପ୍ରକୃତିଦତ୍ତ ଜୈବିକ ସାର ଉପଯୋଗ ହୋଇଥାଏ । କାଠର ଗୋଜଣାଦ୍ୱାରା ଖୁସାଇ କରି ବୀଜବପନ କରାଯାଇଥାଏ । ସମତଳ ହୋଇଥିଲେ ଚାଷ କରି ମଞ୍ଜି ବୁଣା ଯାଇଥାଏ । ଏଥିରେ କୌଣସି ଜଳସେଚନର ବ୍ୟବସ୍ଥା କରାଯାଇ ନଥାଏ । ସ୍ୱତଃ, ବୃଷ୍ଟି ଜଳରୁ ଏହା ଜଳ ପାଇ ଥାଏ ।

ସ୍ୱାଧୀନତାର ପରବର୍ତ୍ତୀ ସମୟରେ ସରକାରଙ୍କଦ୍ୱାରା ଦଳିତ ଜାତିର ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶଧାରାକୁ ସମାଜର ସାଧାରଣ ସ୍ରୋତରେ ସାମିଲ କରିବାକୁ ବ୍ୟବସ୍ଥା କରାଗଲା । ଏଥିପାଇଁ ପାଉଡ଼ିଭୂୟାଁ ଭଳି ଅନନ୍ୟ ଆଦିମ ଜନଜାତିକୁ ଆଧୁନିକ ପ୍ରଣାଳୀରେ ଚାଷ ଓ ଫଳୋଦ୍ୟାନ କରିବାକୁ ପ୍ରବର୍ତ୍ତାଗଲା । ଋଣ ଓ ରିହାତିର ବ୍ୟବସ୍ଥା କରାଗଲା ।

ଆଧୁନିକ ପ୍ରଣାଳୀରେ ଚାଷପାଇଁ ଆବଶ୍ୟକୀୟ ସାର ଓ ବିହନ ଏହି ପାଉଡ଼ିଭୂୟାଁ ସଂସ୍ଥାଦ୍ୱାରା ହିତାଧିକାରୀଙ୍କୁ ଯୋଗାଇ ଦିଆଯିବାପାଇଁ ବ୍ୟବସ୍ଥା କରଗଲା । ହେଲେ ଏ ସାରବିହନ ପ୍ରୟୋଗର ତାତ୍ପର୍ଯ୍ୟ ପାଉଡ଼ିଭୂୟାଁ ବୁଝିବାକୁ କଷ୍ଟସାଧ୍ୟ ହୋଇପଡ଼ିଲା । କୃତ୍ରିମ ସାର ଓ ଅଧିକ ଅମଳକ୍ଷମ ବିହନପ୍ରୟୋଗରେ ଅଧିକ ଅମଳ କରିବାର ଚିନ୍ତାଧାରା ସେମାନଙ୍କ ମୁଣ୍ଡକୁ ପଶିପାରିଲାନି । ସ୍ଥାନୀୟ ଶୋଷଣକାରୀଙ୍କ କୁପ୍ରରୋଚନାରେ ଏହି ସହାୟତା ସ୍ୱରୂପ ପ୍ରାପ୍ତ ସାର ଓ ବିହନକୁ ବିକ୍ରୟ କରାଗଲା । ପାରମ୍ପରିକ ବିହନଦ୍ୱାରା ଚାଷ କରାଗଲା । ସାର ପ୍ରୟୋଗ ନକରି ସ୍ୱତଃ ଉତ୍ପାଦନକୁ ଅପେକ୍ଷା କଲା । ସାର, ବିହନ ବିକ୍ରୟଲବ୍ଧ ଅର୍ଥକୁଦେଇ ମଦ ପିଇଲା । ଅନ୍ୟ ବାଟରେ ବିନିର୍ବ୍ୟୟ କଲା । ଏଭଳି ସ୍ଥାନୀୟ ଲୋକଙ୍କଦ୍ୱାରା ଶୋଷଣର କବଳିତ ହୋଇ ସରକାରଙ୍କର ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇଗଲା ଏହି ଆଦିମ ଜନଜାତିର ଅବୋଧ ହିତାଧିକାରୀ ।

କୃଷି କିମ୍ବା ଅନ୍ୟ ଜୀବିକାରେ ପାରମ୍ପରିକ ପଦ୍ଧତି ପରିବର୍ତ୍ତନ ସମୟରେ ସରକାରୀ ସାହାଯ୍ୟର ଦୁରୁପୋଯୋଗ ପ୍ରତି ସତର୍କ ରହିବା ଆବଶ୍ୟକ ।

ମୁଁ ଏ ଅସାଧୁ ବ୍ୟକ୍ତିମାନଙ୍କର ଶୋଷଣ ପ୍ରତି ବିଶେଷ ସଚେତନ ଥିଲି । ସାରବିହନ କେବଳ ସେମାନଙ୍କୁ ଯୋଗାଇଦେଇ ମୁଁ କର୍ତ୍ତବ୍ୟ ସାରିଦେଉନଥିଲି । ଏହି ସାର ବିହନ ଯେପରି କୃଷିକ୍ଷେତ୍ରରେ ପ୍ରୟୋଗ ହେବ ତାହା ପ୍ରତି ମୁଁ ଯତ୍ନବାନ ହେଉଥିଲି଼ଫା କର୍ମଚାରୀ ମାନଙ୍କ ଜରିଆରେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଉଥିଲି । ଦୁରୁପଯୋଗ ନକରି ଯେତେବେଳେ ସାର, ବିହନ ଓ କୀଟନାଶକ ଔଷଧ ଉପଯୁକ୍ତ ବିନିଯୋଗକଲା, ପାଉଡ଼ିଭୂୟାଁ ଚାଷୀ ଅଧିକ ଅମଳ ପାଇ ବିଶେଷ ଖୁସି ହେଉଥିଲା ।

❖❖❖

# ପ୍ରାଚୀନ ଜନଜାତି ବିକାଶରେ ଏକ ସଫଳତାର କାହାଣୀ

ବଣମଲ୍ଲୀ ବଣରେ ଫୁଟି ମଉଳିଯାଏ । ଏ ଫୁଲକୁ ଦେବଲାଗି କରାଇବା ବା ଏହାର ମହକକୁ ଚତୁର୍ଦ୍ଦିଗରେ ଚହଟାଇବାପାଇଁ ଚେଷ୍ଟାକଲେ ନିଶ୍ଚୟ ଫଳ ମିଳିବ । ଏକଥା ମୁଁ ଉପଲବ୍ଧି କରିଥିଲି କେତେଜଣ ପାଉଡ଼ିଭୂୟାଁ ପୁଅ-ଝିଅଙ୍କଠାରେ, ଯେଉଁମାନଙ୍କୁ ଶିକ୍ଷା ଓ ସଚେତନାତାର ବାଟ ଦେଖାଇବାକୁ ଆପ୍ରାଣ ଚେଷ୍ଟା ଜାରି ରଖିଥିଲି । ସେଇମାନଙ୍କ ମଧ୍ୟରୁ କର୍ମୁ ନାୟକ ଜଣେ । ମାଟ୍ରିକ୍ ପାସ୍ କରି କଲେଜ୍‌ରେ ପଢ଼ିବାର ସ୍ୱପ୍ନକୁ ସାକାର କରିବାପାଇଁ ମୁଁ ତା' ପଛେପଛେ ଲାଗିଥିଲି । ଆର୍ଥିକ ସହାୟତା ପ୍ରତିବନ୍ଧକ ନ ହେଉ ସେଥିପାଇଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ପାଣ୍ଠିରୁ ଆବଶ୍ୟକୀୟ ପଢ଼ା ଓ ହଷ୍ଟେଲ ଖର୍ଚ୍ଚ (ଷ୍ଟାଇପେଣ୍ଡ୍ ଅର୍ଥ ଯଥେଷ୍ଟ ନହେବାରୁ) ବହନ କରିବାର ବ୍ୟବସ୍ଥା କରିଥିଲି । କଲେଜ୍ ପଢ଼ା ବେଶୀବାଟ ଗଲାନି । ଏଇ ପୁଅଟିକୁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାରେ ଜଣେ ଏମ.ପି.ସି (ବହୁମୁଖୀ ସଂଯୋଜକ) ଭାବେ ନିଯୁକ୍ତ କରି ତା'ର ଜୀବିକା ଯୋଗାଇଲି । ଏହି କାର୍ଯ୍ୟରେ ସେ ସନ୍ତୁଷ୍ଟ ରହି ସେ ନିଜର ଚାଷକାର୍ଯ୍ୟ ଆଧୁନିକ ପ୍ରଣାଳୀରେ ତ୍ୱରାନ୍ୱିତ କରୁଥିଲା । ପରବର୍ତ୍ତୀ ସମୟରେ ନବ ପ୍ରତିଷ୍ଠିତ ଖୁଣ୍ଟଗାଁ ଆବାସିକ ସେବାଶ୍ରମରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇ ପାଉଡ଼ିଭୂୟାଁ ଜାତିର ଗର୍ବ ଓ ଗୌରବ ସାଜିଲା । ତାକୁ ମୁଁ ଦିନେ ପାଉଡ଼ିଭୂୟାଁର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚିତ୍ର ଉପରେ କିଛି ଟିପ୍ପଣୀ ଦେବାକୁ କହିଥିଲି । ତା'ର ପ୍ରତ୍ୟୁତ୍ପନ୍ନ ମସ୍ତିଷ୍କରୁ ପାଉଡ଼ିଭୂୟାଁର ସାମାଜିକ ଓ ସାଂସ୍କୃତିକ ଅବସ୍ଥା ଉପରେ ଏକ ସାମଗ୍ରିକ ଟିପ୍ପଣୀ ଦେଇଥିଲା ; ଯାହା ଦେଖି ମୁଁ ଆନନ୍ଦିତ ହୋଇଥିଲି । ସେ ଟିପ୍ପଣୀ ଏହି ପୁସ୍ତକରେ ଅନ୍ୟତ୍ର ଉଲ୍ଲେଖ କରାଯାଇଅଛି । ଯାହା ମୋ' ଆଲେଖ୍ୟକୁ ସମ୍ୟକ୍ ଖୋରାକ୍ ଯୋଗାଇଛି ।

❖❖❖

# ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା

ପାଉଡ଼ିଭୂୟାଁ ଅଞ୍ଚଳରେ ନାରୀ ଶିକ୍ଷା ଓ ସାକ୍ଷରତା ସେତେବେଳେ ଶୁନ୍ୟ ସ୍ତରରେ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଶୂନ୍ୟ ସଂଖ୍ୟାକୁ ଅତିକ୍ରମ କରିଥିଲା ଗୋଟିଏ ଝିଅ , ରଞ୍ଜା ଗ୍ରାମର ଶରଦୀ ଦେଈ । ସେ ଝିଅଟି ମାତ୍ର ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ସେଇ ଗାଁରେ ବିବାହ କରି ରହିଥିଲା । ଅବଶ୍ୟ ଏହି ଅବସ୍ଥା ସୁଧାରିବାପାଇଁ ମୁଁ ପରବର୍ତ୍ତୀ ସମୟରେ ବହୁଚେଷ୍ଟା କରି ନାରୀଶିକ୍ଷାକୁ ତ୍ୱରାନ୍ୱିତ କଲି । ଶତକଡା ୨୫ ଭାଗ ପର୍ଯ୍ୟନ୍ତ ନାରୀ ସାକ୍ଷର କରାଇଲି । ଏହାର ପୂର୍ବବର୍ତ୍ତୀ ସମୟରେ ଯେତେବେଳେ ଏକ ମାତ୍ର ନାରୀ  ଶରଦୀ ଦେଈ ସାକ୍ଷର ଥିଲା ତା'ର ସୀମିତ ଶିକ୍ଷା ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା ସଦୃଶ ଭାବିଥିଲି । ଯେତେବେଳେ ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକଙ୍କ ଚିନ୍ତାଧାରାରେ ପାଉଡ଼ିଭୂୟାଁ ମହିଳା ସମବାୟ ସମିତି ଗଠନ କରଗଲା, ତାହାର ସଭାପତି ଭାବେ ତାକୁ ମନୋନୀତ କରାଯାଇଥିଲା । ଯେଉଁ ପରିସ୍ଥିତିରେ ପାଉଡ଼ିଭୂୟାଁ ଶିକ୍ଷିତ ମହିଳା ଆବଶ୍ୟକ ହୁଏ ଶରଦୀ  ହିଁ ସେଠାରେ ଉପସ୍ଥିତ ହୁଏ । କିଛି ବର୍ଷ ପରେ ହଳଦିକୁନ୍ଦର ଗ୍ରାମପଞ୍ଚାୟତ ନୂତନ ଭାବେ ଗଠିତ ହେଲା ଓ ଆଦିବାସୀ ମହିଳାଭାବେ ନିର୍ବାଚିତାହୋଇ ସଂରକ୍ଷିତ ଆସନରୁ ସେ ସରପଞ୍ଚ ଭାବେ କାର୍ଯ୍ୟ ସମ୍ପାଦନ କରି ଏ ଜାତିର ଟେକ ରଖିଲା । ପାଉଡ଼ିଭୂୟାଁ ଉନ୍ନୟନର ଅନ୍ୟ ସଫଳତାର କାହାଣୀ ହେଉଛି ଏଇ ଶରଦୀ ଦେଈ ।

❖❖❖

# ପାଉଡ଼ିଭୂୟାଁର ଅନ୍ୟ ଏକ ସଫଳତା ଗାଥା

କାଁ ଭାଁ ଖୋଜୁ ଖୋଜୁ ଏଇ ଶିକ୍ଷିତ ଯୁବକ କର୍ମୁନାୟକ ସହିତ ଆଉ ଗୋଟିଏ କାହାଣୀ ସ୍ମୃତିକୁ ଆସିଗଲା । ବଡଜଳର ଶିକ୍ଷିତ ଯୁବକ କିଶୋରଚନ୍ଦ୍ର ଗିରି, ମାଟ୍ରିକ୍ ପାସ୍ କଲା ପରେ ପରେ ବଣେଇ କଲେଜ୍‌ରେ ଯୁକ୍ତ ଦୁଇ ଶ୍ରେଣୀରେ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସହାୟତା ଓ ତତ୍ତ୍ୱାବଧାନରେ ପଢୁଥିଲା । ସେ ଯୁକ୍ତ ଦୁଇ ପରେ ଯୁକ୍ତ ତିନି ଶ୍ରେଣୀରେ ଅଧ୍ୟୟନ କରିଥିଲେ ହେଁ ସମ୍ପୂର୍ଣ୍ଣ କରିପାରି ନଥିଲା । ପାଉଡ଼ିଭୂୟାଁ ସମ୍ପ୍ରଦାୟର ଜଣେ ଶିକ୍ଷିତ ପୁଅ ଗର୍ବ, ଗୌରବ ଓ ସମାଜର ଚେତନଶୀଳ ଯୁବକ । କିଛି ବର୍ଷ ପାଉଡ଼ିଭୂୟାଁ ସଂସ୍ଥାରେ ସ୍ୱଳ୍ପ ପାରିଶ୍ରମିକରେ ବହୁମୁଖୀ ସଂଯୋଜକ କାର୍ଯ୍ୟ କରୁଥିଲା । ମୋ'ର ଇଚ୍ଛା ଥିଲା ତାକୁ ଜଣେ ଶିକ୍ଷକ ଭାବେ ନିଯୁକ୍ତ କରିବା ପାଇଁ; କାରଣ ଆଦିମ ଜନଜାତି ମାଟ୍ରିକ୍ ପାସ୍ କରିଥିବା ଅଣତାଲିମ ପ୍ରାପ୍ତ ଯୁବକକୁ ଅଗ୍ରାଧିକାର ଭିତ୍ତିରେ ଶିକ୍ଷକ ନିଯୁକ୍ତି ଦେବାର ନିୟମ ଥିଲା । ଏ ସମ୍ପର୍କରେ ଜିଲାପାଳଙ୍କ ସହ ପରାମର୍ଶ କରିଥିଲି ; କିନ୍ତୁ ମୋର ସ୍ଥାନାନ୍ତର ହେତୁ ତା' ପାଇଁ ସରକାରୀ ନୀତିନିୟମ ଖୋଜି ସହଜ, ସରଳ ଓ ଅନୁକମ୍ପା ଭିତ୍ତିରେ ଜଣେ ଆଦିମ ଜନଜାତି ଶିକ୍ଷିତ ଯୁବକଙ୍କୁ ନିଯୁକ୍ତିର ବାଟ ଶିଖାଇବା ଅଟକିଗଲା; ତା' ପାଇଁ ଅଲଗା ରାସ୍ତା ଖୋଲାଥିଲା । ସେଇ ରାସ୍ତାରେ ସେ ଗଲା । ଦିନେ ସେ ଫୁଲଝର ଗ୍ରାମପଞ୍ଚାୟତର ଜଣେ ସରପଞ୍ଚ ଭାବେ ପ୍ରତିଷ୍ଠା ଲାଭ କରିପାରିଲା । ସେ ୨ଥର ପାଇଁ ସରପଞ୍ଚ କାର୍ଯ୍ୟ ତୁଲାଇଥିଲା । ଯାହାହେଉ ପାଉଡ଼ିଭୂୟାଁ ସେବାରେ ନିୟୋଜିତ ହେବା ସହ ସେ ତା'ର ସାମାଜିକ, ଅର୍ଥନୈତିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଲା,ଏହା କେବଳ ପାଉଡ଼ିଭୂୟାଁ ସମାଜ ପାଇଁ ନୁହେଁ,ବିକାଶ ପ୍ରାଧିକାରୀଙ୍କ ପାଇଁ ଆନନ୍ଦଦାୟକ ।

❖❖❖

# ମୁଖ୍ୟମନ୍ତ୍ରୀ ଓ ପ୍ରଦର୍ଶନୀ ମଣ୍ଡପ

ଓଡିଶାର ଆଦିବାସୀ ଜୀବନଚିତ୍ରକୁ ନେଇ ରାଜ୍ୟ ସଦରମହକୁମା ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୁଏ ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା । ଭୁବନେଶ୍ୱରର ଇଉନିଟ୍-୧ ରେ ଥିବା ସ୍ଥାୟୀ ଆଦିବାସୀ ପ୍ରଦର୍ଶନୀ ମଣ୍ଡପରେ ଏହି ପ୍ରଦର୍ଶନୀ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖଠାରୁ ଅନୁଷ୍ଠିତ ହେବାର ସରକାରୀ ବ୍ୟବସ୍ଥା ରହିଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥାନ୍ତି । ପ୍ରଦର୍ଶନୀ ମଣ୍ଡପରେ ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ଜିଲାମାନଙ୍କର ସାମାଜିକ, ଅର୍ଥନୈତିକ ବିକାଶ ଓ ସାଂସ୍କୃତିକ ଜୀବନଶୈଳୀ ଉପରେ ଆଧାରିତ ମଡେଲ୍‌ମାନ ପ୍ରସ୍ତୁତ କରି ବନବାସୀ ଜୀବନ ଚିତ୍ରକୁ ସାଧାରଣ ଲୋକ ଲୋଚନକୁ ଅଣାଯାଇଥାଏ । ପୁନଶ୍ଚ ବନଜାତ ଓ ଆଦିବାସୀର ପାରମ୍ପରିକ କୃଷିଜାତ ପଦାର୍ଥର ବିପଣନ ମଧ୍ୟ ହୋଇଥାଏ ।

ମୁଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଥିବା ସମୟରେ ବଣେଇ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ମଣ୍ଡପ ପରିଚାଳନା କରିବା ଦାୟିତ୍ୱ ବହନ କରିଥିଲି । ମଣ୍ଡପରେ ପାଉଡ଼ିଭୂୟାଁ ଜୀବନଚିତ୍ର ଉପରେ ମଡେଲ୍ ସ୍ଥାନିତ କରାଯାଉଥିଲା । ପାଉଡ଼ିଭୂୟାଁ ଲୋକନୃତ୍ୟ ଢ଼ୋଲପାଲିନାଚ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଦର୍ଶନ କରାଯାଉଥିଲା ।

ସେବର୍ଷ ଥିଲା ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ମୁଖ୍ୟମନ୍ତ୍ରୀତ୍ୱ ଅବଧିବର୍ଷ । ସେ ସେବର୍ଷ ଏହି ପ୍ରଦର୍ଶନୀ ମଣ୍ଡପକୁ ନିମନ୍ତ୍ରିତ ହୋଇଥିଲେ । ମନ୍ତ୍ରୀ ରାମଚନ୍ଦ୍ର ଉଲ୍ଲାକାଙ୍କ ସହ ମଣ୍ଡପ ବୁଲି ଦେଖିଲେ । ଉଦ୍‌ଘାଟନୀ ସଭାରେ ଭାଷଣ ଦେଲେ । ଏହି ଭାଷଣ ପ୍ରସଙ୍ଗରେ ସେ ବ୍ୟକ୍ତ କରିଥିଲେ ଯେ "ସାଧାରଣ ଲୋକ ଭାବନ୍ତି ଆଦିବାସୀମାନେ ଦାରିଦ୍ର୍ୟ ଯୋଗୁ ବଣ ଜଙ୍ଗଲରେ କନ୍ଦା, ଫଳମୂଳ, ଶାଗ, ଫୁଲ, ପତ୍ର ଭକ୍ଷଣ କରି ଉଦର ପୋଷଣ କରନ୍ତି । ବାସ୍ତବିକ ସେଇଆ ନୁହେଁ । ଆଦିବାସୀଙ୍କ ନିକଟରେ ପ୍ରଚୁର ସମ୍ପତ୍ତି ନଥାଇପାରେ କିନ୍ତୁ ମୂଲ୍ୟବାନ ସମ୍ପତ୍ତିର ଅଧିକାରୀ ସେମାନେ । ସେ ଖାଉଥିବା ଫଳ, ମୂଳ, ଶସ୍ୟ, ଶାଗ, ଫୁଲ ଆଦି ଜଙ୍ଗଲ ଉତ୍ପାଦିତ ଖାଦ୍ୟ ଦାରିଦ୍ର୍ୟ ଯୋଗୁ ଭକ୍ଷଣ କରନ୍ତି ନାହିଁ, ବରଂ ପାରମ୍ପରିକ ଖାଦ୍ୟାଭ୍ୟାସରେ ସେ ଯେଉଁ ଖାଦ୍ୟପ୍ରାଣ ପାଇଥାନ୍ତି ତାହା ସାଧାରଣ

ଲୋକଙ୍କର ଖାଦ୍ୟଠାରୁ ଅଧିକ ପୁଷ୍ଟିବର୍ଦ୍ଧକ । ସେଥିପାଇଁ ଆଦିବାସୀମାନେ ବଳିଷ୍ଠ, ହୃଷ୍ଟପୁଷ୍ଟ ଓ କଷ୍ଟସହିଷ୍ଣୁ । ଏଭଳି ମୂଲ୍ୟବାନ ଖାଦ୍ୟପେୟ, ଜୀବନଶୈଳୀ ନିର୍ବାହପାଇଁ ସାମାଜିକ, ଅର୍ଥନୈତିକ, ଓ ସାଂସ୍କୃତିକ ସମ୍ପର୍କିତ ଉପାଦାନ ବନଜନନୀ, ପ୍ରକୃତିରାଣୀ ତାପାଇଁ ଗଚ୍ଛିତ ରଖିଛି । ଏହି ପରିପ୍ରେକ୍ଷୀରେ ସେ ପ୍ରାଚୁର୍ଯ୍ୟର ଅଧିକାରୀ । ଦରିଦ୍ର ନୁହେଁ"।

ଶ୍ରୀ ଯୁକ୍ତ ରାମଚନ୍ଦ୍ର ଉଲ୍ଲାକା ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗର ମନ୍ତ୍ରୀ ମହୋଦୟଙ୍କର ମନ୍ତବ୍ୟ - "କର୍ମଚାରୀମାନେ ପ୍ରଦର୍ଶନୀ ମଣ୍ଡପରେ ଆଦିବାସୀ ଜୀବନଶୈଳୀ ର ଚିତ୍ର ତଥା ସାମାଜିକ ଓ ଅର୍ଥନୈତିକ ବିକାଶଧାରାକୁ ନେଇ ଯେପରି ନିଖୁଣ ଭାବେ ମଡ଼େଲ୍ ରୂପ ଦେଇଛନ୍ତି ଏହା ଦର୍ଶକ ମନକୁ ଛୁଇଁଛି ଏବଂ ବେଶ୍ ଉପଭୋଗ୍ୟ ହୋଇଛି । ଏଇଭଳି ବିକାଶଧାରାକୁ ବାସ୍ତବକ୍ଷେତ୍ରରେ ଆଦିବାସୀଙ୍କପାଇଁ ସୃଷ୍ଟି କରାଗଲେ ଆଦିବାସୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ କଷ୍ଟସାପେକ୍ଷ ହୁଅନ୍ତାନି"।

ଅନ୍ୟ ଏକ ବର୍ଷ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ଅବଧିବର୍ଷ । ସେ ପ୍ରଦର୍ଶନୀ ମଣ୍ଡପ ବୁଲି ଦେଖିବା ପରେ ମନ୍ତବ୍ୟ ପ୍ରଦାନ କରିଥିଲେ ଯେ ବାସ୍ତବିକ ସୁନ୍ଦର ଜୀବନ ଏ ଓଡ଼ିଶାର ବଣ ଜଙ୍ଗଲରେ ଲୁକ୍‌କାୟିତ ହୋଇ ରହିଛି । ସେମାନଙ୍କ ବିକାଶପାଇଁ ସରକାର ବହୁମୁଖୀ ଯୋଜନା ମାଧ୍ୟମରେ ଚେଷ୍ଟା କରୁଛନ୍ତି । ଏହାର ଉତ୍ତରୋତ୍ତର ଉନ୍ନତି ଆବଶ୍ୟକ । କର୍ମଚାରୀମାନେ ଏ ଦିଗରେ ବିଶେଷ ଯତ୍ନବାନ ହୁଅନ୍ତୁ"।

❖❖❖

# ଶରଦୀ ଦେଈ

ରଞ୍ଜା ଏକ ପାଉଡ଼ିଭୂୟାଁ ଜନବସତି । ଏଗାଁକୁ ଯାଇଥିଲି ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶର ଅନୁଧ୍ୟାନ କରିବାକୁ । ଗାଁ ଭିତରେ ପ୍ରବେଶ କରୁ କରୁ ଦେଖିବାକୁ ପାଇଲି ସେଇ ପାଉଡ଼ିଭୂୟାଁ ରମଣୀ ଶରଦୀ ଦେଈକୁ । ତା କଥା ବେଳେ ବେଳେ କୌତୂହଳ ଜାତ କରେ; ତେଣୁ ସ୍ମୃତିରେ ଆଉ କିଛି କଥା ଆସିଯାଏ । ଶରଦୀ ସହ ମୋର ପ୍ରଥମ ଦିନର ସାକ୍ଷାତ କଥା କହୁଚି । ଏଇଦିନ ମୁଁ ଶରଦୀ ଦେଈ ସହ ସାକ୍ଷାତ ହେଲାବେଳେ ଦେଖିଲି ଦାଣ୍ଡରେ କିଛି ଶିଆଳି ପତ୍ରର ଖଲି ପାରିଦେଇଚି । ସେଥିରେ କ'ଣ ଗୋଟେ ଜିନିଷ ଯାହାକି ମୂଳ ଜାତୀୟ ଅଟେ, ଚେକିଚେକି କଟାଯାଇଛି ଓ ସେଗୁଡ଼ିକୁ ଖରାରେ ଶୁଖାଇଛି । ମୁଁ ପଚାରିଲି "ଏ ଜିନିଷ କ'ଣ" ? ସେ ସ୍ମିତ ହସି ସଲଜ୍ଜ ମୁଖରେ ଉତ୍ତର ଦେଲା "ଇଏ ଜଙ୍ଗଲି କନ୍ଦା ଆଞ୍ଜା । ଏହାକୁ ଆମେ ଖାଉ, ଏହାକୁ ଚେକି ଚେକି କରି କାଟି ସାମନ୍ୟ ଲୁଣ ହଳଦୀ ମିଶା ଗରମପାଣିରେ ପକାଇ ତାପରେ ଉଠାଇ ଖରାରେ ଶୁଖାଇ ରଖିଥାଉ । ଯେତେବେଳେ ଆବଶ୍ୟକ ହୁଏ ଏହାକୁ ପାଣିରେ ବତୁରାଇ, ସିଝାଇ ଭଜା ବା ତରକାରୀ କରି ଗଙ୍ଗେଇ ଭାତ କିମ୍ବା ଚାଉଳ ଭାତ ସହ ଖାଇଥାଉ" । ଭୁଲି ଯାଇଥିଲି ପ୍ରଥମ ସାକ୍ଷାତରେ ସେ ମତେ ଜୁହାର କରି ଅତିଥି ସତ୍କାର କରିଥିଲା । ମୁଁ ଝିଅଟିର ହାବଭାବ ଓ କଥାଶୈଳୀରୁ ଠଉରେଇ ନେଲି ଝିଅଟି ଟିକିଏ ବାହ୍ୟଜ୍ଞାନ ଲାଭ କରିଥାଇପାରେ । ପଚାରିଲି "ଝିଅ ! ତୋ ନା କଣ" ? ଉତ୍ତର ଦେଲା "ଶରଦୀ ଦେଈ" । ପ୍ର – "ତୁ ପାଠ ପଢ଼ିଛୁ" ? ଉ –ହସିଲା ଓ ନିରବ ରହିଲା ପ୍ର – "କହୁନୁ ପଢ଼ିଛୁ କି ନାଇଁ" ? ଉ – ସଙ୍କୋଚଭରା ଉତ୍ତର "ନାଇଁ"- ପ୍ର- "ନାଇଁ କିଛି ପଢ଼ିଥିବୁ ,କହୁନୁ ଲାଜ କାହିଁକି କରୁଛୁ" ? ଉ – "ହଁ କନ୍ୟାଶ୍ରମରେ ୫ମ ପର୍ଯ୍ୟନ୍ତ ପଢ଼ିଚି" । ଏହା ଦେଖି ବଣମଲ୍ଲୀର ସନ୍ଧାନ ପାଇଗଲି । ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା, ସମ୍ପୂର୍ଣ୍ଣ ନିରକ୍ଷର ସମ୍ପ୍ରଦାୟ ପାଉଡ଼ିଭୂୟାଁ ଭିତରେ ଜଣେ ୫ମ ଶ୍ରେଣୀ ଅଧ୍ୟୟନ କରିଥିବା ନାରୀ ଏକ ସଫଳତାର ନମୁନା କହିଲେ ଅତ୍ୟୁକ୍ତି ହେବନି । ମୋ'ର କଥୋପକଥନ ପରେ ଗାଁରେ ଅନ୍ୟାନ୍ୟ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚିତ୍ର ଉପରେ ଅନୁଧ୍ୟାନ କରି ସଦର ମହକୁମାକୁ ଫେରି ଆସିଲି । – ଶରଦୀ – କିନ୍ତୁ ମୋ' ମନ ଭିତରେ ରହିଗଲା । ଏ ଯେ ଗୋଟିଏ ବନଫୁଲ ଏହାକୁ କଣ ଏଇପରି ମଉଳି

ଯିବାକୁ ଦିଆଯିବ ? ନା, ତାପାଇଁ କିଛି ଚିନ୍ତା କରିବାକୁ ପଡ଼ିବ । ମନକଥା ମନରେ ରହିଲା । ଏମିତିକା ଗୋଟେ ସମୟ ଆସିଲା, ପାଉଡ଼ିଭୂୟାଁ ମହିଳାମାନଙ୍କର ଅର୍ଥନୈତିକ ବିକାଶପାଇଁ କଥା ଉଠିଲା ।

ସେତେବେଳେ ଏହି ସଂସ୍ଥାକୁ ପଚାଶ ହଜାର ଟଙ୍କା ଦିଆହୋଇଥିଲା, ପାଉଡ଼ିଭୂୟାଁ ମହିଳାମାନଙ୍କର ଅର୍ଥନୈତିକ ବିକାଶପାଇଁ ଥରେ ସଂସ୍ଥାର ଖର୍ଚ୍ଚ ସମୀକ୍ଷା କରୁ କରୁ ଏହି ଅର୍ଥ ବିନିଯୋଗ ନହୋଇ ଗଚ୍ଛିତ ଥିବା ଦେଖି ଜିଲାପାଳ ସମବାୟ ବିଭାଗର ସହକାରୀ ନିବନ୍ଧକ, ତାଙ୍କ ସହ ପରାମର୍ଶ କରି ଗୋଟିଏ ପାଉଡ଼ିଭୂୟାଁ ମହିଳା ସମବାୟ ସମିତି ଗଠନ କରିବାକୁ ସିଦ୍ଧାନ୍ତ ହେଲା । ଏକ ସୁନ୍ଦର ଚିନ୍ତାଧାରା । ଏହି ଅର୍ଥ ଏକକାଳୀନ ବିନିଯୋଗ କରି ଶୂନ୍ୟ କରିଦେବା ବଦଳରେ ଏହାକୁ ପୌନଃପୌନିକ ପ୍ରକ୍ରିୟାରେ ଲାଭାଂଶ ସୃଷ୍ଟିର ଆବର୍ତ୍ତନପାଣ୍ଠି ରୂପେ ଖଟାଇବା ଭଳି ଚିନ୍ତନରୁ ଗଠିତ ହେଲା ପାଉଡିଭୂୟାଁ ମହିଳା ଉନ୍ନୟନ ସମବାୟ ସମିତି । ଏଥିରେ ଧନ୍ଦାମୂଳକ କାର୍ଯ୍ୟ ଯୋଡ଼ାଗଲା - ଯଥା – ମେସିନ୍‌ଦ୍ୱାରା ଖଲି ଓ ଚଉତି ପ୍ରସ୍ତୁତି, ରଶି ତିଆରି, ଏତଦ୍‌ଭିନ୍ନ ଫୁଲଝର ଓ ବୁଢ଼ାଭୂଇଁଠାରେ ଦୁଇଗୋଟି କ୍ରୟ ବିକ୍ରୟ କେନ୍ଦ୍ର ଖୋଲାଗଲା; ଯେଉଁଥିରେ ପାଉଡ଼ିଭୂୟାଁମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ବିକ୍ରୟ କରାଗଲା । ପାଉଡ଼ିଭୂୟାଁଦ୍ୱାରା ଉତ୍ପାଦିତ ସାମଗ୍ରୀ ଖଲି, ଚଉତି ଓ ରଶି ସହ ତାଙ୍କର ପାରମ୍ପରିକ କୃଷିଜାତ ଓ ବନଜାତ ସାମଗ୍ରୀ ଏଠାରେ କ୍ରୟ ଓ ବିକ୍ରୟର ସୁଯୋଗ ମିଳିଲା । ଏଭଳି ଅନ୍ୟ ଏକ ଶାଖା ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟ ପରିସରରେ ସ୍ଥାନିତ କରାଗଲା । ଏହି ଶାଖା ତରଫରୁ ହାଟରେ ମହୁଲ କ୍ରୟ କରି ଗଚ୍ଛିତ ରଖି ଲାଭରେ ବିକ୍ରି କରାଯିବାର ବ୍ୟବସ୍ଥା କରାଗଲା । ଏହି କାର୍ଯ୍ୟ ସମ୍ପାଳିବାପାଇଁ ସମବାୟ ବିଭାଗରୁ ଜଣେ ସହସମ୍ପାଦକ ଡେପୁଟେସନରେ ଅଣାଗଲା । ମୁଁ (ରଙ୍ଗ-ଡଲଲସମସକ୍ଟ) ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଭାର ଗ୍ରହଣ କଲି । ଆଉଜଣେ ଶିକ୍ଷିତା ପାଉଡ଼ିଭୂୟାଁ ମହିଳାଙ୍କୁ ଏହି ସଂସ୍ଥାର ସଭାପତି ଭାବେ ମନୋନୀତ କରିବାକୁ ଜିଲାପାଳ ପରାମର୍ଶ ଦେଲେ । ଯାହାହେଉ, ମୋ ମନ ଭିତରେ ଥିବା ସେ ବନଫୁଲ, ଖରାରେ ସିଝା କନ୍ଦା ଶୁଖାଉଥିବା ଯୁବତୀ ଶରଦୀ ଦେଈ କଥା ମନେ ପଡ଼ିଲା । ହାତୀ ସୁନା କଳସ ନେଇ ତାରି ମୁଣ୍ଡରେ ଢାଳିଲା । ସେ ହେଲା ଏହି ସମବାୟ ସମିତିର ସଭାପତି । ଏଠାରେ ଶରଦୀ ଦେଈ ପ୍ରସଙ୍ଗକୁ ଦୋହରାଇବା ତାତ୍ପର୍ଯ୍ୟ ଏହି ଯେ ମୋର ଶରଦୀ ଦେଈ ସନ୍ଧାନ, ପାଉଡି ଭୂୟାଁ ମହିଳା ସମବାୟ ସମିତି ଗଠନ, ଶିକ୍ଷିତା ପାଉଡ଼ିଭୂୟାଁ ରମଣୀ ଏହାର ସଭାପତିପାଇଁ ଆବଶ୍ୟକ,

ଏସବୁ କିପରି ସଂଯୋଗକ୍ରମେ ସଂଘଟିତ ହୁଏ, ଏହି ବିଷୟରେ କୌତହଳୀ ହେବା ।

ଅନ୍ୟତ୍ର ସୂଚାଇଦିଆଯାଇଛି ପରବର୍ତ୍ତୀ ସମୟରେ ଶରଦୀ ଦେଇ ନବଗଠିତ ହଳଦୀ କୁନ୍ଦର ଗ୍ରାମପଞ୍ଚାୟତର ସରପଞ୍ଚଭାବେ ନିର୍ବାଚିତାହୋଇ ପାଞ୍ଚ ବର୍ଷ ସୁଚାରୁରୂପେ କାମ ତୁଲାଇଥିଲା ।

ଜଙ୍ଗଲରେ ନିଜ ଜୀବନକୁ ସମାଜର ଏକ ଅଦରକାରୀ ଜୀବନ ଭାବିଥିବା ଝିଅଟି ସମାଜରେ କେତେ ଦରକାରରେ ଆସିଗଲା । ପୁଣି ଭବିଷ୍ୟତରେ ତାକୁ କେଉଁଠି କେଉଁ ରୂପରେ ସମାଜ ଦେଖିବ, ତାକୁ ଅପେକ୍ଷା କରିବା ।

ଏଠାରେ ଗୋଟିଏ ଭାବନା ମନ ଭିତରକୁ ଆସେ । ପାଉଡ଼ିଭୂୟାଁ ମହିଳା ଉନ୍ନୟନ ସମବାୟ ସମିତି ଗଠନ, ସେଥିରେ ଶରଦୀକୁ ଜଡ଼ିତ କରିବା ଓ ଶରଦୀ ଭଳି ଲୁକ୍କାୟିତ ପ୍ରତିଭାକୁ ଉଜ୍ଜୀବିତ କରିବା କୌଣସି ସରକାରୀ ନିୟମରେ ସମ୍ଭବ ହୋଇ ନାହିଁ । ଆଦିମ ଜନଜାତି ବିକାଶରେ ଭାବପ୍ରବଣ ଚିନ୍ତାଧାରାର ଏକ ନିଛକ ପ୍ରତିଫଳନ । ତୃଣମୂଳ ବିକାଶର ସଫଳ କାହାଣୀ ।

❖❖❖

# ସଂସ୍କୃତି, ସାମାଜିକ ଓ ଅର୍ଥନୈତିକ ବିକାଶର ସନ୍ଧାନ

ପାଉଡ଼ିଭୂୟାଁମାନେ କେଉଁକାଳରୁ ପାହାଡ଼ ଉପତ୍ୟକା ବା ଗଡ଼ଜାତ ଅଞ୍ଚଳରେ ରହି ଆସୁଛନ୍ତି । ସେମାନେ ପାହାଡ଼, ଜଙ୍ଗଲ, ଝରଣା ଥିବା ସ୍ଥାନକୁ ନିଜର ଆତ୍ମୀୟ ବୋଲି ଭାବିଥାନ୍ତି । ଏହାକୁ ତାଙ୍କର ଜୀବନ ଓ ଜୀବିକାର ଉତ୍ସ ଭାବେ ଗ୍ରହଣ କରିଥା'ନ୍ତି । ଜଙ୍ଗଲରୁ ଖାଦ୍ୟ, ଜଳ, ବସ୍ତ୍ର, ଔଷଧ ସବୁକିଛି ପାଇଥା'ନ୍ତି । ଡ଼ାକ୍ତରୀ ଔଷଧର ବ୍ୟବହାର ଅପେକ୍ଷା ଗୁଣି ଗାରେଡ଼ିରେ ଝଡ଼ାଫୁଙ୍କା, ଗାଁଉଲି ବଇଦରେ ବେଶୀ ବିଶ୍ୱାସ ରଖିଥାନ୍ତି । ତାଙ୍କର ପର୍ବପର୍ବାଣୀର ଢାଞ୍ଚା, ବେଶଭୂଷା, ଚାଲି ଚଳଣି, ଆଚାର, ବ୍ୟବହାର, କଥାବାର୍ତ୍ତା, ସମାଜିକ ପ୍ରଥା, ରୀତି, ନୀତି, ବିଧିବିଧାନ ଇତ୍ୟାଦି ଅନ୍ୟ ଜାତି ଓ ସମାଜଠାରୁ ଭିନ୍ନପ୍ରକାରର । ସେମାନେ ପର୍ବ-ପର୍ବାଣୀମାନଙ୍କରେ ଚାଙ୍ଗୁ ନୃତ୍ୟ ଓ ଢ଼ୋଲପାଳି ଗୀତ ବୋଲି ମନ ମଜାଇ ଥା'ନ୍ତି । ଧନୁଶର ପାଉଡ଼ିଭୂୟାଁମାନଙ୍କର ପ୍ରଧାନ ଅସ୍ତ୍ର ଓ ତା' ସାଙ୍ଗକୁ ଟାଙ୍ଗିଆ ଓ ଫାର୍ସା ମଧ । ମଦ ତାଙ୍କର ପର୍ବପର୍ବାଣୀ, ପୂଜାବିଧି, ସମାଜିକ କାର୍ଯ୍ୟକ୍ରମ ସବୁଥିରେ ପ୍ରଧାନ ପୂଜାସାମଗ୍ରୀ । ବାରମାସକୁ ତେର ପରବ ପାଳନ କରନ୍ତି । ସେମାନେ ଜଙ୍ଗଲର ଫୁଲ ଏବଂ ବିଭିନ୍ନ ରକମର ଅଳଙ୍କାରଦ୍ୱାରା ଶରୀରକୁ ଆଭୂଷିତ କରିଥା'ନ୍ତି । ତାଙ୍କ ପାଖରେ ରହିଛି ଆତ୍ମୀୟତା, ସରଳତା, ସଂଯମତା, ଆତ୍ମବିଶ୍ୱାସ, ନିରବତା, ଦୈବଧର୍ମଆସକ୍ତି, ଶାନ୍ତସ୍ୱଭାବ, ନିରାଡ଼ମ୍ବର ଜୀବନଯାପନ, ଧୈର୍ଯ୍ୟ ଓ ସାହସ । ପାଉଡ଼ିଭୂୟାଁମାନେ ସରକାର ଦେଉଥିବା ସାହାଯ୍ୟର ଅର୍ଥକୁ ବୁଝିପାରନ୍ତି ନାହାନ୍ତି । ଏହା ଫଳରେ ସହାୟତାକୁ ଅର୍ଥନୈତିକ ମେରୁଦଣ୍ଡକୁ ସୁଦୃଢ ସ୍ତମ୍ଭ ସଦୃଶ ନଭାବି ଏହାକୁ ଦାନ ଭାବି ଦୁରୁପଯୋଗ କରନ୍ତି । ପାଉଡ଼ିଭୂୟାଁ ନିଜ ମନରେ ଯାହା ଭାବେ ତାହାହିଁ କରେ । ଯାହା ଆଗରୁ କରୁଥିଲା ବର୍ତ୍ତମାନ ସେୟା କରୁଛି । ବର୍ତ୍ତମାନ ଅନୁଧାନ କଲେ ଜଣାପଡ଼େ ପାଉଡ଼ିଭୂୟାଁ ତା'ର ପରମ୍ପରାଗତ ଅଭ୍ୟାସକୁ ବଦଳାଇବାପାଇଁ ସରକାର ସଚେତନ କରିବା କଷ୍ଟସାଧ୍ୟ ହୋଇପଡ଼ିଛି । ଲହୁଣିପଡ଼ା ବ୍ଲକ ଅଧିନସ୍ଥ କୁଳିପୋଷ ପୋଡୁଚାଷରୁ ନିବୃତ୍ତ ପରିବାରର ଥଇଥାନ କଲୋନୀ ସମେତ ୨୨ଗୋଟି ଗ୍ରାମକୁ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଭିତରେ ମାତ୍ର ୩ ଜଣପିଲା ମାଟ୍ରିକ୍ ବା ମାଟ୍ରିକ୍‌ରୁ ଊର୍ଦ୍ଧ୍ୱ ପାଠ ପଢିଥିଲେ । (୯୦ ଦଶକ ସୁଦ୍ଧାର ସ୍ଥିତି) (ଏହା ସ୍ୱାଧିନତା ପ୍ରାପ୍ତିର ୫୦ ବର୍ଷ ମଧ୍ୟର ବିବରଣୀ - ବର୍ତ୍ତମାନ ଏହି ସଂଖ୍ୟା ୧୧ ହେଲାଣି) କର୍ମୁ ନାଏକ ୧୯୯୧ର ମାଟ୍ରିକ୍

ପାସ୍ ଓ କିଶୋର ଚନ୍ଦ୍ର ଗିରି ୧୯୯୧ରେ ମାଟ୍ରିକ୍ ପାସ୍ ଓ +୨ ପାସ୍, ପରେ ବି.ଏ ପାଇଁ ପ୍ରଚେଷ୍ଟା ରତ ଥିଲା । ଶ୍ରୀ କର୍ମୁ ନାଏକଙ୍କ ମତରେ ପାଉଡ଼ିଭୂୟାଁର ଏଇ ଶିକ୍ଷିତ ଯୁବକମାନଙ୍କର ଥଇଥାନ ପାଇଁ ଚେଷ୍ଟା ହେବା ଉଚିତ୍ ଓ ଗୀତ, ନାଟକ, ଉପନ୍ୟାସ, ପ୍ରବନ୍ଧ ଓ ଖବରକାଗଜ ମାଧ୍ୟମରେ ଅବୋଧ ପାଉଡ଼ିଭୂୟାଁମାନେ ଅଧ୍ୟୟନ ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରିବା ଉଚିତ୍ । ସାକ୍ଷାତକାରରେ କର୍ମୁ ନାୟକର ପାଉଡ଼ିଭୂୟାଁର ସମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଦିଗରେ ଯେଉଁ ଚିତ୍ର ପ୍ରଦାନ କରନ୍ତି, ତାହା ତାଙ୍କର ଅନ୍ତର୍ନିହିତ ଭାବନାର ନିଛକ ସତ୍ୟ ଉକ୍ତି । ପ୍ରଥମେ ତାଙ୍କ ସମାଜରେ ସ୍ତ୍ରୀମାନେ ବ୍ୟବହାର କରୁଥିବା ଅଳଙ୍କାର ଲୋକଲୋଚନକୁ ଆଣିବାପାଇଁ ସେତେବେଳେ ତାଙ୍କଠାରୁ ଯେଉଁ ତଥ୍ୟ ସଂଗହକରିଥିଲି ତାହା ଏଠାରେ ଉଲ୍ଲେଖ କରୁଛି ।

୧. ରୂପା ଫୁଲ – ମୁଣ୍ଡରେ ଖୋସା ଉପରେ ଲଗାଯାଏ ।
୨. ସୁଲୁରୀ – ମୁଣ୍ଡରେ ବେଣୀରେ ଖୋସାଯାଏ ।
୩. ମଟରକଣ୍ଟା – ବେଣୀରେ ଖୋସାଯାଏ ।
୪. ଆଡ଼କାନୀ – କାନର ଉପରିଭାଗରେ ପିନ୍ଧାଯାଏ ।
୫. ଗଣ୍ଠିଆ – କାନର ତଳଭାଗରୁ ପିନ୍ଧାଯାଏ ।
୬. ଗୁଣା – ନାକରେ ପିନ୍ଧାଯାଏ ।
୭. ପେଞ୍ଜନ – ନାକ ମଝିରେ ପିନ୍ଧାଯାଏ ।
୮. ମାଟିର କଣ୍ଠି – ବେକରେ ମାଳିରୂପେ ପିନ୍ଧାଯାଏ ।
୯. ରୂପା ବଙ୍କାମାଳି – ବେକରେମାଳି ରୂପେ ପିନ୍ଧାଯାଏ ।
୧୦. ଟାଡ଼ – ବାହୁରେ ବନ୍ଧାଯାଏ ।
୧୧. ରୂପାର ଟାଡ଼ ଓ କଂସାର ବାଡ଼କଣ – ହାତରେ ପିନ୍ଧାଯାଏ
୧୨. ପଦେକ – ବେକରେ ପିନ୍ଧାଯାଏ ।
୧୩. ରୂପାମୁଦି – ଡାହାଣ ହାତର ମଝି ଆଁଙ୍ଗୁଳିରେ ପିନ୍ଧାଯାଏ ।
୧୪. ପାହୁଡ଼ – ଗୋଡ଼ରେ ପିନ୍ଧାଯାଏ ।
୧୫. ଝୁଣ୍ଟିଆ – ପାଦର ଆଙ୍ଗୁଠିରେ ପିନ୍ଧାଯାଏ ।
୧୬. ରୂପାର କିଲିପି – କେଶ ପାଲିସ୍‌ପାଇଁ ମୁଣ୍ଡରେ ଲଗାଯାଏ

❖❖❖

# ପାଉଡ଼ି ଭୁୟାଁମାନେ ବ୍ୟବହାର କରୁଥିବା ଜଡ଼ିବୁଟି

୧. ଆକାଟବିନ୍ଦୁ – (ଖଣ୍ଡା ମାଠିଆ ଗଛ-ପେଟ ବଥା ପାଇଁ ବ୍ୟବହାର କରାଯାଏ, ଏହାର ରସକୁ ଉସୁମ କରି ପିଆଯାଏ)

ମହାସିନ୍ଧୁ – (ମୂଷାକାନି - ଜରପାଇଁ ରସ ପିଆଯାଏ)

ଅଗ୍ନିଜାଳ - (ରହଣୀ ଗଛର ଛାଲି ଓ କୁରେଇ ଗଛର ଚେରର ଛାଲିକୁ ୨ ଯୋଡ଼ା ପାଣିରେ ସିଝେଇ ଛାଣିକରି ପିଇଲେ ରକ୍ତଝାଡ଼ା ଭଲ ହୁଏ )।

୨. ବାନ୍ଧଣ ଗଛର ଛାଲି ଓ ରାଜକୁସୁମ ଗଛର ଛାଲିକୁ ବାଟି ଗରମ କରି ଲେପ ଦେଲେ ଅଣ୍ଟା, ଆଣ୍ଠୁ ଓ ଛାତିବ୍ୟଥା ଭଲ ହୁଏ ।

୩. ଅପମାର୍ଗ ଗଛର ଚେର, କଳାଦୁଦୁରା ଗଛର ପତ୍ରକୁ ଏକତ୍ର ଛେଚି ମୁଣ୍ଡରେ ମାଖିଲେ ମୁଣ୍ଡବ୍ୟଥା ଭଲ ହୁଏ ।

୪. ପେଙ୍ଗୁ ଗଛର ଚେରକୁ ଛେଚି ଲେପଦେଲେ ଛାତି ବିନ୍ଧା ଭଲ ହୁଏ ।

୫. ଆମଚୁଲି ଗଛର ଚେର – ଭିରଣ ଗଛର ଛେଲିକୁ ଛୋଟ କ୍ଷତ ସ୍ଥାନରେ ଲଗାଇଲେ ଅସ୍ତ୍ରଦ୍ୱାରା କଟା ହୋଇଥିଲେ ସେହି କଟା ସ୍ଥାନରେ ଲଗାଇଲେ ଘା ଶୀଘ୍ର ଭଲହୁଏ ।

୬. କଟା ଘା' ମନ୍ତ୍ର –

ହାଣିଲି ଘା', ଝାଡ଼ିଲି ଘା', ବାଉଁଶ ପତ୍ରର ବାନ୍ଧିଲି ଭେଲା, ରକତ ପକାଇ ଫଳା, ରଇ ରକତ ନା ଗଲା ଯେବେ ରକତ ପଳାବେ ଶ୍ରୀପଦ୍ମାମ ଖପରେ ପଡ଼ାବେ ....... (ତିନିଥର)

୭. ଜର ପାଇଁ ମନ୍ତ୍ର - କେରକେ କଣ୍ଟା, ମାଙ୍କଡ଼ ଦାଢ଼ି, ହନୁ ଯାଇଛେ ଲଙ୍କାର ବାଡ଼ି, ସେ ଡ଼ାଳ ଖା ବୋଲେ ପତର ଖାଏ, କାନଖଣ୍ଡା ଉଖୁଲି ଯାଏ ।

୮. ଆଉଏକ ମନ୍ତ୍ର

ହାଟଗୁରୁ, ବାଟଗୁରୁ, ଦେଖାଗୁରୁ, ଶିଖାଗୁରୁ,ଦାସଗୁରୁ,ପାହ୍ଣାଇଗୁରୁ, ଗୁରୁମାନେ ଗୁରୁ ଜୁହାର, ଜର୍ ଜର୍ ବଡ଼ ଜର୍ , ଦିହିପହରିଆ ଜର , ମଝାରାତିଆ ଜର୍, ଯେବେ ଜର , ପଡ଼ବୁ ବଳରାମ ଖପ୍ ରେ ପଡ଼ବୁ ।

ଜର୍ , ଜର୍ ପାଙ୍ଗଣ୍ ଜର, ଦିହିପହରିଆ, ଆଠବେଳିଆ,
ମଝାରାତିଆ ଜର୍ , ଯେବେ ଫେର୍‌ବୁ
ଶ୍ରୀ ବଳରାମ ଖପ୍ ରେ ପଡ଼୍‌ବୁ ।
ମୋ ମଝାରେ ପଡ଼ିଆ,
ପହଞ୍ଚିଲା ଲୋଡାକାନି ଗିରିଧନ୍ ବିର ।
ରଥ ତଳେ ଚକ ତଳେ ରଖିଣ କଲେ,
ସାତସମୁଦର ଲଙ୍କାରେ ପାରି,
ଛେଦି ନାଇଁ ଖେଦି ଖା ,ଖା ।
ପାଲଟି ଅଛି ଗୁଇସାକରିଆ ।

**ଜଙ୍ଗଲରୁ ମିଳୁଥିବା ଫଳ ଜାତୀୟ ପଦାର୍ଥ**

୧. କାଳି କେନ୍ଦୁ - ବଡ଼-ଛୋଟ କରି ମଞ୍ଜି ଖାଆନ୍ତି ଓ ପାଚିଲେ ଖାଆନ୍ତି
୨. ରାଜକୁସୁମ - ପାଚିଲେ ଖାଆନ୍ତି
୩. ଚିହ୍ନାରୀ - କଞ୍ଚାରେ ଚୋପା ଛଡାଇ ଖାଆନ୍ତି
୪. କେନ୍ଦୁ (ସାନ) - ପାଚିଲେ ଖାଆନ୍ତି
୫. ଚାର - ପାଚିଲେ ଖାଆନ୍ତି
୬. କୁସୁମ - ଏସବୁ ପାଚିଲା ଖିଆଯାଏ
୭. ମିରିଗ୍ ଲେଣ୍ଡି – ଭାଜି କିମ୍ବା ସିଝାଇ ଖିଆଯାଏ ।
୮. ସରଗିଫଳ – ସିଝାଇ ଖିଆଯାଏ, ସରଗି ମଞ୍ଜିରୁ ତେଲ ବାହାର କରାଯାଏ
୯. ଡ଼ିମିରି – ପାଚିଲା ଖିଆଯାଏ
୧୦. ପୋଡ଼େଇ - ପାଚିଲା ଖିଆ ଯାଏ
୧୧. ମହୁଲଫୁଲ ଏବଂ ଫଳ - ଭାଜିକରି କିମ୍ବା ସିଝାଇ ଖିଆଯାଏ, ଫୁଲରୁ ମଦ ତିଆରି ହୁଏ, ଫଳ(ଟୋଲ)ରୁ ତେଲ ପ୍ରସ୍ତୁତ ହୁଏ
୧୨. ଆମ୍ବ – କଞ୍ଚା, ପାଚିଲା, ସିଝା ଖିଆଯାଏ
୧୩. ପଣସ – କଞ୍ଚା, ପାଚିଲା, ସିଝା, ଖିଆଯାଏ
୧୪. ପାଚେରୀଫଳ – ହାତରେ ଘସି କରି ଖିଆ ଯାଏ
୧୫. ଜାମୁ ଫଳ – (ପାଚିଲେ ଖିଆଯାଏ)

୧୬. କଦମ୍ବ ଫଳ – (ପାଚିଲେ ଖିଆଯାଏ)

୧୭. କରାଇ ଫଳ – ଛୋଟ ସମୟରେ ତରକାରି କରି ଖିଆ ଯାଏ

୧୮. ଡଉ ଫଳ – ଛୋଟ ସମୟରେ ତରକାରି କରି ଖିଆଯାଏ

୧୯. ଓ୍ୱଉ ଫଳ – ଖଟା କରି ଖିଆ ଯାଏ

୨୦. ବିଲୁଅ ଫଳ – ପାଚିଲା ଖିଆ ଯାଏ ।

୨୧. ସଲଗା ଫଳ – ପାଚିଲେ ଖିଆ ଯାଏ ।

୨୨. ଆକଲ ଫଳ – ପାଚିଲା ଖିଆ ଯାଏ ।

୨୩. ଜଙ୍ଗଲ ବେଲ – କଞ୍ଚାସିଝାଇ ଏବଂ ପାଚିଲା ଖିଆଯାଏ

୨୪. ବରକୋଳି – ପାଚିଲେ ଖିଆ ଯାଏ

୨୫. ଅଁଳା – କଞ୍ଚାରେ ଶୋଷ ମେଣ୍ଟାଇବାପାଇଁ ଖିଆଯାଏ-
– ଔଷଧ ରୁପେ ବ୍ୟବାହାର କରାଯାଏ ।

୨୬. ହରିଡ଼ା – ଛେଚିକରି ଭିତରର ମଞ୍ଜି ଖିଆଯାଏ (ହରିଡ଼ା , ବାହାଡ଼ ଓ ଅଁଳା ତ୍ରିଫଳା ପ୍ରସ୍ତୁତ ହୁ ।

୨୭. ବାହାଡ଼ା – ଔଷଧରୂପେ ବ୍ୟବହାର ହୁଏ । ଛେଚିକରି ମଞ୍ଜି ଖିଆଯାଏ ।

୨୮. ବଣକୁରୁଡୁ – ପାଚିଲେ ଖିଆଯାଏ ।

୨୯. ଜଟାଳି କୋଳି (କଣ୍ଟେଇ କୋଳି) – ପାଚିଲା ଖିଆ ଯାଏ ।

୩୦. ତୁଡ଼୍ କୋଳି (ତୁଣ୍ଡପଡ଼ା କୋଳି)– ପାଚିଲା ଖିଆ ଯାଏ ।

୩୧. ଅସନ ଗଛର ମଦାଙ୍ଗକୁ ବାଟି ପିଆଇଲେ ପୋଡ଼ା ଘା ଭଲ ହୁଏ ।

୩୨. ଭମ୍ବର ଗଛର ପତ୍ରକୁ ବାଟି କ୍ଷତ ସ୍ଥାନରେ ଲଗାଇଲେ କଟାଘା ଭଲ ହୁଏ ।

୩୩. ହରିଡ଼ା, ବାହାଡ଼ା ଓ ଅଁଳାକୁ ଏକତ୍ର ଗୁଣ୍ଡକରି ଗୁଣ୍ଡକୁ ଖାଇଲେ କାଶରୋଗ ଭଲ ହୁଏ ।

୩୪. ଭେଜି ବାଇଗଣ ଗଛର ଫଳରୁ ତାର ମଞ୍ଜି ଗୁଡ଼ିକ ବାହାର କରି ଫଳ ଭିତରେ ମା' କ୍ଷୀର ଦେଇ ଗରମ କରି ପିଆଇଲେ ଛୋଟ ଶିଶୁର କାଶରୋଗ ଭଲ ହୁଏ । (୦-୬ ମାସ ବୟସର )

# ପାଉଡ଼ିଭୁୟାଁ ମାନଙ୍କର ଖାଦ୍ୟପଦାର୍ଥ

ଜଙ୍ଗଲରୁ ମିଳୁଥିବା ମୂଳ ଜାତୀୟ ପଦାର୍ଥ –

| | | | |
|---|---|---|---|
| ୧. | ପିତାଲୁ | ୨. | ବଇଙ୍ଗା |
| ୩. | ଟୁଙ୍ଗା | ୪. | ସଇଗା |
| ୫. | ପଥରକନ୍ଦା ( ମଣ୍ଡେଇ ଆଳୁ) | ୬. | କଣ୍ଡାଆଳୁ |
| ୭. | ମରହାଳି ଆଳୁ | ୮. | ସୁରଙ୍ଗ |
| ୯. | ଅଳ | ୧୦. | କଲିଆ |
| ୧୧. | ଝୁରମୁଣ୍ଡଇ. | ୧୨. | ବାଘଅଳ |
| ୧୩. | ଚେରୁଆଆଳୁ | ୧୪. | ବରବସା ଆଳୁ |
| ୧୫. | ସୁର୍ କାଳି | | |
| ୧୬. | ବଡ଼ଲା ଆଳୁ ( ଏସବୁକୁ ସିଝାଇ ଖିଆଯାଏ ) । | | |

ଗୁରୁ ବନ୍ଦନା-

ବାସକି ମାତା, ଧରମ ଦେବତା ସୁକନଡ଼ି ଗୁରୁ, ଜଗତଗୁରୁ, ଜଗତମାତା । ଚିରୁଗୁଣି ଦେବୀ ।

ଭୂତ ବନ୍ଧନ -

ଖୋଜ କଣ୍ଟା ଲଡ଼ବଡ଼, ଲୁହାକଣ୍ଟା ବଜରେ ପଡ, ଚିରୁଣି ବାନ୍ଧୁ କିଡ଼୍ କିଡ଼୍ , ରାକ୍ଷସ ବାନ୍ଧୁ କିଡ଼୍ କିଡ଼୍, ଭୂତ ବାନ୍ଧୁ କିଡ଼୍ କିଡ଼୍, ଭୂୟାଁ ନଜର ବାନ୍ଧୁ କିଡ଼୍ କିଡ଼୍, ବ୍ରହ୍ମ ରାକ୍ଷସ ବାନ୍ଧୁ କିଡ଼୍ କିଡ଼୍ । ବାନ୍ଧ ନାହିଁ ବାନ୍ଧ ବୋଲି କାହାର ଆଜ୍ଞା, ଈଶ୍ୱର ପାର୍ବତୀଙ୍କ କୋଟି କୋଟି ଆଜ୍ଞା

ସର୍ପବିଷ ଝାଡ଼ିଲା ମନ୍ତ୍ର –

ଧନ୍ ଧନ୍ ଫୁଲିକା ବାନ୍ଧି କଲି ଲଙ୍କା ମୋ ଧାରଣା ଆ, ଏଠି ସିରା ଗୁରୁଚିକି ସିଗ୍ ଗୁରୁ ଫେରିବି ଯେବେ ଧରଣୀ କାଟି ଝାଡ଼ିବି ତକେ :

❖❖❖

# ପାଉଡ଼ିଭୁୟାଁମାନେ ବ୍ୟବହାର କରୁଥିବା କେତେକ ଜଡ଼ିବୁଟି

୧. ଝୁମୁକି ପତ୍ର – ସର୍ପବିଷ ଟଣାଯାଏ

୨. ଭୂଇଁନିମ୍ବ ଗଛର ପତ୍ର, ଚେର, ଡ଼ାଳକୁ ସିଝାଇ ତା'ର ପାଣିପିଇଲେ କାଛୁକୁଣ୍ଡିଆ ରୋଗ ଭଲ ହୁଏ ।

୩. ଏକନାଳୀ ଗଛର ଚେରକୁ କୁକୁଡ଼ା ଅଣ୍ଡା କେଶର ସହିତ ମିଶାଇ ବାଟି ଲେପ ଦେଲେ ଏକଶିରା ରୋଗ ଭଲ ହୁଏ ।

୪. ବନ୍ଦିରାଫୁଲ ଗଛର ଆଳୁକୁ ବାଟି ନିଆଁରେ ଗରମ କରି ସଂଧ୍ୟାରେ ୨/୪ ଥର ଲେପ ଦେଲେ ଅଣ୍ଡକୋଷଫୁଲା ଭଲ ହୁଏ ।

୫. ଶତାବରୀ (ମଶାଣି କନ୍ଦା) ବାଟି ଗରମ କରି ଲେପ ଦେଲେ ଏକଶିରା ରୋଗ ଭଲ ହୁଏ ।

୬. ଟୁରିକାମ୍ବୁ ଗଛର କଅଁଳପତ୍ରକୁ ବାଟି ଉଷୁମ କରି ଲେପ ଦେଲେ ୪/୬ ମାସର ଛୁଆଙ୍କର ଏକଶିରା ରୋଗ ଭଲ ହୁଏ ।

୭. ଭୂଇଁ ନିମ୍ବଗଛର ଡ଼ାଳ, ପତ୍ର ଓ ଚେରକୁ ସିଝାଇ ପିଇଲେ ମେଲେରିଆ ରୋଗ ଭଲ ହୁଏ ।

୮. ଧୂଆଁ ଓ ଚୂନ ମିଶାଇ ଲଗାଇଲେ କଟାଘା ଭଲ ହୁଏ ।

୯. ବନ୍ଦରୀ ଗଛର ଚେର କିମ୍ୱା ଚାଆଗନ୍ଧା ସହ ଛେଳି ଗୁରୁଦା ବାଟି ଲଗାଇଲେ ଜିଭ ଘା, ଭଲ ହୁଏ ।

୧୦. ପାତାଳଗରୁଡ଼, ମୂଷାକାନୀ ଚେର ଓ ଅଗ୍ନିନାଳ ଏକତ୍ରବାଟି ପାଣିକୁ ଛାଣି ପିଇଲେ ପେଟମରା ଭଲ ହୁଏ ।

୧୧. ଖେଲା ଫଳକୁ ବାଟି ଗାଲରେ ଲେପ ଦେଲେ ଗାଲଫୁଲା ଭଲ ହୁଏ ।

୧୨. ସାରୁପତ୍ର ଓ ମୂଷାଲେଣ୍ଡିକୁ ବାଟି ବଥ ଚାରିପାଖେ ଲେପ ଦେଲେ ବଥଘା ଭଲ ହୁଏ ।

୧୩. କଦଳୀ ଗଛର ଚେର ଓ ମହୁଲ ଗଛର ମଦାଙ୍ଗ ପାଣିରେ ବାଟି ଏକତ୍ର ମୁଣ୍ଡରେ ଲଗାଇଲେ ଛୁଆଜନ୍ମ ହୋଇ ପାରୁନଥିଲେ ଛୁଆଜନ୍ମ ହୁଏ ।

୧୪. ବାସଙ୍ଗ ଗଛର ପତ୍ରକୁ ସିଝାଇ ସେହିପାଣିରେ ଗାଧୋଇଲେ ଛୁଆ ଜନ୍ମପରେ ମା'ର ଦେହ ବଢ଼ିଯାଇଥିଲେ ବଢ଼ିଥିବା ଦେହ କମିଯାଏ ।

୧୫. ଯଦି ମା'କ୍ଷୀର ବାହାରୁ ନଥାଏ, ବାଘ ଦୁଗ୍ଧ ଖୁଆଇଲେ ପ୍ରଚୁର ପରିମାଣରେ ମା'କ୍ଷୀର ବାହାରେ ।

୧୬. ବୁଢ଼ାଜାମୁ କୋଳି ଗଛର ଛାଲି, ମହୁଲ ଗଛର ମଦାଙ୍ଗ ଓ ପାଣିକୁ ବାଟି ଖୁଆଇଲେ ମା କ୍ଷୀର ବାହାରୁ ନଥିଲେ କ୍ଷୀର ବାହାରେ ।

୧୭. ଘତନୀ ମୂଷାର ଅଣ୍ଡକୋଷ, ରସୁଣ ଗୁଣ୍ଡ, ଓ ନଙ୍ଗା ଚେରକୁ ଏକତ୍ର ପାଣିରେ ବାଟି ଛାଣି ପିଆଇଲେ ଛୋଟଛୁଆର ଗଜରି (ବାଛରା) ରୋଗ ଭଲ ହୁଏ ।

୧୮. ଛେଳି ଗୋରସ ଓ ମା'କ୍ଷୀର ଆଖିରେ ପକାଇଲେ ଅନ୍ଧାରକଣା ରୋଗ ଭଲ ହୁଏ ।

୧୯. ଲୁଧୁରି ଗଛର ଆଳୁ ଓ ଉଷୁନା ଚାଉଳ ଏକତ୍ର ବାଟି ପିଠା କରି ଖାଇଲେ ଫୁଲାରୋଗ, ବାତରୋଗ ଭଲ ହୁଏ ।

୨୦. ବାନ୍ଧଣଗଛର ଛାଲିକୁ ସିଝାଇ ଗାଈ ଗୋରସ ସହିତ ମିଶାଇ ପିଇଲେ ଦେହରେ ମାଡ଼ ବା ଗଛରୁ ପଡ଼ି ଦେହରବ୍ୟଥା ହେଉଥିଲେ ଭଲ ହୁଏ ।

୨୧. କୁକୁଡ଼ା ଅଣ୍ଡା ଓ ନାଳର ଦଳ ଏକତ୍ର ବାଟି କ୍ଷତସ୍ଥାନରେ ଲଗାଇଲେ ନିଆଁରେ ପୋଡ଼ିଥିବା ଘା' ଭଲ ହୁଏ ।

୨୨. କଳାକୁକୁଡ଼ାର ତେଲ ଓ ଗୋଧିତେଲ ମିଶାଇ ଲଗାଇଲେ ପୋଡ଼ା ଘା' ଅତିଶୀଘ୍ର ଭଲ ହୁଏ ।

୨୩. ଘୁଷୁରି ତେଲ ଓ ଭାଲୁ ତେଲରେ ପୋଡ଼ା ଘା, ଭଲ ହୁଏ ।

୨୪. ଭାଲୁ ତେଲ ମାଲିସ କଲେ ଆଣ୍ଠୁ ବାତ, ଗଣ୍ଠିବାତ ଭଲ ହୁଏ ।

୨୫. ନିଆଁ ବଳକୁ ଅଳ୍ପପାଣିରେ ପକାଇ ସେହି ପାଣିକୁ କାନରେ ପକାଇଲେ କାନଧରା ଭଲ ହୁଏ ।

ପୋଡୁ ଚାଷରୁ ଉତ୍ପନ୍ନ ଖାଦ୍ୟ ଶସ୍ୟ –

୧. ଗଙ୍ଗେଇ

୨. ତିସିଲିଆ

୩. କାଙ୍ଗୁ

୪. ସୁଆଁ

୫. ଗୁଲ୍‌ଜି
୬. ଜାଲି
୭. ସିଙ୍କ
୮. ମକା (ଜୁଆରୀ- ଏସବୁ ଶସ୍ୟରୁ ଭାତ, ଜାଉ ଓ ମଦ ପ୍ରସ୍ତୁତ ହୁଏ )

**ପୋଡୁଚାଷରୁ ଉତ୍ପନ୍ନ ଡାଲି ଜାତୀୟ ଶସ୍ୟ**

୧. ବିରି
୨. ସୁତୁରି
୩. ଗୁମ୍ପା
୪. କୋଳଥ
୫. ମୁଗ
୬. ରାହାଡ଼ି
୭. ଗରଗଡ଼ – ଭାତ ଓ ପିଠାକରି ଖିଆଯାଏ ।
୮. ତୁଙ୍କ – ତୁଙ୍କ ମଞ୍ଜିକୁ ଖପରାରେ ଭାଜି, ଶିଳରେ ଛେଚି,ହାଣ୍ଡିରେ ସିଝାଇ, ଝରଣା ପାଣିରେ ଗୋଟିଏ ରାତି ରଖି ତା ପରଦିନ ଘରକୁ ଆଣି ନିଆଁରେ ଗରମ କରି ଖିଆଯାଏ ।
୯. ମାଣ୍ଡିଆ, କୁଦ(କୋଦୁଅ), ସୁଆଁ ଭଳି ଶସ୍ୟ ଉତ୍ପାଦନ କରି ଭାତ ଓ ଜାଉ କରି ଖିଆଯାଏ ।

ପ୍ରକୃତି ସୃଷ୍ଟ ଖାଦ୍ୟ ଶସ୍ୟ, ଫଳ-ମୂଳ ଓ ଶାଗ ସହ ଜଡି ବୁଟି, ମନ୍ତ୍ର ଓ ତନ୍ତ୍ର ଓ ଉପଚାର ପାଉଡ଼ିଭୂୟାଁ ଆଦିମ ଜନଜାତିଠାରେ ଏକ ବିରଳ ଉପଚାର ଭାବେ ଉପଲବ୍ଧ । ଏହା ଅନାନ୍ୟ ଜନଜାତି ବା ଆଦିବାସୀମାନଙ୍କ ଠାରେ ବି ପରିଦୃଷ୍ଟ ।

❖❖❖

# ବଣଭୋଜି-

ବୈଶାଖ ମାସରେ କୌଣସି ଦିନ (ନିର୍ଦ୍ଦିଷ୍ଟ ତିଥି ନାହିଁ) ପାଉଡ଼ିଭୂୟାଁ ସମ୍ପ୍ରଦାୟ ସମୂହଭାବେ ଏହି ପର୍ବ ପାଳନ କରିଥା'ନ୍ତି । ବରୁଣଫୁଲ ଫୁଟିବା ପରେ ଏହି ଭୋଜିର୍ ଆୟୋଜନ ହୁଏ । ଏହି ଭୋଜିଭାତପାଇଁ ଏକ ପୂଜାବିଧିର ବ୍ୟବସ୍ଥା ଅଛି । ଯେ କୌଣସି ରବିବାର ଦିନ ଏହି ବିଧି ବ୍ୟବସ୍ଥା କରାଯାଇଥାଏ । ରବିବାର ପୂର୍ବରାତି ଅର୍ଥାତ୍ ଶନିବାର ରାତିରେ ଶେଷ ପ୍ରହର (କୁକୁଡ଼ା ଡ଼କା ସମୟରେ) ଦେହୁରୀ ବା କାଲୋ ଏହି ପୂଜା ସମ୍ପାଦନ କରନ୍ତି । ତାଙ୍କ ସହିତ ଜଣେ ସହଯୋଗୀ ଥା'ନ୍ତି । ପୂଜାବିଧି ମୁତାବକ ଗୋଟିଏ କେନ୍ଦୁବାଡ଼ିକୁ ଚାଞ୍ଛି ସେଥିରେ କଳା,ଧଳା,ନାଲି ଆଦି ବିଭିନ୍ନ ରଙ୍ଗରେ ଚିତ୍ର ବିଚିତ୍ର କରିଥା'ନ୍ତି । ପୁନଶ୍ଚ ଏଥିରେ ସିନ୍ଦୁର ଲଗାନ୍ତି । ଏହିବାଡ଼ି ଗ୍ରାମର ଯୋଗିନୀକୁ ବହିଷ୍କାର କରିବାକୁ ପୂଜାରେ ବ୍ୟବହାର କରାଯାଏ । ଏହି ପୂଜାରେ ସିନ୍ଦୂର, ଧୂପ, ଝୁଣା, ଅରୁଆ ଚାଉଳ (ଅକ୍ତା) ଘିଅସଳିତା, ଫୁଲ, ହଳଦୀଗୁଣ୍ଡ ଓ ନୂତନ ହାଣ୍ଡି ଆଦି ସାମଗ୍ରୀ ବ୍ୟବହାର କରାଯାଏ । ଯୋଗିନୀକୁ ଗ୍ରାମରୁ ବହିଷ୍କାର କରିବାପାଇଁ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ହେଲା କାଲୋଘର, ମଣ୍ଡଘର ଓ ଗୌନ୍ତିଆଘର ନିକଟରୁ ମାଟି, ଖଣ୍ଡିଆଝାଡ଼ୁ, ଭଙ୍ଗା ବାଉଁଶିଆ, ଭଙ୍ଗା ହାଣ୍ଡି, ପାଉଁଶ ଇତ୍ୟାଦି ଆବର୍ଜନା । ଏହାକୁ ସଂଗ୍ରହ କରି ଗାଁ 'ମୁଣ୍ଡରେ ଥିବା ଛକ ଜାଗାରେ ଧୂପ, ଅରୁଆଚାଉଳ, ହଳଦୀ ଘିଅସଳିତା ଦେଇ ପୂଜା କରି ଏହି ସବୁ ସାମଗ୍ରୀ ଓ ଆବର୍ଜନା ରଖି ଦେଇ ଆସନ୍ତି । ଏହାଦ୍ୱାରା ଗ୍ରାମରୁ ଯୋଗିନୀ ବା ଦୁଷ୍ଟ ପ୍ରେତ ଦୂର ହୋଇ ଯିବାର ସମସ୍ତଙ୍କର ବିଶ୍ୱାସ ଥାଏ ।

ତା'ପର ଦିନ ଅର୍ଥାତ୍ ରବିବାର ଦିନ ଭୋଜି ଭାତର ଆୟୋଜନ ହୁଏ । ପ୍ରତ୍ୟେକ ପରିବାରରୁ ଚାଉଳ ଓ ପଇସା ଆଦି ସଂଗ୍ରହ କରି ଭାତ, କୁକୁଡ଼ା ମାଂସରେ ଭୋଜି କରି ଖାଇ ଘରକୁ ଫେରନ୍ତି । ଏହି ଭୋଜିଏକ ନାଳକୂଳରେ ହୁଏ ।

## ଅକ୍ଷୟ ତୃତୀୟା :

ଧାନବୁଣା (ଅକ୍ଷିମୁଠି) ପର୍ବ ମାଧ୍ୟମରେ ଧାନବୁଣା ଅନୁକୂଳ କରିଥାନ୍ତି । ପାଉଡ଼ିଭୂୟାଁମାନେ ଗୋଟିଏ ଲାଉ ତୁମ୍ୱାରେ ଧାନ ଭର୍ତ୍ତି କରନ୍ତି । ଆମ୍ବପତ୍ରରେ ତୋରଣ କରନ୍ତି । ତୁମ୍ୱାକୁ ଅରୁଆଚାଉଳ ବଟା ପିଠଉରେ ଚିତ୍ର କରନ୍ତି । ଧୂପ, ଝୁଣା, ଅରୁଆ

ଚାଉଳରେ ପୂଜା କରନ୍ତି । ତା'ପରେ ଅଁ'ଳାଗଛ ମୂଳକୁ ଯାଇ ଧାନ ତୁମ୍ବାକୁ ରଖିଥା'ନ୍ତି । ସେଠାରେ ଗୋଟିଏ ଧଳା କୁକୁଡ଼ା ଛୁଆକୁ ନେଇ ବଳି ଦେଇ ପୂଜା କରନ୍ତି ଓ କହନ୍ତି, "ମହାଲକ୍ଷ୍ମୀ ତୁ ଅଁ'ଳା ଗଛରେ ଥିଲୁ , ଆଜି ପାଛୋଟି ନେଉଛି ଚା'ଲ୍" ! ଏହା କହି ଆବାହନ କରନ୍ତି ଓ ହରିବୋଲ ହୁଳହୁଳିଦେଇ ଗାଁ'କୁ ଆଣନ୍ତି । ଏହି ପୂଜା ବ୍ୟବସ୍ଥା ସମୂହଭାବେ ସମାହିତ ହୁଏ । ଗ୍ରାମର କାଲୋ ଏହି ପୂଜା ସମ୍ପାଦନ କରିଥାଏ । ଏହି ତୁମ୍ବା ପରିପୂର୍ଣ୍ଣ ଧାନକୁ ନେଇ କାଲୋ ପ୍ରତ୍ୟେକ ଘରେ ଅର୍ଥାତ ପାଉଡ଼ିଭୂୟାଁ ପରିବାରରେ ମୁଠେ ଲେଖାଏଁ ବଣ୍ଟନ କରିଥାଏ । ଏହାପରେ ପ୍ରତ୍ୟେକ ଘରେ ନିଜେ ନିଜେ ଏହି ଭଳି ତୁମ୍ବାରେ ଧାନ ରଖି ପୂଜା କରନ୍ତି । ଏହା ତୃତୀୟା ତିଥିରେ ହୁଏ । ଯଦି କାହାର ତୃତୀୟା ତିଥିରେ ହୋଇନପାରେ, ତାହାହେଲେ ତୃତୀୟା ପରେ ବୁଧବାର କିମ୍ବା ଶୁକ୍ରବାର ଦିନ କରନ୍ତି । ଯେଉଁଦିନ ଏହି ତୃତୀୟା ମାନନ୍ତି, ସେଦିନ ପୂଜାଶେଷ ହେବା ପର୍ଯ୍ୟନ୍ତ ଘରର ଲୋକମାନେ ବାହାରର କୌଣସି ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ । ଏହି ପୂଜାରେ କୁକୁଡ଼ା ବଳି ଦିଆଯାଏ । ନାଲି, ଧଳା, କଳା ମଧ୍ୟରୁ ୫ ଗୋଟି କୁକୁଡ଼ା ବଳି ଦିଆଯାଏ । ଧଳା କୁକୁଡ଼ା ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ, ନାଲିକୁକୁଡ଼ା ବଡ଼ାମ ଉଦ୍ଦେଶ୍ୟରେ, କଳା କୁକୁଡ଼ା ସାରପାଟ ଉଦ୍ଦେଶ୍ୟରେ ଓ ଅନ୍ୟ ଦୁଇଟି ଗ୍ରାମଦେବତୀ ଉଦ୍ଦେଶ୍ୟରେ ବଳି ଦିଆଯାଇଥାଏ । ଏହା ବ୍ୟତୀତ ଅନ୍ୟାନ୍ୟ ଆରାଧ୍ୟ ଦେବତାଙ୍କୁ ଧୂପ, ଦୀପ, ନୈବେଦ୍ୟ ଦିଆଯାଏ । ପରେ କୁକୁଡ଼ା ମାଂସ, ଭାତ ଏବଂ ବିଭିନ୍ନ ପ୍ରକାର ପିଠା ଆଦି ତିଆରି କରି ପୂଜା ପରେ ଭୋଜନ କରାଯାଇଥାଏ । ଏଥିରେ ମଧ୍ୟ ମଦ ସେବନ କରାଯାଏ ।

ପୂଜା ପରେ ପୂଜାସ୍ଥଳରେ ମୁଠାଏଧାନ ଗୋଟିଏ ଲୁହା ସାହାଯ୍ୟରେ ହାଣି ବୁଣା ଆରମ୍ଭ କରାଯାଏ ଏବଂ ପରେ ବିଲକୁ ଯାଇ ଧାନବୁଣା ଅନୁକୂଳ କରନ୍ତି । ଭୋଜନପରେ ପୂଜକ ଘରର କାନ୍ଥରେ ବିଭିନ୍ନ ପ୍ରକାର ଝୋଟି ଯଥା - ହଳ, ବଳଦ, ଗାଈ, ଚାଷକର୍ମ ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ଚିତ୍ର ଅଙ୍କନ କରନ୍ତି ।

## ଆକୁଳି ପୂଜା :-

ଏହା ରାମ ଲକ୍ଷ୍ମଣ ପୂଜା ଅଟେ । ବୈଶାଖ ମାସରେ ଏହି ପୂଜା ହୁଏ । ଏହି ପୂଜାରେ ଧନୁଶରର ପୂଜା ହୋଇଥାଏ । ଦେହୁରୀ ଓ ଗ୍ରାମର ଗୌନ୍ତିଆ ଏହାକୁ ପୂଜା କରନ୍ତି । ଏହି ପୂଜା ସାମାପନ ପରେ ପାରମ୍ପରିକ ନୀତିରେ ପାରିଧି କରିବାକୁ ପାଉଡ଼ିଭୂୟାମାନେ ବାହାରି ଥା'ନ୍ତି । ସେମାନଙ୍କର ବିଶ୍ୱାସ ଏହି ପୂଜା ନକରି ପାରିଧି କରିବାକୁ ଗଲେ ଜନ୍ତୁ ମିଳେ ନାହିଁ ।

## ପୂଜାସାମଗ୍ରୀ –

କଳାକୁକୁଡ଼ା ୧ଟା, ଧଳା କୁକୁଡ଼ା ୧ଟା, ଅରୁଆଚାଉଳ (ଅକ୍ତା, ଝୁଣା, ହଳଦୀଗୁଣ୍ଡ, ଘିଅସଳିତା ୨ଟା, ଗଞ୍ଜେଇ, କାହାଳି ୨ଟା ଓ ଧନୁଶର ।

ସମୟ – ଏହାର କୌଣସି ନିର୍ଦ୍ଦିଷ୍ଟ ତିଥି ନଥାଏ ।

ସ୍ଥାନ - ଗ୍ରାମନିକଟସ୍ଥ ମେଳ । (ନାଳକୂଳରେଥିବା ଗଛମୂଳ ଯେଉଁଠାରେ ପୂଜା ହୁଏ ତାକୁ ମେଳ କୁହାଯାଏ) ।

## ରଜପର୍ବ –

ଜ୍ୟେଷ୍ଠ ମାସରେ ଏହି ପର୍ବ ପାଳନ କରାଯାଏ । ପହିଲିରଜଠାରୁ ୪ଦିନ ଧରି ଏହି ପର୍ବ ପାଳନ କରାଯାଏ । ୧୩ ତାରିଖ ଦିନ ନାଳରୁ ବା ଝରଣାରୁ ପାଣି ସଂଗ୍ରହ କରି ରଖିଥା'ନ୍ତି । ୧୪ ତାରିଖ ଦିନ ସକାଳୁ ପିଠା, ମାଂସ ଇତ୍ୟାଦି କରିଥା'ନ୍ତି । ଏହି ରଜରେ କୌଣସି ପୂଜା ହୁଏ ନାହିଁ । ରଜଦୋଳିରେ ଝୁଲନ୍ତି । ପୁଅ-ଝିଅ ମିଶି ସଜନୀ ଗୀତ ଗାଆନ୍ତି । ଏହି ଦୋଳିରେ ରାତିରେ ବୁଢ଼ାବୁଢ଼ୀ ଝୁଲନ୍ତି । ଏକ ରାତିରେ ଯୁବକ-ଯୁବତୀମାନେ ଝୁଲନ୍ତି । ମଦ୍ୟପାନ କରି ଖୁସି ମନାନ୍ତି । ଗୋଟିଏ ଗାଁ'ରୁ ଯୁବକମାନେ ଅନ୍ୟାନ୍ୟଗାଁ'କୁ ଯାଇ ଯୁବତୀମାନଙ୍କ ସହ ସଜନୀ ଗୀତ ଗାଇ ରାତି ବିତାଇ ଦିଅନ୍ତି ।

## ବାରପୂଜା -

ଆଷାଢ ମାସରେ ଏହି ପୂଜା କରାଯାଏ । ଖୁଣ୍ଟଗାଁର ପାଉଡ଼ିଭୂୟାଁ ବସବାସ କରୁଥିବା ଖଣ୍ଡାଧାର ପାହାଡ଼ର ପାଦଦେଶରେ ୧୨ ଗୋଟି ଗାଁ' ଯଥା କିଲିଣ୍ଡା, କର୍ଡ଼ାକୁନ୍ଦର, ସାନନୂଆଗାଁ, ବଡ଼ନୂଆଗାଁ, ବୁଢ଼ାଭୂଇଁ, ଲଡ଼ାପାଣି, ତାଳବାହାଲି, ବିଜାଘାଟ, ମୁକୁଳାପାଣି, ସାନଜଳର ବାସିନ୍ଦାମାନେ ଏକତ୍ରିତହୋଇ ଏହି ପୂଜା ପାଳନ କରନ୍ତି ବୋଲି ଏହାକୁ ବାରପୂଜା କହନ୍ତି । ଏହି ପୂଜା ଆଷାଢ଼ ମାସରେ ପାଳିତ ହେଉଥିବାରୁ ଏହାକୁ କେତେକ ସ୍ଥାନରେ ଅଷାଢୁଆ ବଳି ବୋଲି କହିଥାନ୍ତି । ଆଷାଢ଼ ମାସରେ ପୋଡୁଚାଷ କରିବାକୁ ଯିବା ପୂର୍ବରୁ ବଳି ଦିଆଯାଇଥାଏ । ଆଷାଢ଼ ମାସରେ ଯେ କୌଣସି ଦିନ ଏହି ପୂଜା କରାଯାଏ । ଏହି ବଳି ଦେଲେ ଭଲ ବର୍ଷା ହୁଏ ଏବଂ ଭଲ ଫସଲ ହୁଏ ; ତେଣୁ ଚାଷ କରିବା ପୂର୍ବରୁ ଏହି ପୂଜା କରାଯାଏ । ଗ୍ରାମର ଜାନି ବା ଦେହୁରୀ ପୂଜା କରନ୍ତି ।

## ପୂଜା ସାମଗ୍ରୀ –

ନୂଆହାଣ୍ଡି, ଅଲ୍ଟା, (ଅରୁଆଚାଉଳ) ଘିଅସଳିତା, ଝୁଣା, ଅରୁଆଚାଉଳ ପିଠଉ, ସିନ୍ଦୂର, ବେଲପତ୍ର, ଫୁଲ, କ୍ଷୀର, ହଳଦୀ, ନାଲି ଓ କଳା କୁକୁଡ଼ାଚିଆଁ, ବୋଦା, ବୋଦା ବଳି ପକାଇବା ପାଇଁ ଫାର୍ସା, ପତ୍ରଚଉତି ଓ ଖଲି, ମୁଗୁନି ପଥର ।

## ସ୍ଥାନ -

ଗ୍ରାମ ଉପକଣ୍ଠରେ ବୋହିଯାଉଥିବା ନାଳକୂଳରେ କୌଣସି ଗହଳିଆ ଶାଳ ବା ମହୁଲ ବୃକ୍ଷମୂଳରେ ଏହି ପୂଜା ହୁଏ । ଏହି ପୂଜାସ୍ଥଳୀକୁ ମେଳ କୁହାଯାଏ ।

## ପୂଜାବିଧ –

ଦେହୁରୀ (କାଲୋ) ଗାଧୁଆସାରି ସମସ୍ତ ପୂଜା ସାମଗ୍ରୀ ସଂଗ୍ରହ କରି ମେଳକୁ ଯାଏ । ଏଠାରେ ଗ୍ରାମର କାଲୋ, ଗୌନ୍ତିଆ ଏବଂ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଏକତ୍ରିତହୋଇ ଥା'ନ୍ତି । ସେଠାରେ ୨/୩ ଗୋଟି ପଥର ସ୍ଥାପନ କରଯାଏ । ଏହିପରି ଭାବେ ପୂଜା ସମ୍ପାଦନ ହୁଏ ।

## ଜନ୍ମ-

ଜନ୍ମହେବାପରେ ମା' ଓ ଶିଶୁକୁ ଅଲଗା ରଖାଯାଏ । ୧୧ ଦିନ ପର୍ଯ୍ୟନ୍ତ ମା'କୁ କିଛି ଖାଇବାକୁ ଦିଆଯାଏନାହିଁ । ୫ ଦିନ ପର୍ଯ୍ୟନ୍ତ ମା' ଓ ଶିଶୁ ଅଲଗା ରହନ୍ତି ଅର୍ଥାତ୍ କେହି ଛୁଆଁଛୁଇଁ କରିନ୍ତିନି । ୨୧ ଦିନପରେ ଧୋବା ଓ ଭଣ୍ଡାରିଦ୍ୱାରା ଶୌଚ କର୍ମ ସମ୍ପାଦନ କରାଯାଏ । ଏହିପରି ଏକୋଇଶା ପାଳନ କରାଯାଏ । ଏହି ଏକୋଇଶାପାଇଁ ସେମାନଙ୍କ କୌଣସି ଭୋଜି ଭାତର ଆୟୋଜନ କରନ୍ତି ନାହିଁ ; କିନ୍ତୁ ମଦ୍ୟପାନ କରନ୍ତି । ଭାତ ତରକାରିଆଦି ବିଶେଷ ଭୋଜନ କରି ଖୁସି ମନାନ୍ତି ।

## ମୃତ୍ୟୁ –

ମୃତ୍ୟୁ ଦିବସରେ ହିଁ ଶବସତ୍କାର ପରେ ଶୁଦ୍ଧିକ୍ରିୟା ସମ୍ପାଦନ ହୋଇଥାଏ । ଶବକୁ ମାଟିଦେଇ ପୋତିଦିଆ ଯାଇଥାଏ । ତା'ପରେ କ୍ଷୌରକର୍ମ କରାଯାଏ ଏବଂ ଗୃହର ବସ୍ତ୍ରାଦି ଧୋବାଦ୍ୱାରା ସଫା କରାଯାଏ । ଏଥିପାଇଁ କୌଣସି ବିଶେଷ ଆୟୋଜନର ବ୍ୟବସ୍ଥା ନଥାଏ; କିନ୍ତୁ ମଦ୍ୟପାନ ହୁଏ ।

## ବିବାହ –

ପୁଅଘର ଝିଅଘରକୁ ୫ଭାର ହାଣ୍ଡିଆ ନେଇ ବିବାହ ପ୍ରସ୍ତାବ ସ୍ଥିର କରାଯାଏ । ତା'ପରେ ବରପକ୍ଷ କନ୍ୟା ଘରକୁ ଯାଇ ପିନ୍ଧାଣୀ ବ୍ୟବସ୍ଥା କରନ୍ତି । ଶାଢୀ, ଶାୟା, ବ୍ଲାଉଜ୍, ସୁନା, ପିତ୍ତଳ, ଗାଈ , ହାଣ୍ଡିଆ ୨ ଭାର, ଧୂପ, ଦୀପ, ହାତକୁ ଚୁଡ଼ି ଇତ୍ୟାଦି ଓ ୨ଖଣ୍ଡ ମୂଲ (ଚାଉଳ), ଛେଳି ୩ ଗୋଟି , ଗାଈ ୧ ଗୋଟି, କୁକୁଡ଼ା ୨ଟି, ଡାଲି, ତେଲ ପ୍ରଭୃତି କନ୍ୟାପିତାଠାରୁ ନିଆଯାଇ ବିବାହର ନିଷ୍ପତ୍ତି ଜଣାନ୍ତି । କଣ୍ଡିରା (ମଧ୍ୟସ୍ଥି) ପୁଅ ଓ ଝିଅଙ୍କୁ ବେଦୀରେ ବସାଇ ହାତଗଣ୍ଠି ପକାନ୍ତି । ବିଶେଷ ବିବାହ କର୍ମକାଣ୍ଡ ବ୍ୟବସ୍ଥା ନଥାଏ । ବିଭାଘର ସମୟରେ ଢ଼ଣବାଜା ବଜାଯାଏ ।

## ପାରଧି ପୂଜା –

ଗୋଟିଏ ଝିଅକୁ ଅଣ୍ଡିରା ବେଶ କରି ଧନୁଶର ଧରାଇ ଦିଆଯାଏ । ଦରବାରରେ ଗୋଟେ କଦଳୀଗଛକୁ ଏକ କାଳ୍ପନିକ ସମ୍ବର ରୂପେ ରଖାଯାଏ । ଏହାକୁ ଲୋକମାନେ ବିଭିନ୍ନ ଭଣ୍ଡଭାଷା କହି ଆସନ୍ତି । ଗୀତ ଗାଇ ଗାଇ ପାଣି ଢ଼ାଳି କରି ସମ୍ବରକୁ ୩ ଥର ଘୂରନ୍ତି । ତା'ପରେ କଦଳୀଗଛକୁ ଧନୁରେ ବାନ୍ଧନ୍ତି । ପରେ ତାକୁ ମଝିରୁ ୨ ଖଣ୍ଡ କରି କାଟନ୍ତି, ଖଣ୍ଡ ଖଣ୍ଡ କାଳ୍ପନିକ ମାଂସକୁ ନେଇ ଘର ଘର ବୁଲାଇ ବାଣ୍ଟନ୍ତି ଓ ସମସ୍ତଙ୍କ ଘରୁ (ଜାତି, ଧର୍ମ ନିର୍ବିଶେଷରେ) ଧାନ ଆଣନ୍ତି । ତା'ପରେ ମର୍ଦମାନଙ୍କୁ ଡ଼ାକନ୍ତି । ଅଣ୍ଡା, କୁକୁଡ଼ା,ଚାଉଳ ଓ ହଳଦୀଗୁଣ୍ଡ ସହିତ ଧନୁଶର ମର୍ଦମାନଙ୍କ ହାତରେ ଟେକିଦେଇ "ଧନୁଶର ନେଇ ପାରିଧି କରି ଯା" ବୋଲି କହନ୍ତି । ତାପରେ ସେମାନେ ପାରିଧି କରିବାକୁ ଯା'ନ୍ତି । ଜଙ୍ଗଲରେ ସେ ବର୍ଷ ସବୁଦୃଷ୍ଟିରୁ ଠିକ୍ ଅଛି ବୋଲି ଭାବନ୍ତି । ଏହାପରେ ସମସ୍ତେ ଆମ୍ବ ବଉଳ ଖାଆନ୍ତି ।

## ଭୋଷଣା –

ଚଇତ୍ର ଅମାବାସ୍ୟା ପରେ ଏହି ଓଷା କରାଯାଏ । ଝିଅମାନଙ୍କର ଏହି ଓଷା । ସମସ୍ତଙ୍କ ଘରୁ ଧାନ, ଚାଉଳ ସଂଗ୍ରହ କରି ଜଣଙ୍କ ଦୁଆରେ ରଖନ୍ତି । ସେଠାରେ ସ୍ତ୍ରୀଲୋକମାନେ କୁକୁଡ଼ାବଳି ଦେଇ ପୂଜା କରନ୍ତି । ବଡ଼ ବଡ଼ ପିଠା ତିଆରି କରନ୍ତି । ଏହାକୁ ଗ୍ରାମ ଦେବତୀ ଓ ଜଙ୍ଗଲ ଦେବୀଙ୍କୁ ଅର୍ପଣ କଲାପରେ ସମସ୍ତେ ଭକ୍ଷଣ କରନ୍ତି । ଏହି ପୂଜାରେ ପ୍ରତ୍ୟେକ ଘରୁ ଗୋଟିଏ ଲେଖାଏଁ କୁକୁଡ଼ା ଆଣି ବଳି ଦିଆଯାଏ । ଗାଁ'ର ଶୁଭ ହେବ ଓ ଜଙ୍ଗଲରେ କୌଣସି ବିପଦ ପଡ଼ିବ ନାହିଁ ମନାସି ଏହି ପୂଜା କରନ୍ତି ।

## ପୂଜା ସାମଗ୍ରୀ :-

ଅରୁଆ ଚାଉଳ, ହଳଦୀ ଗୁଣ୍ଡ, ଘିଅସଳିତା, ଧୂପ, ସିନ୍ଦୂର, ବେଲପତ୍ର, ଫୁଲ ଇତ୍ୟାଦି । ପୂଜା, ପାର୍ବଣ କର୍ମ କ୍ରିୟାରେ ଜଣେ ପୂଜକ ବା ପୁରୋହିତ କାର୍ଯ୍ୟ ସଂପାଦନ କରିଥାନ୍ତି । ଏ ପ୍ରଥା ଆଦିବାସୀ ସମ୍ପ୍ରଦାୟରେ ଉପଲବ୍ଧ । ଭିନ୍ନ ଭିନ୍ନ ଆଦିବାସୀଙ୍କର ଆଞ୍ଚଳିକ ଭିତିରେ ଏହି ପୁରୋହିତ କଥା ଭିନ୍ନ ଭିନ୍ନ ନାମରେ କଥିତ । ନାଏକ, ପ୍ରଧାନ, ଗଉଁତିଆ, (ଗ୍ରାମର ମୁଖିଆ ହେଲେ ହେଁ ପୂଜା, ପାର୍ବଣ କର୍ମରେ କେତେକାଂଶରେ ସଂଶ୍ଳିଷ୍ଟ) ସର୍ଦ୍ଦାର,କାଳିସୀ, ଜାନି(ବିଶେଷତଃ କନ୍ଧ ମାନଙ୍କର ପୂଜକ), ଦେହୁରୀ , ଦିଶ୍ରୀ, କାଲୋ, ଝାଙ୍କର ଇତ୍ୟାଦି ଭିନ୍ନ ଭିନ୍ନ ଆଦିବାସୀଙ୍କର ଦେବ ପୂଜନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ।

## ରାକ୍ଷୀ ପୂର୍ଣ୍ଣମୀ -

ଏଥିରେ ଗୋରୁ ବନ୍ଦନ କରାଯାଏ । ଭୋଜିଭାତ, ମଦ, ମାଂସ, ନାଚ, ଗୀତର ଉପଯୋଗରେ ଏହି ପର୍ବ ପାଳନ କରାଯାଏ ।

## ନୂଆଖାଇ :

ଗଣେଷପୂଜା ପରଦିନ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ ।

ପୂଜା ସାମଗ୍ରୀ- କୁକୁଡ଼ା, ଝୁଣା, ଧୂପକାଠି, ସଳିତା, ଅକ୍ତା(ଅରୁଆ ଚାଉଳ), ବେଲପତ୍ର, ତୁଳସି ପତ୍ର, ବରକୋଳି ପତ୍ର, ଦୂବ, ହଳଦୀ ଗୁଣ୍ଡ । ଗ୍ରାମର ଦେହୁରୀ ଏସବୁ ସାମଗ୍ରୀନେଇ ମେଳ (ପୂଜାସ୍ଥଳୀ)ରେ ପୂଜା କରେ । ପୁଅ ପିଲାମାନେ ଝିଅପିଲା ବେଶରେ ଦେହୁରୀକୁ ବାଜା ବଜାଇ ବରିକରି ନିଅନ୍ତି । କାଲୋ ବା ଦେହୁରୀ ନୂଆ ଲୁଗା ପିନ୍ଧି ପୂଜା କରେ । ସମସ୍ତଙ୍କଘରୁ ଧାନ ମାଣେ ଲେଖାଏଁ ନିଆଯାଏ ଓ ଏକାଠିକରି କାଲୋ କୁଟିକରି ଚାଉଳ କରେ । ସେହି ଚାଉଳରେ ପୂଜା ହୁଏ ଓ ଭୋଜି ରନ୍ଧାହୁଏ । ଅଳ୍ପ କିଛି ନୂଆ ଚାଉଳ ଏଥିସହ ମିଶାଇ ପୂଜା କରାଯାଏ । ମେଳରୁ ଆସି ଯେଝା ଘର ମାନଙ୍କରେ ନିଜେ ନିଜେ ନୂଆ ଚାଉଳ ପୂଜା କରନ୍ତି ଓ ପିତୃ ପୁରୁଷଙ୍କୁ ଅର୍ପଣକରି ନବାନ୍ନ ଭକ୍ଷଣ କରନ୍ତି । ନାଚ, ଗୀତରେ ମସଗୁଲ୍‌ହୋଇ ଆମୋଦ ପ୍ରମୋଦ କରନ୍ତି । ପାରମ୍ପରିକ ମଦ୍ୟ ସେବନ କରନ୍ତି । ଏହା ସେମାନଙ୍କର ନବାନ୍ନ ଭକ୍ଷଣର ବିଧି । ମୁଖ୍ୟ ଭୋଜ୍ୟ ହେଉଛି ମଦ ଓ ମାଂସ ।

**ପୁଷ୍ ପୁନେଇ :**

ପୁଷପୁନେଇ ମେଳରେ ପୂଜା ହୁଏ । ଘର ମାନଙ୍କରୁ ବଡ଼ି ସଂଗ୍ରହ କରି ନିଅନ୍ତି । କାଲୋ ଏହି ବଡ଼ିକୁ ପୂଜା କରେ ।

ପୂଜାସାମଗ୍ରୀ: ଅକ୍ତା (ଅରୁଆ ଚଉଳ), କୁକୁଡ଼ା, ଧୂପକାଠି, ଘିଅ ସଳିତା, ଫୁଲ, ଦୂବ, ବେଲପତ୍ର, ନଡ଼ିଆ, କଦଳି, ଉଖୁଡ଼ା ଓ ମଦ । ମେଳରେ କେବଳ ବାଳକମାନେ ଖାଇବାକୁ ଯାଆନ୍ତି । ବୟଷ୍କମାନେ ଯାଆନ୍ତି ନାହିଁ । ସ୍ଥଳ ବିଶେଷରେ ଏବେ ବୃଦ୍ଧମାନେ ଖାଇବାକୁ ଗଲେଣି । ଏହି ଦିନ ନୂଆକରି ବିରି ବଡ଼ି ଖିଆଯାଏ । ମଦ, ମାଂସ ଭୋଜନକରି ନାଚ, ଗୀତରେ ମସଗୁଲ୍‌ହୋଇ ରାତି ବିତାଇଥାଆନ୍ତି ।

**କର୍ମା :** କର୍ମା ଡ଼ାଳ ବରଣକରିଆଣି ଦରବାର ପାଖରେ ପୋତାଯାଏ । ଏହି ଡ଼ାଳକୁ ପୂଜା କରାଯାଏ । ନିର୍ଜ୍ଜଳାରହି ଲୋକମାନେ ପୂଜାକରନ୍ତି । କାଲୋଦ୍ୱାରା ଏହି ପୂଜା କରାଯାଏ ।

**ପୂଜାସାମଗ୍ରୀ :** ଘିଅ, ଗୁଡ଼, ଅକ୍ତା(ଅରୁଆ ଚଉଳ), ଫୁଲ, ଦୂବ, ବରକୋଳି ପତ୍ର, ବେଲପତ୍ର, କୁକୁଡ଼ା ଓ ମଦ । କାର୍ତ୍ତିକ ମାସର ଯେ କୌଣସି ଗୁରୁବାରଦିନ ପୂଜା ହୁଏ । ଶୁକ୍ରବାରଦିନ ଭଷାଣୀହୁଏ । ମାଦଳ ବଜାଇ କର୍ମା ନାଚନ୍ତି । ମଦ, ମାଂସ ଭୋଜନ ଓ ନାଚ, ଗୀତରେ ରାତି ବିତିଯାଏ ।

**କର୍ମା ଗୀତ :**

ଜୟ ଜୟ ଜଗନ୍ନାଥ,

ନାମ କମଳା ହେଲେ ଜାତ,

ଜୟ ଜଗନ୍ନାଥ ତାରୁଣି ହେଲ,

ତାରୁଣିହେଲକି ରୁନଧାଇ ହେଲ,

କେନ୍ଦୁଝର ରାଇଜରେ

ଆଶା କେନ୍ଦୁଝର ରାଇଜରେ

ଜୟା ଜଲ ବନ୍ଧୁ ଦୟାକରିବାରେ

କିଏ ଆଶା ପୁରୁଥିଲେ

ଆଶା କେନ୍ଦୁଝର ରାଇଜରେ

# ଲୋକ କଥା - ଜନଶ୍ରୁତି

ଆଦିବାସୀ ସହିତ କାମ କରୁ କରୁ ଅନେକ କାହାଣୀ ଶୁଣିଲି ଯାହା ଆଦିବାସୀର ଲୋକ କଥା ଉପରେ ଆଧାରିତ । ଏ ଲୋକ କଥା କେତେ ବେଳେ ଅନ୍ଧବିଶ୍ୱାସ ବୋଲି ଭାବିବାକୁ ହୁଏତ କେତେବେଳେ ଏହା ଉଦ୍‌ଭଟ ବା କଳ୍ପନା ଆଧାରିତ ଲୋକ କାହାଣୀ ବୋଲି ମନେ ହୁଏ । ସେ ଯାହା ହେଉ ଏହା ଶୁଣିଲେ ଏ ଗୋଟିଏ ଗୋଟିଏ ଉପଭୋଗ କରିବାର କାହାଣୀ ଓ କୌତୂହଳର ଲୋକକଥା ନିଷ୍ଚିତଭାବେ ଭାବନାକୁ ଆସିଯାଏ ।

କନ୍ଧ ଅଞ୍ଚଳରେ କାମ କଲା ବେଳେ ସାଙ୍ଗସାଥି ମେଳରେ "ପାଲଟା ବାଘ" କାହାଣୀ ଶୁଣିଥିଲି । ଜଣେ ଜଣେ ବୁଢା ନିଜର ତାନ୍ତ୍ରିକ କ୍ରିୟା ବଳରେ ନିଜକୁ ବାଘରେ ପରିଣତ କରିପକାଏ । ପୁନଶ୍ଚ ସେ ସ୍ୱତଃ ଚାହିଁଲେ ମଣିଷରେ ରୂପାନ୍ତରିତ ହୋଇଯାଏ । ଏହି ପାଲଟା ବାଘ ହୋଇ ସିଏ ପ୍ରତିଶୋଧ ପରାୟଣ ହୋଇ ତାର ଶତ୍ରୁର କ୍ଷତି କରେ କିମ୍ବା ଅନ୍ୟ କେହି ଶତ୍ରୁର କ୍ଷତି ଘଟାଇବା ପାଇଁ ଚାହିଁଲେ, ଏହି ଭଳି ଜଣ ଜଣକୁ ପାଲଟା ବାଘରେ ପରିଣତ କରିବା ପାଇଁ ନିୟୋଜିତ କରିଥାଏ । ପୁଣି ଏକ କାହାଣୀ ଶୁଣିବାକୁ ମିଳେ ପାଲଟା ବାଘ ଯଦି ମଣିଷରେ ପରିଣତ ନ ହୋଇ ବାଘ ହୋଇ ଘରକୁ ଫେରି ଆସେ ତାହା ହେଲେ ତାଙ୍କ ଘରର ଲୋକ ତା ଉପରେ ହଳଦୀପାଣି (ମନ୍ତ୍ର ପାଣି) ପକାଇ ଦେଲେ ସେ ପୁଣି ମଣିଷ ହୋଇଯାଏ ।

ଆଉ ଗୋଟିଏ ରୋମାଞ୍ଚକର ଲୋକ କଥା ଶୁଣିବାକୁ ପାଇଥିଲି; ସୁନ୍ଦରଗଡ଼ର ଏକ ନିର୍ଦ୍ଦିଷ୍ଟ ଆଦିବାସୀର ପାରମ୍ପରିକ ସଂସ୍କୃତି ଉପରେ । ଧାନ ବୁଣା ସମୟରେ ମଣିଷ ରକ୍ତ ଗୋଳାଇ ଧାନ ବୁଣିଲେ ଧାନ ଭଲ ହୁଏ ବୋଲି ତାଙ୍କର ବିଶ୍ୱାସ । ଏହା ମଣିଷ ବଳି ଜରିଆରେ ହେଉ ବା ଅନ୍ୟ କୌଣସି ଉପାୟରେ ମଣିଷ ରକ୍ତ ସଂଗୃହୀତ ହୋଇ ବ୍ୟବହାର କରାଯାଇଥାଏ । ଏହା ଯଦିଓ ଏକ ପ୍ରାଚୀନ ପରମ୍ପରା; ବର୍ତ୍ତମାନ ଏହାର ସଂସ୍କାର ହେଲାଣି । ଏହା ଏକ ଲୋକ କାହାଣୀ ହୋଇ ରହିଯାଇଛି ।

କନ୍ଧମାନଙ୍କର ହଳଦୀ କିଆରୀରେ ମଣିଷବଳି ଦେବା କଥା ଇତିହାସରେ ପଢ଼ିଥିଲୁ । ଆଦିବାସୀ ଲୋକ ସଂସ୍କୃତିର କାହାଣୀରେ ଶୁଣିବାକୁ ପାଇଲୁ । ମଣିଷ ରକ୍ତ ହଳଦୀ ଫସଲରେ ଦେଲେ ଫସଲ ଭଲ ହୁଏ ଓ ହଳଦୀର ରଙ୍ଗ ଭଲ ହୁଏ ବୋଲି ସେମାନଙ୍କର ଧାରଣା । ସେଥିପାଇଁ ମଣିଷବଳି ପ୍ରଥା ପ୍ରଚଳିତ ଥିଲା । ବହୁ ବର୍ଷ ପରେ ମଣିଷବଳି ପ୍ରଥାର ସଂସ୍କାର ଆସିଲା । ମଣିଷ ବଦଳରେ ପୋଢ଼ ବଳି ଦିଆଗଲା । ଏକ

ମନ୍ତ୍ର, ତନ୍ତ୍ର ପରିବେଶରେ ପୋଢ଼କୁ ଶୌଚ,ସ୍ନାନ କରାଇ ପୂଜା, ଧ୍ୱଜାପୂର୍ବକ ବିଭିନ୍ନ ଅଙ୍ଗ ଛେଦନ କରାଯାଇ ପୋଢ଼ର ରକ୍ତକୁ ହଳଦୀ କିଆରୀରେ ଦିଆଗଲା ଏବଂ ଏହା ମଣିଷବଳିର ବିକଳ୍ପ ରୂପେ ବର୍ତ୍ତମାନ ବ୍ୟବହାର କରାଯାଉଅଛି । ଏଥିରେ ପୂଜା,ପାର୍ବଣ,ଭୋଜି, ଉତ୍ସବ ଓ ମହୋତ୍ସବର ବ୍ୟବସ୍ଥା କରାଯାଇଥାଏ । ଏଠାରେ ଏହା ପ୍ରାଚୀନ ପ୍ରଥାକୁ ଲୋକ ଲୋଚନକୁ ଆଣିବା ସହିତ ଏକ ସଚେତନତା ବାର୍ତ୍ତାର ଓ ପ୍ରଚାର ଉଦ୍ଦେଶ୍ୟ ଅଟେ । ଏ ନକରାତ୍ମକ ପ୍ରଥାର ସଂସ୍କାର ହେଲେ ପ୍ରାଣୀଧନ ସୁରକ୍ଷା ସହିତ ପରିବେଶ ସୁରକ୍ଷା ହୋଇପାରିବ ।  ଆସନ୍ତୁ ଯିବା ବିକ୍ଷିପ୍ତ ଜନଜାତି ଶବର ବାସ କରୁଥିବା ଅଞ୍ଚଳକୁ । ବହୁ ପ୍ରାଚୀନ ଲୋକକଥା, ସେତେବେଳେ ଏମାନେ ପିଠା, ପଣା କରି ଜାଣି ନଥିଲେ । ଉଚ୍ଚ କୂଳର ପରିବାରରେ ପିଠା, ପଣା ହେଲେ ଏମାନଙ୍କୁ ଶ୍ରଦ୍ଧାରେ ବିତରଣ କରାଯାଏ । ଏହି ପିଠା ମଧ୍ୟରେ ଚକୁଳି, ମଣ୍ଡା, ଆରିସା, କାକରା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ଉଚ୍ଚ କୁଳର ଗୃହିଣୀମାନଙ୍କୁ ଏମାନେ ଭକ୍ତିରେ ସାଆନ୍ତାଣୀ ସମ୍ବୋଧନ କରନ୍ତି । ଏହି ପିଠା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି "ସାଆନ୍ତାଣୀ ! ଏ ଚକୁଳି ପିଠାରେ କେତେ ସମୟ ବସି କେମିତି ବିନ୍ଧ କରିଛ" ? ମଣ୍ଡା ପିଠାକୁ ଦେଖି କହନ୍ତି," ଏ ପିଠାରେ ତ କେଉଁଆଡୁ ବାଟ ନାହିଁ, ୟା' ଭିତରକୁ ପୁର ଗଲା କେମିତି " ? ଏହାଂ ଏଠାରେ ଅବତାରଣା କରିବା ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ଏହି ସମ୍ପ୍ରଦାୟଠାରୁ ସେ ଦିନର ଅବୋଧତା ଦୂର ହୋଇ ଏବେ ବୋଧଗମ୍ୟ ହେଲାଣି । ଏବେ ସେମାନେ ନିଜ ହାତରେ ପିଠା ପ୍ରସ୍ତୁତ କରି ଖାଇଲେଣି । ପୁନଶ୍ଚ ସେମାନଙ୍କର ଗୁଣିଗାରେଡ଼ି, ପ୍ରକୃତି ପୂଜନ, ଜଡ଼ିବୁଟିର ବ୍ୟବହାର ଭଳି ଅନ୍ଧବିଶ୍ୱାସ ସମାଜରେ ବଳବତ୍ତର ଥିଲା । ଏହା କେତେକାଂଶରେ ଦୂର ହେଲାଣି  । ଆଉ ଗୋଟିଏ ଲୋକ କାହାଣୀ ତାହା ବିଶ୍ୱାସ ହେଉ ବା ଅବିଶ୍ୱାସ ହେଉ ଏହା ଜନଶ୍ରୁତିର କାହାଣୀ । ପାଲଟା ବାଘ ସଦୃଶ କେଉଁଠି କେଉଁଠି ବୃଦ୍ଧାଠାରେ(ଆଦିବାସୀ ଏବଂ ଅଣ-ଆଦିବାସୀ ମଧ୍ୟ) ପ୍ରେତ ସବାର ହୋଇ ଡାହାଣୀ ରୂପରେ ସମାଜର ଅନିଷ୍ଟ କର୍ମରେ ରତ ହୋଇଥାଏ । କେଉଁଠି ଘୁଷୁରି ରୂପେ ରୂପାନ୍ତରିତ ହୋଇ ବର୍ଜ୍ୟବସ୍ତୁ ସେବନ କରିଥାଏ ।  ଏହା ଏକ ମନ୍ତ୍ର ତନ୍ତ୍ରର ଉପଯୋଗ । ବର୍ତ୍ତମାନ ଏହା ସଂସ୍କାର ମାର୍ଗକୁ ଆସିଲାଣି । ଏବେବି ଆଦିବାସୀମାନଙ୍କ ମଧ୍ୟରେ ଡାହାଣୀ ହୋଇ ସମ୍ପୂର୍ଣ୍ଣ ଅନିଷ୍ଟ କରିବା ସନ୍ଦେହ କରାଯାଉଛି ।

ମାଙ୍କଡ଼ିଆମାନେ ମନ୍ତ୍ର ବଳରେ ମାଙ୍କଡ଼ମାନଙ୍କୁ ନେଇଆସି ପାରନ୍ତି । ତାପରେ ସେହି ମାଙ୍କଡ଼କୁ ମାରି ଶିକାର କରି ଭକ୍ଷଣ କରିବାର ଜନଶ୍ରୁତି ବଳବତ୍ତର ରହିଛି ।

ଏହି ପରି ଏହି ପରି ଆଉ କେତେ ଲୋକ କଥା - ଲୋକ କାହାଣୀ.......... ।

# ପ୍ରଦର୍ଶନୀ ମଣ୍ଡପ ଓ ଆଦିମ ଜନଜାତି ରମଣୀ :

ପ୍ରଦର୍ଶନୀ ବିଷୟରେ ଅନ୍ୟତ୍ର ବର୍ଣ୍ଣନା କରାଯାଇଛି । ଏହା ଅନ୍ୟ ଏକ ଦୃଷ୍ଟାନ୍ତ । ଅନ୍ୟ ଏକ ବର୍ଷର ପ୍ରଦର୍ଶନୀ ମଣ୍ଡପର ଅନୁଭୂତି । ସେ ବର୍ଷ କେତେକ ଆଦିମ ଜନଜାତି 'ବଣ୍ଡା' ଯୁବତୀମାନଙ୍କୁ ସେମାନଙ୍କର ଆଧୁନିକ ବିକାଶଧାରରେ ସମ୍ପୃକ୍ତିକରଣକୁ ପ୍ରଦର୍ଶନ କରିବାପାଇଁ ଏହି ପ୍ରଦର୍ଶନୀ ସ୍ଥଳକୁ ଅଣା ଯାଇଥିଲା । ପାଉଡ଼ିଭୂୟାଁ ରମଣୀମାନେମଧ୍ୟ ତାଙ୍କର ପାରମ୍ପରିକ ବେଶ ଅଭୂଷଣରେ ଯୋଗ ଦେଇଥିଲେ । ୧୦/୧୨ ଜଣ ଶାଢ଼ୀ,ବ୍ଲାଉଜ ପରିହିତା ମୁଣ୍ଡରେ ବେଣୀ ବାନ୍ଧିଥିବା ବଣ୍ଡା ରମଣୀ ଥା'ନ୍ତି । କାନରେ କାନଫୁଲ ଓ ବିଭିନ୍ନ ବେଷଭୂଷାରେ ଭୂଷିତ । ବଣ୍ଡା ରମଣୀ ସମ୍ପୂର୍ଣ୍ଣ ଭାବେ ପାରମ୍ପରିକ ବେଶ ପରିପାଟିର ବ୍ୟତିକ୍ରମ ।

ଏମାନଙ୍କୁ ଅତିଥିମାନେ ଦେଖି ଖୁସି ହେବା କଥା ; କାରଣ ଏହି ସମ୍ପ୍ରଦାୟର ରମଣୀ ଶାଢ଼ୀ ପିନ୍ଧିବା ମନା । କେବଳ ଚାଖଣ୍ଡେ ଓସାରର ବସ୍ତ୍ର ପରିଧାନ କରି ବେକରେ ଗୋଛାଏ ମାଳି ଏବଂ ଫୁଲପତ୍ରର ମାଳ ପକାଇ ଅଙ୍ଗ ଆବୃତ କରି ରଖିବା ତାଙ୍କର ପାରମ୍ପରିକ ପରିଧାନ ଓ ଆଭୂଷଣଶୈଳୀ । ମୁଣ୍ଡ ସମ୍ପୂର୍ଣ୍ଣ ଲଣ୍ଡା ରଖିବା ମଧ୍ୟ ତାଙ୍କର ପାରମ୍ପରିକ ବିଧି । ଏଭଳି ପାରମ୍ପରିକ ଚଳଣୀକୁ ବିଲୋପ କରି ବେଷଭୂଷାର ଆଧୁନିକୀକରଣଦ୍ୱାରା ଏ ସମାଜରେ କି ସାଂସ୍କୃତିକ ସୁରକ୍ଷା ଓ ପରମ୍ପରାକୁ ମର୍ଯ୍ୟଦା ଦିଆଯାଇପାରୁଚି ? ଏ ବିଷୟରେ ପ୍ରଶ୍ନବାଚୀ ସୃଷ୍ଟି ହେଲା ।

ଏହାର ନକରାତ୍ମକ ଦିଗଟି ବିଷୟରେ ପୁନଶ୍ଚ ମତ ପ୍ରକାଶ ପାଇଥିଲା ଯେ ଏହି ଆଧୁନିକ ରମଣୀମାନେ ନିଜ ସମ୍ପ୍ରଦାୟରୁ ବାସନ୍ଦ ରହିଲେଣି ; ତେଣୁ ଏମାନଙ୍କର ବୈବାହିକ ସମ୍ପର୍କର ବ୍ୟାବସ୍ଥା ନିଜ ସମ୍ପ୍ରଦାୟ ମଧ୍ୟରେ ହୋଇ ପାରିବ ନାହିଁ । ଯେଉଁମାନେ ଏମାନଙ୍କୁ ଆଧୁନିକୀକରଣ କରିବାକୁ ପ୍ରବର୍ତ୍ତାଇଛନ୍ତି ସେମାନଙ୍କ ସମ୍ପ୍ରଦାୟ (ଆଦିବାସୀ ଇତର ସମ୍ପ୍ରଦାୟ) ବା ସେମାନେ ଏମାନଙ୍କୁ ବିବାହ କରିବାକୁ ଆଗେଇ ଆସିବେକି ? ତେବେ ଏହି ରମଣୀମାନେ ଶାଢ଼ୀ, ବ୍ଲାଉଜ୍ ପିନ୍ଧି, ବେଣୀ ବାନ୍ଧି, ସାଧାରଣ ସାକ୍ଷର ହୋଇ, ଶୁଦ୍ଧ ଭାଷା କହି, କିଛି ସିଲାଇ ପତ୍ରକରି ଜୀବିକା ନିର୍ବାହ କରି ତାଙ୍କର ଜୀବନକୁ

ସୁଖମୟ କରିପାରିବେ ? ଯେଉଁମାନେ ଏପ୍ରକାର ଆଧୁନିକୀକରଣପାଇଁ ପ୍ରବର୍ତ୍ତାଇଛନ୍ତି, ସେମାନେ ତାଙ୍କୁ ଏଇ ଅବସ୍ଥାରେ ଛାଡ଼ି ଦେଇ ଚାଲିଗଲାପରେ ସେମାନେ ଆଉ ସେମାନଙ୍କର ହୋଇ ପାରିବେ ନା ତାଙ୍କ ସମାଜର ହୋଇପାରିବେ । ଅବିବାହିତା ବା ଆଧୁନିକ ବେଶଭୂଷାକୁ ନେଇ ସୁଖରେ ରହିପାରିବେତ ? ଏଭଳି ଏକ ପରିସ୍ଥିତିରେ ତାଙ୍କର ସଂସ୍କୃତି ସୁରକ୍ଷା ଓ ଆଧୁନିକତା ଜରିଆରେ ମୁଖ୍ୟ ସ୍ରୋତରେ ସାମିଲ କରାଇବା ଦୁଇଟିଯାକ ବିପରୀତ ମୁଖୀ । ତଥାପି ଆମକୁ ଏ ଦୁଇ ଦିଗ ପ୍ରତି ଅନୁଧ୍ୟାନ କରିବାକୁ ହେବ, ଗବେଷଣା କରିବାକୁ ହେବ, ସଚେତନ କରିବାକୁ ହେବ । ପୁରୁଣା ରହିଥିବ, ନୂଆ କିପରି ପ୍ରବର୍ତ୍ତିତ ହେବ,ଏଥିପ୍ରତି ଦାୟିତ୍ୱ ବହନକାରୀ ବ୍ୟକ୍ତିମାନେ ପ୍ରୟାସୀ ହେବା ଆବଶ୍ୟକ । ଏମାନଙ୍କୁ ବିକାଶ ଡଙ୍ଗାରେ ବସାଇ ପରମ୍ପରାର ମଝି ନଈରେ ଛାଡ଼ିଦେଲେ ଚଳିବ ନାହିଁ ।

❖❖❖

# ପ୍ରଦର୍ଶନୀ ମଣ୍ଡପରେ ପାଉଡ଼ିଭୂୟାଁ

ମୁଁ ଖୁଣ୍ଟଗାଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଭାବେ ୧୯୮୯ ମସିହାରେ ପ୍ରଥମଥରପାଇଁ ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ତରଫରୁ ପ୍ରଦର୍ଶନୀରେ ଯୋଗ ଦେଇଥିଲି । ସେତେବେଳେ ବଣେଇ , ପାନ୍‌ପୋଷ , ସୁନ୍ଦରଗଡ଼ ଓ କୁଚିଣ୍ଡା ଆଇ.ଟି.ଡି.ଏ, ଏଇଭଳି ଚାରିଗୋଟି ଆଇ.ଟି.ଡି.ଏ, ପାଇଁ ଗୋଟିଏ ମଣ୍ଡପ ଦିଆଯାଉଥିଲା ଓ ସୁନ୍ଦରଗଡ଼ ଆଇ.ଟି.ଡ଼ି.ଏ, ମୁଖ୍ୟ ଦାୟିତ୍ୱ ବହନ କରୁଥିଲା । ଅନ୍ୟ ଅଂଶୀଦାରମାନେ ଯଥା- ପାନ୍‌ପୋଷ,ବଣେଇ, ଓ କୁଚିଣ୍ଡା ଆଇ.ଟି.ଡ଼ି.ଏ ନାମକୁ ମାତ୍ର ତାଙ୍କର ପ୍ରଦର୍ଶ୍ୟ ବସ୍ତୁ ରଖି କାମଚଳାଇ ନେଉଥିଲେ । ଦିନେ ଆଦିବାସୀ ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର୍ ଖଗେଶ୍ୱର ମହାପାତ୍ର ଖୁଣ୍ଟଗାଁ ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିଲେ । ଏହି ଅଞ୍ଚଳର ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସମୟରେ ଏମାନଙ୍କର ସଂସ୍କୃତି ଉପରେ ଅନୁଧ୍ୟାନ କଲେ । ଆଦିମ ଜନଜାତି ପାଉଡ଼ିଭୂୟାଁମାନଙ୍କର ଭାଷା, ସଂସ୍କୃତି, ଢ଼ଗଢ଼ମାଳି, ନାଚ, ଗୀତ, ବାଦ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଖାଦ୍ୟାଭ୍ୟାସ, ବେଶ, ପୋଷାକ, ଅଳଙ୍କାର, କୃଷି, ଜୀବିକା, ଜୀବନ ଇତ୍ୟାଦି ଦେଖି କରି କହିଲେ "ପାଉଡ଼ିଭୂୟାଁ ସଂସ୍କୃତିରୁ ମୋର ହୃଦ୍‌ବୋଧ ହେଉଛି ଏହି ଅନନ୍ୟ ସଂସ୍କୃତିକୁ ଲୋକଲୋଚନକୁ ଆଣିବାପାଇଁ ପ୍ରଦର୍ଶନୀ ମଣ୍ଡପରେ ଏହାର ଏକ ସ୍ୱତନ୍ତ୍ର ମଡ଼େଲ୍ ସ୍ଥାନିତହେବା ଦରକାର" । ଏଇ ପରିପ୍ରେକ୍ଷୀରେ ସେ ବର୍ଷ ପ୍ରଦର୍ଶନୀ ସମୟରେ ପାଉଡ଼ିଭୂୟାଁ ସଂସ୍କୃତି ବିସ୍ତୃତ ଭାବେ ଆଦିବାସୀ ଉନ୍ନୟନ ସଂସ୍ଥାର ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଷ୍ଟଲର ବ୍ୟବସ୍ଥା କରାଯିବାପାଇଁ ସରକାରଙ୍କୁ ପରାମର୍ଶ ଦେଲେ । ତଦନୁସାରେ ମୁଁ ସେ ବର୍ଷ ଡ଼ିସେମ୍ବର ମାସରେ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲି ।

ପରବର୍ତ୍ତୀ ବର୍ଷ ଏ ପ୍ରସ୍ତାବର ଯଥାର୍ଥତା ଉପଲବ୍ଧି କରି ସରକାରଙ୍କଠାରୁ ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପକୁ ସ୍ୱତନ୍ତ୍ରତାଦେଇ ପାଉଡ଼ିଭୂୟାଁ ସଂସ୍କୃତି ଉପରେ ମଡ଼େଲ୍ ପ୍ରସ୍ତୁତପାଇଁ ନିର୍ଦ୍ଦେଶ ମିଳିଲା ଓ ଏହା ସହିତ କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପକୁ ସାମିଲ କରାଗଲେ ମଧ୍ୟ ସୁନ୍ଦରଗଡ଼କୁ ଅଲଗା ଷ୍ଟଲ ଦିଆଗଲା । ସେଇ ଦିନଠାରୁ ପାଉଡ଼ିଭୂୟାଁ ସଂସ୍କୃତି ପ୍ରଦର୍ଶନୀ ମଣ୍ଡପରେ ସ୍ୱତନ୍ତ୍ରଭାବେ ପ୍ରଦର୍ଶିତ ହୋଇ ଆସୁଅଛି । ପୁନଶ୍ଚ ଏହି ସଂସ୍କୃତି ଓ ଜୀବନଚିତ୍ର ଆଧାରରେ ଅବିକଳ ପାଉଡ଼ିଭୂୟାଁ ଘରର ଏକ

ମଡ଼େଲ୍ ମୋ' ଭାବପ୍ରବଣ ଚିନ୍ତାଧାରାରେ ନିର୍ମାଣ କରାଯାଇଥିଲା ଯାହାକି ପରବର୍ତ୍ତୀ ବର୍ଷମାନଙ୍କରେ ଅଦ୍ୟାବଧି ସେଇ ମଡ଼େଲ୍‌କୁ ଅନୁକରଣ କରାଯାଉଅଛି ।

ସ୍ୱତନ୍ତ୍ର ଚିନ୍ତାଧାରାରେ ଭଲଭାବେ ଆଦିମ ଜନଜାତିର ସମାଜିକ ଓ ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ତ୍ୱରାନ୍ୱିତ କରାଗଲେ ଓ ଏହାର ମଡେଲ୍ ଲୋକଲୋଚନକୁ ଅଣାଗଲେ ସର୍ବସାଧାରଣ ଏହାର ସାଂସ୍କୃତିକ ମୂଲ୍ୟବୋଧକୁ ଉପଭୋଗ କରିବା ସହ ବିକାଶଧାରାରେ ନୂତନତା ଯୋଡ଼ିବାପାଇଁ କ୍ଷେତ୍ର ସୃଷ୍ଟି ହୋଇପାରିବ । ଏହିବର୍ଷ ପ୍ରଦର୍ଶିତ ବସ୍ତୁମାନଙ୍କ ମଧ୍ୟରେ ଏକ ନୂତନ ଶୈଳୀ ଯୋଡ଼ିଲି ଯାହାକି କୌଣସି ଷ୍ଟଲରେ ଏହାପ୍ରତି ଧ୍ୟାନ ଦିଆଯାଇନଥିଲା । ସେଇଟି ହେଲା ଆଦିବାସୀମାନଙ୍କର ଉତ୍ପାଦିତ ପାରମ୍ପରିକ ବନଜାତ, କୃଷିଜାତ ଓ ଔଷଧୀୟ ପଦାର୍ଥର ନମୁନା ପ୍ରଦର୍ଶନ । ଏହାକୁ ପରବର୍ତ୍ତୀ ସମୟରେ ଅନ୍ୟ ସଂସ୍ଥାମାନେ ଅନୁସରଣ କରିଥିଲେ । ଯାହା ଏଯାବତ୍ ଅନ୍ୟ ମଣ୍ଡପ ମାନଙ୍କରେ ଏହା ଦେଖିବାକୁ ମିଳୁଛି ।

ଏ ଅନୁଭୂତି ମୋର କିଛିବର୍ଷ ତଳର; କିନ୍ତୁ ସେଇ ଢାଞ୍ଚା ପାଉଡ଼ିଭୂୟାଁ ଷ୍ଟଲରେ ଏପର୍ଯ୍ୟନ୍ତ ଅନୁସୃତ ହେଉଅଛି ।

ବର୍ତ୍ତମାନ ଦୁଇତିନିବର୍ଷ ହେବ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପଠାରୁ ଅଣୁଯୋଜନା ଗୁଡ଼ିକ ଅଲଗାହୋଇ ସ୍ୱତନ୍ତ୍ର ଷ୍ଟଲ କରିବାସହ ପ୍ରଦର୍ଶ୍ୟ ବସ୍ତୁ ଓ ବିକ୍ରୟବସ୍ତୁ ସ୍ଥାନିତ କରିବା ପାଇଁ ଭିନ୍ନଭିନ୍ନ ଷ୍ଟଲର ବ୍ୟବସ୍ଥା କରାଯାଇଅଛି । ବର୍ଷକୁ ବର୍ଷ ପ୍ରଦର୍ଶନୀର ଢାଞ୍ଚା ବଦଳୁଥିବାରୁ ଏହା ସହିତ ଜଡ଼ିତ ସଂସ୍ଥା, ପ୍ରତିଷ୍ଠାନ, କର୍ମଚାରୀ ଓ ସମାଜସେବୀ ମାନଙ୍କର ଭାବାବେଗରେ ପ୍ରତିପାଦିତ ନୂଆ ଶୈଳୀ ସମାଜର ସଚେତନତା ଓ ବିକାଶ ପାଇଁ ଉତ୍ସାହ ସୃଷ୍ଟି ହେଉଛି ।

❖❖❖

# ଆଦିମ ଜନଜାତି ପାଉଡ଼ିଭୂୟାଁ ପାଇଁ ସଚେତନତା ବାର୍ତ୍ତା

ଜିଲାପାଳ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ଚେୟାରମ୍ୟାନ ଥା'ନ୍ତି । ଦିନକର ଘଟଣା । ସେ ରାଉରକେଲା ଗସ୍ତ ଅବସରରେ ପାନ୍‌ପୋଷ ସର୍କିଟ୍ ହାଉସ୍‌ରେ ଅବସ୍ଥାନ କରିଥା'ନ୍ତି । ମୁଁ ଜିଲାପାଳଙ୍କ ଗସ୍ତ ପରିପ୍ରେକ୍ଷୀରେ ପାଉଡ଼ିଭୂୟାଁ ଉନ୍ନୟନ ସମ୍ପର୍କରେ ତାଙ୍କ ସହ ଆଲୋଚନା କରିବାପାଇଁ ପାନ୍‌ପୋଷ ସର୍କିଟ୍ ହାଉସକୁ ଯାଇଥିଲି । ଜିଲାପାଳ ଲାଉଞ୍ଜରେ ବସିଥିଲେ । ମୋ' ସହିତ ଆଲୋଚନା କଲେ । ଖୁବ୍ କମ୍ କଥା । "ପାଉଡ଼ିଭୂୟାଁମାନଙ୍କର ଶିକ୍ଷାକୁ ତ୍ୱରାନ୍ୱିତ କର - ତାହାହେଲେ ସେମାନେ ଛାଏଁ ଛାଏଁ ସଚେତନ ହେବେ । ପୁନଶ୍ଚ ଗମନାଗମନପାଇଁ ରାସ୍ତାଘାଟର ସୁବିଧା କର - କାରଣ ସେମାନଙ୍କ ପାଖକୁ ସମସ୍ତେ ଯାଇପାରିବେ, ଫଳରେ ବିକାଶ ତ୍ୱରାନ୍ୱିତ ହୋଇପାରିବ । ତାଙ୍କର କୃଷିର ବିକାଶପାଇଁ ଧ୍ୟାନ ଦିଅ - କାରଣ ପେଟକୁ ଦାନା ପାଇଲେ ଅନ୍ୟ ବିକାଶ କଥା ଚିନ୍ତା କରିବାକୁ ସୁଯୋଗ ପାଇବେ ।" ଏଇଥିଲା ତାଙ୍କର ଚୁମ୍ବକ ପରାମର୍ଶ । ତା'ପରେ ଆକ୍ସନ୍‌ପ୍ଲାନ୍ ପ୍ରସ୍ତୁତ ହେଲା । ପ୍ରଥମେ ଶିକ୍ଷାକୁ ତ୍ୱରାନ୍ୱିତ କରାଗଲା । ପ୍ରତ୍ୟେକ ଗ୍ରାମ ବୁଲି ଆମ କର୍ମଚାରୀମାନେ ସର୍ବେକ୍ଷଣ କଲେ । ବିଦ୍ୟାଳୟ ଯିବା ଉପଯୋଗୀ ଛାତ୍ରଛାତ୍ରୀମାନଙ୍କୁ ନିକଟବର୍ତ୍ତୀ ବିଦ୍ୟାଳୟମାନଙ୍କରେ ନାମଲେଖା ଗଲା । ସମସ୍ତଙ୍କୁ ଆବଶ୍ୟକ ମୁତାବକ ଶତପ୍ରତିଶତ ପୁସ୍ତକ ମାଗଣାରେ ଯୋଗାଇଦେବାପାଇଁ ଜିଲାମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ କରାଗଲା । ପାଉଡ଼ିଭୂୟାଁ ଉନ୍ନୟନ ପାଣ୍ଠିରୁ ନିୟାମକମଣ୍ଡଳୀ ଅନୁମୋଦନ କ୍ରମେ ପୋଷାକ କ୍ରୟ କରି ସବୁ ଛାତ୍ରଛାତ୍ରୀଙ୍କୁ ଯୋଗାଇଦିଆଗଲା । ପ୍ରତିମାସରେ ବିଦ୍ୟାଳୟମାନଙ୍କରେ ଉପସ୍ଥାନ ସମ୍ପର୍କରେ ସମୀକ୍ଷା କରାଗଲା । ଏଇଭଳି ଗୋଟିଏ ବର୍ଷ କଟିଲା । ବର୍ଷକ ପରେ ଦେଖାଗଲା ଏ ପ୍ରକାର ବ୍ୟବସ୍ଥାର କୌଣସି ଆଶାଜନକ ଫଳ ମିଳିଲାନି । ପାଉଡ଼ିଭୂୟାଁ ପିଲାମାନେ ଯେମିତି ଜଙ୍ଗଲରେ ବୁଲୁଥିଲେ ସେଇମିତି ବୁଲିଲେ । ପରବର୍ତ୍ତୀ ନିୟାମକ କମିଟିରେ ଏହାର ସମୀକ୍ଷା କରାଗଲା । ଏ ପ୍ରକାର ପ୍ରକ୍ରିୟାରେ ପାଉଡ଼ିଭୂୟାଁ ପିଲାମାନଙ୍କର ଶିକ୍ଷାକୁ ନିୟନ୍ତ୍ରଣ କରିବାପାଇଁ ସମ୍ଭବନୁହେଁ ବୋଲି ମତ ପ୍ରକାଶ ପାଇଲା ; ତେଣୁ ବିକଳ୍ପ ବ୍ୟବସ୍ଥା କରିବାପାଇଁ ମୁଁ ପ୍ରସ୍ତାବ ଦେଲି । ମୋର ନୂତନ ପ୍ରସ୍ତାବ ମୁତାବକ ପାଉଡ଼ିଭୂୟାଁ ପିଲାମାନଙ୍କୁ ଦୂରଦୂରାନ୍ତରେ ଥିବା ଆବାସିକ

ସେବାଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମ ଆଦିରେ ଛାଡ଼ି ଦିଆଯାଇ ସଂପୃକ୍ତ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କୁ ଏମାନଙ୍କର ଉପରେ ଦୃଷ୍ଟି ରଖିବାକୁ କୁହାଗଲା କାରଣ ପିଲାମାନେ ଆଉ ସ୍କୁଲଛାଡ଼ି ଆସି ପାରିବେନି । ତଦନୁସାରେ ଛାତ୍ରଛାତ୍ରୀମାନଙ୍କୁ ଫୁଲଝର ହାଇସ୍କୁଲ, ଖୁଣ୍ଟଗାଁ କନ୍ୟାଶ୍ରମ, ଝିରିପାଣି ସେବାଶ୍ରମ, ଅଣ୍ଡାଳି ଜାମ୍ ବାହାଲ ଆବାସିକ ସେବାଶ୍ରମରେ ରଖାଯାଇ ଦୃଷ୍ଟି ଦିଆଗଲା; କିନ୍ତୁ ବହୁତ ଛାତ୍ରଛାତ୍ରୀ ସ୍କୁଲରୁ ଲୁଚି କରି ପଳାଇ ଆସନ୍ତି । ପ୍ରଧାନଶିକ୍ଷକମାନେ ବ୍ୟସ୍ତହୋଇ ପଡ଼ନ୍ତି । ଛୁଟିହେଲେ ଘରକୁ ଆସିଲେ ପୁନର୍ବାର ବିଦ୍ୟାଳୟକୁ ଫେରନ୍ତିନି । ଏପ୍ରକାର ପରୀକ୍ଷାମୂଳକ ପଦକ୍ଷେପ ଫଳପ୍ରଦ ହୋଇପାରିଲାନି । ଯଥା ପୂର୍ବଂ ତଥା ପର ଅବସ୍ଥା ଉପୁଜିଲା । ପୁନର୍ବାର ଆଉ ଏକ ବ୍ୟବସ୍ଥା ଗ୍ରହଣ କରିବାପାଇଁ ନିୟାମକ ମଣ୍ଡଳୀଦ୍ୱାରା ପ୍ରସ୍ତାବ ଗୃହୀତ ହେଲା । ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଖୁଣ୍ଟଗାଁ ଉ:ପ୍ରା: ବିଦ୍ୟାଳୟରେ ନାମ ଲେଖାଯାଇ ସେମାନଙ୍କର ଖାଇବା ପିଇବା, ପୋଷାକପତ୍ର ସମସ୍ତ ବ୍ୟବସ୍ଥା ସହ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ଖାଲିଥିବା ଏକ ବସାଘରେ ସେମାନଙ୍କୁ ଛାତ୍ରାବାସର ସୁବିଧାଦେଇ ରଖିବାର ବନ୍ଦୋବସ୍ତ କରାଗଲା । ଜଣେ ମହିଳା ବହୁମୁଖୀ ସଂଯୋଜିକାଙ୍କୁ ଏମାନଙ୍କର ଦେଖାଶୁଣା କରିବାପାଇଁ ଦାୟିତ୍ୱ ଦିଆଗଲା । ତୀକ୍ଷ୍ଣ ଦୃଷ୍ଟିରେ ଆବଦ୍ଧ ସ୍ନେହଶ୍ରଦ୍ଧାରେ ଜଡିତ ସମସ୍ତ ଖାଦ୍ୟ, ପେୟ ଓ ପୋଷାକ ଯୋଗାଇଦେଇ ସେମାନଙ୍କୁ ଖୁସିରେ ରଖିବା ପ୍ରୟାସ ଯଦିଓ ସମ୍ପୂର୍ଣ୍ଣ ନୁହେଁ, କେତେକାଂଶରେ ଫଳପ୍ରଦ ହୋଇପାରିଲା । ୩୦ ଜଣରୁ ପ୍ରାୟ ୨୦/୨୫ ଜଣ ଛାତ୍ରଛାତ୍ରୀ ନିୟମିତ ଧାରାରେ ରହିଲେ । ଭଲ ବି ପଢ଼ିଲେ । ଖୁଣ୍ଟଗାଁ ଉ:ପ୍ରା: ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ପ୍ରଥମ ଓ ଦ୍ୱିତୀୟହୋଇ ଉତ୍ତୀର୍ଣ୍ଣ ହୋଇ ଭବିଷ୍ୟତରେ ଭଲ ଫଳ ପ୍ରଦର୍ଶନ କରିବାର ଆଶା ସଞ୍ଚାର କଲେ । ୨ବର୍ଷ ଏହି ପ୍ରକ୍ରିୟା ଚାଲିବା ପରେ ଦିନେ ଏ ପ୍ରକ୍ରିୟା ଉପରେ ସରକାରଙ୍କର ନଜର ପଡ଼ିଲା । ଏହି ବ୍ୟବସ୍ଥା ଅବ୍ୟବସ୍ଥା ବୋଲି କୁହାଗଲା । ତାଙ୍କର ମନ୍ତବ୍ୟ ଥିଲା ଯେ, ଆଦିବାସୀ ହରିଜନ ବିଭାଗର ଆବାସିକ ବିଦ୍ୟାଳୟମାନ ଥିବା ସ୍ଥଳେ ଏଭଳି ସଂସ୍ଥା ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ପିଲାମାନଙ୍କୁ ରଖି ପଢ଼ାଇବା ବ୍ୟବସ୍ଥା ନିୟମ ବହିର୍ଭୂତ । ତା'ପରେ କୁହାଗଲା ଯେ ଏଥିପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ନାହିଁ; ତେଣୁ ଏହି ବ୍ୟବସ୍ଥା ବନ୍ଦ୍ କରି ଦିଆଯାଉ । ଏହା କାହିଁକି କରାଯାଇଛି ତାହାର କୈଫିୟତ ସ୍ୱତନ୍ତ୍ର ଅଧିକାରୀ ଦିଅନ୍ତୁ ।

ମୋର କର୍ତ୍ତବ୍ୟ ଥିଲା ପାଉଡ଼ିଭୁୟାଁମାନଙ୍କର ଶିକ୍ଷାକୁ ଅଗ୍ରାଧିକାର ଭିତିରେ ବିକାଶ କରାଇବାପାଇଁ ନିୟାମକ କମିଟିର ପ୍ରସ୍ତାବକୁ କାର୍ଯ୍ୟକାରୀ କରାଇବା । ପାଉଡ଼ିଭୂୟାଁ

ପିଲାମାନେ ଘରଛାଡ଼ି କେଉଁଠି ରହି ପାରନ୍ତିନି, ତାଙ୍କର ପାଠପଢ଼ାରେ ନିଜର ବା ସେମାନଙ୍କର ଅଭିଭାବକ ମାନଙ୍କର ସ୍ପୃହା ନାହିଁ । ଯେତେ ପ୍ରକାର ବ୍ୟବସ୍ଥା କଲେ ମଧ୍ଯ ଫଳପ୍ରଦ ହୋଇପାରିଲାନି । ସର୍ବଶେଷରେ ଏପ୍ରକାର ବ୍ୟବସ୍ଥା କରାଯାଇ କିଛିଟା ସୁଫଳ ପାଇବାର ସମ୍ଭାବନା ଥିଲାବେଳେ ସରକାରଙ୍କର ନୀତିନିୟମର ଦୁହିଦେଇ ଏଭଳି ଭଲ କାମକୁ ବନ୍ଦ କରି ଦେବା ବେଳେ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରାଯାଇଥିଲେ ଉତ୍ତମ ନିର୍ଯ୍ୟାସ ବାହାରିଥା'ନ୍ତା ।

ତୃଣମୂଳ ସ୍ତରରେ କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ପଦାଧିକାରୀଙ୍କ ଗବେଷଣାତ୍ମକ ଚିନ୍ତାଧାରା ଓ ଆବେଗିକତାକୁ ବିଚାର କରିବା କଥା । ଏ ସମ୍ପ୍ରଦାୟର ପିଲାମାନଙ୍କର ମାନସିକତା ଓ ଅଭିଭାବକ ମାନଙ୍କର ଅବସ୍ଥାକୁ ହୃଦୟଙ୍ଗମ କରିବା କଥା ।

ପୁନଶ୍ଚ ସରକାରଙ୍କର ଆଦେଶ ସମ୍ପର୍କରେ ମୁଁ ଦର୍ଶାଇଲି ଯେ ପାଉଡ଼ିଭୂୟାଁ. ଉନ୍ନୟନ ସଂସ୍ଥାର ନିୟାମକ କମିଟି ଏକ ଷ୍ଟାଚ୍ୟୁଟରୀବଡ଼ି ଯାହାର ନିଷ୍ପତ୍ତି ନିଆଯାଇ କମିଟିରେ ଅନୁମୋଦନ କରାଯାଇ ସଂକଳ୍ପର ପ୍ରତିଲିପି ସରକାରଙ୍କ ନିକଟକୁ ପଠାଯାଇଅଛି । ସରକାର ଏହି ପ୍ରତିଲିପି ପ୍ରାପ୍ତହୋଇ ତାଙ୍କର ମତାମତ ପ୍ରେରଣ କରିବା କଥା । ଯଦି ତାହା ପ୍ରେରଣ ହୋଇନାହିଁ କମିଟିର ନିଷ୍ପତ୍ତି ମୁତାବକ କାର୍ଯ୍ୟ ସମ୍ପାଦନ ହୋଇଛି, ତାହା ନୀତି ଗତ ବ୍ୟତିକ୍ରମ ହୋଇନପାରେ ।

ସେ ଯାହାହେଉ, ଯଦି ଟିକିଏ କୋହଳ ମନୋଭାବ ପ୍ରଦର୍ଶନ କରାଯାଇଥା'ନ୍ତା, ଏବଂ ବାସ୍ତବତାକୁ ଉପଲବ୍ଧି କରାଯାଇଥା'ନ୍ତା ଏଇ ନୀରିହ ଆଦିମଜାତି ପିଲାମାନେ ଶିକ୍ଷାକ୍ଷେତ୍ରରେ କିଛିଟା ଅଗ୍ରସର ହୋଇ ପାରିଥା'ନ୍ତେ । ଏପରିକି ଯେଉଁ ପିଲାମାନେ ଖୁଣ୍ଟଗାଁ ଉ.ପ୍ରା. ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହୁଥିଲେ, ସେମାନେ ହୁଏତ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ୍ କରି କଲେଜରେ ପଢ଼ନ୍ତେଣି ଅଥବା ଚାକିରି ବାକିରି କରନ୍ତେଣି ।

ତେବେ, ତାହା ହୋଇପାରିଲାନି । ପିଲାମାନଙ୍କୁ ସେମାନଙ୍କ ଘରକୁ ପଠାଇଦିଆଗଲା । ପୂର୍ବପରି ସେମାନଙ୍କ ନିକଟବର୍ତ୍ତୀ ବିଦ୍ୟାଳୟମାନଙ୍କରେ ନାମ ଲେଖାଇ ଦିଆଗଲା । ତତ୍ତ୍ୱାବଧାନରହିତଯୋଗୁ ସେଇ ୩୦ ଜଣ ପିଲା ଏବେ ବନଚାରୀ, ଶ୍ରମିକ ଶ୍ରେଣୀର ।

ଏହି ସମ୍ପ୍ରଦାୟର ସେହି ଅବଧି ସୁଦ୍ଧା (୧୯୯୪-୯୫ ମସିହା ସୁଦ୍ଧା) ୨ ଗୋଟି ମାଟ୍ରିକ୍ ପାସ୍ କରିଥିବା ପିଲାଙ୍କୁ ନିୟାମକ କମିଟିର ଅନୁମୋଦନକ୍ରମେ ସଂସ୍ଥା ପାଣ୍ଠିରୁ ବ୍ୟୟ ବହନ କରି କଲେଜରେ ପଢାଇବାର ବ୍ୟବସ୍ଥା କରାଯାଇଥିଲା । ସେମାନେ ହେଲେ କିଶୋର ଚନ୍ଦ୍ର ଗିରି ଓ କର୍ମୁ ନାୟକ । ସେମାନେ +୨ ଶ୍ରେଣୀର ଦୁଇବର୍ଷ ଅଧ୍ୟୟନ କଲେ । କିନ୍ତୁ କିଶୋର ଚନ୍ଦ୍ର ଗିରି +୨ ପାସ୍ କରିପାରିଲା, କର୍ମୁ ନାୟକ ପାସ୍ କରିପାରିଲାନି ।

ପରବର୍ତ୍ତୀ ସମୟରେ ଏ ୨ ଜଣଙ୍କୁ ସଂସ୍ଥାର ବହୁମୁଖୀ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିଲା । ସମୟକ୍ରମେ କିଶୋର ଚନ୍ଦ୍ର ଗିରି ଫୁଲଝର ଗ୍ରାମପଞ୍ଚାୟତର ସରପଞ୍ଚ ପଦ ଅଳଙ୍କୃତ କଲା । କର୍ମୁ ନାୟକ ଖୁଣ୍ଟଗାଁରେ ନବ ପ୍ରତିଷ୍ଠିତ ଆବସିକ ସେବାଶ୍ରମରେ ଶିକ୍ଷକତା କରିବାର ସୁଯୋଗ ପାଇଲା ।

ସ୍ୱତନ୍ତ୍ର ଅଧିକାରୀ ଆଦିମଜନଜାତି ବିକାଶର ଜଣେ ଗବେଷକ, ଚିନ୍ତକ, ପ୍ରବର୍ତ୍ତକ, ଉତ୍ସର୍ଗିକୃତ, ଭାବପ୍ରବଣ ପରିଚାଳକ । ସେ ନିଜର ଅନ୍ତରର ଆବେଗକୁ କାର୍ଯ୍ୟରେ ପ୍ରତିଫଳନ କରିବାକୁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ । ତୃଣମୂଳ ସ୍ତରର ଉନ୍ନୟନରେ ପ୍ରବର୍ତ୍ତକ ହିସାବରେ ସେ କେଉଁ ପରିସ୍ଥିତିରେ ଅବୋଧ ଆଦିମଜନଜାତି ଲୋକଙ୍କର କେଉଁ ମନସ୍ତତ୍ତ୍ୱକୁ ହୃଦୟଙ୍ଗମ କରି କେଉଁଠି କିପରି ଭାବେ ନିୟମକୁ କୋହଳ କରିବା କଥା ବା ନିୟମକୁ କଡ଼ାକଡ଼ି କରିବା କଥା ସେ ଭାରସାମ୍ୟ ନେବାର ଦାୟିତ୍ୱ କୋହଳଭାବେ ତାଙ୍କଠାରେ ନ୍ୟସ୍ତ ହେବା ଆବଶ୍ୟକ । ଏପରି କୋହଳ ମନୋଭାବ ନରହିଲେ ଆଦିମ ଜନଜାତିର ବିକାଶ ଅସମ୍ଭବ । ତେଣୁ ସ୍ୱତନ୍ତ୍ର ଅଧିକାରୀଙ୍କୁ ଆଦିମ ଜନଜାତି ବିକାଶର ଜଣେ ତୃଣମୂଳ ବିକାଶର କର୍ମୀଭାବେ ଗ୍ରହଣ କରିବା ସ୍ପୃହଣୀୟ । ସାଧାରଣଭାବେ ବେଳେବେଳେ ପ୍ରଶାସନଗତ କଟକଣା ଏ ଜାତିର ବିକାଶରେ ପୃଷ୍ଟପୋଷକମାନଙ୍କ ପାଇଁ ଅସହାୟ ହୋଇପଡ଼େ ; ତେଣୁ ତାହା ପ୍ରତି ଗବେଷକ ମାନଙ୍କର ଧ୍ୟାନ ରହିବା ଉଚିତ୍ । ।

❖❖❖

# କୃଷି, ଜଳସେଚନ ଓ ଗମନାଗମନ

ତୃଣମୂଳ ସ୍ତରରୁ ଉନ୍ନୟନପାଇଁ ଭାବ ନରହିଲେ, ନୂତନ ଚିନ୍ତାଧାରା ଉଦ୍ଭବ ନହେଲେ ବାସ୍ତବ ବିକାଶ ହୋଇ ପାରିବନି । ପୂର୍ବରୁ ଜିଲାପାଳଙ୍କ ଚୁମ୍ବକ ପରାମର୍ଶକୁ ଅନୁସରଣ କରାଯାଇ  କାର୍ଯ୍ୟ ସଂପାଦନା ଜାରି ରହିଥିଲା । ପୁନର୍ବାର ତାଙ୍କର ପରାମର୍ଶ "ଜଳସେଚନ କୃଷି ଗମନାଗମନ ଭିତରେ ଅଗ୍ରାଧିକାର ଦିଆଯାଉ ।" ଏହା କାର୍ଯ୍ୟ ଶୈଳୀକୁ ଆହୁରି ଦୃଢ଼ କରିଦେଲା ।

ନିର୍ଦ୍ଦେଶ, ଆଦେଶ,ପରାମର୍ଶ ଯାହା ହେଉ ସେଗୁଡ଼ିକୁ କାର୍ଯ୍ୟରେ ରୂପାୟିତ କରିବାପାଇଁ  ଅଧିକାରୀଙ୍କର ଦାୟିତ୍ୱ ବୋଧତା, କର୍ତ୍ତବ୍ୟ ପରାୟଣତା ଭିତରେ ଭାବପ୍ରବଣତା ଆବଶ୍ୟକ । ମୁଁ କାର୍ଯ୍ୟ କରିବା ସମୟରେ କି ପ୍ରକାର ମାନସିକତା ନେଇ କାମ କରୁଥିଲି, ତାହା ପ୍ରକାଶ ନକରି କେବଳ ମୁଁ ଯେ ଜଣେ ଭାବପ୍ରବଣ କର୍ମୀ, ଏକଥା ମୁଁ ଦୃଢ଼ ଭାବେ ବ୍ୟକ୍ତ କରିପାରେ; ତେଣୁ ପରାମର୍ଶକୁମାନି ପ୍ରତ୍ୟେକ ଗ୍ରାମର ଜମି ଓ ଜଳ ଉତ୍ସର ସ୍ଥିତାବସ୍ଥା ଅନୁଧ୍ୟାନ କଲି । ଅନେକ ଗ୍ରାମରେ ବହିଯାଉଛି ନାଳର ସ୍ରୋତ । କିଛି ଜମି ଅଛି ଯାହା ଉପେକ୍ଷିତ ଏବଂ ଜଳସେଚନ ଅଭାବ ବା ଅନ୍ୟାନ୍ୟ କାରଣଯୋଗୁ ଚାଷ  ନହୋଇ ପଡ଼ି ରହିଛି । କେତେକ ପତିତ ଜମିଅଛି, ଯାହା ଚାଷର ଉପଯୋଗ ହୋଇପାରୁନି । ଏସବୁ ଧ୍ୟାନରେ ରଖି ପ୍ରତ୍ୟେକ ଗ୍ରାମର ଜଳସେଚନ ଓ ଚାଷର ଭିତ୍ତିଭୂମିର ସନ୍ଧାନ କଲି । ତାପରେ ଆକ୍ସନପ୍ଲାନ୍‌ରେ ଲକ୍ଷ୍ୟରହିଲା ପ୍ରତ୍ୟେକ ଗାଁକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବ । ଝରଣା ବା ନାଳକୁ ବନ୍ଧାଇ କ୍ରସ୍ ବନ୍ଧ ବା ଡାଇଭରସନ୍ ଓୟାର କରିହେବ । ଜଳଉତ୍ସ ଥିବା ଖାଲୁଆ ଜାଗାରେ ଚବକା ଖୋଳିବା, ଏହି ଜଳଉତ୍ସରୁ ଡିଜେଲ୍ ପମ୍ପଦ୍ୱାରା ଜଳ ଉତ୍ତୋଳନ କରି ଜମିକୁ ଜଳସେଚନ କରିବା ଇତ୍ୟାଦି ପ୍ରଣାଳୀ ଅନୁସରଣ କରିବାପାଇଁ ଆକ୍ସନ୍‌ପ୍ଲାନରେ ନିରୂପଣ କରାଗଲା । ପୂର୍ବରୁ ଥିବା ଗୋଟିଏ ପମ୍ପସେଟକୁ ମରାମତି କରାଗଲା  । ଆଉ ୬ ଗୋଟି ଡ଼ିଜେଲ ପମ୍ପସେଟ୍ କିଣାଗଲା । ଏହିଭଳି ଉପାୟରେ ସମସ୍ତ ୨୧ଗୋଟି ଗ୍ରାମ ଓ କୁଳିପୋଷ କଲୋନୀକୁ ଜଳସେଚନର ସୁବିଧା ଯୋଗାଇ ଦିଆଗଲା ।

ଯେଉଁ ଜମିଗୁଡ଼ିକ ପତିତ, ଅସମତଳ ଯୋଗୁ ଅବ୍ୟବହୃତ ହୋଇପଡ଼ିଥିଲା ସେଗୁଡିକୁ ମାଟିକାମ କରି ଆବାଦଯୋଗ୍ୟ କରାଗଲା । ପ୍ରତ୍ୟେକ ଗ୍ରାମର ଚାଷୀମାନଙ୍କୁ ଶୀତଦିନିଆ ଫସଲ ଯଥା – ଆଳୁ, ଗହମ ବିହନ ସହ ସାର ମଧ୍ୟ ଯୋଗାଇ ଦିଆଗଲା ।

ପାଉଡ଼ିଭୂୟାଁମାନଙ୍କର ଜମିଗୁଡ଼ିକ ଯେଉଁ ଜମିରେ ପୂର୍ବବର୍ଣ୍ଣିତ ପ୍ରକ୍ରିୟାରେ ଯଦି ଜଳସେଚନର ସମ୍ଭାବ୍ୟ ସୁବିଧା ଥାଏ ସେଗୁଡ଼ିକୁ ଶୀତଦିନିଆ ଚାଷ ଯଥା - ଆଳୁ, ଗହମ କରିବାର ସୁବନ୍ଦୋବସ୍ତ କରାଗଲା । କ୍ରସବନ୍ଧ ବା ଡାଇଭରସନ୍ ଓ୍ୱାୟାର୍ ଯୋଗୁ ଏହାଦ୍ୱାରା କିଲିଣ୍ଡା, ଫୁଲଝର, ପଟ୍ଟାମୁଣ୍ଡ, ବଡ଼ନୂଆଗାଁ, ତଲଗିନିଆ ଓ ବୁଢ଼ାଭୂଇଁ ଗ୍ରାମମାନଙ୍କରେ ଜଳସେଚନର ସୁଯୋଗ ସୃଷ୍ଟି ହେଲା । ଅନ୍ୟଗ୍ରାମଗୁଡଡ଼ିକରେ ଡ଼ିଜେଲ୍ ପମ୍ପସେଟ୍ ଜରିଆରେ ପୋଖରୀ, ଗାଡ଼ିଆ ବା ନାଳର ଟାପୁମାନଙ୍କରୁ ଜଳସେଚନ କରାଗଲା । ଉପରଗିନିଆ ସାନଜଳ, ବଡ଼ଜଳ, ତଲଗିନିଆ ଗ୍ରାମରେ ଥିବା ପୋଖରୀଗୁଡ଼ିକ ପୁନରୁଦ୍ଧାର କରି ଜଳଗଛିତ ରଖାଯାଇ ଡିଜେଲ୍ ପମ୍ପ ସାହାଯ୍ୟରେ ଜଳସେଚନ କରାଗଲା । କର୍ଡ଼ାକୁଦରଠାରେ ଏକ ଖାଲୁଆ ଜାଗାକୁ ଖନନ କରି ଗୋଟିଏ ଚବକା ବା କ୍ଷୁଦ୍ର ପୋଖରୀ ତିଆରି କରାଯାଇ ଏଥିରୁ ପମ୍ପ ଯୋଗେ ଜଳସେଚନ କରାଗଲା । ଏଥିରେ ମାଛ ଚାଷ ମଧ କରଗଲା । ଉତ୍ସାହୀ ବ୍ୟକ୍ତିମାନଙ୍କ ପ୍ରଚେଷ୍ଟାରେ ତଲଗିନିଆ ପୋଖରୀରେ ଜଳସେଚନ ସହ ମାଛ ଚାଷ ମଧ କରାଯାଉଥିଲା ।

ଗମନାଗମନପାଇଁ ଅନୁଧ୍ୟାନ କରାଗଲା । ମୁଁ ୧୯୮୮ ମସିହାରେ ସ୍ୱତନ୍ତ୍ର ଅଧିକାରୀ ଭାବେ ଯୋଗଦେବାବେଳକୁ କେବଳ ଫୁଲଝର, ରଞ୍ଜା, ପଟ୍ଟାମୁଣ୍ଡ, ବୁଢ଼ାଭୂଇଁକୁ ଲଡ଼ାପାଣି ଓ ବଡ଼ଜଳକୁ ଛାଡିଦେଲେ ଅନ୍ୟ ଗ୍ରାମଗୁଡ଼ିକୁ ରାସ୍ତା ନଥିଲା । ଆକ୍ସନପ୍ଲାନ୍ ମୁତାବକ ସରେଇକେଲା, ତିଲକୁଡ଼ା, ଉସକେଲା, ସାନନୂଆଗାଁ, ରଞ୍ଜା,ତଲଗିନିଆ,ଅନୁଗୁଳ,ସସ, ସାନଜଳ, ମୁକୁଳାପାଣି, କିଲିଣ୍ଡା, କର୍ଡ଼ାକୁଦର ଗ୍ରାମଗୁଡ଼ିକୁ ରାସ୍ତା ଓ ସଂଯୋଗକାରୀ ପୋଲ ନିର୍ମାଣ କରି ଯୋଗାଯୋଗ ସ୍ଥାପନ କରାଗଲା ।

ସରେଇକେଲା, ତିଲକୁଡ଼ା ଓ ଉସ୍‌କେଲା ଅଗମ୍ୟ ଅଞ୍ଚଳ, କେଉଁଝର ଜିଲାର ସୀମାନ୍ତବର୍ତ୍ତୀ ଖଣ୍ଡାଧାର ଖଣି ନିକଟବର୍ତ୍ତୀ ଅଟେ । ଏହି ଅଞ୍ଚଳକୁ ଫୁଲଝର ବାଟଦେଇ ଗୋଟିଏ ଅଙ୍କାବଙ୍କା ଘାଟି ରାସ୍ତା ଅଛି ଯେଉଁଥିରେ ଗାଡ଼ିମଟର ଯା' ଆସ କରିପାରେ ନାହିଁ; କିନ୍ତୁ ସାମୟିକ ଭାବେ ଏହି ଜଙ୍ଗଲ ବିଭାଗ ରାସ୍ତାରେ ବାଉଁଶ କମ୍ପାନୀ ଟ୍ରକ୍ ଉପରକୁ ଯିବାପାଇଁ ଏହି ରାସ୍ତାକୁ ମରାମତି କରିଥା'ନ୍ତି ଏବଂ ଯେଉଁ ସମୟରେ ବାଉଁଶ କମ୍ପାନୀ ଟ୍ରକ୍ ରାସ୍ତା ମରାମତି କରି ଏଠାକୁ ବାଉଁଶ ଆଣିବାକୁ ଯାଏ, ସେହି ସମୟରେ ଆମ ଜି'ପ୍‌ଟି ସେଇ ବାଟଦେଇ ଏହି ୩ ଗୋଟି ଗାଁକୁ ଯିବାକୁ ଆମ ଡ୍ରାଇଭର୍ ଚେଷ୍ଟା କଲା । ଏହି ଚେଷ୍ଟାରେ ସେ ସଫଳହୋଇ ଦିନେ ଜିପ୍ ନେଇ ଏହି ତିନିଗୋଟି ଗାଁରେ ପହଞ୍ଚିଲା । ଜିପ୍ ଦେଖି ଏଇ ତିନିଗୋଟି ଗାଁ'ର ଲୋକେ ବହୁତ ଖୁସି ହୋଇଗଲେ ।

ଯାହାହେଉ ସେଇବର୍ଷ ଏଇ ତିନିଗୋଟି ଗାଁ'କୁ ସାର, ବିହନ, ପାଣିପମ୍ପ, ଜିପ୍ ଯୋଗେ ପଠାଗଲା । ଭାବପ୍ରବଣତାର ପ୍ରତିଫଳନ ସବୁ ଗାଁ'କୁ ଚାଷ, ସବୁଗାଁ'ରେ ଜଳସେଚନ ସବୁ ଗାଁ'ପାଇଁ ରାସ୍ତା ସଂଯୋଗ କରିବା ସମ୍ଭବ ହୋଇପାରିଥିଲା । ଯା ଠାରୁ ବଳି ଆତ୍ମତୃପ୍ତି କ'ଣ ଥାଇପାରେ ?

ସବୁଠାରୁ ଗୋଟିଏ କାମକୁ କାମ ନୁହେଁ କୀର୍ତ୍ତି ବୋଲି ଭାବେ । ସେଇଭଳି ଗୋଟିଏ ହେଉଛି କର୍ଣ୍ଣଡ଼ାକୁଦର କ୍ଷୁଦ୍ର ପୋଖରୀ ଖନନ । ଏଇ ଗାଁରେ ସ୍ନାନ, ଗୋରୁ-ଗାଈ ଜଳପାନ ଓ ଜଳସେଚନର କୌଣସି ସୁବିଧା ନଥିଲା । ଏଥିପାଇଁ ଲୋକମାନଙ୍କୁ ୨ କି.ମି.ବାଟ କିଲିଣ୍ଡା ଗ୍ରାମକୁ ଯିବାକୁ ହୁଏ । ଜଳଉତ୍ସ ସନ୍ଧାନ କରୁ କରୁ କର୍ଣ୍ଣଡାକୁଦର ଗାଁରେ ଗୋଟିଏ ଟାପୁ (ଖାଲୁଆ ଜାଗା) ଦେଖିଲି, ଯେଉଁଥିରେ ଜାନୁୟାରୀ ମାସ ପର୍ଯ୍ୟନ୍ତ ସାମନ୍ୟ ପାଣିରହେ । ଏଥିପାଇଁ ଜାଗାଟିକୁ ଟିକିଏ ପ୍ରଶସ୍ତ କରି ଗଭୀର କରି ଏହାର ଜଳଧାରଣ ଶକ୍ତିକୁ ସମାନ୍ୟ ବୃଦ୍ଧି କରି ସନ୍ନିକଟ ଜମିଗୁଡ଼ିକରେ ଜଳସେଚନ ସୁବିଧା କଲି ଓ ଆଳୁ , ଗହମ ଚାଷ କରାଇଲି । ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟ କାମ କରି ଏହି ଜଳଉତ୍ସକୁ କ୍ଷୁଦ୍ର ପୋଖରୀଟିଏ କରାଇଲି । ଏଥିରେ ଏ ଗାଁର ଲୋକମାନେ ଅତ୍ୟନ୍ତ ଆନନ୍ଦିତ । ଖରାଦିନେ ଲୋକମାନେ ଏହି ପୋଖରୀରେ ଗାଧୋଉଥିବା ସମୟରେ ଯେଉଁଭଳି ଖୁସି ହୁଅନ୍ତି, ତାହା ଭାଷାରେ ପ୍ରକଟ କରି ହେବନି । ପୁନଶ୍ଚ ଏଥିରେ ଜଳସେଚନ ଓ ମାଛଧରିବା ଉପକାର ମଧ୍ୟ ପାଇଥାନ୍ତି । ବାସ୍ତବିକ ଏହି କାର୍ଯ୍ୟଟି ଦେଖି ମୁଁ ଖୁସି ହୁଏ ଏବଂ ଭାବେ ଏ ହେଉଛି ପାଉଡ଼ିଭୂୟାଁ ମାନଙ୍କର ଗୋଟିଏ କୀର୍ତ୍ତି ।

ଜଳସେଚନପାଇଁ ବଡ଼ଜଳ ଗାଁରେ ଥିବା ପୋଖରୀଟି ଏକରକମ ପରିତ୍ୟକ୍ତ ଅବସ୍ଥାରେ ଥିଲା କହିଲେ ଅତ୍ୟୁକ୍ତିହେବ ନାହିଁ । ଜିଲାପାଳ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କୁ କହିଲି, ଜରୁରୀକାଳୀନ ପାଣ୍ଠିରୁ କିଛି ଅର୍ଥ ମତେ ଦେବାକୁ । ସେ ୨ ଲକ୍ଷ ଟଙ୍କା ଦେଲେ । ଏହି ଟଙ୍କାରେ ଏହି ପରିତ୍ୟକ୍ତ ପୋଖରୀ ପୁନରୁଦ୍ଧାର କାମ କଲି । ଲୋକମାନଙ୍କର ସ୍ନାନ ଓ ଜଳସେଚନପାଇଁ ଏହା ଉପଯୋଗୀ ହୋଇପାରିଲା । ବଡ଼ଜଳ ବନ୍ଧ ମରାମତି, ପଟ୍ଟାମୁଣ୍ଡ ନାଳ, ସାନନୂଆଗାଁ'ନାଳ, ଅନଗୁଳ ନାଳ, କିଲିଣ୍ଡା ନାଳ, ବୁଢ଼ାଭୂଇଁ ନାଳ, ସାନଜଳନାଳ, ଫୁଲଝର ନାଳମାନଙ୍କରେ ଡାଇଭରସନ୍ ଓୟାର୍ କରାଯାଇ ଜଳସେଚନ ତ୍ୱରାନ୍ୱିତ କରାଗଲା ଓ ପାଉଡ଼ିଭୂୟାଁ ମାନେ ଶୀତଦିନିଆ ଆଳୁ, ଗହମ, ପୋଟଳ, କଖାରୁ, ଭେଣ୍ଡି, କାପସିକମ୍ କରିବାକୁ ସୁଯୋଗ ପାଇଲେ ।

❖❖❖

# ଅନୁଦାନ ଚାଷପ୍ରତି ଅନାଗ୍ରହ

ଜଙ୍ଗଲରେ ଗଛକାଟି, ବଣବୁଦା ପୋଡ଼ି ଚାଷ କରି ମକା(ଜୁଆରି), ବାଜରା, (ଗଙ୍ଗେଇ), ବିରି, କାନ୍ଦୁଲ, ଝୁଡ଼ଙ୍ଗ, ଢୁଙ୍କ, ଗୁଲ୍‌ଜି, ସୁଆଁ, ତିସିଲିଆ, ଜାଲି, ସିଙ୍କ, ମାଣ୍ଡିଆ, କୋଳଥ, ସୋରିଶ, ତିଳା, ରାଶି ଇତ୍ୟାଦି ପାରମ୍ପରିକ ଚାଷ କରିବାରେ ପାଉଡ଼ିଭୂୟାଁମାନେ ବହୁତ ଆଗ୍ରହୀ ; କିନ୍ତୁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସରକାରୀ ଅନୁଦାନରେ ଆଳୁ, ଗହମ ଓ ପନିପରିବା ଚାଷ କରିବାପାଇଁ ସେମାନେ ଏତେ ଆଗ୍ରହୀ ନୁହନ୍ତି । ମୁଁ ସବୁଗାଁ'ରେ ଜଳସେଚନ ଯୋଗାଇଦେଇ ଶୀତଦିନିଆ ଫସଲ ଆଳୁ, ଗହମ ଆଦି କରିବାର କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହେଲି । ସବୁଗାଁ'ରେ ଶୀତଦିନେ ସବୁଜକ୍ଷେତ୍ର ଦେଖି ଖୁସି ହେଲି । କିନ୍ତୁ ଏଇ ଖୁସି ବେଳେ ବେଳେ ଦୁଃଖରେ ପରିଣତ ହୋଇଯାଏ, ଯେଉଁ ଦିନ ମୁଁ ଯାଇଦେଖେ ଆଜି ରଞ୍ଜାରେ ତ କାଲି କିଲିଣ୍ଡାରେ ଗହମ କ୍ଷେତରେ ଗାଈ ଖାଉଛନ୍ତି । ହିତାଧିକାରୀ ମଦପିଇ ଜଙ୍ଗଲରେ ବୁଲୁଛି । ଏ କ୍ଷତିପାଇଁ ପାଉଡ଼ିଭୂୟାଁ ଦୁଃଖ କରେନି । କୌଣସି ପ୍ରତିକ୍ରିୟା ପ୍ରକାଶ କରେନି ।

ପାଉଡିଭୂୟାଁର ଏପ୍ରକାର ମନୋଭାବରୁ ନିବୃତ୍ତ କରିବା ସର୍ବାଦୌ ଆବଶ୍ୟକ । ଭିନ୍ନଭିନ୍ନ ଢଙ୍ଗରେ ସଚେତନ କରାଇ କୃଷିରେ ମନୋନିବେଶ କରିବା ଆବଶ୍ୟକ । ସର୍ବଦା ଚାଷକୁ ନମୁନା ଭାବେ ଦର୍ଶାଇ ସେମାନେ କିପରି ନିଜେ ନିଜର ଚାଷ କାର୍ଯ୍ୟରେ ବ୍ରତୀହୋଇପାରିବେ, ମନୋନିବେଶ କରିବେ, ସେଥିପ୍ରତି ପୁନଃପୁନଃ ପ୍ରେରଣା ଦେବା ଦରକାର, ସଚେତନ କରିବା ଦରକାର ।

ବୁଢ଼ାଭୂଇଁରେ ୧୫ ଏକର ଜମିରେ ଲିଚୁ ଉଦ୍ୟାନ ଓ ଏହି ଲିଚୁ ଉଦ୍ୟାନରେ ଇଣ୍ଟରକ୍ରପିଙ୍ଗ୍‌ର ନମୁନା ଚାଷ କରାଯାଇ ଥିଲା । ଝୁଡ଼ଙ୍ଗ, ମୂଳା ଓ ପ୍ରାୟ ପାଞ୍ଚ ଏକର ଜମିରେ ବାମନଜାତୀୟ କଦଳୀ ଚାଷ କରାଯାଉଥିଲା । ଏହି ଇଣ୍ଟରକ୍ରପିଙ୍ଗ୍ ଚାଷ ଅତ୍ୟନ୍ତ ଉତ୍ସାହପ୍ରଦ ଥିଲା । ଆଦିବାସୀ ଓ ହରିଜନ ବିକାଶ ବିଭାଗର ତତ୍କାଳୀନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଙ୍ଗଲାଲ ଜାମୁଡ଼ା ଖୁଣ୍ଟଗାଁ ପରିଦର୍ଶନ ସମୟରେ ଏହି ଲିଚୁ ଉଦ୍ୟାନ ଓ କଦଳୀ ଚାଷ ଦେଖିବାକୁ ଆସିଥିଲେ । ଏହି ବଗିଚାରେ କାନ୍ଧି ପଡ଼ିଥିବା କଦଳୀ ଗଛମୂଳରେ ହିତଧିକାରୀଙ୍କ ସହ ଆଲୋଚନା ସମୟରେ ତାଙ୍କର ଫଟୋ ନିଆଯାଇଥିଲା । ଏଭଳି

ଲାଭଜନକ ଫସଲ କରି ଦି'ପଇସା ପାଇବା ପାଇଁ ପାଉଡ଼ିଭୂୟାଁମାନଙ୍କୁ ପ୍ରବର୍ତ୍ତାଇବାପାଇଁ ନିର୍ଦ୍ଦେଶକ ମହୋଦୟ ପରାମର୍ଶ ଦେଲେ । ଜମି, ଜନଶକ୍ତି ସହ ସରକାରୀ ପ୍ରୋତ୍ସାହନର ସୁବିଧା ଅଛି , ତଥାପି ଏ କଦଳୀ ଚାଷ ସେଇ ନମୁନା ଚାଷରେ ଇତି ହୋଇଗଲା । ଏ ଅଞ୍ଚଳରେ ଆଉ କଦଳୀ ଚାଷ ହେଉନି । ଏହାର କାରଣ କ'ଣ ? କେତେକଙ୍କ ମତରେ ଶତପ୍ରତିଶତ ରିହାତି ଏମାନଙ୍କୁ ପରମୁଖାପେକ୍ଷୀ (ସ୍ଥବିରର) କରିଦେଇଛି । ଏଭଳି ନକରାତ୍ମକ ଚିନ୍ତାଧାରାରୁ ନିବୃତ୍ତ କରି ନିଜର ଜୀବିକା ନିର୍ବାହ କରିବାପାଇଁ ସଚେତନତାର ଅଭାବ ରହିଯାଉଛି କି ?

ପୂର୍ବ ସୂଚନା ମୁତାବକ ଏହି ଅଞ୍ଚଳରେ ଜଳସେଚନର ସୁବିଧା ଅଛି । ଜମି ଅଛି, ଦୃଢ଼ସଚେତନତା ନାହିଁ, ନିଶା ନିବାରଣ ନାହିଁ, ଆଧୁନିକ ଚାଷ ପ୍ରତି ଆକର୍ଷଣ ନାହିଁ, ଆଗ୍ରହ ନାହିଁ, ତେଣୁ ଚାଷ ହୋଇପାରୁନି । ଆଦିମଜନଜାତିର ଆଦିମତା ତା'ର ସୁଖ , ଦୁଃଖ ଓ ଅଭାବ ଚିରସହଚର, ଯେଉଁଥିରୁ ସେ ଆନନ୍ଦ ପାଏ । ଆଧୁନିକତାରେ ସେ ଆନନ୍ଦ ପାଇପାରେନି । କର୍ମଚାରୀମାନଙ୍କର ସମସ୍ତ ପ୍ରକାର ସଚେତନତା ପ୍ରବର୍ତ୍ତନ ସତ୍ତ୍ୱେ ପୁଣି କେଉଁଠି ତ୍ରୁଟି ରହିଯାଉଛି ତାହା ଗବେଷଣା ସାପେକ୍ଷ, ଅନୁଧ୍ୟାନ ସାପେକ୍ଷ ।

ଅନ୍ୟ ଏକ ଦୃଷ୍ଟାନ୍ତ - ଦିନେ ସେଇ ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଲି । ଅଭିନବ ଚିନ୍ତାଧାରାର ପ୍ରସ୍ତାବ । ମୁଁ ଫୁଲବାଣୀରେ ଥିବା ସମୟରେ କନ୍ଧମାନେ ଚାଷକରୁଥିବା ପାରମ୍ପରିକ ଅଦା ଓ ହଳଦୀ ଚାଷ କଥା ମୋର ମନକୁ ଛୁଇଁଲା । ଜମି ଓ ପରିବେଶ ଦୃଷ୍ଟିରୁ କନ୍ଧମାଳର ମାଟି ଓ ଜଳବାୟୁ ସହିତ ଏଠିକାର ମାଟି ଓ ଜଳବାୟୁର ସାମଞ୍ଜସ୍ୟ ଥିବା ମନେ ହେଉଥିଲା । ଭାବିଲି ଏଠି ଅଦା ଓ ହଳଦୀ ଚାଷକଲେ ଭଲ ହୁଅନ୍ତା । ପାଉଡ଼ିଭୂୟାଁମାନେ ଅଧିକ ଲାଭବାନ ହୋଇପାରନ୍ତେ । ଏ ପ୍ରସ୍ତାବଟା ଜିଲାପାଳଙ୍କ ମନକୁ ଛୁଇଁଲା । ସେ ରାଜି ହୋଇଗଲେ । ପରିଚାଳନା କମିଟିରେ ଏହା ଅନୁମୋଦିତ ହେଲା । ଫୁଲବାଣୀରୁ ହଳଦୀ ବିହନ, ସମ୍ବଲପୁରର କୁଲଣ୍ଡିରୁ ଅଦାବିହନ ଅଣାଗଲା । ସବୁ ହିତାଧିକାରୀଙ୍କୁ ଅଦା, ହଳଦୀ ବିହନ ଯୋଗାଇଦିଆଗଲା । ବର୍ଷେ ଦୁଇବର୍ଷ ପର୍ଯ୍ୟନ୍ତ ଏହି ଚାଷରେ ମନୋନିବେଶ କଲେ । ତା'ପରେ ଏହାର ବ୍ୟବସାୟିକ ଦୃଷ୍ଟିଭଙ୍ଗୀରୁ ଏକପ୍ରକାର ନିରୁତ୍ସାହିତ ହେଲେ । ଅଦା ମୂଳରେ ପାକଳ ନହେଉଣୁ ଖୋଳିକରି ଆଣି ବଜାରରେ ବିକ୍ରିକଲେ । ହଳଦୀର ଉତ୍ପାଦନ ଅବଧି ବିଳମ୍ବ ଅର୍ଥାତ୍ ୨ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାର ଧୈର୍ଯ୍ୟ ରହିଲାନି । କ୍ରମେ କ୍ରମେ ଏ

ଚାଷପ୍ରତି ନିରୁତ୍ସାହିତ ହେଲେ । ଏ ନିରୁତ୍ସାହତା ଦୂର କରିବାକୁ ସଂସ୍ଥା କର୍ମଚାରୀ ଓ ହିତାଧିକାରୀଙ୍କର ଅଧିକ ଚିନ୍ତା ପ୍ରକଟ କରିବା, ଭାବପ୍ରବଣ ହୋଇ ପୁନଃପୁନଃ ସେଇ ଚାଷପ୍ରତି ମନୋନିବେଶ କରାଇବା ଆବଶ୍ୟକ । ଏଥିପାଇଁ ସଂସ୍ଥା ବ୍ୟତିରେକ ଏକ ସଚେତନତାକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ କଲେ ଭଲ ହୁଅନ୍ତା । ଶୁଣିବାକୁ ପାଇଲି ପରବର୍ତ୍ତି ସମୟରେ ଏହି ଋଷକୁ ପୁନଃପ୍ରବର୍ତ୍ତନ କରାଯାଇଛି; କିନ୍ତୁ ଏହି ଚାଷ ବ୍ୟବସାୟିକ ଦୃଷ୍ଟିଭଙ୍ଗୀରେ କରିବା ପାଇଁ ଧ୍ୟାନ ଦେବା ଆବଶ୍ୟକ ହେଉଛି । ଏଥିପାଇଁ ସଚେତନତା ସୃଷ୍ଟି ଏକାନ୍ତ ଆବଶ୍ୟକ ।

❖❖❖

# ଲାଖ ଚାଷ

ପାଉଡ଼ିଭୂୟାଁ ଅଧ୍ୟୁଷିତ ଖୁଣ୍ଟଗାଁ ଅଞ୍ଚଳରେ ଲାଖ ଉତ୍ପାଦନ ଏକ ପାରମ୍ପରିକ ଚାଷ । ଏ ଚାଷପାଇଁ ଆଦିବାସୀମାନଙ୍କୁ ସହାୟତା ଦିଆଯାଏ ନାହିଁ । ସାର ବିହନ ଯୋଗାଯାଏ ନାହିଁ । ପ୍ରକୃତି କୋଳରେ ଅର୍ଥାତ୍ ଜଙ୍ଗଲରେ କୁସୁମ ଓ ପଳାସ ଗଛ ସ୍ୱତଃ ସୃଷ୍ଟିହୋଇ ବୃଦ୍ଧି ହୁଏ । ସେହି ଗଛମାନଙ୍କର ଡ଼ାଳ,ଶାଖା,ଗଛ ଗଣ୍ଠିରୁ ଲାଖ କୀଟ ସଂଚରିତହୋଇ ମୁଣ୍ଡାମୁଣ୍ଡା ଲାଖ ସୃଷ୍ଟି ହୁଏ । ଏହାକୁ ପାଉଡ଼ିଭୂୟାଁମାନେ ସଂଗ୍ରହ କରି ବଜାରରେ ସ୍ୱଳ୍ପମୂଲ୍ୟରେ ବିକ୍ରି କରି ଜୀବିକା ନିର୍ବାହ କରନ୍ତି । ବାହାରର ବେପାରୀମାନଙ୍କର ଶୋଷଣର ଶିକାର ହେଉଥିବାରୁ ସେମାନେ ଉଚିତ୍ ମୂଲ୍ୟ ପାଇପାରନ୍ତି ନାହିଁ ।

ଏ ଭଳି ପରିବେଶ ଥିବା ଅଞ୍ଚଳରେ କେବଳ ପ୍ରାକୃତିକ ତଥା ପାରମ୍ପରିକ ପ୍ରଣାଳୀରେ ଲାଖ ଉତ୍ପାଦନକୁ ଅପେକ୍ଷା ନକରି ଏହାର ବୃଦ୍ଧି ସଘନ ପ୍ରଣାଳୀରେ କରିବାକୁ ଚିନ୍ତାକଲି । ଜଙ୍ଗଲରେ ଥିବା କୁସୁମ ଗଛର ହିସାବ ନିଆଗଲା । କେଉଁ ପାଉଡ଼ିଭୂୟାଁ ପରିବାରର କେତୋଟି ଗଛ ଅକ୍ତିଆରରେ ଅଛି ତା'ର ସର୍ବେକ୍ଷଣ କରାଗଲା । ତା'ପରେ ଏହି ଲାଖର ସଘନ ଚାଷପାଇଁ ଆବଶ୍ୟକୀୟ ଜ୍ଞାନକୌଶଳ ଆହରଣପାଇଁ ଏହାର ତାଲିମ କେନ୍ଦ୍ର ଅନୁସନ୍ଧାନ କରଗଲା । ରାଞ୍ଚିଠାରେ ଏହି କେନ୍ଦ୍ର ଅଛି । ରାଞ୍ଚି ତାଲିମକେନ୍ଦ୍ରର ମୁଖ୍ୟଙ୍କ ସହ ପତ୍ରାଳାପ କରାଯାଇ ପାଉଡ଼ିଭୂୟାଁର ଉନ୍ନୟନ ସଂସ୍ଥାର ୪ ଜଣ କର୍ମଚାରୀଙ୍କୁ ତାଲିମ ନେବାପାଇଁ ଏହି କେନ୍ଦ୍ରକୁ ପଠାଗଲା । ଏମାନେ ତାଲିମ ପାଇ ଆସିଲେ । ଲାଖଚାଷପାଇଁ ଏକ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରଗଲା , କିନ୍ତୁ ଏ ଭଳି ଭାବପ୍ରବଣତା ମଧ୍ୟରେ ଏ ବ୍ୟବସ୍ଥା ଏଇଠାରେ ଅଟକିଗଲା; କାରଣ ମୋ'ର ଏହି ସଂସ୍ଥାରୁ ସ୍ଥାନାନ୍ତରିତ ହେବାପରେ ଆଉ ଏ ଦିଗପ୍ରତି କାହାରଧ୍ୟାନ ରହିଲା ନାହିଁ । ଅବଶ୍ୟ ଏଥିପାଇଁ କାହାକୁ ଦୋଷ ଦେବା ଅନୁଚିତ; କାରଣ ଏହା ମୋ'ର ଥିଲା ନିଜସ୍ୱ ଭାବପ୍ରବଣତାର ପ୍ରତିଫଳନ, ଯାହାଦ୍ୱାରା ଆଦିବାସୀମାନଙ୍କର ଆର୍ଥିକ ସ୍ଥିତି ବୃଦ୍ଧି କରିବାପାଇଁ ପ୍ରୟାସ କରୁଥିଲି । ସେତେବେଳେ ଏହାକୁ ସରକାରଙ୍କର ବିଧି ବ୍ୟବସ୍ଥା ମଧ୍ୟରେ ରଖାଯାଇଥିଲେ ଅର୍ଥନୈତିକ ବିକାଶର ଏକ ଫଳପ୍ରଦ ମାଧ୍ୟମ ହୋଇପାରିଥାଆନ୍ତା, ଅବଶ୍ୟ ଏବେ ଏହା ସରକାରୀ ବିଧି ବ୍ୟବସ୍ଥା ଭିତରକୁ ଆଣଗଲାଣି ।

ଯେହେତୁ ଆଦିବାସୀମାନଙ୍କର ଏହା ପାରମ୍ପରିକ ଚାଷ ଏଥିରେ ଆଳୁ,ଗହମ ଧାନ, ପନିପରିବା ଚାଷ ଭଳି ନିରୁତ୍ସାହତା ପରିଲକ୍ଷିତ ହୋଇ ନଥାନ୍ତା । ଆଦିମ ଜନଜାତି ବିକାଶ ପ୍ରକ୍ରିୟାରେ ଏଭଳି କୌଣସି ନିର୍ଦ୍ଦିଷ୍ଟ ଧନ୍ଦା ନୀତିଗତ ଭାବେ ସରକାରୀ ସ୍ତରରେ ନିର୍ଦ୍ଧାରିତ ହୋଇନଥିବାରୁ ପରବର୍ତ୍ତୀ ଅଧିକାରୀମାନେ ସରକାରୀ ନୀତି ନିୟମକୁ ଖୋଜି ବସିଲେ । କୌଣସି ରିସ୍କରେ ନିଜସ୍ୱ ଚିନ୍ତାଧାରା ପ୍ରକଟ କରି ପାରିପାର୍ଶ୍ୱିକ ଅବସ୍ଥାରେ ଆବଶ୍ୟକତାକୁ ଉପଲବ୍ଧି କରି ଗଠନମୂଳକ ପ୍ରସ୍ତାବ ଆଗତ କରିବା ମନୋବୃତ୍ତିର ଅଭାବ ଏବଂ କେବଳ ଷ୍ଟେରିଓଟାଇପ୍ କାର୍ଯ୍ୟକ୍ରମ ହାତକୁ ନେବା ଚିନ୍ତାଧାରା ଯୋଗୁ ଏଭଳି ଏକ ଅର୍ଥକରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାରେ ବାଧା ସୃଷ୍ଟି ହେଲା ।

ଏଠାରେ ଲାଖ ବ୍ୟବସାୟଉପରେ ଆଉ ଏକ ଅନୁଭୂତି ଉଲ୍ଲେଖ କରିବାକୁ ଉଚିତ୍ ମନେ କରୁଛି । ଏ ଅଞ୍ଚଳରେ ଲାଖ ଉତ୍ପାଦନ ଓ ବିପଣନ ଏତେ ଲାଭଜନକ ଯେ ବାହାର ମୁନାଫାଖୋର ବ୍ୟବସାୟୀ ଆସି ଏହି ଅଞ୍ଚଳରେ ଆଦିବାସୀମାନଙ୍କୁ ଶୋଷଣ କରି ଖୁବ୍ କମ୍ ଦାମରେ କ୍ରୟ କରି ଲକ୍ଷଲକ୍ଷ ଟଙ୍କା ଲାଭ କରିଥା'ନ୍ତି । ଏପରିକି ଲାଖ ଉତ୍ପାଦନର ବୃଦ୍ଧି କରିବାପାଇଁ ଏଇ ବ୍ୟବସାୟୀମାନେ ଏହି ଅଞ୍ଚଳବାସୀମାନଙ୍କୁ ପ୍ରଲୋଭନ ଦେଖାଇ ଉତ୍ସାହିତ କରିଥା'ନ୍ତି । ମୁଁ ଏହି ପ୍ରକଳ୍ପରେ ଅଧିକାରୀ ଥିବା ସମୟରେ ଏହିପରି ଜଣେ ଦଲାଲ ପାଉଡ଼ିଭୂୟାଁ ଅଞ୍ଚଳରେ ସଘନପ୍ରଣାଳୀରେ ଲାଖଚାଷ କରି ଉତ୍ପାଦନଗୁଡ଼ିକୁ ସେ କ୍ରୟ କରି ନେବା ପାଇଁ ପ୍ରସ୍ତାବ ଦେଉଥିଲେ । ସେ ଏପରି ଢ଼ଙ୍ଗରେ ଉତ୍ସାହିତ କରୁଥିଲେ  ସତେକି ସେମାନେ ପାଉଡ଼ିଭୂୟାଁ ବିକାଶପାଇଁ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତି । ପାଉଡ଼ିଭୂୟାଁ  ଉନ୍ନୟନ ସଂସ୍ଥା ଏମାନଙ୍କପ୍ରତି ସତର୍କ ରହିବା ଦରକାର । ଜିଲାପାଳ - ସଂସ୍ଥାର ନିର୍ବାହୀ ଅଧିକାରୀ - ନିୟାମକ କମିଟି - ସରକାରଙ୍କର ମିଳିତ ପ୍ରୟାସ ଏହାକୁ ଫଳପ୍ରଦ ବ୍ୟବସ୍ଥା ରୂପେ ପ୍ରବର୍ତ୍ତନ କରିପାରିବ ।  ଏତାଦୃଶ ଚିନ୍ତାଧାରା ଆଦିବାସୀଙ୍କ ମନରେ ଉଜ୍ଜୀବିତ ରଖି କୃତ୍ରିମ ଉପାୟରେ ସଘନ ଚାଷ ପ୍ରବର୍ତ୍ତନ କରିବାପାଇଁ ମୋର ଏଇ ଅନୁଭୂତି ସମ୍ପନ୍ନ ଆଲେଖ୍ୟ ନିଶ୍ଚୟ ସହାୟକ ହେବ । ବହୁ ବର୍ଷଧରି ପାରମ୍ପରିକ ଚାଷଜାରି ରହିବା ପରେ ନାଫେଡ଼ ଦ୍ୱାରା ଏହି ଅଂଚଳରେ ସଂଘନ ଚାଷ ପାଇଁ ପ୍ରୋତ୍ସାହନକରି ଉତ୍ପାଦନବୃଦ୍ଧି ପାଇଁ ବ୍ୟବସ୍ଥା କଲାଣି  । ପରବର୍ତ୍ତୀ ସମୟରେ ଶୁଣିବାକୁ ପାଇଲି ଏହି ଅଞ୍ଚଳରେ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହି ଚାଷ ପ୍ରବର୍ତ୍ତନ କରି ଲକ୍ଷାଧିକ ଟଙ୍କା ଆୟ କରିବାକୁ ସକ୍ଷମ ହେଲେଣି; କିନ୍ତୁ ସେହି ଅବ୍ୟବସ୍ଥା ପୁନରାୟ

ଉତ୍ପାଦନକାରୀ ନିରୀହ ଆଦିବାସୀଙ୍କୁ କବଳିତ ନ କରିବା ପାଇଁ ଗୋଟିଏ ଭିଜିଲାନ୍ସ କମିଟି ଏବଂ ଗୋଟିଏ ତଦାରଖ ସ୍କ୍ୱାଡ୍ ଗଠନ କରାଗଲେ ଲାଭକାରୀ ଲାଖ ଚାଷରେ ଆଦିବାସୀ ମାନେ ଶୋଷଣମୁକ୍ତ ହୋଇପାରିବେ । ଏଠାରେ ଆଉ ଗୋଟିଏ ଭାବନା ମୋ ମନ ଭିତରକୁ ଆସେ । ଲାଖ ଚାଷ, ଲିଚୁ ଚାଷ, ଅଦା-ହଳଦୀ ଚାଷ ଓ ମହୁ ଚାଷ ଭଳି ଅର୍ଥକାରୀ ଫସଲ ନିଷ୍ପାର ସହ ପ୍ରବର୍ତ୍ତନ କଲେ ପାଉଡ଼ିଭୂୟାଁମାନଙ୍କର ଦାରିଦ୍ର୍ୟ ଆଶାତୀତ ଭାବେ ଦୂର ହୋଇପାରନ୍ତା ।

❖❖❖

# ଲିଚୁଚାଷରେ ଶୋଷଣ

୧୧ଗୋଟି ପାଉଡ଼ିଭୂୟାଁ ପରିବାରପାଇଁ କିପରି ଘାତପ୍ରତିଘାତ ମଧ୍ୟରେ ଲିଚୁଚାଷ ଦୃଷ୍ଟାନ୍ତମୂଳକ ଭାବେ ପ୍ରବର୍ତ୍ତନ କରାଗଲା ତାହା ଅନ୍ୟତ୍ର ବର୍ଣ୍ଣନା କରାଯାଇଅଛି । ବର୍ତ୍ତମାନ ଏହି ଲିଚୁ ବଗିଚାରେ ପ୍ରଚୁର ଲିଚୁ ଫଳୁଚି । ଲିଚୁର ଉତ୍ପାଦନ ଦେଖି ବାହାର ବ୍ୟବସାୟୀ ମାନେ ଏହି ସରଳ ନିରୀହ ଆଦିବାସୀମାନଙ୍କୁ ଧାନ,ଚାଉଳ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଧା'ର୍‌ସୂତ୍ରରେଦେଇ ସେମାନଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥା'ନ୍ତି । ଏଥିରେ ତାଙ୍କର ଲିଚୁ ଫଳିଲେ ଉତ୍ପାଦିତ ଲିଚୁ ସେଇ ଅନୁକମ୍ପା ବଦଳରେ ନେବାକୁ ସର୍ତ୍ତ ରଖିଥାନ୍ତି । ଏହା ଦ୍ୱାରା ପାଉଡ଼ିଭୂୟାଁ ଖୁବ୍ କମ୍ ମୂଲ୍ୟରେ ଉତ୍ପାଦିତ ଲିଚୁକୁ ବିକ୍ରୟ କରି ଅସମ୍ଭବ ରକମର ଶୋଷଣର ଶିକାର ହେଉଛନ୍ତି । ଏ ସମ୍ପର୍କରେ କାହାର ଧ୍ୟାନ ରହୁନାହିଁ ବା ପାଉଡ଼ିଭୂୟାଁ ଉନ୍ନୟନସଂସ୍ଥାର ଅଧିକାରୀ ବା କର୍ମଚାରୀମାନେ କର୍ତ୍ତୃତ୍ୱ ଜାହିର କରି ଶୋଷଣରୁ ନିବୃତ୍ତ କରାଇବାରେ ସଫଳତା ପାଇପାରୁ ନାହାନ୍ତି ।

ଅନ୍ୟ ଏକ ଦୃଷ୍ଟାନ୍ତ । ଏ ପ୍ରକାର ଶୋଷଣ କଥା ଶୁଣି ମୁଁ ବହୁତ ବିବ୍ରତ । ମୁଁ ବର୍ତ୍ତମାନ ଜଣେ ଅବସର ପ୍ରାପ୍ତ ବ୍ୟକ୍ତି । ମୋର ବିଗତ ସମୟର କାର୍ଯ୍ୟକ୍ଷେତ୍ରର ହାନିଲାଭ ବା ସେହିକ୍ଷେତ୍ରର ହିତାଧିକାରୀ ପାଉଡ଼ିଭୂୟାଁର ହିତ ଅହିତ ପ୍ରତି ଚିନ୍ତା କରିବା ନୀତିଗତ ଭାବେ ମୋର କି ଅଧିକାର ଅଛି ? କିନ୍ତୁ ଭାବାବେଗ ସୃଷ୍ଟିହେବା ପ୍ରତି କେହି ରୋକି ପାରିବନି । ଯେଉଁ ଆବେଗ ସୃଷ୍ଟି ହେଉଛି, ସେଥିରୁ ମୁଁ ବର୍ଣ୍ଣନା କରୁଛି । ସରକାରଙ୍କର ନୀତି ରହିଛି । ଆଦିବାସୀକୁ ଅଣଆଦିବାସୀ ଶୋଷଣ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯାଇପାରିବ । କିନ୍ତୁ ଆଦିବାସୀ କୁ ଆଦିବାସୀ ଶୋଷଣ କଲେ ରେଗୁଲେସନ୍ -୨ (୧୯୫୬) ଭଳି ସେଭଳି ସ୍ୱତନ୍ତ୍ର ବିଧିବ୍ୟବସ୍ଥା ନାହିଁ । ତାହାହେଲେ ଆଦିବାସୀ ଯଦି ଆଦିବାସୀଦ୍ୱାରା ଶୋଷିତ ହୁଏ ସେଠି କ'ଣ କରାଯିବ? ଏଭଳି ଘଟଣା ଘଟୁଛି ଏହି ପାଉଡ଼ିଭୂୟାଁମାନଙ୍କ ଲିଚୁ ଜମିରେ । ଲିଚୁ ଲାଗିଥିବା ଏହି ଜମିର କିଛି ଅଂଶ ଜଣେ ସଚେତନ ପ୍ରଭାବଶାଳୀ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ବ୍ୟକ୍ତି ପାଉଡ଼ିଭୂୟାଁକୁ ଶୋଷଣ କରି କିଣି ନେଲାଣି । ପ୍ରଚୁର ଲିଚୁ ଫଳୁଥିବା ବୃକ୍ଷ ସହ ଏହି ଜମିକୁ କିଣି ନେବା ପରେ ପାଉଡ଼ିଭୂୟାଁ ବର୍ତ୍ତମାନ ନିଃସ୍ୱ । ସରକାରଙ୍କର ଆଦିମ ଜନଜାତି ବିକାଶ ଯୋଜନା ବିଫଳ ।

ଏଥିରେ ସରକାରଙ୍କର ଆଇନଗତ ବ୍ୟବସ୍ଥା ନଥିଲେ ବି ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ତରଫରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହାୟତାରେ ଏହାକୁ ପ୍ରତିରୋଧ କରିବାର ବ୍ୟବସ୍ଥା କରାଯାଇପାରିଥାନ୍ତା , କିନ୍ତୁ ତାହା ହୋଇପାରିଲାନି । ଦେହରୁ ରକ୍ତଦେଇ ମୁଁ ଏହି ଅର୍ଥକରୀ ଫଳୋଦ୍ୟାନଟି ଉଗାରି ଥିଲି, କେତେକ ପାଉଡ଼ିଭୂୟାଁମାନଙ୍କର ଆର୍ଥିକ ବିକାଶ ଦେଖି ଆତ୍ମତୃପ୍ତି ଲାଭ କରିବାକୁ ; କିନ୍ତୁ ବର୍ତ୍ତମାନ ଏହାର ବିପରୀତ ଫଳ ଦେଖି ମୁଁ ବ୍ୟଥିତ । ମୋତେ ଯେତିକି ବ୍ୟଥା ଲାଗୁଛି ହିତାଧିକାରୀଙ୍କୁ ବି ସେତିକି ବ୍ୟଥା ଲାଗୁ ନଥିବ । ମୁଁ ଭାବୁଛି ସତେକି ମୋ' ନିଜ ଜମି ଚାଲିଯାଇଛି । ମୁଁ ନିଜେ ନିଶ୍ଚିତହୋଇ ଯାଇଛି ଯେ ଏଠି ସଚେତନତା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏହାର ନିରାକାରଣ କିପରି ଓ କେବେ ହୋଇ ପାରିବ ତାହା ସମୟ କହିବ ।

❖❖❖





# ପ୍ରକୃତି ପ୍ରେମୀ ଆଦିବାସୀଠାରେ ନିଷ୍ଠୁରତା

ପ୍ରକୃତିଠାରୁ ଜାତ, ପ୍ରକୃତିଦ୍ୱାରା ପରିପାଳିତ, ପ୍ରକୃତିର ଦାନରେ ଖାଦ୍ୟ, ଜଳ, ବର୍ଷା, ବସନ, ଭେଷଜ ପ୍ରାପ୍ତ, ଆଦିବାସୀ ପ୍ରକୃତିକୁ ଇଷ୍ଟ ରୂପେ ପୂଜନ କରେ । ତା'ର ଦେବତା ହେଉଛି ପ୍ରକୃତି- ଗଛ, ପଥର, ନଈ, ନାଳ, ପର୍ବତ ହିଁ ତାର ଆରାଧ୍ୟ । ସର୍ବଶକ୍ତିମାନ ଭଗବାନଙ୍କ ସତ୍ତାକୁ ପ୍ରକୃତି ମଧ୍ୟରେ ଉପଲବ୍ଧି କରି ଜଗନ୍ନାଥଙ୍କ ପୂର୍ବ ଅବସ୍ଥାକୁ ଦାରୁ ଭିତରେ ଅନୁଭବ କରିପାରିଥିଲା । ସେହି ଶବର ଦେବତା, ନୀଳମାଧବ, ଦାରୁ ଦେବତା ରୂପେ ଜଗତର ନାଥ ଜଗନ୍ନାଥ ହିଁ ଥିଲେ ପ୍ରକୃତି ଅର୍ଥାତ୍ ଦାରୁର ରୂପାନ୍ତର, ଦେବତାର ରୂପ ।

ପୁରଣା ତତ୍ତ୍ୱ ଅନୁସାରେ ନାରାୟଣ ହିଁ ବୃକ୍ଷ ମଧ୍ୟରେ ବିଦ୍ୟମାନ । ସେହି ବୃକ୍ଷ ନାରାୟଣ ପ୍ରାଣୀକୁ ଜଳ, ବାୟୁ, ମୃତ୍ତିକା, ଖାଦ୍ୟ, ବସନ, ଶକ୍ତି, ଆଶ୍ରୟ, ଔଷଧ, ଗୋ-ଖାଦ୍ୟ ଓ ଛାୟା ପ୍ରଦାନ କରିଥାଏ । ଏହା ଉପନିଷଦରେ ବର୍ଣ୍ଣିତ । ବୃକ୍ଷ ହେଉଛି ପ୍ରାଣ ଓ ଜୀବନ ଶକ୍ତି ପ୍ରଦାନକାରୀ ମହାନ୍ ଦାନୀ । ତାହାର ପ୍ରତିଦାନରେ ଆଦିବାସୀ ପ୍ରକୃତିଠାରେ ଅତ୍ୟନ୍ତ ପ୍ରୀତ; କିନ୍ତୁ ପକ୍ଷାନ୍ତରେ ଆଦିବାସୀର ଅନ୍ତର ଭିତରେ ସକାରାତ୍ମକ ଗୁଣକୁ କିଛି ନକରାତ୍ମକ ଭାବ ପ୍ରଭାବିତ କରିଥାଏ, ସେଇଟି ହେଲା ସେ ତାର ପ୍ରାକୃତିକ ଜୀବନଶୈଳୀ ମଧ୍ୟରେ ପ୍ରକୃତିଦତ୍ତ ଅର୍ଥାତ୍ ସ୍ୱୟଂସୃଷ୍ଟ ଖାଦ୍ୟ ପଦାର୍ଥ ପ୍ରାପ୍ତ ହେବା ଅବସରରେ ଅନୁଭବ କରେ ଯେ, ବୀଜରୁ ବୃକ୍ଷ ଉତ୍ପନ୍ନ ହୁଏ । ତେଣୁ ସେ ପ୍ରକୃତିର ସ୍ୱୟଂସୃଷ୍ଟ ବୃକ୍ଷ ବ୍ୟତୀତ ଏହି ବୃକ୍ଷର ଫଳରୁ ପ୍ରାପ୍ତ ବୀଜ ମୃତ୍ତିକାରେ ସ୍ଥାପିତ କରି ବୃକ୍ଷ ଜନ୍ମାଇବା ପାଇଁ ଏକ କୌତୂହଳୀ ମାନସିକତା ସୃଷ୍ଟି ହେଉ ହେଉ କ୍ରମେ ଏହା ପାରମ୍ପରିକ ପ୍ରକ୍ରିୟାରେ ପରିଣତ ହୁଏ । ତା ପରେ ସେ ଭୂମି ପ୍ରସ୍ତୁତ କରେ, ଭୂମି ଉପରେ ସୃଷ୍ଟ ବୃକ୍ଷଲତାକୁ ଛେଦନ କରିବା ପାଇଁ ଅନ୍ତର୍ନିହିତ ମାନସିକତା ତଥା ଅଜଣା ଶକ୍ତିଦ୍ୱାରା ପ୍ରରୋଚିତ ହୁଏ । ଏହା କେଉଁ ଆଦିମ କାଳର ପ୍ରକୃତି ବିଧ୍ୱଂସର ଅୟମାରମ୍ଭର ମାନସିକତା ହେଲେ ହେଁ ଆଜିର ଆଦିବାସୀଙ୍କଦ୍ୱାରା କରାଯାଉଥିବା ପୋଡୁ ଚାଷ ସେହି ପ୍ରାରମ୍ଭ ପ୍ରକ୍ରିୟାର ବିବର୍ତ୍ତିତ ଅବସ୍ଥା ବୋଲି କଳ୍ପନା କରାଯାଇପାରେ; ତେଣୁ ପୋଡୁ ଚାଷ କିମ୍ବା ଇନ୍ଧନ ପାଇଁ ଆଦିବାସୀ ବୃକ୍ଷ

କାଟେ, ପ୍ରକୃତି ହତ୍ୟା କରେ । ଏହା ଏକ ନିଷ୍ଠୁର ମାନସିକତା ଯାହା ତା'ର ନକରାତ୍ମକ ଭାବ ବହନ କରିଥାଏ । ତଥାପି ସେ ନିଜ ସ୍ୱାର୍ଥ ପାଇଁ ଏଭଳି ନିଷ୍ଠୁରତାରୁ ନିବୃତ୍ତି ପାଇବା ଉଦ୍ଦେଶ୍ୟରେ ସେ ପ୍ରତିକାରାତ୍ମକ ଉପାୟରେ ପ୍ରକୃତି ଦେବତାଙ୍କୁ ପୂଜା କରିଥାଏ । ପୋଡୁ ଚାଷ ପର୍ବ ଆରମ୍ଭରୁ ସେ ଜଙ୍ଗଲ ଦେବତାଙ୍କୁ ଅର୍ଥାତ୍ ପ୍ରକୃତି ଦେବତାଙ୍କୁ ପୂଜା ଆରାଧନା କରି ମନ୍ତ୍ର ପାଠଦ୍ୱାରା ତୁଷ୍ଟ କରିଥାଏ; ଏପରିକି ପ୍ରକୃତିପୁଷ୍ଟ ପ୍ରାଣୀ ହତ୍ୟା କରି ଶିକାର କରିବା ପୂର୍ବରୁ ମଧ ଏତାଦୃଶ୍ୟ ପ୍ରକୃତି ପୂଜନ କରିଥାଏ । ତେଣୁ ଆଦିବାସୀ ପ୍ରକୃତିସୃଷ୍ଟ ପ୍ରାଣୀ ଅର୍ଥାତ୍ ପ୍ରକୃତି ପ୍ରାଣୀ, ପ୍ରକୃତି ପ୍ରେମୀ ଓ ସ୍ଥଳ ବିଶେଷରେ ପ୍ରକୃତି ଧ୍ୱଂସକାରୀ ହେଲେ ହେଁ ସେ ଏତାଦୃଶ ପୂଜନଦ୍ୱାରା ପ୍ରକୃତିଠାରେ କ୍ଷମାପ୍ରାର୍ଥୀ ।

ଅଧୁନା ପ୍ରକୃତି ବିଧ୍ୱଂସକାରୀ ନହୋଇ ତା'ର ମିତ୍ର ସାଜିବାକୁ ସରକାରଙ୍କ ଦ୍ୱାରା ଶିକ୍ଷା ଓ ସଚେତନତାର ବାର୍ତ୍ତା ପ୍ରଚାର କରାଯାଉଛି ।

❖❖❖

# ପୋଡୁଚାଷ ନିବାରଣ କାର୍ଯ୍ୟକ୍ରମ

ଭାରତର ବିଭିନ୍ନ ପ୍ରାନ୍ତରେ ଆଦିବାସୀମାନେ ପୋଡୁଚାଷ କରନ୍ତି । ଏହାକୁ ଓଡ଼ିଶା ବାହାରେ କେତେକ ରାଜ୍ୟରେ ଝୁମ୍ ଚାଷ କହନ୍ତି । ଓଡ଼ିଶାର ଫୁଲବାଣୀ, କୋରାପୁଟ, କଳାହାଣ୍ଡି, ଗଞ୍ଜାମ, କେନ୍ଦୁଝର ଓ ସୁନ୍ଦରଗଡ଼ଆଦି ଜିଲାମାନଙ୍କରେ ଆଦିବାସୀମାନେ ପୋଡୁଚାଷ କରନ୍ତି । ମୋ'ର ବଣେଇ ଅଞ୍ଚଳରେ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାରେ ନିର୍ବାହୀ ଅଧିକାରୀ (ସ୍ୱତନ୍ତ୍ର ଅଧିକାରୀ) ଭାବେ କାର୍ଯ୍ୟ କରୁଥିବା ସମୟରେ ଏଇ ପୋଡୁଚାଷର ପ୍ରତ୍ୟକ୍ଷ ଅନୁଭୂତିରେ ଯାହା ଦେଖିଥିଲି ବା ହୃଦୟଙ୍ଗମ କରିଥିଲି ଏବଂ ପୋଡୁଚାଷୀମାନଙ୍କୁ ଏଥିରୁ ନିବୃତ୍ତ କରିବାପାଇଁ ଯେଉଁ ପଦକ୍ଷେପମାନ ନେଇଥିଲି ତାହାର ଏକ ନିଛକ ଚିତ୍ର ଏଠାରେ ରଖିବାକୁ ଉଚିତ୍ ମନେ କରୁଛି । ପାଉଡ଼ିଭୂୟାଁମାନଙ୍କର ପୋଡୁଚାଷ ହେଉଛି ପାରମ୍ପରିକ ଚାଷ । ପାହାଡ଼ର ଗୋଟିଏ ଇଲାକାନେଇ ସେଇ ଇଲାକାରେ ଥିବା ସମସ୍ତ ଗଛଲତାକୁ କାଟି ତଳେ ପକାଇ ଦିଅନ୍ତି । ଖରାରେ ଶୁଖିଗଲା ପରେ ଏଥିରେ ନିଆଁଲଗାଇ ଦିଅନ୍ତି । ଏହି ଇଲାକାରେ ବହୁତ ବର୍ଷର ପତ୍ରପଡ଼ି ପଚିସଢ଼ି ମାଟିକୁ ଉର୍ବର କରିଥାଏ । ପୁନଶ୍ଚ ଗଛପତ୍ରକାଟି ନିଆଁ ଲଗାଇବାଦ୍ୱାରା ଯେଉଁ ପାଉଁଶ ସୃଷ୍ଟି ହୁଏ ତାହା ଉର୍ବରତାକୁ ଅଧିକ ବୃଦ୍ଧି କରିଥାଏ । ବର୍ଷାଋତୁ ପ୍ରାରମ୍ଭରେ ଗୋଟିଏ ଦୁଇଟି ଅସରା ବର୍ଷା ପରେ ଚାଷୀ ଏହି କ୍ଷେତ୍ରକୁ ସମତଳ ହୋଇଥିଲେ ଲଙ୍ଗଳଦ୍ୱାରା ମାଟିକୁ ହାଲୁକା କରି କୃଷି ଉପଯୋଗୀ କରିଥାଏ । ଏହି କ୍ଷେତ୍ରକୁ ଏମାନେ ତାଙ୍କ ଭାଷାରେ ଏକ ପର୍ଯ୍ୟାୟରେ ବିରଙ୍ଗା ଏବଂ ଅନ୍ୟ ପର୍ଯ୍ୟାୟରେ କମାଣ ବୋଲି କହନ୍ତି । ଏହି ବିରଙ୍ଗା ବା କମାଣ କ୍ଷେତ୍ରରେ ଯେଉଁ ଚାଷ କରାଯାଏ ତାହାକୁ ପୋଡୁଚାଷ କହନ୍ତି । ଏହି କ୍ଷେତ୍ରରେ ଗଙ୍ଗେଇ, ତିସିଳିଆ, କାଙ୍ଗୁ, ସୁଆଁ, ଗୁଲ୍‌ଜି, ଜାଲି, ସିଙ୍କ,ମକା, (ଜୁଆରି), ଗରଗଡ଼, ବିରି, ସୁତୁରି, ରୁମ୍ବା, କୋଳଥ, ମୁଗ, ରାହାଡ଼ି, ତୁଙ୍କ ଆଦି ଶସ୍ୟ ଓ ଜହ୍ନି, ଭେଣ୍ଡି କାକୁଡ଼ି, ଝୁଡୁଙ୍ଗ,ବୋଇତି ଆଳୁ ଆଦି ପନିପରିବା ଚାଷ କରାଯାଏ ।

ଏହି ଫସଲ ପ୍ରାକୃତିକ ସାର ଓ ବୃଷ୍ଟିଜଳଦ୍ୱାରା ବେଶ୍ ଭଲହୋଇଥାଏ । ଏହି ଚାଷ ଲଗାତାର ଭାବେ ୩ ବର୍ଷ କଲାପରେ ଏହି କ୍ଷେତ୍ରକୁ ପରିତ୍ୟାଗ କରି ଅନ୍ୟ ଇଲାକାକୁ ଯାଇଥାନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଏହି ଜମିରେ ଥିବା ପ୍ରାକୃତିକ ସାର ୩ ବର୍ଷରେ କ୍ରମେ ଦୁର୍ବଳ ହୋଇଯିବାରୁ ଏଠାରେ ଉତ୍ପାଦନ କମିଯିବା ସ୍ୱାଭାବିକ; ତେଣୁ

ଅନ୍ୟତ୍ର ଚାଷ କରିବା ତାଙ୍କର ପାରମ୍ପରିକ ଓ ଗତାନୁଗତିକ ମାନସିକତା । ଏହି ପୋଡୁଚାଷ ପ୍ରସ୍ତୁତି କରଣ କିମ୍ବା ଚାଷକାର୍ଯ୍ୟ ଆରମ୍ଭରେ କୁକୁଡ଼ାବଳି, ମଦ ଆଦି ନୈବେଦ୍ୟ ଉପଯୋଗରେ ପୂଜା କରାଯାଏ । ଏହାଦ୍ୱାରା ଶସ୍ୟ ଅମଳ ବୃଦ୍ଧି ହୁଏ ବୋଲି ତାଙ୍କର ବିଶ୍ୱାସ । ଶସ୍ୟଅମଳ ବେଳେ ମଧ୍ୟ ଏପ୍ରକାର ପୂଜା ପ୍ରକୃତିଦେବୀ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୁଏ ।

ଏଠାରେ ଅନ୍ୟ ଏକ ଉଲ୍ଲେଖନୀୟ କଥା ଏହି ଯେ ଏଠିକାର ସ୍ଥାନୀୟ ମୁଣ୍ଡା ସମ୍ପ୍ରଦାୟର ଆଦିବାସୀମାନେ ଭୂୟାଁମାନଙ୍କର ୩ ବର୍ଷ ପରେ ପରିତ୍ୟକ୍ତ ଏହି କ୍ଷେତ୍ରକୁ ଅଧିକାର କରିନେଇ ଏଥିରେ ଥିବା ପଥର ଓ ଗଛ ଖୁଣ୍ଟା ଇତ୍ୟାଦି ସଫା କରି କୃତ୍ରିମ ସାର ପ୍ରୟୋଗ କରି କିମ୍ବା ବିନା କୃତ୍ରିମ ସାରରେ ଏଥିରେ ଫସଲ କରିଥା'ନ୍ତି । ସ୍ଥଳବିଶେଷରେ ଭୂୟାଁମାନେ ବର୍ଷେ କିମ୍ବା ଦି' ବର୍ଷ ବିରଙ୍ଗା ଚାଷ କଲାପରେ ମୁଣ୍ଡାମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ହସ୍ତାନ୍ତର କରି ଦେଇଥା'ନ୍ତି । ଏହା ମଧ୍ୟ ପାଉଡ଼ିଭୂୟାଁମାନେ ଅନ୍ୟମାନଙ୍କଦ୍ୱାରା ଶୋଷଣ ହେବାର ଏକ ନଜିର୍ ।

ଏଭଳି ପୋଡୁଚାଷଦ୍ୱାରା ଜଙ୍ଗଲ କ୍ଷୟହୋଇ ବିପୁଳଭାବେ ପରିବେଶ ଅସନ୍ତୁଳିତ ହେବାର କାରଣ ହୋଇଥାଏ; ତେଣୁ ଏହି ପୋଡୁଚାଷରୁ ନିବର୍ତ୍ତାଇବାପାଇଁ ପାଉଡ଼ିଭୂୟାଁମାନଙ୍କୁ ଯେତେ ପ୍ରକାର ବୁଝାଇଲେ ବି ଓ ଜଙ୍ଗଲ ବିଭାଗ ଯେତେ କଡ଼ା ପଦକ୍ଷେପ ନେଲେ ବି ଏମାନେ ଏ ଚାଷରୁ ନିବୃତ୍ତ ହୁଅନ୍ତି ନାହିଁ ।

ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏହି ସମସ୍ୟା ଉପଲବ୍ଧ ହେବା ଦୃଷ୍ଟିରୁ ଭାରତ ସରକାର ସର୍ବଭାରତୀୟ ସ୍ତରରେ ପୋଡୁଚାଷ ନିରାକରଣ କାର୍ଯ୍ୟକ୍ରମ (ଚକ୍ସରଙ୍ଗରଭପ୍ସସକ୍ଟଭ ଙ୍କଲ ଚକ୍ସୟଙ୍କ/ଝକ୍ଷସଲପ୍ସସଭଶ ଉଙ୍କକ୍ଷପ୍ସସଙ୍ଗବପ୍ସସକ୍ଟଭ ସଭ ଓଭୟସବ ) ପ୍ରଚଳନ କଲେ । ରଜ୍ୟ ସରକାର ତଦନୁସାରେ ସାମୟିକ ଭାବେ ଏହି କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ ପରିଚାଳନା କରିବାକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାମାନଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବଣେଇର ପ୍ରକଳ୍ପ ପ୍ରଶାସକଙ୍କୁ ଏହି କାର୍ଯ୍ୟକ୍ରମପାଇଁ ସେ ବର୍ଷ ୫୬ଲକ୍ଷ ଟଙ୍କା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା । ସେଦିନର କଥା – ପୋଡୁଚାଷ ନିରାକରଣ କାର୍ଯ୍ୟକ୍ରମକୁ ଯୋଜନାବଦ୍ଧ ଭାବେ ନୀତି ନିର୍ଦ୍ଧାରଣ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ଫୁଲଝର ଉଚ୍ଚଇଂରାଜୀ

ବିଦ୍ୟାଳୟପ୍ରକୋଷ୍ଠରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ପ୍ରାୟ ସମସ୍ତ ବିଭାଗ ପଦାଧିକାରୀମାନେ ଯୋଗଦେଇଥିଲେ । ଜିଲାପାଳ ଅଧ୍ୟକ୍ଷତା କରି ବୈଠକ ପରିଚାଳନା କରିଥିଲେ । ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ନିଆଯାଇଥିଲା ।

ନିଷ୍ପତ୍ତି ମୁତାବକ ପାଉଡ଼ିଭୂୟାଁ ଓ ଅନ୍ୟାନ୍ୟ ଆଦିବାସୀ ପାହାଡ଼ ଉପରେ କେଉଁ କେଉଁମାନେ ପୋଡୁଚାଷରେ ସଂପୃକ୍ତ ଅଛନ୍ତି ତାକୁ ଚିହ୍ନଟ କରାଯିବ । ସେମାନେ ଭୂୟାଁ ସମ୍ପ୍ରଦାୟର ହୁଅନ୍ତୁ ବା ମୁଣ୍ଡା ସମ୍ପ୍ରଦାୟର ହୁଅନ୍ତୁ , ପ୍ରାଥମିକ ସ୍ତରରେ ଏହିଭଳି୧୦୦ ଗୋଟି ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କୁ ପୋଡୁଚାଷରୁ ନିବର୍ତ୍ତାଇବାପାଇଁ ପ୍ରୟାସ ଜାରି ରହିବ । ସେମାନଙ୍କୁ ପାହାଡ଼ ଉପରୁ ସମତଳ ଅଞ୍ଚଳକୁ ଅଣାଯିବ ଏବଂ ସମତଳ ଅଞ୍ଚଳରେ ତାଙ୍କପାଇଁ ଗୃହନିର୍ମାଣ ଓ ଚାଷଜମି ଯୋଗାଇ ଦିଆଯାଇ ଥଇଥାନ କରାଯିବ ।

ଅନ୍ୟଏକ ଐତିହାସିକ ପଦକ୍ଷେପ ନିଆଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ବୈଠକରେ ଜିଲାପାଳ ତହସିଲଦାରଙ୍କୁ କହିଲେ ! "୧୦୦ ଜଣଙ୍କୁ ୪ ଡେସିମିଲ୍ ଲେଖାଏଁ ଘରଡ଼ିହ ଓ ଏକ ଏକର ଲେଖାଏଁ ଚାଷଉପଯୋଗୀ ଜମି ଦିଆଯିବ" । ତେଣୁ କେଉଁଠି ସରକାରୀ ଜମି ଅଛି ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଲେ । ପ୍ରସଙ୍ଗ କ୍ରମେ ଏଠାରେ ଜିଲାପାଳଙ୍କୁ ତହସିଲ୍‌ଦାର୍ ଗୋଟିଏ ସୂଚନା ଦେଲେ ଯେ କୁଳିପୋଷ ମୌଜାରେ ୧୦୦ ଏକରରୁ ଉର୍ଦ୍ଧ୍ୱଜମି ସରକାରୀ ଅନାବାଦି ଖାତାରେ ଅଛି ଅଥଚ ସ୍ଥାନୀୟ ଲୋକମାନେ ଜବରଦଖଲରେ ଅଛନ୍ତି ଓ ଏହି ଜମିଗୁଡିକ ନିକଟବର୍ତ୍ତୀ କେନାଲରୁ ଜଳସେଚିତହୋଇ ଚାଷ କରାଯାଉଅଛି । ଏକଥା ଜାଣିବାପରେ ଜିଲାପାଳ ତୁରନ୍ତ ଏହି ଜମି ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଲେ । ତାପରେ ପ୍ରକ୍ରିୟା ଆରମ୍ଭ କଲେ । ଜବରଦଖଲକାରୀମାନେ ସ୍ୱତଃପ୍ରବୃତ୍ତ ଭାବେ ନଛାଡ଼ିଲେ ସମସ୍ତ ଜମିକୁ ଟ୍ରାକ୍ଟର ଲଗାଇ ହିଡ଼କୁ ଭାଙ୍ଗି ସମତଳ କାରଯିବ । ତହସିଲଦାର, କୃଷି ଅଧିକାରୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ, ସ୍ୱତନ୍ତ୍ର ଅଧିକାରୀ, ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଓ ଆଉ କେତେଜଣ ଅଧିକାରୀ ଉପସ୍ଥିତ ରହି ଏହି ଜମି ଭଙ୍ଗାକାର୍ଯ୍ୟ ସମ୍ପାଦନ କରିବେ । ଏହି ଜମି ସମତଳ ହେଲା ପରେ ଏକ ଏକରିଆ ଚକ ପ୍ରସ୍ତୁତ କରାଯାଇ ହିତାଧିକାରୀମାନଙ୍କୁ ଦିଆଯିବ ।

ତଦନୁସାରେ ପ୍ରକ୍ରିୟା ଆରମ୍ଭ ହେଲା । ସିଲିଂ ବହିର୍ଭୂତ ଜମିଗୁଡ଼ିକୁ ଥଳାଇ ସମତଳ କରି ପୁନର୍ବାର ଏକ ଏକରିଆ ଚକରେ ପରିଣତ କରାଗଲା ।

ଫୁଲଝର , ସାନଜଳ ବଡ଼ଜଳ ଆଦି ଗ୍ରାମର ପାହାଡ଼ ଉପରେ ବସବାସ କରୁଥିବା ଆଦିବାସୀ ପରିବାର ଭୂୟାଁ ହୁଅନ୍ତୁ ବା ମୁଣ୍ଡା ହୁଅନ୍ତୁ ସମସ୍ତଙ୍କୁ କୁଳିପୋଷ ଆଣିବାର ବ୍ୟବସ୍ଥା କରଗଲା । କୁଳିପୋଷ ମୌଜାରେ ଏହି ସିଲିଂ ସରପ୍ଲସ୍ ଜମି (ଟାଙ୍ଗି ଜାଗା) ରୁ ଘରତିଆରିପାଇଁ ଜଣକୁ ୪ ଡେସିମିଲ୍ ଲେଖାଏଁ ୧୦୦ ଜଣଙ୍କୁ ଦିଆଗଲା । ୧ ଏକର ଲେଖାଏଁ ଚାଷଜମି ଦିଆଗଲା । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟଗାଁର ମିଳିତ ଉଦ୍ୟମରେ ଏହି ଜମିରେ ହିତାଧିକାରୀମାନଙ୍କ ପାଇଁ ନମୁନାଚାଷ କରିଦିଆଗଲା । ପୁରାତନ କେନାଲ ମରାମତି କରାଯାଇ କେନାଲରେ ପର୍ଯ୍ୟାପ୍ତ ପରିମାଣର ପାଣି ଆସିବାପାଇଁ ବ୍ୟବସ୍ଥା କରାଗଲା । ଗୋଟିଏ ଫାର୍ମପଣ୍ଡ୍ ଖୋଳାଗଲା । ସ୍ଥାୟୀ ଗୃହ ନିର୍ମାଣ ହେଲା ପର୍ଯ୍ୟନ୍ତ ପୋଡୁଚାଷରୁ ନିବୃତ୍ତ ପରିବାର ରହିବାପାଇଁ ଅସ୍ଥାୟୀ ତମ୍ବୁ ଘର ନିର୍ମାଣ କରାଗଲା । ଏହି ଅସ୍ଥାୟୀ ତମ୍ବୁପାଇଁ ଉପକରଣ ଆବଶ୍ୟକତା ଦୃଷ୍ଟିରୁ ଏମରଜେନ୍ସି ଅଫିସର, ସୁନ୍ଦରଗଡଙ୍କୁ କୁହାଯାଇ ତାଙ୍କଠାରୁ ୧୦୦ ଗୋଟି ତମ୍ବୁ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କଠାରୁ ଆବଶ୍ୟକୀୟ ଅବ୍ୟବହୃତ ପାଇପ୍ ତମ୍ବୁ ଘରର ଖୁଣ୍ଟ ଓ ଆଡ଼ି କରିବାପାଇଁ ଅଣାଗଲା । ହିତାଧିକାରୀମାନଙ୍କର ପାହାଡ଼ ଉପରେ ଥିବା ଅସ୍ଥାୟୀ ଘରମାନ ଭାଙ୍ଗିଦିଆଗଲା ଓ ଏହି ଘରର ଉପକରଣମାନ କୁଳିପୋଷ ଥଇଥାନ କଲୋନୀକୁ ଟ୍ରକ୍ ଯୋଗେ ବୁହା ହୋଇଆସିଲା । ଅସ୍ଥାୟୀ ତମ୍ବୁରେ କିଛି ଦିନ ରହିବାପରେ ଏଠାରେ ଦୁଇବଖରା ଲେଖାଁଏ ଘର ତିଆରି କରିଦିଆଗଲା । ପରେ ତମ୍ବୁ ଓ ପାଇପ୍‌କୁ ଫେରାଇ ଦିଆଗଲା । ପରବର୍ତ୍ତୀ ସମୟରେ ପୁରୁଣା ଉପକରଣ ବିନିଯୋଗ କରି ଏହି ଘରକୁ ଲାଗି ଆଉ ଗୋଟିଏ ଲେଖାଁଏ ବଖରା ବୃଦ୍ଧି କରାଗଲା । ଏପରିଭାବରେ ପୋଡୁଚାଷରୁନିବୃତ ହିତାଧିକାରୀଙ୍କୁ ଥଇଥାନର ବ୍ୟବସ୍ଥା କରାଗଲା ।

❖❖❖



# ଫିଲମ୍ ସମ୍ପର୍କରେ ଅଭୁଲା କଥା

ଦିନେ କୁଳିପୋଷ ଥଇଥାନ କଲୋନୀରେ ଜିଲାପାଳ, ତହସିଲଦାର, ଅତିରିକ୍ତ ଜିଲାପାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ପୋଡ଼ଚାଷରୁନିବୃତ ହିତାଧିକାରୀ ଥଇଥାନ କଲୋନୀରେ ତମ୍ଭ ନିର୍ମିତ ଅସ୍ଥାୟୀ ଗୃହ ନିକଟରେ ବସି ପୋଡୁଚାଷ ନିବାରଣ କାର୍ଯ୍ୟ ସମୀକ୍ଷା କରୁଥିଲେ । ମୁଁ ସେଠାରେ ଉପସ୍ଥିତ ଥିଲି । ଅତିରିକ୍ତ ତହସିଲଦାର ବଣେଇ, ଭାବପ୍ରବଣ ହୋଇ ପ୍ରସ୍ତାବ ଦେଲେ ଯେ, ପୋଡ଼ଚାଷ ନିରାକରଣ କାଯ୍ୟକ୍ରମର ସ୍ୱତନ୍ତ୍ର ପଦକ୍ଷେପ ଓ ସଫଳତା ପରିପ୍ରେକ୍ଷୀରେ ଏକ ପ୍ରାମାଣିକ ଭିଡ଼ିଓ ଚିତ୍ର ପ୍ରସ୍ତୁତ କରାଗଲେ ଭଲ ହୁଅନ୍ତା । ଜିଲାପାଳ ଶ୍ରୀ ବିଜୟ କୁମାର ପଟ୍ଟନାୟକ ଏ ପ୍ରସ୍ତାବ ଉପରେ ଅତ୍ୟନ୍ତ ଖୁସି ହେଲେ ଏବଂ ପ୍ରଶ୍ନ କଲେ "ଏହାକୁ କିଏ କରିବ"? ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ ମୋର ସାରସ୍ୱତ କଳା ପରିପ୍ରେକ୍ଷୀରେ ଭାବିଲେ ମୁଁ ଏହା କରିପାରିବି; ତେଣୁ ସେ ମୋ ନାମ ପ୍ରକାଶ କଲେ । ଜିଲାପାଳ ଏ କାର୍ଯ୍ୟ ଆଗେଇ ନେବାକୁ କହିଲେ । ଏହା ଏକ ଗୁରୁ ଦାୟିତ୍ୱ । ଫିଲ୍ମର ବୈଷୟିକ ଦିଗ ଉପରେ ମୋ'ର ଧାରଣା ନ ଥିଲା; କିନ୍ତୁ ମୋର ଆଗ୍ରହ ଥିଲା । ଅବଶ୍ୟ ଭାବପ୍ରବଣ ହୋଇ ମୁଁ ଏ ଦାୟିତ୍ୱ ବହନ କଲି । ବିଷୟ ବସ୍ତୁର କ୍ରମଧାରା, କଥାବସ୍ତୁ, ସ୍କ୍ରିନ୍ ପ୍ଲେ ଏବଂ ଅନ୍ୟ ସମସ୍ତ ଆନୁସଂଗିକ ପ୍ରକ୍ରିୟା ପାଇଁ ଜ୍ଞାନ କୌଶଳ ଆବଶ୍ୟକ ହେଲା । ତହା କିପରି ସମ୍ଭବ ହେଲା ଏଠାରେ ଉପସ୍ଥାପନା କଲି ।

ଫିଲମ୍ କିପରି ପ୍ରସ୍ତୁତ ହୁଏ ମୁଁ ଜାଣି ନଥିଲି । ପୋଡ଼ଚାଷରୁ ନିବୃତ୍ତ ଚାଷୀମାନଙ୍କୁ ଥଇଥାନ ଓ ଏହି ପରିବେଶ ନଷ୍ଟକାରୀ କର୍ମରୁ ନିବୃତ୍ତି ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ପ୍ରାମାଣିକ ଫିଲ୍ମର ଆବଶ୍ୟକ ହେଲା । ଡକ୍ୟୁମେଣ୍ଟାରୀ ଫିଲ୍ମ କଥା ଭାବୁଭାବୁ ଅନ୍ୟ ପ୍ରକାରର ଫିଲମ୍ ଅର୍ଥାତ୍ ଗଳ୍ପଭିତ୍ତିକ ଫିଲ୍ମ କଥା ଚିନ୍ତାକଲି । ସଚେତନତା ବାର୍ତ୍ତା ବହନ କରୁଥିବା ଗୋଟିଏ କାଳ୍ପନିକ କଥାବସ୍ତୁ ରଚନା କଲି । ଏହି କଥାବସ୍ତୁକୁ ନେଇ ନାଟକଟିଏ ସୃଷ୍ଟିକଲି । ନାଟକଟିର ନାମ "ମୃତ୍ୟୁ ପରେ ଜୀବନ"- ରଖିଲି । ଏହା ପରିବେଶ ସୁରକ୍ଷା ଉପରେ ଆଧାରିତ ନାଟକ । ନାଟକଟି କିପରି ଦର୍ଶକଙ୍କ ମନକୁ ଛୁଇଁପାରୁଛି ସେଥିପାଇଁ ପରୀକ୍ଷାମୂଳକ ଭାବେ ମଞ୍ଚସ୍ଥ କରିବାକୁ ମନସ୍ଥ କଲି । ଏହି ନାଟକଟି ମଞ୍ଚସ୍ଥ କରିବାକୁ 'ରାଉରକେଲାର "ସ୍ପନ୍ଦନ" ସଂସ୍ଥାକୁ ଦାୟିତ୍ୱ ଦିଆଗଲା ।

ଜିଲାପାଳଙ୍କୁ ଅନୁରୋଧ କରଗଲା, ରାଉରକେଲା ଷ୍ଟିଲପ୍ଲାଣ୍ଟର ସିଭିକ୍‌ସେଣ୍ଟର୍ ଏହି ନାଟକ ମଞ୍ଚସ୍ଥ କରିବାକୁ ଅନୁମତି ଲୋଡ଼ିବାକ୍ । ସେଇୟା ହେଲା । ଷ୍ଟିଲପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକଙ୍କ ଅନୁମତି କ୍ରମେ ସିଭିକ୍ ସେଣ୍ଟରରେ ନାଟକ ମଞ୍ଚସ୍ଥ କରାଗଲା । ଦର୍ଶକଙ୍କଦ୍ୱାରା ବେଶ୍ ଉପଭୋଗ୍ୟହେଲା । ତା'ପରେ ଏହାକୁ ଫିଲ୍ମ କରିବାପାଇଁ ପ୍ରଚେଷ୍ଟା ଜାରି ରହିଲା । ସ୍ପନ୍ଦନର କଳାକାରମାନେ ଏଥିରେ ଅଂଶଗ୍ରହଣ କରିବାକୁ ସମ୍ମତି ଦେଲେ । ଜଣେ ଫଟୋଗ୍ରାଫରକୁ ନେଇ ଏପିସୋଡ୍‌ଗୁଡ଼ିକର ଚିତ୍ର ଉତ୍ତୋଳନ କରିବାକୁ ଚିନ୍ତାକଲି । କଟକ ଦୂରଦର୍ଶନ କେନ୍ଦ୍ରକୁ ପରାମର୍ଶ କରିବାକୁ ଗଲି । ଏହି କେନ୍ଦ୍ରର ଜଣେ ଫଟୋଗ୍ରାଫର୍ ଶ୍ରୀ ଅଶୋକ କୁମାର ମହାନ୍ତିଙ୍କ ସହ ସକ୍ଷାତ ହେଲା । ଅତି ପ୍ରିୟ ଲୋକ । ସେ ମୋର ଚିନ୍ତାଧାରା ଶୁଣିଲେ ଏବଂ ସମ୍ପୂର୍ଣ୍ଣ ସାହାଯ୍ୟ କରିବାକୁ କହିଲେ । ଏହିଠାରୁ ସେ ଫିଲ୍ମ ସମ୍ପର୍କରେ ମତେ ଧାରଣା ଦେଲେ । ଫିଲ୍ମ କରିବାକୁ ହେଲେ କଥାବସ୍ତୁ ପ୍ରସ୍ତୁତି, ଡାଇଲଗ୍ ପ୍ରସ୍ତୁତି, କଳାକାର ବ୍ୟବସ୍ଥା ଫଟୋ ଉତ୍ତୋଳନପାଇଁ ସେଟ୍ ବ୍ୟବସ୍ଥା, ଏଡିଟିଙ୍ଗ୍ ଆଦି ବିଭିନ୍ନ ପର୍ଯ୍ୟାୟକୁ ଦୃଷ୍ଟିରେ ରଖିବାକୁ ହେବ ।

ସୁଟିଂ ସେଟ୍ ବ୍ୟବସ୍ଥା କରଗଲା । ଅଶୋକ ମହାନ୍ତି ସୁଟିଂ ଦାୟିତ୍ୱ ନେଲେ । ପୁନର୍ବାର ଜିଲାପାଳଙ୍କ ପରାମର୍ଶରେ ରାଉରକେଲା ଷ୍ଟିଲପ୍ଲାଣ୍ଟର ପରିଚାଳନା ନିର୍ଦ୍ଦେଶକ ପ୍ଲାଣ୍ଟର ଷ୍ଟୁଡିଓ ଗୀତ ରେକର୍ଡିଂ କରିବାକୁ ନିର୍ଦ୍ଦେଶ ଦେଲେ । କଳାକାରମାନେ ସୁଟିଂରେ ଅଂଶ ଗ୍ରହଣ କଲେ । କଟକରେ ଏଡିଟିଂ ହେଲା । ୧ ଘଣ୍ଟା ୨୩ ମିନିଟ୍‌ର ଭିଡିଓ ଫିଲ୍ମ ପ୍ରସ୍ତୁତ ହେଲା । ଏହା ବିଶେଷ ଜନାଦୃତ ହେଲା ।

ଫିଲମ୍ ପ୍ରସ୍ତୁତିରେ ୫୬ ହଜାର ଟଙ୍କା ଖର୍ଚ୍ଚ ହେଲା । **ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ** ଏହାକୁ ନୀତିଗତ ଭାବେ ଅନୁମୋଦନ କରିଥିଲେ । ଏହି ଭିଡ଼ିଓ ଫିଲ୍ମ ବର୍ତ୍ତମାନ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାରେ ଗଚ୍ଛିତ ଅଛି । ଏହାକୁ ପୁନଶ୍ଚ ରଙ୍ଗିନ୍ ଫିଲ୍ମରେ ପରିଣତ କରି ଦୂରଦର୍ଶନରେ ପ୍ରଦର୍ଶନ କଲେ ଜନ ସଚେତନତା ସଫଳ ହୁଅନ୍ତା ।

ସରକାରଙ୍କ ଯୋଜନା ପୋଡୁଚାଷର୍ ନିବୃତ୍ତି ପାଇଁ ପାରମ୍ପରିକ ପୋଡ଼ଚାଷୀମାନଙ୍କୁ ପାହାଡ଼ ଉପରୁ ସ୍ଥାନାନ୍ତର କରାଯିବା – ବିକଳ୍ପ ଭାବେ ସ୍ଥାୟୀଚାଷ ଯୋଗାଇ ଦିଆଯିବା – ସଚେତନତା ବାର୍ତ୍ତା ପ୍ରଚାର କରାଯିବା – ଏହା ସୁଚାରୁରୂପେ ସମ୍ପାଦିତହୋଇ ପୋଡୁଚାଷ ନିରାକରଣ କାର୍ଯ୍ୟକ୍ରମ ସଫଳ ଭାବେ ତ୍ୱରାନ୍ୱିତ କରାଯାଇଥିଲା ।

# ଆଦିବାସୀ ରମଣୀର ପାରମ୍ପରିକ ସ୍ନାନ ସଂସ୍କୃତି

ପାଉଡ଼ିଭୂୟାଁ ଅଞ୍ଚଳରେ କାର୍ଯ୍ୟରତ ଥିବା ସମୟରେ ମୁଁ ଉପଲବ୍ଧି କରିଥିଲି ଯେ ବେଳେ ବେଳେ ନାଳ ପାର ହୋଇ ବସ୍ତିମାନଙ୍କୁ ଚାଲି କରି ବା ସାଇକେଲରେ ଯିବା ବେଳେ ଦେଖିବାକୁ ମିଳେ ନାଳ କୂଳରେ ପାଉଡ଼ିଭୂୟାଁ ରମଣୀମାନେ ସ୍ନାନରତ ଥା'ନ୍ତି । ସ୍ନାନ କରିବା ସମୟରେ ସେମାନେ ସେମାନଙ୍କର ପରିହିତ ଶାଢୀକୁ ଧୋଇ ଖରାରେ ଶୁଖାଇ ଦିଅନ୍ତି ଓ ପାଣିରେ ପଶି କେବଳ ଅନ୍ତର୍ବାସ ପରିଧାନ ପୂର୍ବକ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ସ୍ନାନ କରନ୍ତି । ଏଭଳି କରିବାର କାରଣ ସେମାନଙ୍କର ଅଭାବ ଯୋଗୁ ଖଣ୍ଡିଏ ଶାଢୀକୁ ଧୋଇ ଶୁଖାଇ ପିନ୍ଧିଥା'ନ୍ତି । ବାହାର ଲୋକ ସେଇବାଟ ଦେଇ ଯିବା ସମୟରେ ସ୍ନାନରତ ରମଣୀ ଯଦିଓ ଅର୍ଦ୍ଧଉଲଗ୍ନ ଥାଏ ସେ ସଚେତନ ରହି ଏଭଳି ଭାବେ ଅଙ୍ଗ ଆଚ୍ଛାଦନ କରିବାର ଶୈଳୀରେ ସ୍ନାନାରତ ଥାଏ ଯେ ବାଟୋଇ ଉଲଗ୍ନ ଅବସ୍ଥା ପ୍ରତି ନଜର ପଡ଼ିପାରେ ନାହିଁ । ଅଧୁନା ଏଭଳି ନଗ୍ନ ସ୍ନାନର ପରିବର୍ତ୍ତନ ଉପଲବ୍ଧ ହେଲାଣି । ଆଧୁନିକତାର ପ୍ରଭାବ ସଚେତନ କରାଇ ସଂସ୍କୃତିର ସଂସ୍କାର ଆଣିଲାଣି ।

❖❖❖

# ପରପାକ ଭୋଜନ ନିଷିଦ୍ଧ ସଂସ୍କୃତି

ପାଉଡ଼ିଭୂୟାଁ ଏକ ଆଦିବାସୀ ସମ୍ପ୍ରଦାୟ । ଆଦିବାସୀମାନେ ଅସ୍ପୃଶ୍ୟ ନୁହନ୍ତି । ହିନ୍ଦୁ ଧର୍ମ ଓ ଜଳ ସ୍ପର୍ଶ୍ୟ ସମ୍ପ୍ରଦାୟ ହେଲେ ହେଁ ଅସ୍ୱାସ୍ଥ୍ୟକର ଚଳଣି ଯୋଗୁ ଏମାନେ ଅସ୍ପୃଶ୍ୟ ରୂପେ କେତେକ ସ୍ଥଳରେ ବିବେଚିତ ହୁଅନ୍ତି । ଏମାନେ ଅଧିକାଂଶ ସମୟରେ ଅଗାଧୁଆ ରହନ୍ତି । ଦାନ୍ତ ଅଘଷା ରହିବା, ଅଶୌଚ ରହିବାର ମଧ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଏଥିପାଇଁ ତାଙ୍କୁ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ସଚେତନ କରିବା ବିଧେୟ । ଅବଶ୍ୟ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଜ୍ଞାନ ମନ୍ଦିର ଜରିଆରେ ସଚେତନତା କାର୍ଯ୍ୟ ଜାହିର ରଖିଥାଏ । ଏହି ସଚେତନତା ବାର୍ତ୍ତା ପ୍ରଚାରହେବା ଫଳରେ ବର୍ତ୍ତମାନ ଏହି ସମ୍ପ୍ରଦାୟ ଏକ ପରିବର୍ତ୍ତନଶୀଳ ସ୍ଥିତିକୁ ପ୍ରବେଶ କଲେଣି । ଏବେ ପ୍ରାୟତଃ ଦାନ୍ତ ଘଷା, ଶୌଚ ହେବା, ସଫା ଲୁଗା ପିନ୍ଧିବା ପ୍ରତି ସଚେତନ ହେଲେଣି ।

ଏମାନେ ଅସ୍ୱାସ୍ଥ୍ୟକର ଚଳଣିରୁ ଅନେକାଂଶରେ ନିବୃତ୍ତ ହେଲେଣି । ଏମାନଙ୍କର ନୈଷ୍ଠିକତାର ଅନ୍ୟ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ପାଉଡ଼ିଭୂୟାଁମାନେ ଅନ୍ୟ କାହାର ପାକରେ ଭୋଜନ କରନ୍ତି ନାହିଁ । ସେମାନେ ନିଜ ସମ୍ପ୍ରଦାୟ କିମ୍ବା ଜଳସ୍ପର୍ଶ୍ୟ ସମ୍ପ୍ରଦାୟର ପାକ ପଦାର୍ଥ ବ୍ୟଞ୍ଜନ କରନ୍ତି । ସେମାନଙ୍କର ଦୈନନ୍ଦିନ ଭୋଜନ, ଆଚମନ ଓ ଦେବ ନୀତି (ପ୍ରକୃତିପୂଜା) ସ୍ୱତନ୍ତ୍ର । ପାଉଡ଼ିଭୂୟାଁ ନିଜର ସ୍ୱାସ୍ଥ୍ୟରକ୍ଷାପ୍ରତି ଅଯତ୍ନ ହେଲେ ହେଁ ପାଉଡ଼ିଭୂୟାଁ ସମ୍ପ୍ରଦାୟ ଯେଉଁମାନେ ଜଳସ୍ପର୍ଶ୍ୟ ଭାବେ ପରିଗଣିତ ନୁହନ୍ତି; ସେମାନଙ୍କ ପାକରେ ଭୋଜନ କରନ୍ତି ନାହିଁ । ଏଭଳି ନୈଷ୍ଠିକତା ତାଙ୍କର ଦୈନନ୍ଦିନ ଭୋଜନ, ଆଚମନ, ଓ ଦେବନୀତିରେ ଉପଲବ୍ଧ ହୋଇଥାଏ ।

❖❖❖

# ଢ଼ଣକୋଇଲା ଓ ଦେବୀ ଓଷା

ପ୍ରଫେସର ଖଗେଶ୍ୱର ମହାପାତ୍ର ମୋର କର୍ମକ୍ଷେତ୍ରରେ ଅର୍ଥାତ୍ ସୁନ୍ଦରଗଡ଼ ଜିଲାର ବଣେଇ ବଣେଇ ଉପଖଣ୍ଡସ୍ଥ ଖୁଣ୍ଟଗାଁ'ର ପାଉଡ଼ିଭୂୟାଁ ବସତି ଅଞ୍ଚଳରେ ଗସ୍ତ କରି ଆଦିମଜନଜାତି ସଂସ୍କୃତିରେ ମୋ'ର ଆବେଗପୂର୍ଣ୍ଣ ମନୋଭାବ ହୃଦୟଙ୍ଗମ କରିପାରିଥିଲେ । ସେ ସେତେବେଳକୁ ଓଡ଼ିଶା ଆଦିବାସୀ ଭାଷା ଓ ସଂସ୍କୃତିର ନିର୍ଦ୍ଦେଶକ ଥିଲେ । ଏହି ସଂସ୍ଥା ତରଫରୁ କେତୋଟି ସାଂସ୍କୃତିକ କାର୍ଯ୍ୟକୁ ଭିଡ଼ିଓ ରେକର୍ଡ଼ିଂ କରିବାପାଇଁ ମତେ ପରାମର୍ଶ ଦେଲେ । ତାଙ୍କ ପରାମର୍ଶ କ୍ରମେ ୪ ଗୋଟି ସାଂସ୍କୃତିକ କାର୍ଯ୍ୟ ସମ୍ପର୍କରେ ଭିଡ଼ିଓ କ୍ୟାସେଟ୍ ପ୍ରସ୍ତୁତ କଲି । ସେଗୁଡ଼ିକ ହେଲା ୧. ପାଉଡ଼ିଭୂୟାଁମାନଙ୍କର ଗ୍ରାମଦେବୀ ପୂଜା, ୨. ପାଉଡ଼ିଭୂୟାଁମାନଙ୍କର "ଦେବୀ ଓଷା" ପବ. ୩. ପାଉଡ଼ିଭୂୟାଁମାନଙ୍କର ବିଭାଘର, ୪. ଅନନ୍ୟ ପାର୍ବଣ୍ୟ କନ୍ତଦେବୀ ପୂଜା ।

ଖୁଣ୍ଟଗାଁ ପ୍ରକଳ୍ପ ବାହାରେ ଡ଼ୋଲେଇସରା ନାମକ ଗୋଟିଏ ପାଉଡ଼ିଭୂୟାଁ ଅଧ୍ୟୁଷିତ ଗାଁ । ଏଇ ଗାଁ'ରେ ପାଉଡ଼ିଭୂୟାଁମାନଙ୍କର ପାରମ୍ପରିକ ଦେବୀ ଓଷାପର୍ବ ପାଳନ କରାଯାଏ । ଏହି ଦେବୀ ଓଷାପର୍ବକୁ ଭିଡ଼ିଓଗ୍ରାଫ କରିବାପାଇଁ ମନସ୍ଥ କଲି । ସେଥିପାଇଁ ଏହି ପର୍ବପାଳନର ପୂର୍ବଦିନ ମୋର ସହକର୍ମୀମାନଙ୍କ ସହ ଗାଡ଼ିରେ ଡ଼ୋଲେଇସରା ଯାତ୍ରାକଲି । ସେଠାରେ ଦେଖିଲି, ପ୍ରଥମେ ଦେବୀଙ୍କୁ କୋଠଘରେ ସ୍ଥାପନ କରଗଲା । ପୂଜାବିଧି ଆରମ୍ଭ ହେଲା । ସେତେବେଳେ ଅନେକ ପାଉଡ଼ିଭୂୟାଁ ଭକ୍ତଙ୍କ ଶରୀରରେ ଦେବଦେବୀ ସବାର ହେଲେ । ସେମାନଙ୍କ ମଧ୍ୟରେ ହନୁମାନ ଅନ୍ୟତମ । ହନୁମାନ ସବାରହୋଇ ନାଚିକୁଦି ସ୍ଥାନକୁ ପ୍ରକମ୍ପିତ କଲେ । ପୂଜାସ୍ଥଳରେ ପୋତାଯାଇଥିବା କଣ୍ଟକଯୁକ୍ତ ସିମିଳି ବୃକ୍ଷରେ ଆରୋହଣ (ଦେବୀଙ୍କ ମହିମାର ଅଲୌକିକ ପରାକାଷ୍ଠା ପ୍ରକଟ) କରିବା ଓ ଲୁହାକଣ୍ଟାର ମୁନ ଉପରକୁ ବାହାରିଥିବା ପିଢ଼ା ଉପରେ ବସି ଦୋଳିରେ ଝୁଲିବାବାର ଦୃଶ୍ୟ ଦେଖିବାକୁ ମିଳିଲା । ଝୁଲଣ କାର୍ଯ୍ୟ କାଳସୀମାନେ ସମ୍ପାଦନ କରିଥା'ନ୍ତି ।

ପୂଜା ସମୟରେ ଦେବୀ ଆସ୍ଥାନ ନିକଟରେ ନୂଆ କୁଲାରେ ଗୋଟିଏ ଧନୁକୁ ସଂଯୋଗ କରି ଗୋଟିଏ କାଠିଦ୍ୱାରା ଧନୁର ଗୁଣ ସହ ଘର୍ଷଣ କରି ଏକ ପ୍ରକାର ମଧୁର ସ୍ୱର ସୃଷ୍ଟି କରିଥା'ନ୍ତି ।

ଜାନି (ପୂଜା)ଏହି ସ୍ୱର ସହିତ ସ୍ୱର ମିଳାଇ ଦେବୀଙ୍କର ଆବାହନୀ ଗୀତ ଗାନ କରିଥାଏ । ଏହି ଓଷାକୁ ଧୁନ୍ ଓ କୁଲାର ପୂଜା ମଧ୍ୟ କୁହାଯାଏ । ଆଦିବାସୀ ସଂସ୍କୃତିର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତରେ ଯଦି କେହି ଅନୁଧାନ କରିବାର ସୁଯୋଗ ପାଏ ବା ଗବେଷଣାତ୍ମକ ଚିନ୍ତାଧାରାରେ ମନୋନିବେଶ କରି ଥାଏ, ତାହାହେଲେ ସିଏ ଭିନ୍ନ ଆଦିବାସୀର ଭିନ୍ନ ନାମର ପୂଜାରେ ଏହି ଦେବୀ ଓଷାର ସାମଞ୍ଜସ୍ୟ ରହିଥିବା ଉପଲବ୍ଧି କରିପାରିବ । ମୁଁ ମୋ'ର କର୍ମଜୀବୀ ଜୀବନରେ ଏଇଭଳି ପ୍ରାନ୍ତରୁ ପ୍ରାନ୍ତ ଆଦିବାସୀ ସଂସ୍କୃତି ଅନୁଧାନ କରିବା ଅବସରରେ ଏହି ଧୁନ୍ ଓ କୁଲାର ପୂଜା ବିଧି ଉପରେ ଏକ ନିଛକ ସତ୍ୟ ଓ ବାସ୍ତବ ଧାରଣା ଉପଲବ୍ଧି କଲି । ସମତଳ ଅଞ୍ଚଳର ଶବର ବା ଶଅରମାନଙ୍କର ଢ଼ଣକୋଇଲା ପର୍ବ ପାଳନ କରାଯାଏ । ଠିକ୍ ପାଉଡ଼ିଭୂୟାଁମାନଙ୍କର ଓଷାର ଅବିକଳ ଢ଼ାଞ୍ଚାର ଏହି ଓଷାରେ (ଢ଼ଣ କୋଇଲାରେ) ମଧ୍ୟ ଧନୁ ଓ କୁଲାର ବ୍ୟବହାର ହୁଏ । ସମ୍ଭବତଃ ଧନୁ ଓ କୁଲାର ପ୍ରଚଳନ ଯୋଗୁ ଏହି ଓଷାର ନାମ ଧୁନ୍ କୁଲାର ଓଷା ବୋଲି ନାମିତ ହୋଇଥିଲା । କାଳକ୍ରମେ ଅପଭ୍ରଂଶହୋଇ ଏହା ଢ଼ଣ ଓ କୁଲାରେ ପରିଣତ ହୋଇଯାଇଛି । ପଶ୍ଚିମ ଓଡ଼ିଶାର ଧନୁ ଓ କୁଲା ବ୍ୟବହାର ପରିପ୍ରେକ୍ଷୀରେ ଏହି ଓଷାର ନାମ ଧୁନ୍‌କୁଲାଇ ଓଷା ବୋଲି କୁହାଯାଏ । ଏହି ଢ଼ଣ କୋଇଲା ଗଞ୍ଜାମ, ଫୁଲବାଣୀ ଓ ନୟାଗଡ଼ ଅଞ୍ଚଳରେ କନ୍ଧମାନେମଧ୍ୟ ପାଳନ କରନ୍ତି । ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, ଯାଜପୁର ଓ ଢେଙ୍କାନାଳ ଜିଲାମାନଙ୍କରେ ବିକ୍ଷିପ୍ତ ଭାବେ ବସବାସ କରୁଥିବା ଶବର ବା ଶଅରମାନେ ଏହି ଢ଼ଣ କୋଇଲା ପର୍ବ ପାଳନ କରନ୍ତି । ଏମାନଙ୍କର ଏହି ପର୍ବ ଆଶ୍ୱିନମାସରେ ପାଳନ କରାଯାଏ । ପାଉଡ଼ିଭୂୟାଁମାନଙ୍କର ଦେବୀଓଷା ପର୍ବ ପୌଷମାସରେ ପାଳନ କରାଯାଏ ।

❖❖❖

# କାରିଗରୀ ଜ୍ଞାନ କୌଶଳ

ଶିକ୍ଷା, ସାକ୍ଷରତା କ୍ଷେତ୍ରରେ ସେମାନେ ପଛୁଆ ହେଲେ ହେଁ ଦୈନନ୍ଦିନ ଚଳଣିରେ ବୈଜ୍ଞାନିକ ପଦ୍ଧତି ଅନୁସରଣ କରିଥାନ୍ତି । ଥରେ ତଲଗିନିଆ ନାଳ ଅତିକ୍ରମ କରିବା ସମୟରେ ନାଳକୂଳରେ ମହୁଲିମଦ ରନ୍ଧନର ଦୃଶ୍ୟ ଦେଖିବାକୁ ପାଇଲି । ଏହି ପ୍ରକ୍ରିୟା ବୈଜ୍ଞାନିକ ପ୍ରଣାଳୀରେ ଚାଲିଥାଏ । ଗୋଟିଏ ଚୁଲି ଉପରେ ବଡ଼ ହାଣ୍ଡିଟିଏ ରଖାଯାଇ ସେଥିରେ ମହୁଲ ଓ ପାଣି (ସାମାନ୍ୟ ପାଣି) ଦେଇ ତଳୁ ନିଆଁଜାଳି ସିଝା ଯାଉଥାଏ । ଅନ୍ୟ ଜାଗାରେ ଗୋଟିଏ ମାଠିଆ ଢାଙ୍କୁଣି ଦିଆଯାଇ ରଖାଯାଇଥାଏ । ମହୁଲ ସିଝା ଯାଉଥିବା ହାଣ୍ଡିରୁ ମାଠିଆକୁ ଗୋଟିଏ ନଳୀ ସଂଯୋଗ କରି ମହୁଲର ଗ୍ୟାସୀୟ ବସ୍ତୁକୁ ମାଠିଆକୁ ପ୍ରବେଶ କରାଇବାର ବ୍ୟବସ୍ଥା କରାଯାଇଥାଏ । ତାପରେ ଏହି ମାଠିଆ ଉପରେ ଥଣ୍ଡାପାଣି ପ୍ରୟୋଗକରି ଏହି ଗ୍ୟାସୀୟ ବସ୍ତୁକୁ ଶୀତଳିକରଣ ପ୍ରଣାଳୀରେ ତରଳ ପଦାର୍ଥ ସୃଷ୍ଟି କରାଯାଏ । ଏହି ତରଳପଦାର୍ଥ ମହୁଲି ମଦରେ ପରିଣତ ହୁଏ । ଏହା ପାତନ ପ୍ରଣାଳୀରେ ପ୍ରସ୍ତୁତ ହୁଏ ।

❖❖❖

# ପାଉଡ଼ିଭୂୟାଁମାନଙ୍କର ଫିଲିମ୍ ପ୍ରୀତି

ବଣପାହାଡ଼ର ମମତାରେ ବନ୍ଧା ପାହାଡ଼ିଭୂୟାଁ ବା ଅପଭ୍ରଂଶରେ ପାଉଡ଼ିଭୂୟାଁ, ଆଦିମ ଜନଜାତି ଭାବେ ପରିଚିତ । ସେ ସବୁକିଛି ବଣରୁ ପାଏ । ଏହି ବଣରେ ଖାଏ, ପିଏ, ଶୁଏ, ଉଠେ, ବସେ, ଦେଖେ, ନାଚେ, ଗାଏ, ଖେଳେ, ବୁଲେ, ଚାଲେ, ଆନନ୍ଦ ପାଏ, କଷ୍ଟ ପାଏ ଖୁସିରେ ରହେ । ଏ ବଣକୁ ଛାଡ଼ି କେଉଁଠିକୁ ଯିବାକୁ ତା'ର ଇଚ୍ଛା ନଥାଏ । ତେବେ ଏଇ ବଣ ପାହାଡ଼ ବାହାରେ କ'ଣ ଘଟୁଚି, ଆଧୁନିକ ସମାଜ କ'ଣ, ଆଧୁନିକତା କ'ଣ, ସେ କିପରି ଜାଣନ୍ତା ? ଏକଥା ନ ଦେଖିଲେ, ନଶୁଣିଲେ, ନଜାଣିଲେ, ନପଢ଼ିଲେ ଏଇଭଳି ସେ ବଣମଣିଷହୋଇ ରହିଯିବନିତ ? ସେଥିପାଇଁ ତ ସଚେତନତା ପ୍ରବର୍ତ୍ତନ ନିହାତି ଆବଶ୍ୟକ । ଏଇ ଆବଶ୍ୟକତାକୁ ଉପଲବ୍ଧି କରି ମୁଁ ଚିନ୍ତାକଲି ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ । ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାପାଇଁ କ୍ରୟ କରାଗଲା ଗୋଟିଏ ରଙ୍ଗୀନ ଟି.ଭି., ଗୋଟିଏ ରେକର୍ଡ଼ ପ୍ଲେୟାର୍, ଗୋଟିଏ ଜେନେରେଟର୍, କିଛି ପୌରାଣିକ କିମ୍ବଦନ୍ତୀମୂଳକ ଫିଲ୍ମ କ୍ୟାସେଟ୍ ଓ ଗୀତ କ୍ୟାସେଟ୍ ସହ ମୋ'ଦ୍ୱାରା ପ୍ରସ୍ତୁତ ହୋଇଥିବା "ମୃତ୍ୟୁ ପରେ ଜୀବନ" ଓ "ଦଣ୍ଡନାଚ" କ୍ୟାସେଟ୍ ଯେଉଁଥିରେ ଶିକ୍ଷା, ସାକ୍ଷରତା, ସ୍ୱାସ୍ଥ୍ୟରକ୍ଷା, ପରିବେଶ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ରହିଛି । ଏହା କାର୍ଯ୍ୟାଳୟରେ ଗଚ୍ଛିତ ଥାଏ । ଯେଉଁ ଦିନ ଯେଉଁଗ୍ରାମରୁ ଫିଲ୍ମ ଦେଖିବାକୁ ବରାଦ ଆସେ, ସେହି ଗ୍ରାମର ଯୁବକମାନଙ୍କୁ କହିଦିଆଯାଏ, ଏହି ସରଞ୍ଜାମ ନେଇ ଯିବାକୁ । ରାତିରେ ଆମର କର୍ମଚାରୀମାନେ ଫିଲ୍ମ ସୋ ପରିଚାଳନା କରନ୍ତି । ବେଳେବେଳେ ମୁଁ ମଧ୍ୟ ନିଜେ ଗାଡ଼ିନେଇ ସୋ ପରିଚାଳନା କରେ । ପାଉଡ଼ିଭୂୟାଁ ବସ୍ତିରେ ରାତ୍ରିଯାପନ କରି ଭାବର ଆଦାନପ୍ରଦାନ କରେ । ପାଉଡ଼ିଭୂୟାଁ ଯୁବକଯୁବତୀମାନେ ଖୁସିରେ ଜାଇଫୁଲରେ ଗୀତ ଗାଇଗାଇ ଢୋଲପାଳି ନାଚନ୍ତି । ଏଭଳି ପ୍ରାୟ ପ୍ରତିଦିନ ବିଭିନ୍ନ ଗାଁ'କୁ ଫିଲ୍ମ ଦେଖାଇବାକୁ ବରାଦ ଆସିଥାଏ ।

❖❖❖

# କନ୍ତଦେବୀ

ଆଦିବାସୀ ପ୍ରକୃତି ପୂଜାର ଉପାସକ । ନଈ,ନାଳ, ଗଛ, ପାହାଡ଼ ଆଦିକୁ ଦେବତା ରୂପେ ପୂଜା କରୁଥିବା ଆଦିବାସୀ ପିତୁଳା ପୂଜାରେ ବିଶ୍ୱାସ କରେନି । ଆଦିମଜନଜାତି ପାଉଡ଼ିଭୂୟାଁ ଏହି ସଂସ୍କୃତିଦ୍ୱାରା ନିୟନ୍ତ୍ରିତ ହେଲେ ହେଁ ଏମାନଙ୍କଠାରେ ଗୋଟିଏ ବ୍ୟତିକ୍ରମ ଦେଖିବାକୁ ମିଳେ । ଏମାନଙ୍କର ମୌଳିକ ସଂସ୍କୃତି ସହ ଏକ ରାଜ ସଂସ୍କୃତି ଯୋଡ଼ି ହୋଇଯାଇ ମିଶ୍ର ସଂସ୍କୃତିରେ ପ୍ରକଟିତ ହୋଇଛି । ଏହାର ନିଦର୍ଶନ ହେଉଛି "କନ୍ତଦେବୀ ପୂଜା" । ଏହି କନ୍ତଦେବୀଙ୍କୁ ଆଦିବାସୀ, ହରିଜନ, ସବର୍ଣ୍ଣ, ଆଚାଣ୍ଡଳ ବ୍ରାହ୍ମଣ, ଧନୀ, ଦରିଦ୍ର, ରାଜା, ପ୍ରଜା ସମସ୍ତେ ଆରାଧନା କରନ୍ତି । ଏହି ପୂଜାରେ ଆଦିମ ଜନଜାତି ପାଉଡ଼ିଭୂୟାଁର ମୌଳିକ ସଂସ୍କୃତି ସହ ବଣେଇ ରାଜପରିବାରର ରୀତିନୀତି ଜଡ଼ିତ ସଂସ୍କୃତି । କନ୍ତଦେବୀ ଏକ କ୍ଷୁଦ୍ର ରୌପ୍ୟ ପୁତ୍ତଳିକାରୂପରେ ପୂଜିତ ହୁଅନ୍ତି । ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟାଠାରୁ କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ୧୩ଦିନ ବ୍ୟାପୀ ଦେବୀଙ୍କର ପୂଜା ଅନୁଷ୍ଠିତ ହୁଏ । ଦେବୀଙ୍କର ଅଧିଷ୍ଠାନ ସ୍ଥଳ ହେଉଛି ସାନଜଳ ଗ୍ରାମର ଏକ ପାହାଡ଼ ଖୋଲରେ ଯେଉଁଠି ସେ ବର୍ଷସାରା ଅପୂଜ୍ୟ ରହିଥାନ୍ତି । ଆଶ୍ୱିନ ମାସରେ କେଉଁ ତିଥିରେ ଦେବୀ ବାହାରିବେ, ସେହି ଲଗ୍ନ ସ୍ଥିର କରି ରାଜପରିବାରରୁ ଫୁଲଝର ଭୂୟାଁ ସର୍ଦାରଙ୍କ ନିକଟକୁ ଖବର ଦିଆଯାଏ । ସର୍ଦାରଠାରୁ ସୂଚନା ପାଇ କାଲୋ (ପୂଜକ) ଢ଼ୋଲ, ଚାଙ୍ଗୁ, ମାଦଳ ବଜାଇ ବିଭିନ୍ନ ପୂଜାସାମଗ୍ରୀ ଓ ବଳିପାଇଁ କୁକୁଡ଼ା ଆଦି ସାଙ୍ଗରେ ନେଇ ଦେବୀ ଅବସ୍ଥାନ କରୁଥିବା ପାହାଡ଼ ଖୋଲକୁ ଯାଆନ୍ତି । ଦେବୀଙ୍କୁ ପୂଜାପାଠ କରି ବାହାର କରନ୍ତି । ଦେବୀଙ୍କର ରୌପ୍ୟନିର୍ମିତ ଏକ ପିତୁଳା ରୌପ୍ୟ ନିର୍ମିତ ଘୋଡ଼ଣୀ ମଧରେ ରହିଥା'ନ୍ତି । ପୂଜା ସମୟରେ ଅକ୍ତା (ଅରୁଆଚାଉଳ), ଫୁଲ, ବେଲପତ୍ର, ହଳଦୀଗୁଣ୍ଡ, ଉଖୁଡ଼ା, ଧୂପ, ଘିଅ ସଳିତା ଓ ମଦ ସହ ବଳି ପାଇଁ କୁକୁଡ଼ା, ବୋଦା ଆଦି ବ୍ୟବହାର କରାଯାଏ । ଏହି ସବୁ ଉପଚାରରେ ଦେବୀଙ୍କୁ ଆରାଧନା କରାଯାଇ ଆବାହନ କରାଯାଏ । ହରିବୋଲ, ହୁଳହୁଳି, ଢ଼ୋଲ, ଚାଙ୍ଗୁ ଓ ମାଦଳର ବାଜା ବଜାଇ ଦେବୀଙ୍କୁ ପାଛୋଟି ନିଆଯାଏ ଗାଁର ଗଉନିଆ ଦୁଆରକୁ । ସେଠାରେ ରୀତିନୀତି ଭିତରେ ପୂଜା ବିଧାନ କରାଯାଏ । ତା'ପରେ ଗ୍ରାମ ପରିକ୍ରମା କରି ହଳଦୀ କୁଦର ଗ୍ରାମ ଖୁଣ୍ଟଗାଁ ଓ ଜକେଇକେଳା ଗ୍ରାମମାନଙ୍କରେ ଗ୍ରାମ ପରିକ୍ରମା କରି,ଭୋଗ ନୈବେଦ୍ୟ ଓ ଦେବୀ ଦର୍ଶନ କାର୍ଯ୍ୟ ସମାହିତ ହୁଏ । ବଣେଇଗଡ଼କୁ ପ୍ରବେଶ କରିବା ପୂର୍ବରୁ ଗୋଟିଏ ନିର୍ଦ୍ଦିଷ୍ଟ

ସ୍ଥାନରେ ଯୋଡ଼ା ବୋଦା ବଳି ଦିଆଯାଏ । ଦେବୀ ବଣେଇ ରାଇଜକୁ ପ୍ରବେଶ କରନ୍ତି । ସେଠାରେ ରାତ୍ରିଯାପନ କରନ୍ତି । ରାଜବାଟୀରେ ଦଶହରା ଦିନ ରହନ୍ତି । ଏଠାରେ ପୂଜା ପାର୍ବଣ ଓ ନାଚଗୀତର ଆସର ଜମେ । ତା'ପରେ ଦେବୀ ଲଲେଇ ଓ କୁଳିପୋଷ ଦେଇ ସାନଜଳ ଫେରନ୍ତି । ଫେରିବା ବାଟରେ କୁଳିପୋଷରେ ବହୁ ଆଡମ୍ବର ସହକାରେ ଦେବୀଙ୍କର ପର୍ବ ପାଳନ କରାଯାଏ । ଏଠାରେ ନାଚ, ଗୀତ, ଡ୍ରାମା ଇତ୍ୟାଦି ଅନୁଷ୍ଠିତ ହୁଏ । ଏଇ ହେଉଛି କନ୍ତଦେବୀ ପୂଜାର ପୂଜା ବିଧିଧାରା । କୁମାରପୂର୍ଣ୍ଣିମା ଦିନ ଦେବୀଙ୍କର ଯାତ୍ରାର ଅନ୍ତିମ ଦିବସ । ଏଇ ସାନଜଳ ଗ୍ରାମରେ ଲୋକମାନେ ନାଚଗୀତରେ ମଜ୍ଜି ବାଜାବଜାଇ ପଟୁଆରରେ ଦେବୀଙ୍କୁ ବିଦାୟ ଦେଇଥା'ନ୍ତି । ଗାଁ ମୁଣ୍ଡରେ ଦେବୀଙ୍କ ସହିତ କାଲୋକୁ ଛାଡ଼ି ଦିଆଯାଏ । ପୁଣି ଥରେ ପାହାଡ଼ ଖୋଲରେ ପୂଜା ବିଧି ସମାପନ କରି ସାଲୁଆ ପତ୍ରଉପରେ ଦେବୀଙ୍କୁ ରଖି ପ୍ରତ୍ୟାବର୍ତ୍ତନ କରନ୍ତି । ଏ ହେଉଛି ପାଉଡ଼ିଭୂୟାଁମାନଙ୍କର ଏକ ଅନନ୍ୟ ସଂସ୍କୃତି କନ୍ତଦେବୀ ପୂଜା, ଅବଶ୍ୟ ଏହା ଆଦିବାସୀ ସଂସ୍କୃତିର ଏକ ବ୍ୟତିକ୍ରମ । ଏହା ପରେ ପ୍ରକୃତି ନୁହେଁ ପ୍ରତିମାପୂଜା ହେଉଛି ଅନନ୍ୟ ପାର୍ବଣର ନିଦର୍ଶନ ।

❖❖❖

# ଶିଶାଲ ଚାଷ

ପାଉଡ଼ିଭୂୟାଁ ମହିଳା ସମବାୟ ସମିତି ଜରିଆରେ ରଶି ତିଆରି ତାଲିମ୍ କେନ୍ଦ୍ର ପରିଚାଳିତ ହେବାପରେ ତାଲିମପାଇଁ କଞ୍ଚାମାଲର ଆବଶ୍ୟକ ହେଲା । ଏଥିପାଇଁ ଶିଶାଲ୍ ତନ୍ତୁ (ବାରମାସୀ) ଉପଯୁକ୍ତ କଞ୍ଚାମାଲ ହେତୁ ଶିଶାଲ୍ ତନ୍ତୁ ଉତ୍ପାଦନ ଉଦ୍ଦେଶ୍ୟରେ ସରକାରୀ ସହାୟତାରେ ପାଉଡ଼ିଭୂୟାଁ ହିତାଧିକାରୀଙ୍କଦ୍ୱାରା ଶିଶାଲ୍ ଚାଷ ପ୍ରବର୍ତ୍ତନ କରାଗଲା । ପଟ୍ଟାମୁଣ୍ଡ ଗ୍ରାମର ପ୍ରାୟ ୨ ଏକର ପତିତ ଭୂମି ଯାହାକି ପାହାଡ଼ ପାଦଦେଶରେ ଅବସ୍ଥିତ, ସେଥିରେ ଶିଶାଲ୍ ବୃକ୍ଷ ରୋପଣ କରାଗଲା । ପୁଣି ସେଇ ବ୍ୟତିକ୍ରମ । ସଚେତନତାର ଅଭାବ । ଏହା ପାଉଡ଼ିଭୂୟାଁର ପାରମ୍ପରିକ ଚାଷ ହୋଇନଥିବାରୁ ଏ ଚାଷ ପ୍ରତି ସେ ଅମନଯୋଗୀ ହେଲା । ସମ୍ପୂର୍ଣ୍ଣ ନ ହେଲେ ବି କିଛି କିଛି ଗଛ ଥିଲା । କିନ୍ତୁ ଏହାର ଉପଯୋଗ କିପରି ହେଲା ଏବଂ ପରବର୍ତ୍ତୀ ସମୟରେ ଏ ଲାଭକାରୀ ଚାଷକୁ କିଭଳି ଉତ୍ସାହିତ କରଗଲା ମୋ'ର ସ୍ଥାନନ୍ତର ପରେ ଜାଣିବାର ସୁଯୋଗ ପାଇ ପାରିଲିନି ।

ବର୍ତ୍ତମାନ କେବଳ ସେଇ ସ୍ମୃତିକୁ ସାଇତି ରଖିଛି । ସୁଚିନ୍ତିତ ପ୍ରକଳ୍ପ, ପାଉଡ଼ିଭୂୟାଁ ମହିଳା ସମବାୟ ସମିତିର କ୍ରୟ ବିକ୍ରୟ କେନ୍ଦ୍ର, ରଶି ତିଆରି ପ୍ରକଳ୍ପ, ଶିଶାଲ୍ ଚାଷର ଅବସ୍ଥା ବର୍ତ୍ତମାନ ଏକରକମ ଉପେକ୍ଷିତ କହିଲେ ଭୁଲ ହେବନି । ତାହା ଉଜ୍ଜୀବିତ କରାଗଲେ ପାଉଡ଼ିଭୂୟାଁର ଅର୍ଥନୈତିକ ବିକାଶ ଘଟନ୍ତା ଓ ତଦନୁରୁପ ବିକାଶ ଅନ୍ୟାନ୍ୟ ଆଦିମଜନଜାତି ଉନ୍ନୟନ ବିକାଶ ସଂସ୍ଥାମାନଙ୍କପାଇଁ ନମୁନା ବା ନିଦର୍ଶନ ହୋଇପାରନ୍ତା । ଏହା ସ୍ୱଳ୍ପକାଳିନ ଉତ୍ପାଦନ କ୍ଷମ ଚାଷ ବା ପ୍ରତ୍ୟକ୍ଷ ଆୟ ପ୍ରଦାନକାରୀ ଋଷ ନ ହୋଇ କୁଟୀର ଶିଳ୍ପ ଭିତ୍ତିକ କୃଷି ଭାବେ ପରୋକ୍ଷ ଆୟର ମାଧ୍ୟମ ରୂପେ ଆଦିବାସୀ ପାଉଡ଼ିଭୂୟାଁ ମାନଙ୍କୁ ସଚେତନ କରାଇବା କଥା । ଏଭଳି ଉପସ୍ଥାପନା ଏକ ସକରାତ୍ମକ ମାର୍ଗର ସନ୍ଧାନପାଇଁ ଉଦ୍ଦିଷ୍ଟ ।

❖❖❖

# ଆଦିବାସୀ ସାହିତ୍ୟ

## (ପାଉଡ଼ିଭୂୟାଁ ଲୋକ ସାହିତ୍ୟ)

ସାହିତ୍ୟ, ସମାଜର ହିତକାରୀ ଅଭିବ୍ୟକ୍ତି ଗୀତ, କବିତା, ଗଳ୍ପ, ନାଟକ, ପ୍ରବନ୍ଧ, ଆଲୋଚନା ଆକାରରେ ସର୍ବତ୍ର ଉପଲବ୍ଧ । ଏସବୁର ସନ୍ଧାନ ଯିଏ କରେ ସେ ସାହିତ୍ୟିକ । ସାଧାରଣ ଲୋକଙ୍କ ମାନସିକତା "ଜଙ୍ଗଲରେ ସାହିତ୍ୟ ଆସିବ କେଉଁଠୁ" ? ଜଙ୍ଗଲରେ ବୃକ୍ଷ, ପତ୍ର, ଫୁଲରେ କବିତାର ଆଧାର, ଝରଣାରେ ଗୀତର ଝଙ୍କାର, ବନରମଣୀର ମୁଖରେ ଲୋକଗୀତର ଉଚ୍ଛ୍ୱାସ, ଆଦିବାସୀ ଲୋକଚରିତ୍ରରେ ଗଳ୍ପ ଓ ପ୍ରବନ୍ଧର ଉପାଦାନ, ବନବାସୀମାନଙ୍କର ଜୀବନଶୈଳୀରେ ନାଟକର ଭୂମିକା, ପଶୁପକ୍ଷୀ ଓ ଫଳମୂଳ ଇତ୍ୟାଦିରେ ଆଲୋଚନା ସମାଲୋଚନାର ଉପାଦାନ ଭରି ରହିଛି । ଏ ତ ବନର ସମ୍ପତ୍ତି । ବନରେ ଲୁକ୍କାୟିତ । ଖୋଜିବ କିଏ ? ଲୋକଲୋଚନକୁ ଆଣିବ କିଏ ? ଦିନେ ମୁଁ ଏଇଯା ଭାବିଥିଲି ଭାବପ୍ରବଣ ସାହିତ୍ୟ ସନ୍ଧାନୀ ମନରେ । ଯେତେବେଳେ ମୁଁ ଥିଲି ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର, ନିର୍ବାହୀଅଧିକାରୀ । ମୋ'ର ସମ୍ୟକ୍ ସୃଜନୀ ଶକ୍ତି ବଳରେ ରଚନା କରିଥିଲି ଏକ କ୍ଷୁଦ୍ର ଖଣ୍ଡ କାବ୍ୟ 'ଖଣ୍ଡାଧାର'' । ଖଣ୍ଡାଧାର କବିତାର କୋଡୋଟି ପଂକ୍ତି ।

ଉତ୍କଳ ଭୂଇଁର ପଶ୍ଚିମ ଦିଶାନ୍ତ, ସୁନ୍ଦରଗଡ ସୁନ୍ଦର ବନପ୍ରାନ୍ତ ।
ବଣେଇ ଭୂଖଣ୍ଡ ତା ମଧ୍ୟେ ବିଦିତ, ଗିରିବନରାଜି ବଡ଼ ଶୋଭାବନ୍ତ ।
ଖଣ୍ଡାଧାର ଠିଆ ବିଶାଳ ପର୍ବତ, ତା ହୃଦୁ ନିର୍ଗତ ଜଳର ପ୍ରପାତ ।
ପାଉଡ଼ିଭୂୟାଁ ଏ ଅଦ୍ଭୁତ ମାନବ, ଆଦିମଜନଜାତି ପାହାଡ଼ି ଗର୍ବ ।
ଖଣ୍ଡାଧାର କୋଳେ କରନ୍ତି ବସତି, ଫଳ, ମୂଳ, ଜଳ ତାଙ୍କ ଖାଦ୍ୟ ପନ୍ତି ।
ଗିରି ତ୍ୟାଗ କରେ ତାଙ୍କ ମୋହ ମାୟା, ଧୃଷ୍ଟଜନେ କଣ ବୁଝୁଛନ୍ତି ତାହା ।
ପ୍ରକୃତି କି ମନ୍ତ୍ର ଦେଇଛି କେଜାଣି, ଆଧୁନିକ ମୋହ ନପାରୁଛି ଟାଣି ।

ଖଣ୍ଡାଧାର କୋଳରେ କିଶୋର କିଶୋରୀ ଦିବସର ଝଞ୍ଜାଳମୁକ୍ତ ହେବାପରେ ସାଂଧ୍ୟ ଆସରରେ ନିମଜ୍ଜିତ ହୁଅନ୍ତି । ନାଚ,ଗୀତ, ବାଦ୍ୟର ମାଦକତାରେ । ପାଉଡ଼ିଭୂୟାଁ ରମଣୀର ମୁଖନିଃସୃତ ଲୋକଗୀତ ଜାଇଫୁଲଗୀତ ବା ଢୋଲପାଲି ଗୀତ । ସ୍ୱତଃ ସୃଷ୍ଟ ଏ ଗୀତ । ଏମାନେ ଏହାର ଉତ୍ତରରେ କିଶୋର ଗାଏ ଜବାବୀ ଗୀତ । ଢୋଲର ତାଳେ

ତାଳେ ପାଦକୁ ପାଦ ମିଶାଇ କଟି ଓ ପୃଷ୍ଠ ଭାଗରେ ହାତ ଛନ୍ଦାଛନ୍ଦି କରି ମନଫୁଲାଣିଆ ଗୀତ ଗାଆନ୍ତି । ସେମାନଙ୍କ ମୁଖରୁ ତୁରନ୍ତ କବିତା ଓ ଲୋକଗୀତ ନିସୃତ ହୁଏ । ମୋ'ର ସାମୟିକ ଭାବନାରେ ମୁଁ ସନ୍ଧାନ ପାଇଥିଲି ଏଇ ଅମୃତ ସନ୍ତାନମାନଙ୍କର ନୈସର୍ଗିକ ସାହିତ୍ୟ । ସେଇ ଅନନ୍ୟ ଲୋକଗୀତର କେତୋଟି ପଦ ।

## ସଜନୀ ଗୀତ

ପୁରୁଷ : ଶିଳରେ ସେଟିଲି ଖେଲା, ଗୀତାଲୁ ନନାଟା କୁଆଡ଼େ ଗଲା ।
ମୋତେ ନାଇଁ ଦେଖା ଦେଲାରେ, ସଙ୍ଗାତ ।

ସ୍ତ୍ରୀ : ଉଡ଼ିଗଲା କଲା କାଇ, ରୁହ ଆଉଦିନେ ବୋଲିବ ଭାଇ,
ନାଇଁ ତୁଣ୍ଡାଇବ ଭାଇରେ, ସଙ୍ଗାତ ।

ପୁରୁଷ : କଣ୍ଠାରେ ଉଠିଲା ଚିଡି, ତୁଣ୍ଡାଇଦେବାକୁ ତୁଣ୍ଡ ନାଇଁକି ,
ନିତୁଣ୍ଡା ହୁଅ କାହିଁକିରେ, ସଙ୍ଗାତ ।

ସ୍ତ୍ରୀ : ବାଳିରେ ଫୁଟିଲା ମଲ୍ଲୀ, ତେବେ ହେଲେ ଭାଇ ଯାଉଛୁ ଚାଲି,
ଗୀତ ଗାଇଦେବ ବୋଲିରେ, ସଙ୍ଗାତ ।

ପୁରୁଷ : ଟାଟିଆ ବହଳ ଗିନା, ଝଅଟ୍ କେ ବେଳ ଚାଲି ଆସନା,
ଗୀତ ଗାଇଁ ଦେବା ସିନା ।

ସ୍ତ୍ରୀ : କୁଲାରେ କାଟିଲି କୋବି, ଧିରେ ଧିରେ ହୋଇ ସୁଧୁରି ଯିବି,
ତୁମରି ପାଖରେ ଥିବିରେ, ସଙ୍ଗାତ ।

ପୁରୁଷ: ନଇ ପାଣି କଥା ଚିତେ, ଯିବି ଯିବି ବୋଲି କହୁଛୁ କେତେ,
ନ ଆସ ନୂଆ ସଙ୍ଗାତେରେ, ସଙ୍ଗାତ । ଇତ୍ୟାଦି.. ଇତ୍ୟାଦି..............

"ଦେବୀଓଷା'' ପାଉଡ଼ିଭୂୟାଁର ଅନନ୍ୟ ସଂସ୍କୃତି । ଧନୁ ଓ କୁଲାର ପ୍ରୟୋଗରେ ଝଙ୍କୃତ ହୁଏ ମଧୁର ସ୍ୱର, ଏଇ ସ୍ୱରକୁ 'କାଲୋ' ଗାଏ । ଦେବୀ ଗୀତ ଏ ଗୀତରେ ମାଧୁର୍ଯ୍ୟ ବାସ୍ତବିକ ଅତ୍ୟନ୍ତ ମନମୁଗ୍ଧକର ।

ମୋର ସାହିତ୍ୟାନୁରାଗ ଭିତରେ ଏଇ ବନର ଧନ ସ୍ୱରୂପ ଯେଉଁ ସାହିତ୍ୟ ସୃଷ୍ଟି କରିବାକୁ ମନ ବଦଳାଇଥିଲି ସେଗୁଡ଼ିକ ହେଲା ଏକ ସଚେତନ ଧର୍ମୀ 'ଦଣ୍ଡନୃତ୍ୟ' ଏବଂ ପୁସ୍ତକ "ସାକ୍ଷରତା ବିଚିତ୍ରା" । ଏକ କାଳ୍ପନିକ ନାଟକ 'ମୁଁ' ମଣିଷ ଖୋଜୁଛି (ଆଦିବାସୀ ସଂସ୍କୃତିର ଉପରେ ଆଧାରିତ), "ଗତିପ୍ରଗତି," "ମୃତ୍ୟୁ ପରେ ଜୀବନ" ଗୀତିନାଟ୍ୟ "ନିଶା" । ପାଉଡ଼ିଭୂୟାଁର କଥିତ ଭାଷାରେ ମୋର ଭାବନିସୃତ କବିତାଟିଏ

ମୁରୁଖ ଭୂୟାଁ ମୁଇଁ
ଆରେ ମୋର୍ ନାମ୍ ବଇଶାଖୁ,
ମୁରୁଖ ଭୂୟାଁ ମୁଇଁ,
ଆଜି ଖାଇଲେ ନା ଭାବୁସଇଁ,
କାଲକେ କିସ୍ ଖାଇସଇଁ ।
ଗଙ୍ଗେଇ ଭାତ ଓ ଜାଉ,
ଗଙ୍ଗେଇର ପାଚୋଇ,
କୁସୁନା, ହାଣ୍ଡିଆ ପିଇ ।
ମଳିଆ ଲୁଗା ପିନ୍ଧିସଇଁ ,
ହୂଟା ଖାଇ ପେଟେ ପିଇ,
ଧୂଣ କାଣ୍ଡ ଭୂଇଁ, ଭୂଇଁ,
ଝାଳେ ଝାଳେ ବୁଲୁସଇଁ ।
କାହାଳୀ ଟିକେ ଟାଣସଇଁ,
ଅଣ୍ଟାପାରେ ଖସିସଇଁ ।
ମୋର ଡାଲ ଘର ଝାଳରେ ଘର,
ଗୁଡା ପଦର ଆସି
ଝାଳ ପୁଡ଼ାଇ ଚାଷ କରସଇଁ,

ମନଟା ଆନନ୍ଦ ହେସଇଁ,
ପତ୍ରିକସା ପାହାଡ଼ ପାରୁ,
ବେଲ ଉଅଁସି,
ପଛିମ୍ ଦିଗେ ଡୁବ୍‌ସି ବେଲ,
ଫେର୍ ପୂର୍ବେ ଉଅଁସି ।
ଦିନ୍, ଦିନ୍ ରାତି, ରାତି,
ଇ ମହାପୁର କରସନ୍ ।
ଆଜ୍ କିସ୍ ନା ଖାଇ,
କାଲ୍ କିସ୍‌ନା ଭାବୁସଇଁ ।
ଝାଲରେ କନ୍ଦା ଆସି,
କେନ୍ଦୁ, ଚାର, ପାକ୍‌ସି
ପୁରାପେଣ୍ଟ୍ ପିନ୍ଧା ବାବୁ ।
କିସ୍ କିସ୍ କହୁସଣ୍
କେନ୍ କେନ୍ ପାଠ୍ ପଢ଼ାବେ
ସେଇ କଥା ଭାବୁସଣ୍
ଫିଙ୍ଗି କୋତରା ଖଦି
ପୂରା ପେଣ୍ଟ କିସ୍ ପିନ୍ଧସସ୍
ପୂରା ପ୍ୟାଣ୍ଟ ପିନ୍ଧାଇ କିସ୍
ନକଲି ମୁନୁଷ ବନାସସ୍
ଆମର ନାଇଁନି ଏଇଟା
ଝାଲ ଆମର ମାଁ ଆଁ
ତୁମର ପାଠ୍ ପଢିବି ମୁଇଁ
ତୁମର କଥା ମାନସଇଁ
ଝାଲେ ସରଧା ରଖିସଇଁ ମୁଇଁ
କନ୍ଦା, ଗଙ୍ଗେଇ ଖାଉସଇଁ

ଏଇ ଆଦିବାସୀମାନଙ୍କୁ ସାକ୍ଷରତାର ବାର୍ତ୍ତା ଦେବା ପାଇଁ ମୋ ଦ୍ୱାରା ରଚିତ ଆଉ ଗୋଟିଏ କବିତା - ଆମେରେ ସାକ୍ଷରତା ସୈନିକ

ଆମେରେ ସାକ୍ଷରତାର ସୈନିକ,
ଆମେରେ ସାକ୍ଷରତାର ସୈନିକ,
ସୈନିକ, ସୈନିକ, ସୈନିକ ।
ନିରକ୍ଷରତାର ଅଇରୀ ନାଶିବୁ
କରିଛୁ ଏକ ସଂକଳ୍ପ,
ନଥାଉ ପଛେ ଆମରି ହାତେ,
କମାଣ ଗୁଳି ବନ୍ଧୁକ,
ଅଛି ଆମ ହାତେ ସିଲଟ, ଖଡ଼ି,
ଅଛି ଆମ ହାତେ ପୁସ୍ତକ ।
ଆମେରେ (ଘୋଷା)
ଅ......ଆ...... କ.....ଖ.......
ରଣ ଗୀତିର ସନ୍ତକ
ଏକ....ଦୁଇ.....ତିନ.....ଚାରି.....ପାଞ୍ଚ.....ଛଅ,
ସାକ୍ଷରତାର ମାପକ,
ଆମେ ପଢ଼ିବୁ , ଆମେ ପଢ଼ାଇବୁ
ଏଇ ଆମର ଶପଥ..........
ଆମେରେ (ଘୋଷା)

❖❖❖

# ପାଉଡ଼ିଭୂୟାଁ ଅଞ୍ଚଳରେ ସାମ୍ବାଦିକମାନଙ୍କର ଗସ୍ତ

ଜିଲାପାଳ ଦିନେ ଖବରଦେଲେ ରାଉରକେଲାର ସମସ୍ତ ଖବରଦାତା ଓ ସାମ୍ବାଦିକ ପାଉଡ଼ିଭୂୟାଁ ଅଞ୍ଚଳ ଗସ୍ତ କରିବେ । ବଣେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କଠାରୁ ଏ ଖବର ମିଳିଲା । ଏ ସମ୍ପର୍କରେ ଜିଲାପାଳ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଜରିଆରେ ସମସ୍ତ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସାରିଥିଲେ । ନିର୍ଦ୍ଦିଷ୍ଟ ଦିନ ସାମ୍ବାଦିକମାନେ ଏହି ଅଞ୍ଚଳଗସ୍ତ କରିବାପାଇଁ ସମସ୍ତ ବ୍ୟବସ୍ଥା କରାଗଲା । ନିର୍ଦ୍ଦିଷ୍ଟ ଦିନରେ ସାମ୍ବାଦିକମାନେ ମୋ' କାର୍ଯ୍ୟାଳୟରେ ଉପସ୍ଥିତ ହେଲେ । ସେଠାରୁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଗଲା । କେତୋଟି ବିକାଶଶୀଳ ଗ୍ରାମ, କୃଷି ଓ ଫଳୋଦ୍ୟାନ, କୁଳିପୋଷ କଲୋନୀର ପୋଡୁଚାଷୀଙ୍କର ଥଇଥାନ ସ୍ଥଳୀ, ବୁଡାଭୂଇଁଠାରେ ୧୫ ଏକର ଜମିର ଲିଚୁଉଦ୍ୟାନ, ଫୁଲଝରଠାରେ କମ୍ୟୁନିଟି ସେଣ୍ଟର୍‌, ଅଦା, ହଳଦୀଚାଷ, ଖଣ୍ଡାଧାରର ନୈସର୍ଗିକ ସୌନ୍ଦର୍ଯ୍ୟ, ଖଣ୍ଡାଧାରର ଲକ୍ଷ୍ମଣଝୁଲା ଓ ପରିଦର୍ଶନ ବଙ୍ଗଳା, ପାଉଡ଼ିଭୂୟାଁ ମହିଳାସମବାୟ ସମିତିଦ୍ୱାରା ପ୍ରତିଷ୍ଠିତ କ୍ରୟ-ବିକ୍ରୟ କେନ୍ଦ୍ର, ଖଲିଚଉଡି ପ୍ରସ୍ତୁତି, ରଶିପ୍ରସ୍ତୁତି ଆଦି ବିକାଶମୂଳକ କାର୍ଯ୍ୟ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ଖଣ୍ଡାଧାରରେ ଆୟୋଜିତ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ ହେଲା ପରେ ରାଉରକେଲା ପ୍ରତ୍ୟାବର୍ତ୍ତନ କଲେ ।

ଯିବା ବାଟରେ ଲହୁଣୀପଡ଼ା ଡାକବଙ୍ଗଳାରେ କିଛି ସମୟପାଇଁ ଅବସ୍ଥାନ କରି ଚା ପାନ ପରେ ସମ୍ବାଦିକ ସମ୍ମିଳନୀରେ ସାମିଲ ହେଲେ । ଜିଲାପାଳଙ୍କର ଏ ଚିନ୍ତାଧାରା ଥିଲା ବିକାଶଧାରାକୁ ଲୋକଲୋଚନକୁ ଆଣିବା । ପ୍ରକାରନ୍ତରେ ଏହା ଅନ୍ୟ ଅଣୁଯୋଜନାଗୁଡ଼ିକ ପାଇଁ ଶିକ୍ଷଣୀୟ ବି ହୋଇ ପାରିବ ।

ପରବର୍ତ୍ତୀ ସମୟରେ ସମସ୍ତ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଖବରକାଗଜରେ ପାଉଡ଼ିଭୂୟାଁ ବିକାଶ ଉପରେ ତଥ୍ୟମୂଳକ ଖବର ସ୍ଥାନ ପାଇଥିଲା ।

❖❖❖

# ଜିଲାପାଳଙ୍କ ଗସ୍ତ

ଜିଲାପାଳଙ୍କର ବହୁବିଧ କାର୍ଯ୍ୟବ୍ୟସ୍ତତା ଥାଇ ମଧ୍ୟ ଆଦିବାସୀ ବିକାଶରେ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ପାଉଡ଼ିଭୂୟାଁ ଅଞ୍ଚଳ ଗସ୍ତକରିବା ଏକ ଶୁଭ ସୂଚନା । ଏହା କର୍ମଚାରୀମାନଙ୍କର ଅନୁସରଣୀୟ ।

ଜିଲାପାଳ ଦିନେ ଫୁଲଝରଠାରେ ଏକ ସାଧାରଣ ବୈଠକରେ ଯୋଗ ଦେଇଥିଲେ । ପ୍ରାୟ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ । ଜିଲାପାଳ ଔପଚାରିକ ଭାଷଣ ଦେଇ କେବଳ ଲୋକମାନଙ୍କଠାରୁ ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟ ବିଷୟରେ ପଚାରି ସମୀକ୍ଷା କରୁଥିଲେ । ଏହି ଅବସରରେ ଜଣେ ଆଦିବାସୀ ଯୁବକ ଠିଆହୋଇ ଜିଲାପାଳଙ୍କୁ କହିଲେ - "ସାର୍ ଆମର କୌଣସି ଅଭିଯୋଗ ନାହିଁ, ହେଲେ ଜିଲାପାଳ ସାହେବଙ୍କୁ ଗୋଟିଏ ଅନୁରୋଧ ଅଛି - ସେଇଟି ହେଲା, ଜିଲାପାଳ ମହୋଦୟ ସବୁମାସରେ ଅତିକମ୍‌ରେ ଥରେ ମାତ୍ର ଏହି ଅଞ୍ଚଳ ଗସ୍ତରେ ଆସନ୍ତୁ ; କାରଣ ଏଭଳି ଗସ୍ତରେ ଆସିଲେ ଆମର ସବୁ ଅଭାବ ଅସୁବିଧା ସ୍ୱତଃ ଦୂର ହୋଇଯିବ" । ଜିଲାପାଳ ସ୍ମିତହସି ପଚାରିଲେ "କିପରି" ? ଯୁବକଟି କହିଲା, " ସାର । ଆପଣଙ୍କ ଗସ୍ତ କାର୍ଯ୍ୟକ୍ରମ ବାହାରିବା ପରେ ସବୁ ବିଭାଗ ସଜାଗ ହୋଇଯା'ନ୍ତି । କେଉଁଠି ବିଦ୍ୟୁତ ତାର ଛିଣ୍ଡିଲା ତ, କେଉଁଠି ବିଦ୍ୟୁତ୍‌ଖୁଣ୍ଟ ଭାଙ୍ଗିଛି, କେଉଁଠି ରାସ୍ତା ଭାଙ୍ଗିଛି ତ କେଉଁଠି ନଳକୂଅ ଖରାପ ଅଛି ସବୁ ତୁରନ୍ତ ସଜଡ଼ା ହୋଇ ଯାଏ । ଆଉ ଆମ୍ଭମାନଙ୍କର ଆପତ୍ତି କରିବାକୁ ପଡ଼େନି । ଏହା ଶୁଣି ଜିଲାପାଳ ସ୍ମିତହସି ଯୁବକର ବକ୍ତବ୍ୟକୁ ହୃଦୟଙ୍ଗମ କରିଥିଲେ । ବାସ୍ତବିକ ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ, ଶ୍ରୀମତୀ ଅନିତା ଅଗ୍ନିହୋତ୍ରୀ, ଶ୍ରୀମତୀ ଅଳକା ପଣ୍ଡା, ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପଟ୍ଟନାୟକ ଜିଲାପାଳମାନେ ପାଉଡ଼ିଭୂୟାଁ ଉନ୍ନୟନସଂସ୍ଥାର ଅଧ୍ୟକ୍ଷଭାବେ ନିରନ୍ତର ଗସ୍ତକରି ଦିଗ୍ ଦର୍ଶନଦେଇ ବିକାଶଧାରାକୁ ତ୍ୱରାନ୍ୱିତ କରିଥିଲେ । ଏହା ମୋ' କାର୍ଯ୍ୟ ନିର୍ବାହ ଅବଧି ସମୟର ଅନୁଭୂତି ।

ମୋର କାର୍ଯ୍ୟ ନିର୍ବାହ ଅବଧି ବ୍ୟତିତ ଅନ୍ୟ ସମୟରେ ଜିଲାପାଳଙ୍କର ପାଉଡ଼ିଭୂୟାଁ ବିକାଶପ୍ରତି ଅନୁରକ୍ତି ବଜାୟ ରହିଥିଲେହେଁ ବିକାଶଧାରାକୁ ଅଧିକ କ୍ରିୟାଶୀଳ କରି ଏ ପଛୁଆ ସମ୍ପ୍ରଦାୟକୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଗବେଷଣାତ୍ମକ ଚିନ୍ତାଧାରା ରହବା ଆବଶ୍ୟକ ।

❖❖❖

# ଖଲି-ଚଉତି ପ୍ରସ୍ତୁତି ମେସିନ ବୃତ୍ତାନ୍ତ

ମୁଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀଭାବେ ଯୋଗ ଦେଲାବେଳକୁ ସଂସ୍ଥା ପାଣ୍ଠିର ବଳକା ଅର୍ଥ ବିନିଯୋଗ ଉପରେ ଧ୍ୟାନ ଦେଲି । ସଂସ୍ଥାର ପାଉଡ଼ିଭୂୟାଁ ମହିଳା ବିକାଶପାଇଁ ୪୮ ହଜାର ଟଙ୍କା (ଏକଦା ମଞ୍ଜୁର ପଚାଶ ହଜାର ଟଙ୍କାର ଉଦ୍‌ବୃତ ଅର୍ଥ) ବିନିଯୋଗ ନହୋଇ ରହିଥିବାର ଦୃଷ୍ଟିକୁ ଆସିଲା । ବିନିଯୋଗ ଚିଠା ପ୍ରସ୍ତୁତ କରି ନିୟାମକ କମିଟିରେ ଆଲୋଚନାପୂର୍ବକ ଅନୁମୋଦନପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦେଲି । ଜିଲାପାଳ ସୁଚିନ୍ତିତ ମତ ଦେଲେ । ଏହି ଅର୍ଥ ପାଉଡ଼ିଭୂୟାଁ ମହିଳା ବିକାଶ ପାଇଁ ଆସିଛି । ଖଜୁରିପଟି ବୁଣା ତାଲିମ ଦେବାପାଇଁ ୨ହଜାର ଟଙ୍କା ବିନିଯୋଗ ହୋଇସାରିଛି । ବାକି ଟଙ୍କା ତଦନୁ ରୂପେ ବିନିଯୋଗ କରିଦେଲେ ଶେଷ ହୋଇଯିବ । ଏହା ନକରି ବରଂ ଏହି ଅର୍ଥକୁ ଏକ ଆବର୍ତ୍ତନ ପାଣ୍ଠି ହିସାବରେ ବିନିଯୋଗ କଲେ ପାଣ୍ଠି ବୃଦ୍ଧି ସଙ୍ଗେ ସଙ୍ଗେ ମହିଳା ବିକାଶ ହୋଇପାରିବ । ଏଥିପାଇଁ ତାଙ୍କର ପରାମର୍ଶ ଥିଲା, ଗୋଟିଏ ପାଉଡ଼ିଭୂୟାଁ ମହିଳା ଉନ୍ନୟନ ସମବାୟ ସମିତି ଗଠନ କରି ଏହି ଅର୍ଥକୁ ଏହାର ଅଂଶଧନ ରୂପେ ବିନିଯୋଗ କରିବା । ଏହି ପରାମର୍ଶ ଅନୁସାରେ ସହକାରୀ ନିବନ୍ଧକ, ସମବାୟସମିତି, ରାଉରକେଲାଙ୍କୁ କୁହାଗଲା । ଗୋଟିଏ ବାଇଲ୍ ପ୍ରସ୍ତୁତ କରି ଏହି ଅର୍ଥକୁ ଏହି ସମିତିର ଅଂଶଧନ ରୂପେ ବିନିଯୋଗ କରିବାକୁ ।

ଯଥା ସମୟରେ ସମିତି ଗଠନ କରାଗଲା । ଜଣେ ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ଡେପୁଟେସନରେ ଅଣାଯାଇ ସମ୍ପାଦକ (ସହକାରୀ ପରିଚାଳକ)ଭାବେ ରଖାଗଲା । ପାଉଡ଼ିଭୂୟାଁମାନଙ୍କ ଉନ୍ନତିପାଇଁ ଅର୍ଥ ବିନିଯୋଗ କରାଗଲା । ପଞ୍ଚମ ପାସ୍ କରିଥିବା ପାଉଡ଼ିଭୂୟାଁ ଯୁବତୀ ଶରଦୀ ଦେଈକୁ ସଭାପତି ମନୋନୀତ କରାଗଲା ।

ପାଉଡ଼ିଭୂୟାଁ ଉନ୍ନୟନ ମହିଳା ସମବାୟ ସମିତିର ଅଂଶଧନ ଉକ୍ତ ୪୮ ହଜାର ଟଙ୍କା ସହ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅନୁଦାନ ସ୍ୱରୂପ ୨ ଲକ୍ଷ ଟଙ୍କା ଓ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ପାଣ୍ଠିରୁ କିଛି ଅର୍ଥ ଅଣାଯାଇ ଅଂଶଧନକୁ ବୃଦ୍ଧି କରାଗଲା । ତା'ପରେ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଗଲା ।

ଖୁଣ୍ଟଗାଁ, ବୁଢ଼ାଭୂଇଁ (ଖଣ୍ଡାଧାର ପାଦଦେଶରେ) ଓ ଫୁଲଝରଠାରେ ୩ ଗୋଟି ଖୁଚୁରା କ୍ରୟ - ବିକ୍ରୟ କେନ୍ଦ୍ର ଖୋଲାଯିବ । ଗୋଟିଏ ଖଲି ମେସିନ୍ ଓ ଗୋଟିଏ ରଶି ତିଆରି ମେସିନ୍‌ଦ୍ୱାରା ଖଲି, ଚଉତି, ରଶି ପ୍ରସ୍ତୁତ କରାଯାଇ ଏହି କ୍ରୟ - ବିକ୍ରୟ କେନ୍ଦ୍ରରେ

ବିପଣନ କରାଯିବ । ପାଉଡ଼ିଭୂୟାଁମାନଙ୍କଦ୍ୱାରା ଉତ୍ପାଦିତ ସାମଗ୍ରୀ ତଥା ଲଘୁ ବନଜାତ ଦ୍ରବ୍ୟ ଏହି କ୍ରୟ-ବିକ୍ରୟ କେନ୍ଦ୍ରରେ କିଣାଯିବ । ପାଉଡ଼ିଭୂୟାଁମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଏହି କେନ୍ଦ୍ରରେ ସୁଲଭ ମୂଲ୍ୟରେ ବିକ୍ରି କରାଯିବ । ଏହି ପ୍ରସ୍ତାବମାନ ଗୃହୀତ ହୋଇ କାର୍ଯ୍ୟକାରୀ ହେଲା । ପୁନଶ୍ଚ କଣ୍ଟ୍ରୋଲ୍ ସାମଗ୍ରୀ ବିକ୍ରୟପାଇଁ ଅନୁମତି ମଧ୍ୟ ଅଣାଗଲା । ପ୍ରତ୍ୟେକ କେନ୍ଦ୍ରରେ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ଜଣେ ଜଣେ ବହୁମୁଖୀ ସଂଯୋଜିକାଙ୍କୁ ସେଲ୍ସମ୍ୟାନ୍ ରୂପେ ନିଯୁକ୍ତ କରାଗଲା ।

ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କଠାରୁ ମୋ ପ୍ରସ୍ତାବରେ ସ୍ୱୀକାରୋକ୍ତି ଲାଭ ହେଲା ପରେ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ନିୟାମକ କମିଟିରେ ଅନୁମୋଦିତ ହୋଇ ଏହି ସମିତି କାର୍ଯ୍ୟକାରୀ ହେଲା । ଖଲି ମେସିନ୍ ବିଷୟରେ ଏଠାରେ ଉଲ୍ଲେଖ କରିବା ପ୍ରଣିଧାନ ଯୋଗ୍ୟ । ସେତେବେଳେ ଜଣା ନଥିଲା, ଖଲି ମେସିନ୍‌ର ପ୍ରାପ୍ତିସ୍ଥାନ କେଉଁଠି ? ଜିଲାପାଳ ମତେ ପଚାରିଲେ "ଖଲିମେସିନ୍ ମିଳିବ କେଉଁଠୁ" ? ମୁଁ କାହାଠାରୁ ଶୁଣିଥିବା କଥା ତାଙ୍କୁ କହିଲି "ଏହା ଓଡ଼ିଶାରେ ମିଳିବନି ! ବୋଧହୁଏ ହାଇଦରାବାଦଠାରେ ମଳିବ" । ସେ ତୁରନ୍ତ ଆଦେଶ ଦେଲେ ହାଇଦରାବାଦ ଯାଇ ସନ୍ଧାନ୍ କରିବାକୁ । କେଉଁଠୁ ମିଳିବ ଖୋଜୁ ଖୋଜୁ ସଂଯୋଗକ୍ରମେ ଏହି ମେସିନ୍ ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା (ଓରେଡ଼ା) ରେ ମିଳିବ ବୋଲି ଜାଣିବାକୁ ପାଇଲି । ଯାହାହେଉ ଓରେଡ଼ାରୁ ଦୁଇଟି ଖଲିମେସିନ୍ ଓ ଗୋଟିଏ ରଶି ତିଆରି ମେସିନ୍ କିଣା ହୋଇଆସିଲା । ମହିଳାମାନଙ୍କୁ ଏହି ଖଲି ମେସିନ୍ ଚଳାଇବା ପାଇଁ କୁହାଗଲା । ଶାଳପତ୍ର ଯୋଗାଇବାକୁ ପାଉଡ଼ିଭୂୟାଁ ମହିଳାମାନଙ୍କୁ କୁହାଗଲା । କିଛି ମହିଳା ମେସିନ୍ ଚଳାଇ ଖଲି, ଚଉତି ପ୍ରସ୍ତୁତ କଲେ । ରଶି ପ୍ରସ୍ତୁତ କଲେ ।

ଏହି ଖଲି, ଚଉତି ଓ ରଶି କ୍ରୟ-ବିକ୍ରୟ କେନ୍ଦ୍ରରେ ବିପଣନ କରାଗଲା ।

ଏହି ସମିତି ବହୁତ ଦିନ ଧରି ସୁଚାରୁରୂପେ ଚାଲିଲା । ଅଂଶଧନ ପାଣ୍ଠି ବୃଦ୍ଧିପାଇଁ ମହୁଲ କ୍ରୟ-ବିକ୍ରୟ କରାଗଲା । ଖଣ୍ଡାଧାରକୁ ବଣଭୋଜି କରିବାକୁ ଆସୁଥିବା ଲୋକମାନେ ବୁଢ଼ାଭୂଇଁ କ୍ରୟ-ବିକ୍ରୟ କେନ୍ଦ୍ରରୁ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖଲି, ଚଉତି ଆଦି ପାଇବାପାଇଁ ସୁଯୋଗ ସୃଷ୍ଟି ହେଲା । ପରବର୍ତ୍ତୀ ସମୟରେ କ୍ରମେ କ୍ରମେ ଏହି ସମିତି ଦୁର୍ବଳ ହେବାର ପରିଲକ୍ଷିତ ହେଲା । ଏହା ପୁନଃଜୀବିତ ହେବାପାଇଁ ପ୍ରଚେଷ୍ଟା ଜାରି ରହିଲେ ବହୁବିଧ ବିକାଶ ସାଧିତ ହୋଇପାରନ୍ତା ।

❖❖❖

# ଆଦିବାସୀ ପ୍ରତିଭା, କୃତି ଓ କୀର୍ତ୍ତିର ସନ୍ଧାନ

ଆଦିବାସୀ ସଭ୍ୟତାରେ ଅମୂଲ୍ୟ ନିଧି ଉପଲବ୍ଧ ହୁଏ । ଆଦିବାସୀ ସେବାରେ ନିଜକୁ ସାମିଲ୍ କରିବା ଅବସରରେ ମୁଁ ବହୁତ ପଲ୍ଲୀ,ବସ୍ତି, ଗାଁ ବୁଲିଲି, ଅନେକ ପ୍ରତିଭାର ସନ୍ଧାନ ପାଇଲି । କେତେକ ପ୍ରତିଭା ଉପେକ୍ଷିତ । ବଣମଲ୍ଲୀ ସମ ବଣରେ ଉଦ୍ଭବହୋଇ ବଣରେ ଫୁଟି ବଣରେ ମଉଳିଯାଏ । ଆଉ କେତେକ ବିକଶିତ ହୋଇ ବାସ୍ନା ଚତୁଃଦିଗକୁ ମହକାଏ । ଏଇଭଳି ଗୋଟିଏ ପ୍ରତିଭାର ଭେଟ ହୁଏ ପାଉଡ଼ିଭୂୟାଁ ଅଞ୍ଚଳରେ । ଦିନେ ତଲଗିନିଆ ଗାଁ'କୁ ଗସ୍ତରେ ଯିବା ଅବସରରେ ଭେଟ ହୁଏ ପାଉଡ଼ିଭୂୟାଁ ଯୁବକ ବେଣୁ ନାୟକଙ୍କ ସହିତ । ସେ ଭରସି କରି କିଛି କହି ପାରୁନଥାଏ । ସାଙ୍ଗରେ ଥିବା କଣ୍ଟାକ୍ଟବୟ କାଳିଆ ନାଏକ କହିଲା "ଆଜ୍ଞା ଏ ହେଉଛି ବେଣୁ ନାଏକ ! ଭଲ ବଢ଼େଇକାମ ଜାଣେ । ଭଲ ଛବି ଆଙ୍କି ଜାଣେ । ମୁଁ ତାକୁ କହିଲି "ହେଉ ଏଥର ଜାନୁୟାରୀ ମାସରେ ହେବାକୁ ଥିବା ପ୍ରଦର୍ଶନୀ ବେଳକୁ ପ୍ରସ୍ତୁତ ଥିବ । ତୁମେ ପ୍ରଦର୍ଶନୀ ମଣ୍ଡପରେ ପାଉଡ଼ିଭୂୟାଁ ତରଫରୁ ମଡ଼େଲ୍ କରିବ ଏବଂ ଅନ୍ୟାନ୍ୟ ଛବି ଆଙ୍କିବ" । ସେ ସମ୍ମତି ଜଣାଇଥିଲା ।

ଯାହାହେଉ ବେଣୁ ନାୟକ ସେ ବର୍ଷ ଭୁବନେଶ୍ୱରଠାରେ ପ୍ରଦର୍ଶନୀ ମଣ୍ଡପରେ ପାଉଡ଼ିଭୂୟାଁ ଘରର ମଡ଼େଲ୍ ପ୍ରସ୍ତୁତ କଲା, କିଛି ଛବି ଆଙ୍କିଲା । ତା'ପରେ ବିଭିନ୍ନ କ୍ଷେତ୍ରରେ କଳା ନିପୁଣତା ସୁନ୍ଦରଭାବେ ପ୍ରଦର୍ଶନ କଲା । ତା'ର କଳା ନିପୁଣତା ଓ ଶିକ୍ଷାଗତ ଯୋଗ୍ୟତା (୯ମ ପାସ୍) ଭିତ୍ତିରେ ତାକୁ ସଂସ୍ଥାର ଜଣେ କଣ୍ଟାକ୍ଟବୟ (ଅସ୍ଥାୟୀ କର୍ମଚାରୀ) ଭାବେ ନିଯୁକ୍ତି ଦେଇଥିଲି ।

ନୟାଗଡ଼ ଜିଲାର ଜିଲାମଙ୍ଗଳ ଅଧିକାରୀଥିବା ସମୟରେ ଏଭଳି କଳାର ସନ୍ଧାନରେ ସୁଯୋଗ ଯୁଟିଲା । ଜଣେ କଳାନୁରାଗୀ ପ୍ରଶାସକ ଶ୍ରୀଯୁକ୍ତ ଅରବିନ୍ଦ ବେହେରା, ଆଦିବାସୀ ଓ ହରିଜନ ବିଭାଗର ସଚିବଥିବା ସମୟରେ ସେ ବହୁତ ନୂତନ ଚିନ୍ତାଧାରାରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିଲେ । ବିଭିନ୍ନ ପ୍ରାନ୍ତରେ ଥିବା ଆଦିବାସୀ ଲେଖକ, କବି, କ୍ରୀଡାବିତ୍, ନୃତ୍ୟଶିଳ୍ପୀ, ଗାୟକ, ସ୍ୱାଧୀନତା ସଂଗ୍ରାମୀ, ଡାକ୍ତର, ଇଞ୍ଜିନିୟର୍, ଓକିଲ, ପ୍ରଶାସକ, କର୍ମଚାରୀମାନଙ୍କର ସନ୍ଧାନପାଇଁ ଜିଲାସ୍ତରୀୟ ଅଧିକାରୀମାନଙ୍କ ଜରିଆରେ

ତଥ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିଥିଲେ । ପୁନଶ୍ଚ ସେ ବିଭିନ୍ନ ସଫଳତାର କାହାଣୀ, ବିଦ୍ୟାଳୟମାନଙ୍କରେ ପତ୍ରିକା ଓ ପ୍ରାଚୀର ସମ୍ବାଦ ପ୍ରଚଳନପାଇଁ ତ୍ୱରାନ୍ୱିତ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଏସବୁର ତଥ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ମନ୍ତ୍ରୀ ମଙ୍ଗଳା କିଷାନ୍ ମତେ ପରାମର୍ଶକ୍ରମେ କହିଥିଲେ, ନୟାଗଡ଼ର ସଂସ୍କୃତି ଓ ବିକାଶର ଧାରା ଉପରେ ଏକ ବାସ୍ତବ ଚିତ୍ର ପ୍ରଦାନ କରିବାକୁ । ଏହା ମୁଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କଦ୍ୱାରା ସଂଗ୍ରହ କରି ବିସ୍ତୃତ ରିପୋର୍ଟରେ ଏହି ତଥ୍ୟ ଦାଖଲ କରିଥିଲି ।

ନୟାଗଡ଼ ଜିଲାପାଇଁ ଏହି ତଥ୍ୟ ଦର୍ପଣ ସଦୃଶ । ଏହି ତଥ୍ୟ ମଧ୍ୟରୁ ନୟାଗଡ଼ର ଆଦିବାସୀ ସମ୍ପ୍ରଦାୟର ପ୍ରକାରଭେଦ, ଆଦିବାସୀ ଓ ହରିଜନ ଜନସଂଖ୍ୟା, ସଂସ୍କୃତି ନିହିତ ଆଦିବାସୀର ଆରାଧଦେବତା କଣ୍ଟିଲୋ ନୀଳମାଧବଙ୍କ ସହିତ ନୟାଗଡ଼ର ଅଧିଷ୍ଠାତ୍ରୀ ଦେବୀ ଦକ୍ଷିଣକାଳୀ, ଓଡ଼ଗାଁର ରଘୁନାଥଦେବ, ଶରଣକୁଳର ଲଡ୍ଡୁବାବା, ସିଦ୍ଧାନ୍ତ ଦର୍ପଣର ରଚୟିତା ପଠାଣୀ ସାମନ୍ତ ଓ ଉତ୍କଳଘଣ୍ଟ ଯଦୁମଣିଙ୍କୁ ମଧ୍ୟ ଏହି ତଥ୍ୟ ଦର୍ପଣରେ ପାଇ ପାରିବା ।

ଶବର ସଂପ୍ରଦାୟର ବେଗୁନିଆ ଅଞ୍ଚଳର କବି ବାଳକୃଷ୍ଣ ନାୟକଙ୍କ ସୃଜନଶୀଳ ପ୍ରତିଭା ଲୋକଲୋଚନ ଅନ୍ତରାଳରେ ରହିଥିଲେ ହେଁ ସମୟ ତାଙ୍କୁ ଅମରତ୍ୱ ପ୍ରଦାନ କରିବ ।

❖❖❖

# ନିୟାମକ କମିଟିର ଭୂମିକା

ନିୟାମକ କମିଟି ବା ଗଭର୍ଣ୍ଣିଂବଡ଼ି ଅଣୁଯୋଜନାର ଏକ ବିଧେୟକ କମିଟି (Statutory Body) । ନୀତିନିୟମ ପ୍ରଣୟନରେ ପ୍ରମୁଖ ଭୂମିକା ନିଭାଉଥିବା ଏହି ନିୟାମକ କମିଟିଦ୍ୱାରା ପାଉଡ଼ିଭୂୟାଁଙ୍କ ଉନ୍ନୟନପାଇଁ ସମସ୍ତ ମାର୍ଗଦର୍ଶନ ପୂର୍ବକ କାର୍ଯ୍ୟକ୍ରମ ପରିପାଳନ ହୁଏ । ଏଭଳି ବିଧେୟକ କମିଟି ସର୍ବୋଚ୍ଚ କ୍ଷମତାପ୍ରାପ୍ତ କମିଟି ଏବଂ ଏହି କମିଟି ବୈଠକର ଆଲୋଚିତ ସଂକଳ୍ପ ଅନୁମୋଦନ ପରେ ସରକାରଙ୍କର ଔପଚାରିକ ଅନୁମୋଦନ ସ୍ଥଳବିଶେଷରେ ଗୁରୁତ୍ୱପୂର୍ଣ୍ଣ ଅଟେ । ଅବଶ୍ୟ ଅର୍ଥ ସମ୍ପର୍କୀୟ ସଂକଳ୍ପ ସରକାରଙ୍କର ଅନୁମୋଦନ ବାଧ୍ୟତାମୂଳକ; କିନ୍ତୁ ସରକାରଙ୍କ କିଛିଟା ଦୃଷ୍ଟାନ୍ତ ଏଭଳି ସରକାରୀ ଅନୁମୋଦନ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ ସଂପାଦନ କରାଯାଇଥିଲା । ଏହା ମଧ୍ୟରୁ ସଂସ୍ଥାର ଜିପ୍ ମରାମତି ପ୍ରସଙ୍ଗ ଓ ସ୍ୱତନ୍ତ୍ର ମେସ୍‌ରେ ରଖି ପାଉଡ଼ିଭୂୟାଁ ପିଲାମାନଙ୍କୁ ଅଧ୍ୟୟନ କରାଇବା ପ୍ରସଙ୍ଗ । ଯଦିଓ ଏହାକୁ ନିୟାମକ କମିଟିରେ ଅନୁମୋଦନ କରି ଏହାର ସଂକଳ୍ପର ପ୍ରତିଲିପି ସରକାରଙ୍କ ଅବଗତି ତଥା କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଥିଲା । ଏକଦା ପ୍ରଶ୍ନ ଉଠିଥିଲା ଯେ, ଏହା ସରକାରଙ୍କ ପ୍ରାକ୍ ଅନୁମୋଦନ ପୂର୍ବରୁ କିପରି କାର୍ଯ୍ୟ ସଂପାଦନ ହେଲା ? ଏହା ଏକ ଅସମାହିତ ପ୍ରସଙ୍ଗ । ଅଣୁଯୋଜନା ଭଳି ଆଦିମଜନଜାତି ବିକାଶରେ ତୃଣମୂଳ ସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରଣ କଥା ଚିନ୍ତା କରିବାପାଇଁ ଭାରପ୍ରାପ୍ତ ନିର୍ବାହୀଅଧିକାରୀଙ୍କ ଉପରେ ଅଙ୍କୁଶ ଲଗାଇଲେ ବିକାଶ ବାଧାପ୍ରାପ୍ତ ହେବା ସ୍ୱାଭାବିକ । ଏହା ଉପରେ ସରକାରଙ୍କ ମନୋଭାବ ସରଳ ହେବା ଆବଶ୍ୟକ । ନିୟାମକ କମିଟିକୁ ସମ୍ମାନ ଦେବା ବିଧେୟ । ଅଧିକାରୀଙ୍କ ଭାବନାକୁ, ସ୍ୱୀକୃତି ଦେବା ଉଚିତ୍ ।

ଏହା ନିୟମର ତର୍ଜମା ନୁହେଁ କେବଳ ଆବଶ୍ୟକତା ପରିପ୍ରେକ୍ଷୀରେ ମୋ'ର ନିଜସ୍ୱ ମତ ।

❖❖❖

# ମନ୍ତ୍ରୀଙ୍କର ଗସ୍ତ

ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାରେ ମୁଁ ପ୍ରାୟ ୬ ବର୍ଷରୁ ଉର୍ଦ୍ଧ୍ୱକାଳ କର୍ତ୍ତବ୍ୟ ସମ୍ପାଦନ କରିଥିଲି । ପାଉଡ଼ିଭୂୟାଁ ଗୋଟିଏ ଆଦିମ ଜନଜାତି ଯିଏ କାହାଠାରୁ କିଛି ଖୋଜେନି, କାହାକୁ କିଛି ମାଗେନି, ଯାହାଦେଲେ ତାକୁ ଗ୍ରହଣକରିବାର ଆଗ୍ରହ ନାହିଁ, ମୁଖ୍ୟସ୍ରୋତରେ ସାମିଲ ହେବାର ସ୍ପୃହା ନାହିଁ , ଆଧୁନିକତାରେ ଆବେଗ ନାହିଁ, ଗତାନୁଗତିକତାରେ ଜୀବନ ବିତାଏ, ପରମ୍ପରାକୁ ଜାବୁଡ଼ି ରଖିଥାଏ, ନିଜସ୍ୱ ଜୀବିକାରେ ଜୀବନ ନିର୍ବାହ କରିବାକୁ ଆନନ୍ଦ ପାଏ । ଏଭଳି ଏକ ଜାତିକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କର ଅଣୁଯୋଜନା ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି; ସରକାରୀ କର୍ମଚାରୀ ଓ ସରକାରୀ ଅର୍ଥ ଉପଯୋଗ ହେଉଛି । ଉପରିସ୍ଥ ଅଧିକାରୀମାନଙ୍କର ପରିଦର୍ଶନ ହେଉଛି । ଗୋଟିଏ କଥା ଆବଶ୍ୟକ ହେଉଛି । ମନ୍ତ୍ରୀମାନେ ଏହି ଅଞ୍ଚଳ ବର୍ଷକୁ ଅନ୍ତତଃପକ୍ଷେ ଥରେ ଗସ୍ତ କଲେ ଅତ୍ୟନ୍ତ ସୁଫଳ ମିଳନ୍ତା । ମୋର ୬ ବର୍ଷ କାର୍ଯ୍ୟକାଳ ଅବଧି ସମୟରେ ମାତ୍ର ଜଣେ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀ ପରିଦର୍ଶନ କରିବାକୁ ଆସିଥିଲେ ।

ମନ୍ତ୍ରୀ କିମ୍ବା ବିଧାୟକ ଅଥବା କମିଟି ଗସ୍ତଦ୍ୱାରା ତୃଣମୂଳର ଅବସ୍ଥା ଆଇନ ପ୍ରଣୟନ କ୍ଷେତ୍ର ସହ ସଂଯୋଗୀକରଣ ହୋଇପାରନ୍ତା । ପୂର୍ବର ବର୍ଣ୍ଣନା ଅନୁସାରେ ଆଦିବାସୀ ବାଳକ ମତ ପରିପ୍ରେକ୍ଷୀରେ ପ୍ରତି ମାସରେ ଜିଲାପାଳ ଅଞ୍ଚଳ ଗସ୍ତ କଲେ ବିକାଶ ପ୍ରକ୍ରିୟା ସ୍ୱତଃ ନିୟନ୍ତ୍ରିତ ହୁଅନ୍ତା ।

❖❖❖

# ନିର୍ଦ୍ଦେଶକ ତାରାଦତ୍ତଙ୍କ ଗସ୍ତ

ନିର୍ଦ୍ଦେଶକ ତାରା ଦତ୍ତ ଜଣେ ଦକ୍ଷ, ସ୍ୱଚ୍ଛ, ବିକାଶପ୍ରେମୀ ପ୍ରଶାସକ । ବାସ୍ତବିକ କର୍ମଚାରୀମାନଙ୍କର କର୍ମ ସଚେତନତାର ଢ଼ିଲା ପଣିଆ ପ୍ରତି କଠୋର ମନୋଭାବାପନ୍ନ । ସଙ୍କୋଚ, ସ୍ପଷ୍ଟଭାଷୀ କର୍ମଚାରୀଙ୍କ ପ୍ରତି ସୁପରାମର୍ଶଦାତା । ୧୯୯୨ ମସିହା ଜାନୁୟାରୀ ୧ ତାରିଖ ଦିନ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ପରିଦର୍ଶନ କରିଥିଲେ । ପୂର୍ବ ଦିନ ଅପରାହ୍ଣରେ ଜିଲାମଙ୍ଗଳ ଅଧିକାରୀ ଢ଼େଙ୍କାନାଳଙ୍କ ସହ ଖୁଣ୍ଟ ଗାଁ'ଠାରେ ଉପସ୍ଥିତ ହେଲେ । ସ୍ୱଭାବ ସୁଲଭ ଢ଼ଙ୍ଗରେ ମୋ' ସହିତ ପରିଦର୍ଶନର ପ୍ରାକ୍ ଆଲୋଚନା କଲେ ଓ ପରିଦର୍ଶନ ପାଇଁ ଗୋଟିଏ ଫର୍ମାଟ୍ ଦେଲେ । ସେ ରାତ୍ର ରହଣିପାଇଁ ବଣେଇ ଚାଲିଗଲେ ।ତାଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ଦିନ ପୂର୍ବାହ୍ଣ ୧୦ ଘଟିକା ସମୟରେ ପରିଦର୍ଶନ ଆରମ୍ଭ କରିବା କଥା । ସେଥିପାଇଁ ସମସ୍ତ କର୍ମଚାରୀ ତତ୍ପର ହୋଇଗଲୁ । ପରିଦର୍ଶନପାଇଁ ତଥ୍ୟଫର୍ଦ୍ଦ ପ୍ରସ୍ତୁତ କଲୁ । ସମସ୍ତ କର୍ମଚାରୀ ସାରା ରାତି ଉଜାଗର ରହି ତଥ୍ୟଫର୍ଦ୍ଦ ପ୍ରସ୍ତୁତିକରଣରେ ଲାଗିପଡ଼ିଲେ । ରାତିର ଶେଷ ପ୍ରହରରେ କର୍ମଚାରୀମାନେ ଟିକିଏ ଶୋଇଗଲେ । କାର୍ଯ୍ୟାଳୟ କୋଠରିରେ ଦରିପାରି ଶୋଇଯାଇଥିଲେ । ମୁଁ ଟେବୁଲ୍ ଉପରେ ମୋ' ସିଟରେ ବସି ତଥ୍ୟାବଳୀ ଅନୁଧ୍ୟାନ କରୁଥିଲି । ତଥ୍ୟଫର୍ଦ୍ଦର ଶୁଦ୍ଧଲିପି ପ୍ରସ୍ତୁତ କରିବା କାର୍ଯ୍ୟ ଅଳ୍ପ ବାକି ଥିଲା ସକାଳ ଠିକ୍ ୬ଟା ସମୟ । ତାରା ଦତ୍ତଙ୍କ ଗାଡ଼ି ଆସି କାର୍ଯ୍ୟାଳୟ ସାମନାରେ ଲାଗିଲା । ନିର୍ଦ୍ଦେଶକ ତୁରନ୍ତ ଓହ୍ଲାଇ ଆସି ଦେଖିଲେ କର୍ମଚାରୀମାନଙ୍କ ମଧ୍ୟରୁ କିଏ ଶଯ୍ୟାତ୍ୟାଗ କରିଛି ତ କିଏ ଶୋଇଛି । କ୍ଷୁବ୍ଧ ହେଲେ । ସମସ୍ତେ ଉଠି ପ୍ରସ୍ତୁତ ହୋଇଗଲେ । ମତେ ତଥ୍ୟଫର୍ଦ୍ଦ ମାଗିଲେ । ଆଉ ଅଳ୍ପ ବାକିଅଛି ଶୁଣି ଅସନ୍ତୋଷ ପ୍ରକାଶ କଲେ । ତା'ପରେ କ୍ଷେତ୍ର ପରିଦର୍ଶନରେ ବାହାରିଲେ । ଫୁଲଝର, ରଞ୍ଜା, କର୍ଡାକୁଦର, କିଲିଣ୍ଡା, ବୁଢ଼ାଭୂଇଁ, କୁଳିପୋଷ ଆଦି ଗସ୍ତ କଲେ । ଦିନ ୬ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ ତାଙ୍କର ଗସ୍ତ ସୀମିତ ଥିଲା । ତାଙ୍କ ନିର୍ଦ୍ଦେଶ ମୁତାବକ ଫୁଲଝର ହାଇସ୍କୁଲ୍ , ରଞ୍ଜାର ଜମି ଭୂଉନ୍ନୟନ କାର୍ଯ୍ୟ, କର୍ଡ଼ାକୁଦର ପୋଖରୀ, ବୁଢ଼ାଭୂଇଁ ଲିଚୁ ଉଦ୍ୟାନ, କିଲିଣ୍ଡା ଆଳୁ , ଗହମ ଚାଷ, କୁଳିପୋଷ କଲୋନୀର ପୋଡୁଚାଷୀ ଥଇଥାନ ଓ ଆଳୁ ,ଗହମ ଚାଷ ଇତ୍ୟାଦି କାର୍ଯ୍ୟ ପରିଦର୍ଶନ ସାରି ଖୁଣ୍ଟଗାଁଠାରେ ପାଉଡ଼ିଭୂୟାଁ ଛାତ୍ରଛାତ୍ରୀଙ୍କର ସ୍ୱତନ୍ତ୍ର ଛାତ୍ରୀବାସ ପରିଦର୍ଶନ କଲେ । ଏହା ଉପରେ ଭିନ୍ନ ଟିପ୍ପଣୀ ଦେଲେ

ଅର୍ଥାତ୍ ଏହି ବ୍ୟବସ୍ଥା ଯଦିଓ ନିୟାମକ କମିଟିଦ୍ୱାରା ଅନୁମୋଦିତ ହୋଇଛି, ସରକାରଙ୍କର ପ୍ରାକ୍ ଅନୁମତି ଲୋଡ଼ା ଯାଇନଥିବାରୁ ଏହା ନିୟମ ବିରୁଦ୍ଧ ବୋଲି ସୂଚାଇଲେ । ପୁନଶ୍ଚ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା ନକରି ଆଶ୍ରମ, କନ୍ୟାଶ୍ରମମାନଙ୍କରେ ଏମାନଙ୍କର ଶିକ୍ଷା ବ୍ୟବସ୍ଥା କରାଇବାକୁ ପରାମର୍ଶ ଦେଲେ ।

ପରିଦର୍ଶନରେ ତାଙ୍କର ଚିନ୍ତାଧାରାରେ ପ୍ରତିଫଳନକୁ ଅପେକ୍ଷା କରାଗଲା । ସ୍ୱଳ୍ପ ସମୟ ମଧ୍ୟରେ ସାମଗ୍ରିକ କାର୍ଯ୍ୟକ୍ରମ ସମୀକ୍ଷାକରି ସ୍ୱଭାବସୁଲଭ ଭାବେ ବାସ୍ତବବାଦି ଓ କଠୋର ଭାବାପନ୍ନ ନିର୍ଦ୍ଦେଶକ ପରିଦର୍ଶନ ସାରି ପ୍ରତ୍ୟାବର୍ତ୍ତନ କଲେ ।

ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଏହି ଯେ, କଠୋରପନ୍ଥୀ ଅଥଚ ବାସ୍ତବବାଦୀ ପରିଦର୍ଶକଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କଠାରୁ ବିଶେଷ ସଫଳତା ଆଶା କରାଯାଏ ଯାହା ତରାଦତ୍ତଙ୍କ ସମୟରେ ଆମେ ଉପଲବ୍ଧି କରିଥିଲୁ ।

❖❖❖

# ଜିନିଷ ପ୍ରତିବଦଳରେ କ୍ରୟବିକ୍ରୟ

ଆଦିମ ଜନଜାତି ପାଉଡ଼ିଭୂୟାଁ ଅଞ୍ଚଳରେ ଗୋଟିଏ ବଡ଼ ସାପ୍ତାହିକ ହାଟ ଖୁଣ୍ଟଗାଁରେ ଏବଂ ଅନ୍ୟ ଛୋଟ ଛୋଟ ହାଟ ଗୋଟିଏ ଫୁଲଝର ଠାରେ, ଗୋଟିଏ ବୁଢ଼ାଭୂଇଁ ଠାରେ, ଗୋଟିଏ କୁଳିପୋଷଠାରେ ଓ ଅନ୍ୟ ଗୋଟିଏ ହାଟ ଗୁଗୁଡାକୁଦରଠାରେ ବସେ । ଅବଶ୍ୟ ପ୍ରକଳ୍ପ ଅଞ୍ଚଳ ସନ୍ନିକଟବର୍ତ୍ତୀ କଳେଇପୋଷ ଓ ଗମ୍ଭେଇଠାରେ ଗୋଟିଏ ଗୋଟିଏ ହାଟ ବସେ ।

ହାଟ କିପରି ପାଉଡ଼ିଭୂୟାଁ ସାମାଜିକ ଅର୍ଥନୈତିକ ଓ ସଂସ୍କୃତିକ ଜୀବନଧାରାକୁ ପ୍ରଭାବିତ କରି ଜୀବନଶୈଳୀର କେନ୍ଦ୍ରସ୍ଥଳୀ ରୂପେ ପ୍ରତୀୟମାନ ହୁଏ ଏହା ଅନ୍ୟତ୍ର ବର୍ଣ୍ଣନା କରାଯାଇଛି । ଏହା ଏଠାରେ ଦୋହରାଇବାର ତାତ୍ପର୍ଯ୍ୟ ଏହି ଯେ ହାଟରେ ପାଉଡ଼ିଭୂୟାଁମାନଙ୍କର ଏକ ସ୍ୱତନ୍ତ୍ର ବିପଣନସ୍ଥଳ ଥାଏ, ଯାହାକୁ ଲୋକମାନେ 'ଭୂୟାଁବଜାର' ବୋଲି କହନ୍ତି । ଏଠି ସମସ୍ତ ଉତ୍ପାଦିତ ସାମଗ୍ରୀ ତଥା ବନଜାତ ଦ୍ରବ୍ୟ ବିକ୍ରି ହୁଏ ।

ପାଉଡ଼ିଭୂୟାଁର ଉତ୍ପାଦିତ ସାମଗ୍ରୀ ଗଙ୍ଗେଇ, ବିରି, ମୁଗ, ଝୁଡଙ୍ଗମଞ୍ଜି, ପଣସ, ପଣସମଞ୍ଜି, ଆମ୍ବ, ଚାରମଞ୍ଜି, ଜଙ୍ଗଲି ମୂଳଜାତୀୟ ଜିନିଷ, ଜଙ୍ଗଲି ଖାଦ୍ୟଜାତୀୟ ସାମଗ୍ରୀ ବିକ୍ରୟ କରିବାକୁ ଆଣିଥା'ନ୍ତି । କୌତୁହଳକର କଥା ସେମାନଙ୍କର ଅଭ୍ୟାସଗତ ପାରମ୍ପରିକ ଖାଦ୍ୟସାମଗ୍ରୀ କାଇ ବା କାଇଭାତ, କଳେଇ ବା ଝଡ଼ିପୋକ ଏବଂ ଆମ୍ବ କୋଇଲି, ଜଙ୍ଗଲି ଛତୁ, ବାଉଁଶ କରଡ଼ି ହେଣ୍ଡୁଆ ଆଦି ମଧ୍ୟ ହାଟରେ ବିକ୍ରି କରିବାକୁ ଆଣିଥା'ନ୍ତି । ହାଣ୍ଡିଆ ବିକିବା କିଣିବାପାଇଁ ବଜାରର ଅନ୍ୟ ସ୍ଥାନରେ ବ୍ୟବସ୍ଥା ଥାଏ । ଏହି ସବୁ ଜିନିଷ ବିକ୍ରି କରିବା ବେଳେ କେତେକ ସାମଗ୍ରୀ ପ୍ରତିବଦଳରେ କିଣା ବିକା କରନ୍ତି ତ କେତେକ ସାମଗ୍ରୀ ପଇସା ନେଇ ବିକିଥାନ୍ତି । ବିରି, ସୋରିଷ, ରୁମ୍ବା, ସୁତୁରି, ଗୁଲ୍‌ଜି, ଟୋଲ୍, ମହୁଲ, ବରେଇ, କାଙ୍ଗୁ, ସୁଆଁ, ଗଙ୍ଗେଇ, କୋଦ, ମକା, ଡୁଙ୍କ, ମାଣ୍ଡିଆ, କାନ୍ଦୁଲ, ଚାର, ଜଡ଼ା, ମଧ୍ୟରୁ ବିରି, ସୋରିଷ, ଟୋଲ, ମହୁଲ, ଗଙ୍ଗେଇ, ମୁଗ ଚାଉଳ ବଦଳରେ କିମ୍ବା ଲୁଣ ବଦଳରେ ବିକ୍ରି କରିଥା'ନ୍ତି । ଅନ୍ୟସବୁ ଜିନିଷ ପ୍ରତିବଦଳରେ ବା ପଇସା ନେଇ ବିକ୍ର କରିଥାନ୍ତି – ଏଭଳି ପ୍ରଥା ସଚେତନତା ଜରିଆରେ ପରିବର୍ତ୍ତନ କରାଯିବା ଉଚିତ୍ ।

❖❖❖

# ପାଉଡ଼ିଭୂୟାଁମାନଙ୍କୁ ବିକାଶରେ ଆଲୋକିତ କରାଇବା

ଗୋଟିଏ ବିକାଶ ସଂସ୍ଥାର ହିତାଧିକାରୀ ଅନ୍ୟ ସଂସ୍ଥାର ହିତାଧିକାରୀ ସହ ଭାବ ଆଦାନପ୍ରଦାନ ଓ ବିକାଶ ପରିଦର୍ଶନ ବିକାଶଧାରାକୁ ବିଶେଷ ଉତ୍ସାହପ୍ରଦ କରନ୍ତା । ସର୍ବଦା ଏକ ନିର୍ଦ୍ଦିଷ୍ଟ ପରିବେଶ ଘଞ୍ଚ ଅରଣ୍ୟ ମଧ୍ୟରେ ଜୀବନ ବିତାଉଥିବା ପାଉଡ଼ିଭୂୟାଁ ବାହାରର ଆଲୋକ ସଂସ୍ପର୍ଶରେ ଆସି ନଥାଏ, ଫଳରେ ସମସ୍ତ କାର୍ଯ୍ୟ ଶିକ୍ଷା, ସାମାଜିକ ଜୀବନ ଅନ୍ଧକାର ମଧ୍ୟରେ ରହିଯାଇ ଥାଏ । ଏଥିପାଇଁ ମୁଁ ଭାବିଲି ଏଇ ପାଉଡ଼ିଭୂୟାଁମାନଙ୍କୁ ରାଜ୍ୟର ଅନ୍ୟାନ୍ୟ ଆଦିମଜନଜାତି ଅଧ୍ୟୁଷିତ ଅଞ୍ଚଳ ବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କିମ୍ବା ଅଣଆଦିବାସୀ ଅଞ୍ଚଳରେ ସାମାଜିକ ବ୍ୟବସ୍ଥା, ବିକାଶଧାରା, ଜୀବନଯାତ୍ରା ପ୍ରଣାଳୀ ସମ୍ପର୍କରେ ଅବଗତ କରାଇ ଭାବ ବିନିମୟ କଲେ, ଏମାନେ ଆଲୋକିତ ହୋଇପାରନ୍ତେ । ସର୍ବାଙ୍ଗୀନ ବିକାଶର ଏକ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହୋଇପାରନ୍ତା । ବିଭିନ୍ନ ଅଣୁଯୋଜନାକୁ ଗସ୍ତ ପ୍ରସ୍ତାବକ୍ରମେ ପ୍ରଥମେ ଶଉରା ଉନ୍ନୟନ ସଂସ୍ଥାରେ ଶଉରାମାନଙ୍କଦ୍ୱାରା ପ୍ରଚଳିତ ପାହାଚ ଚାଷ ପ୍ରଣାଳୀ ଉପରେ ଶିକ୍ଷା ଲାଭ କରିବା ପାଇଁ ଯିବାକୁ ପ୍ରସ୍ତାବ ଦେଲି । ଜିଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ପଟ୍ଟନାୟକ ପ୍ରଥମେ ଏହି ପ୍ରସ୍ତାବକୁ ରାଜି ହୋଇଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ସ୍ଥଗିତ ରଖିବାକୁ କହିଥିଲେ । ଏହା ଏକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ । ମୋର ସ୍ଥାନାନ୍ତର ପରେ ଏହି ପ୍ରସ୍ତାବ ପ୍ରସ୍ତାବରେ ହିଁ ରହିଗଲା । ଅବଶ୍ୟ ତତ୍କାଳୀନ ଜିଲାପାଳଙ୍କର ଆଗ୍ରହ ଥିବା ଏହି ପ୍ରସ୍ତାବ ପ୍ରତି ପରବର୍ତ୍ତୀ ସମୟରେ କାହାର ଦୃଷ୍ଟି ପଡ଼ିନଥିଲା ।

❖❖❖

# ପାଉଡ଼ିଭୁୟାଁମାନଙ୍କର ନିଜସ୍ୱ ଶିଳ୍ପ କାରିଗରୀ କୌଶଳ

ନିଜସ୍ୱ ଶିଳ୍ପକାରିଗରୀର ମୌଳିକତା ପାଉଡ଼ିଭୂୟାଁଠାରେ ଅନ୍ତର୍ନିହିତ । ଶାଳମଞ୍ଜି, ଟୋଲ (ମହୁଲ ମଞ୍ଜି)ସୋରିଷ, ରାଶି, ଡିଳା, କୁସୁମ, ଲିମ୍ବ, କରଞ୍ଜ ମଞ୍ଜିରୁ ତେଲ ବାହାର କରିବାପାଇଁ କାଠ ନିର୍ମିତ ତେଲ ପେଡ଼ାଯନ୍ତ୍ର ତିଆରି ହୋଇଥାଏ । ପ୍ରାୟ ୨୦ ଫୁଟ ଲମ୍ବର ଏବଂ ୨/୩ ଫୁଟ ଗୋଲେଇର ଶାଳ କାଠକୁ ମଝିରୁ ଲମ୍ବରେ ଦୁଇଫାଳ କରି ଚିରି ଦିଆଯାଏ । ଦୁଇ ଫାଳର ମଧ୍ୟଭାଗରେ ଏକ ଗୋଲାକାର ଗୋହି ପ୍ରସ୍ତୁତ କରାଯାଏ । ଏହି ଗୋହିର ପ୍ରସ୍ତ ପ୍ରାୟ ୧ଇଞ୍ଚ ରହିଥାଏ । ଏହି ଗୋଲାକାର ଗୋହିର ଗୋଟିଏ ପାର୍ଶ୍ୱରେ କାଠର ବାହାର ଅଂଶକୁ ଲାଗି ଛିଦ୍ର ଖୋଳାଯାଏ । ଛିଦ୍ର ବାଟ ଦେଇ ବୃତ୍ତାକାର ଗୋହିରୁ ତରଳ ପଦାର୍ଥ ନିର୍ଗତ ହୁଏ । ତା' ପରେ କାଠର ଦୁଇ ପାର୍ଶ୍ୱରେ ଦୁଇ ଗୋଟି ରଶି ଲଗାଯାଇଥାଏ । ସିଆଳି ପଟରେ ଗୋଟିଏ ମୁଣି ପ୍ରସ୍ତୁତ କରାଯାଏ । ତାପରେ ତୈଳବୀଜର ମଞ୍ଜିକୁ ଗୁଣ୍ଡ କରାଯାଇ, ସୋରିଷ, ରାଶି ବା ଲିମ୍ବ, କରଞ୍ଜ ଯେକୌଣସି ତୈଳବୀଜର ଗୁଣ୍ଡ ଏହି ମୁଣିରେ ଭରି କରାଯାଏ । କାଠର ମଧ୍ୟଭାଗରେ ବୃତ୍ତାକାର ଗୋହିର ମଝିଭାଗରେ ଏହି ତୈଳବୀଜ ପୂର୍ଣ୍ଣ ମୁଣିଟିକୁ ରଖି ଶାଳକାଠର ଦୁଇଫାଳକୁ ତାଉପରେ ରଖି ଚପାଇ ଦିଆଯାଏ । ତା'ପରେ ଦୁଇପାର୍ଶ୍ୱରେ ରଶିକୁ ଜୋର୍‌ରେ ଭିଡ଼ି କାଠ ଦୁଇଫାଳକୁ ଚାପ ଦେଲେ ତୈଳବୀଜରୁ ତୈଳ ନିର୍ଗତହୋଇ ବୃତ୍ତାକାର ଗୋହିରୁ ଛିଦ୍ରଦେଇ ବାହାରକୁ ଆସେ ଏବଂ ବାହାର ପାତ୍ରରେ ଜମା ହୁଏ ।

ଧାନ ବା ଗଙ୍ଗେଇ (ବାଜରା) କୁଟି ଚାଉଳ ବାହାର କରିବାପାଇଁ କାଠରେ ଉଠା କୁଟୁଣି ପ୍ରସ୍ତୁତ ହୋଇଥାଏ । କୁସୁମକାଠ ଗଣ୍ଡି ୨/୩ ଫୁଟ ଲମ୍ବ ଓ ଦେଢ଼ ଫୁଟ ଗୋଲେଇ ଦୁଇ ମୁଣ୍ଡକୁ ସମତଳଭାବେ ଛେଦନ କରାଯାଏ । ମଝିଭାଗକୁ ଅଣ୍ଟା ସଦୃଶ ପତଳା କରି ଦିଆଯାଇଥାଏ । ଗଣ୍ଡିର ଉପରଭାଗ ପ୍ରାୟ ୧ ଫୁଟ ଗଭୀରର ଗାତ ଖୋଳାଯାଇଥାଏ । ଅନ୍ୟଗୋଟିଏ କାଠ ଯାହାର ଉଚ୍ଚତା ୩/୪ ଫୁଟ ଏବଂ ଗୋଲେଇ ୩ ଇଞ୍ଚ ଥିବା ତାହାର ମୁଣ୍ଡରେ ଗୋଟିଏ ଲୁହାର ବଳା ଲଗାଯାଇ ଥାଏ । ଏହାକୁ ପାହୁରାଣି ବୋଲି କହନ୍ତି ।

କାଠ ଗଣ୍ଡିକୁ ଭୂମି ଉପରେ ରଖି ତା'ର ଗର୍ତ୍ତଭାଗକୁ ଉପରକୁ କରାଯାଏ । ସେହି ଗର୍ତ୍ତରେ ଧାନ କିମ୍ବା ଗଙ୍ଗେଇ (ବାଜରା) ଭରାଯାଏ । ଏ ପାହୁରୁଣି ସାହାଯ୍ୟରେ ହାତରେ କୁଟାଯାଇ ଚାଉଳ ବାହାର କରାଯାଏ ।

ଏତଦ୍‌ଭିନ୍ନ ନିଜସ୍ୱ କାରିଗରୀ କୌଶଳରେ ଶଗଡ଼, ଲଙ୍ଗଳ, ମଇ, ରୋଷେଇପାଇଁ ଡଙ୍କା, ଚଟୁ, ବାଉଁଶ ତାଟି, କବାଟ, କାଠର କଠଉ, ଶଗଡ଼ି,ବାହାଙ୍ଗି, ଛିଟିକଣି, କାଣ୍ଡିଆ, ଫେଡି, ବାଟୁଲିଖଡ଼ା, ଧନୁଶର ଆଦି ତିଆରି କରିଥାନ୍ତି । କୃଷି ଉପକରଣ ଯଥା-ଗୋଜଣା, ଖୁସୁଣି, କାତୁଆ, ଖଣତି ଏବଂ ଅନ୍ୟ ଉପକରଣ ଯଥା-ରଜଦୋଳି, ମାଞ୍ଚିଆ, ଦଉଡ଼ିଆ ଖଟ, ବସିବାକୁ ଭିନ୍ନ ଶୈଳିର ବେଞ୍ଚ, ସଶ୍ୟ ସାଇତି ରଖିବା ପାଇଁ ପାଳରେ ପ୍ରସ୍ତୁତ କୁତୁଗ (ଓଳିଆ), ଶିଆଳି ପଟରେ ପ୍ରସ୍ତୁତ ଶିକା, ପଘା, ରସି ଓ ପତ୍ରରେ ପ୍ରସ୍ତୁତ ସ୍ୱତନ୍ତ୍ର ଖଲି ଓ ଚଉତି, ବାଦ୍ୟଯନ୍ତ୍ର, ଢ଼ୋଲ, ଚାଙ୍ଗୁ, ମାଦଳ, ଖଜଣୀ ଆଦି ମଧ୍ୟ ନିଜ କାରୀଗରି କୌଶଳରେ ପ୍ରସ୍ତୁତ କରିଥା'ନ୍ତି ।

ଏ କାରିଗରୀ କୌଶଳ ପାଉଡ଼ିଭୂୟାଁ ବ୍ୟତୀତ ଅନ୍ୟ ଆଦିବାସୀ ସମ୍ପ୍ରଦାୟଠାରେ ମଧ୍ୟ ଦେଖିବାକୁ ମିଳେ । କନ୍ଧ ସମ୍ପ୍ରଦାୟପାଇଁ କାର୍ଯ୍ୟ କରିବା ସମୟରେ ମଧ୍ୟ ଏହି କୌଶଳ ଦେଖିଥିଲି । ବିକ୍ଷିପ୍ତ ଜନଜାତି ଶବର ବା ଶଅର ମାନେ ମଧ୍ୟ ଏଇଭଳି ନିଜସ୍ୱ କାରିଗରି କୌଶଳ ପ୍ରବର୍ତ୍ତନ କରିଥା'ନ୍ତି । ସେମାନେ ଏସବୁ ସାମଗ୍ରୀ ବ୍ୟତିତ ପାରିଧିପାଇଁ ବାରମାସୀ ବା ମୁରଗା (ଶିଶାଲ)ତନ୍ତୁରୁ ରଶି ପ୍ରସ୍ତୁତ କରି ପାରିଧି ଜାଲ ପ୍ରସ୍ତୁତ କରିଥା'ନ୍ତି । ବାଦ୍ୟଯନ୍ତ୍ର, ଖଜଣୀ, ଘୁଡୁକି, ପଖଜ, ବଇଁଶି ତିଆରି କରିଥା'ନ୍ତି । କଠଉ, ଛତା, ପଖିଆ, ଜାନ୍ତି, ଗାଈ ବେକର ଟିପା, ମଧ୍ୟ ତିଆରି କରିଥାନ୍ତି ।

❖❖❖

# ଜିଲାପାଳଙ୍କର ନୀତିଗତ ଆଲୋଚନା

ଅନିତା ଅଗ୍ନିହୋତ୍ରୀ ଜିଲାପାଳ ଥା'ନ୍ତି । ସେ ମଧ୍ୟ ଏହି ସଂସ୍ଥାର ଅଧ୍ୟକ୍ଷ ଥା'ନ୍ତି ତାଙ୍କର ଦିନକର ଗସ୍ତ ପାଉଡ଼ିଭୂୟାଁ ଅଞ୍ଚଳକୁ ଥାଏ । ସେଦିନ ପାଉଡ଼ିଭୂୟାଁ କାର୍ଯ୍ୟାଳୟକୁ ନଆସି ମହୁଲଡ଼ିହା ଚାଲିଗଲେ । ସେ ପାଉଡ଼ିଭୂୟାଁ ଅଞ୍ଚଳ ଗସ୍ତ କରିବା ପୂର୍ବରୁ ମହୁଲଡ଼ିହା କଲେଜରେ ଅଧ୍ୟାପକମାନଙ୍କ ଅନୁରୋଧ କ୍ରମେ କଲେଜରେ କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଚାଲିଯାଇଥିଲେ । ମୁଁ ମଧ୍ୟ ଖବାର ପାଇ ଏହି କଲେଜକୁ ଗଲି । ସେଠାରେ ଜିଲାପାଳ ଓ ଉପଜିଲାପାଳଙ୍କ ସହ ସକ୍ଷାତ କଲି । ଆଲୋଚନା ପ୍ରସଙ୍ଗରେ ଉପଜିଲାପାଳଙ୍କ ଜରିଆରେ ମହୁଲଡ଼ିହା କଲେଜରେ ଅଧ୍ୟାପକମାନେ ଜିଲାପାଳଙ୍କୁ ଧାରଣା ଦେଇଥିଲେ, ମହୁଲଡ଼ିହା କଲେଜପାଇଁ ପାଉଡ଼ିଭୂୟାଁ ଉନ୍ନୟନ ପାଣ୍ଠିରୁ କିଛି ଅର୍ଥ ଦେବାପାଇଁ । ଏକଥା ମତେ ଜିଲାପାଳ କହିଲେ । ମୁଁ ତାଙ୍କୁ ସୂଚାଇଥିଲି ଯେ ସଂସ୍ଥା ପାଣ୍ଠିରୁ ଏ କଲେଜକୁ ଏକଲକ୍ଷ ଟଙ୍କା ଦେବା ବିଧିବ୍ୟବସ୍ଥାର ପରିପନ୍ଥୀ କାରଣ, ପାଉଡ଼ିଭୂୟାଁର କୌଣସି ସ୍ୱାର୍ଥ ଜଡ଼ିତ ନଥିବା ହେତୁ ଏଠାରେ ଏ ଅର୍ଥ ବିନିଯୋଗ ହୋଇପାରିବ କିପରି ? ଯେହେତୁ ଏ କଲେଜରେ ଜଣେହେଲେ ପାଉଡ଼ିଭୂୟାଁ ପିଲା ପାଠ ପଢ଼ୁନି । ଏ କଲେଜକୁ ଅର୍ଥ ଦିଆଯିବା ଉଚିତ୍ ନୁହେଁ । ଜିଲାପାଳ ମୋ କଥାରେ ଅସନ୍ତୋଷ ପ୍ରକାଶ କଲେ ଏବଂ "ତୁମେ କ'ଣ ପଲିସିମେକିଂ ଅଥରିଟି କି" ? ସେ ଏହି ପ୍ରଶ୍ନ କଲେ । ମୁଁ ତାଙ୍କୁ ଅବଗତ କରାଇଦେଲି "ମ୍ୟାଡାମ୍ ! ମୁ ପଲିସି ମେକିଂଅଥରିଟି ନୁହେଁ, କେବଳ ସଂସ୍ଥାର ଅଧ୍ୟକ୍ଷଙ୍କୁ ପଲିସି ସମ୍ପର୍କରେ ଉଚିତ୍ ସୂଚନା ଦେବା ମୋର କର୍ତ୍ତବ୍ୟ । ସେଇ ଦୃଷ୍ଟିରୁ ମୁଁ ଆପଣଙ୍କୁ ନୀତି ନିୟମ ସମ୍ପର୍କରେ ସୂଚାଇ ଦେଉଛି" ।

ଏହା ଶୁଣି ଜିଲାପାଳ ନୀରବତାର ସହ ମୋର ସୂଚାନକୁ ଗ୍ରହଣ କରିଥିଲେ ।

ନିର୍ବାହୀ ଅଧିକାରୀ ହିସାବରେ ଅନିୟମିତତାର ଦିଗକୁ ସୁରକ୍ଷିତ ନରଖିଲେ ଜିଲାପାଳଙ୍କ ଆଜ୍ଞାବହ ଭାବେ ଅନିୟମିତତାକୁ ମାନିଗଲେ ନିଜର କର୍ତ୍ତବ୍ୟରେ ତ୍ରୁଟି କରିବା ସହ ଅନ୍ୟମାନଙ୍କୁ ଅଯଥା ଅନୁକମ୍ପା ଦେଇ ଆର୍ଥିକ ବିଶୃଙ୍ଖଳା ଭିତରକୁ ଟାଣି ହୋଇଯିବା ନିଶ୍ଚିତ । ତେଣୁ କାର୍ଯ୍ୟ ସମ୍ପାଦନ ସମୟରେ ନିତିଗତ ନିଷ୍ପତ୍ତି ପ୍ରତି ସଚେତନ ରହିବା ଆବଶ୍ୟକ ।

❖❖❖

# ଗମନାଗମନ ବ୍ୟବସ୍ଥା

ପାଉଡ଼ିଭୂୟାଁ ଅଞ୍ଚଳରେ ଗମନାଗମନରେ ଅସୁବିଧା ସମ୍ପର୍କରେ ଏବଂ ଏହାର ସୁଧାରପାଇଁ କି ପଦକ୍ଷେପ ନିଆଯାଇଥିଲା ଏ ସମ୍ପର୍କରେ ମୁଁ ଅନ୍ୟତ୍ର ବ୍ୟାଖ୍ୟା କରିସାରିଛି ।

କୁର୍ଡ଼ା , ବୁଢ଼ାଭୁଇଁ, ଫୁଲଝର ଓ ଖୁଣ୍ଟଗାଁଠାରେ ଗୋଟିଏ ଲେଖାଁଏ ସାପ୍ତାହିକ ହାଟ ବସେ । ସାନଜଳ ମୁକୁଳାପାଣି ଆଦି ଅଞ୍ଚଳର ଲୋକମାନେ ଏହି ଅଞ୍ଚଳକୁ ଆସିବାକୁ ହେଲେ ଗୋଟିଏ ପାହାଡ଼ ଅତିକ୍ରମ କରି ଚାଲିଚାଲି ପହଞ୍ଚନ୍ତି । ଆମର ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ଗାଁରୁ ମୁଖ୍ୟରାସ୍ତା, ସଂସ୍ଥାର କାର୍ଯ୍ୟାଳୟ, ହାଟ ବସୁଥିବା ସ୍ଥାନକୁ ଯାତାୟତ କରିବା ପାଇଁ ବ୍ୟବସ୍ଥା କରିବା । ଏହି ପରିପ୍ରେକ୍ଷୀରେ ସାନଜଳରୁ ବୁଢ଼ାଭୁଇଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ହେଲେ ପାହାଡ଼ ଅତିକ୍ରମ କରି ରାସ୍ତା ନିର୍ମାଣ କରିବାକୁ ହେବ ଏବଂ ବ୍ୟୟବହୁଳ ହେବ । ଏଭଳି ପ୍ରସ୍ତାବରେ ଜିଲାପାଳ ନାମଞ୍ଜୁର କରି କହିଥିଲେ "ଯେତିକିରାସ୍ତା ହେଲା ସେତିକିଥାଉ" । ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥ, ଅର୍ଥନୈତିକ ବିକାଶରେ ବିନିଯୋଗ କରାଯାଉ । ପାଉଡ଼ିଭୂୟାଁମାନଙ୍କୁ କିଛିବାଟ ପାଦରେ ଚାଲିବାକୁ ଦିଆଯାଉ" । ଏଭଳି ମୂଲ୍ୟବାନ ମନ୍ତବ୍ୟ ବର୍ତ୍ତମାନ ସୁଦ୍ଧା ମୋର ସ୍ମୃତିରେ ରହିଛି ।

❖❖❖

# ଆଦିମ ଜନଜାତିପାଇଁ ଚିକିତ୍ସା ପଦ୍ଧତି

ପାଉଡ଼ିଭୂୟାଁମାନେ ସର୍ବତ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଚଳନ୍ତି । ଅସ୍ନାନ, ଅଶୌଚ, ଦାନ୍ତ ଅଘଷା, ଭଳି ଅସ୍ୱାସ୍ଥ୍ୟକର ଅଭ୍ୟାସ ସମସ୍ତଙ୍କର ନହେଲେ ବି କେତେକଙ୍କଠାରେ ଥିଲା । ଜ୍ୱର, ରୋଗ ହେଲେ ଡାକ୍ତରୀ ଚିକିତ୍ସା ପରିବର୍ତ୍ତେ ଗୁଣିଗାରେଡ଼ି, ଦେଶୀ ଚିକିତ୍ସା ପ୍ରୟୋଗ କରନ୍ତି । ଏପରିକି କ୍ଷତ ଉପଶମ ପାଇଁ ମାଟି , ପାଉଁଶ ଆଦି ବ୍ୟବହାର କରନ୍ତି । ରୋଗ ହେଲେ ପ୍ରଥମେ ସେମାନେ ବିଶ୍ୱାସ କରନ୍ତି କେହି ପାଙ୍ଗି ଦେଇଛି ଅର୍ଥାତ୍ ଗୁଣି କରିଛି ବୋଲି । ସେଥିପାଇଁ ସିଏ ଗୁଣିଆ ଲଗାଇ ଝଡ଼ାଫୁଙ୍କା ପ୍ରୟୋଗ କରିଥାନ୍ତି । କେତେକ ରୋଗର ଉପଶମପାଇଁ ଜଙ୍ଗଲର ଜଡ଼ିବୁଟି ବ୍ୟବହାର କରନ୍ତି । ମୁଁ ତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମ ଆରମ୍ଭ କଲି । ଗ୍ରାମମାନଙ୍କରେ ଜ୍ଞାନମନ୍ଦିର ପ୍ରତିଷ୍ଠା କଲି । କଣ୍ଠାକ୍ଟବୟ ଓ ମହିଳା ବହୁମୁଖୀ ସଂଯୋଜିକା ନିଯୁକ୍ତି କରି ସେମାନଙ୍କ ଜରିଆରେ ସଚେତନତା ସୃଷ୍ଟିର ବ୍ୟବସ୍ଥା କରାଇଲି । କାହାର ଜ୍ୱର ରୋଗ ହେଲେ ଡାକ୍ତରଖାନାକୁ ଆସି ଔଷଧ ନେବା ଏପରିକି ଔଷଧ କିଣିବାପାଇଁ ସେମାନଙ୍କୁ ସଂସ୍ଥା ପାଣ୍ଠିରୁ ସହାୟତା ଦେବା ବ୍ୟବସ୍ଥା କଲି । ଖୁଣ୍ଟଗାଁ ସ୍ୱାସ୍ଥ୍ୟକେନ୍ଦ୍ର, ଫୁଲଝର ଉପସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରଥବାବୁ, କଣ୍ଠାକ୍ଟବୟ,ବହୁମୁଖୀ ସଂଯୋଜିକା ଏସବୁକୁ ସଂଯୋଗ କରି ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲି । ମେଲେରିଆ, ଗଳଗଣ୍ଡ ରୋଗ ଓ ଟି.ବି. ରୋଗର ସର୍ବେକ୍ଷଣ ଓ ନିରାକାରଣପାଇଁ ଡ଼ାକ୍ତର ରଥବାବୁଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରିଥିଲି ।

❖❖❖

# ଶ୍ରୀଯୁକ୍ତ ଜୁଏଲ୍ ଓରାମ୍‌ଙ୍କ ବିଧାୟକ, ସାଂସଦ ତଥା ମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀରେ ପାଉଡ଼ିଭୂୟାଁ

ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସଦର ମହକୁମା (କାର୍ଯ୍ୟାଳୟ) ଖୁଣ୍ଟଗାଁଠାରୁ ପ୍ରାୟ ୧୦ କି.ମି. ଦୂରରେ ଶ୍ରୀଯୁକ୍ତ ଜୁଏଲ୍ ଓରାମଙ୍କ ଗାଁ ଅବସ୍ଥିତ । ଜଣେ ଇଞ୍ଜିନିୟର ହିସାବରେ ନାଲ୍‌କୋରେ କାମ କରୁଥିଲେ । କାହିଁକି କେଜାଣି ସେ ବେତନ ଭୋଗୀ କର୍ମଚାରୀ ପଦ ତ୍ୟାଗ କରି ଜନସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବାପାଇଁ ବିଶେଷ ଆଗ୍ରହ ପ୍ରକାଶ କଲେ । ସେ ଏହି ଅଞ୍ଚଳ (ବଣେଇ ନିର୍ବାଚନ ମଣ୍ଡଳୀ) ରୁ ବିଧାୟକ ହେଲେ । ସେ ବିଧାୟକ ଥିବା ସମୟରେ ପାଉଡ଼ିଭୂୟାଁ ଅଞ୍ଚଳ ଅନେକଥର ଗସ୍ତ କରିଛନ୍ତି । ପାଉଡ଼ିଭୂୟାଁର ଜୀବନଚିତ୍ର ସହିତ ନିଜକୁ ଜଡ଼ିତ କରିଛନ୍ତି । ମୋ ସହିତ ଓ ମୋର କର୍ମଚାରୀମାନଙ୍କ ସହ ଆଲୋଚନା ଓ ପରାମର୍ଶ କରିଛନ୍ତି । ନିୟାମକ କମିଟିର ବିକାଶମୂଳକ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଛନ୍ତି । କେବଳ ସେତିକି ନୁହେଁ ଆମ୍ଭମାନଙ୍କର ତ୍ରୁଟି ଦେଖିଲେ ଅସନ୍ତୋଷ ପ୍ରକଟ କରିଛନ୍ତି । ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଛନ୍ତି ।

ଏତିକିରେ ତାଙ୍କର ଦୃଷ୍ଟିଭଙ୍ଗୀ ସୀମିତ ହୋଇ ରହିନାହିଁ । ସେ ମନ୍ତ୍ରୀ ଥିବା ସମୟରେ ପାଉଡ଼ିଭୂୟାଁର ସାମାଜିକ ଓ ଅର୍ଥନୈତିକ ବିକାଶପାଇଁ ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରି ତାଙ୍କ ଶୁଭଦୃଷ୍ଟିର ନିଦର୍ଶନ ସୃଷ୍ଟି କରିପାରିଛନ୍ତି ।

❖❖❖

# ପାଉଡ଼ିଭୁୟାଁ ବିକାଶପାଇଁ ଅନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ

ଆଦମଜନଜାତି ବିକାଶପାଇଁ ପ୍ରତିଷ୍ଠିତ ଅଣୁଯୋଜନା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ  ଏହି ଅନୁଷ୍ଠାନକୁ କେବଳ ସରକାରଙ୍କର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅନୁଦାନ ହିଁ ଏହାର ଏକମାତ୍ର ପାଣ୍ଠି ଭାବିବା ଉଚିତ୍ ହେବ ନାହିଁ । ଅନ୍ୟାନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ କରି ଏହି ସଂସ୍ଥାରେ ବିନିଯୋଗ କରିବାପାଇଁ ସରକାରଙ୍କର ଚିନ୍ତାଧାରା । ଏହି ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ ଏହି ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରୟାସ କରିବା କଥା । ଏହି ଚିନ୍ତାଧାରା  ପରିପ୍ରେକ୍ଷୀରେ ଜିଲାପାଳ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କ ସହ ପରାମର୍ଶ କଲି । ସେ ମରୁଡ଼ି ଗ୍ରାଣ୍ଟରୁ ୨ ଲକ୍ଷଟଙ୍କା ଦେଲେ । ପୁନଶ୍ଚ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରୁ ୪ ଲକ୍ଷଟଙ୍କା ଆଣିଲି । ଏହି ପାଣ୍ଠି ପାଉଡ଼ିଭୂୟାଁ ଉନ୍ନୟନରେ ବିନିଯୋଗ କରାଇ ପୋଖରୀଖନନ, ସେଚପ୍ରକଳ୍ପର କେନାଲ ମରାମତି ଓ ରାସ୍ତା ମରାମତି କାର୍ଯ୍ୟରେ ବିନିଯୋଗ କଲି । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ  ଶୋଇଲା ପୁଅର ଭାଗ ନାହିଁ ।  ଯଦି ମୁହଁ ଖୋଲି ବିଭିନ୍ନ ବିଭାଗ ସହ ପରାମର୍ଶ କରାଯାଇପାରନ୍ତା, ପାଉଡ଼ିଭୂୟାଁ ବିକାଶ ପାଇଁ ପାଣ୍ଠି ସଂଗ୍ରହ  ହୋଇ ବିନିଯୋଗ ହୋଇପାରନ୍ତା । ନମିଳିଲେ ନାଇଁ; ଅନୁରୋଧପାଇଁ କୌଣସି ଦଣ୍ଡ ମିଳନ୍ତାନି ତ । ଏ ଥିଲା ସେତେବେଳର ଚିନ୍ତାଧାରା । ବର୍ତ୍ତମାନ ସଂସ୍ଥାକୁ ମିଳୁଥିବା ଅନୁଦାନର ସ୍ୱଚ୍ଛତା ଉପଲବ୍ଧି ହେଉନଥିବାରୁ ଯେତିକି ଅର୍ଥ ମିଳୁଛି ତାର ଉପଯୁକ୍ତ ବିନିଯୋଗ କରାଯିବା ବିଧେୟ ।

❖❖❖

# ପାଉଡ଼ିଭୁୟାଁ ବିକାଶପାଇଁ ଅନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ

ଆଦମଜନଜାତି ବିକାଶପାଇଁ ପ୍ରତିଷ୍ଠିତ ଅଣୁଯୋଜନା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଅନୁଷ୍ଠାନକୁ କେବଳ ସରକାରଙ୍କର ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅନୁଦାନ ହିଁ ଏହାର ଏକମାତ୍ର ପାଣ୍ଠି ଭାବିବା ଉଚିତ୍ ହେବ ନାହିଁ । ଅନ୍ୟାନ୍ୟ ସୂତ୍ରରୁ ପାଣ୍ଠି ସଂଗ୍ରହ କରି ଏହି ସଂସ୍ଥାରେ ବିନିଯୋଗ କରିବାପାଇଁ ସରକାରଙ୍କର ଚିନ୍ତାଧାରା । ଏହି ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବାକୁ ଏହି ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରୟାସ କରିବା କଥା । ଏହି ଚିନ୍ତାଧାରା ପରିପ୍ରେକ୍ଷୀରେ ଜିଲାପାଳ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପଟ୍ଟନାୟକଙ୍କ ସହ ପରାମର୍ଶ କଲି । ସେ ମରୁଡ଼ି ଗ୍ରାଣ୍ଟରୁ ୨ ଲକ୍ଷଟଙ୍କା ଦେଲେ । ପୁନଶ୍ଚ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରୁ ୪ ଲକ୍ଷଟଙ୍କା ଆଣିଲି । ଏହି ପାଣ୍ଠି ପାଉଡ଼ିଭୂୟାଁ ଉନ୍ନୟନରେ ବିନିଯୋଗ କରାଇ ପୋଖରୀଖନନ, ସେଚପ୍ରକଳ୍ପର କେନାଲ ମରାମତି ଓ ରାସ୍ତା ମରାମତି କାର୍ଯ୍ୟରେ ବିନିଯୋଗ କଲି । ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ଶୋଇଲା ପୁଅର ଭାଗ ନାହିଁ । ଯଦି ମୁହଁ ଖୋଲି ବିଭିନ୍ନ ବିଭାଗ ସହ ପରାମର୍ଶ କରାଯାଇପାରନ୍ତା, ପାଉଡ଼ିଭୂୟାଁ ବିକାଶ ପାଇଁ ପାଣ୍ଠି ସଂଗ୍ରହ ହୋଇ ବିନିଯୋଗ ହୋଇପାରନ୍ତା । ନମିଳିଲେ ନାଇଁ; ଅନୁରୋଧପାଇଁ କୌଣସି ଦଣ୍ଡ ମିଳନ୍ତାନି ତ । ଏ ଥିଲା ସେତେବେଳର ଚିନ୍ତାଧାରା । ବର୍ତ୍ତମାନ ସଂସ୍ଥାକୁ ମିଳୁଥିବା ଅନୁଦାନର ସ୍ୱଚ୍ଛତା ଉପଲବ୍ଧି ହେଉନଥିବାରୁ ଯେତିକି ଅର୍ଥ ମିଳୁଛି ତାର ଉପଯୁକ୍ତ ବିନିଯୋଗ କରାଯିବା ବିଧେୟ ।

❖❖❖

# ପାଉଡ଼ିଭୂୟାଁ ଯୁବକଯୁବତୀମାନଙ୍କର ନିଯୁକ୍ତି ସମସ୍ୟା

ପାଉଡ଼ିଭୂୟାଁ ଅଞ୍ଚଳରେ ଆଙ୍ଗୁଠି ଟିପରେ ଗଣିଲା ଭଳି ଯୁବକ ଯୁବତୀ ଅଛନ୍ତି, ଯେଉଁମାନେ ୪ର୍ଥ, ୫ମ, ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ସେତେବେଳେ (ମୁଁ ସଂସ୍ଥାର ନିର୍ବାହୀ ଅଧିକାରୀଥିବା ସମୟରେ) ୩ ଜଣ ମାଟ୍ରିକ୍ ପାସ୍ କରିଥିବା ଯୁବକ ଥିଲେ । ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ହୋଇଥାଇପାରେ । (ମୁଁ ଶୁଣୁଥିଲି ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୧୦ କିମ୍ବା ୧୧ କୁ ବୃଦ୍ଧି ପାଇଛି) ସେତେବେଳେ ଯେଉଁ କେତେଜଣ ଏଇ ଶିକ୍ଷାଧାରୀ ଯୁବକ ଥିଲେ, ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଏହି ସଂସ୍ଥାରେ କଣ୍ଟ୍ରାକ୍ଟବୟ ଏବଂ ବହୁମୁଖୀ ସଂଯୋଜକ ଭାବେ ନିଯୁକ୍ତି ଦେଇଥିଲି । ଏଠାରେ ଉଲ୍ଲେଖ କରିବାର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ବ୍ୟକ୍ତ କରିବାକୁ ଚାହେ ଯେ ସରକାରଙ୍କର ନିୟମ ଅଛି ଯେ ଅଣତାଲିମପ୍ରାପ୍ତ ଆଦିମ ଜାତି ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରାଥମିକ ଶିକ୍ଷକ ଭାବେ ନିଯୁକ୍ତି ଦିଆଯିବା କଥା । ଏଭଳି ନିଯୁକ୍ତି ସୁଯୋଗ ଅଦ୍ୟାବଧି ଯେଉଁମାନେ ମାଟ୍ରିକ୍ ପାସ୍ କଲେଣି, ସେମାନଙ୍କୁ ଏହି ସୁଯୋଗ ପ୍ରଦାନ କରିବା କ୍ଷେତ୍ରରେ ନିୟମକୁ କେବଳ ନଥି ପତ୍ରରେ ନରଖି ତାର ଉଚିତ୍ ପ୍ରୟୋଗ କରାଯିବା କଥା । ପୁନଶ୍ଚ ମାଟ୍ରିକ୍ କମ୍ ପାଠ ପଢ଼ିଥିବା ଯୁବକଯୁବତୀମାନଙ୍କପାଇଁ କୋହଳନୀତି ଅବଲମ୍ବନ କରି ନିଯୁକ୍ତି ସୁଯୋଗ ଦିଆଯିବା କଥା । ଏହା ଆଦିମ ଜନଜାତି ବିକାଶରେ କାର୍ଯ୍ୟରତ ଅଧିକାରୀମାନେ ସରକାର ବା ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ଆଣି, ଏହାକୁ ତ୍ୱରାନ୍ୱିତ କରିବା କଥା ।

❖❖❖

# ପାଉଡ଼ିଭୂୟାଁ ଅଞ୍ଚଳରେ ମହୁଚାଷ

ସେଇ ସମୟର କଥା । ମୁଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଥାଏ । ମୁଁ ସେତେବେଳେ ଯାହା ଦେଖିଲି ଏହି ଅଞ୍ଚଳ ମହୁଚାଷର ପ୍ରକୃଷ୍ଟ କ୍ଷେତ୍ର । ପ୍ରାକୃତିକ ଉପାୟରେ ଜଙ୍ଗଲୀ ମହୁ ଉତ୍ପାଦିତ ହୁଏ । କେହି କେହି ଏହି ଜଙ୍ଗଲରୁ ମହୁ ସଂଗ୍ରହକରି ଗାଁ ମାନଙ୍କରେ ବିକ୍ରୟ କରନ୍ତି । ଓଡ଼ିଶା ଖଦି ଓ ଗ୍ରାମ୍ୟଶିଳ୍ପ ତରଫରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କୃତ୍ରିମ ଉପାୟରେ ସଘନ ମହୁଚାଷର ବ୍ୟବସ୍ଥା କରାଯାଇଅଛି । ଓଡ଼ିଶା ଖଦି ବୋର୍ଡ଼ ଜଣେ ଲେଖାଏଁ ମହୁ ଉତ୍ପାଦନକାରୀ କର୍ମଚାରୀ ଏବଂ ମହୁ ଉତ୍ପାଦନ ତାଲିମ ଦାତା ନିଯୁକ୍ତି ଦେଇଛନ୍ତି ଓ ମହୁବାକ୍ସ ଯୋଗାଇ ଦେଇଛନ୍ତି । ତେଣୁ କରି ମହୁଚାଷର ପ୍ରକ୍ରିୟା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଅଣୁଯୋଜନା ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଛି । ମୁଁ ସଂସ୍ଥାରେ ଯୋଗଦେବାବେଳକୁ (୧୯୮୮ ମସିହା ମଇ ମାସରେ) ଦେଖିଲି ମହୁ ବାକ୍ସଗୁଡିକ ଅବ୍ୟବହୃତହୋଇ ହିତାଧିକାରୀମାନଙ୍କ ଘରେ ପଡ଼ି ରହିଛି । ହିତାଧିକାରୀମାନଙ୍କୁ ବୁଝାଇ ମହୁବାକ୍ସ ସଦବ୍ୟବହାର କରିବାକୁ ପ୍ରୟାସ କଲି । ମହୁଚାଷ ସମ୍ପର୍କରେ ଜ୍ଞାନକୌଶଳ ପ୍ରୟୋଗପାଇଁ ତାଲିମଦାତାମାନଙ୍କୁ ପରାମର୍ଶ ଦେଲି । ତାପରେ ୧୦/୧୨ ଜଣ ହିତାଧିକାରୀ ମହୁଚାଷ ଆରମ୍ଭ କଲେ । ମହୁ ଉତ୍ପାଦିତ ହୋଇ ପାଉଡ଼ିଭୂୟାଁ ମହିଳା ସମବାୟ ସମିତି ଜରିଅରେ କ୍ରୟ-ବିକ୍ରୟ କେନ୍ଦ୍ରମାନଙ୍କରେ ବିକ୍ରୟ କରାଗଲା । ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଏହି ମହୁ ବିକ୍ରୟ କରାଗଲା । ଏହାର ଉଲ୍ଲେଖନୀୟ ଦୃଷ୍ଟାନ୍ତ ଦେବାକୁ ଉଚିତ୍ ମନେ କରୁଛି । ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଙ୍ଗଲାଲ ଜାମୁଦା ଏହି ସଂସ୍ଥା ପରିଦର୍ଶନ ସମୟରେ ଏକ କିଲୋଗ୍ରାମ ମହୁ ଉଚିତ୍ ମୂଲ୍ୟଦେଇ କ୍ରୟ କରି ନେଇଥିଲେ । ମହୁଚାଷ ଏକ ଅର୍ଥକରୀ ଚାଷ । ଏହାକୁ ତ୍ୱରାନ୍ୱିତ କଲେ ସଂସ୍ଥା ହିତାଧିକାରୀ ଓ କର୍ମଚାରୀଙ୍କର ଲାଭ ହେବ ।

❖❖❖

# ଆଦିମ ଜନଜାତି ମାଙ୍କଡ଼ିଆ

ମାଙ୍କେଡ଼ିଆ ନାମରେ ଗୋଟିଏ ଆଦିମ ଜନଜାତି ଅଛନ୍ତି ; ଯେଉଁମାନେ ଜାଜାବର ଶ୍ରେଣୀର ଜୀବନ ଯାପନ କରନ୍ତି । ସେମାନଙ୍କର ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ମୟୂରଭଞ୍ଜର କରଞ୍ଜିଆ ବ୍ଲକ ଅଧିନରେ ଥିବା ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରେ ଗୋଟିଏ ମାଙ୍କେଡ଼ିଆ ଓ ହିନ୍‌ଖେଡ଼ିଆ ଉନ୍ନୟନ ସଂସ୍ଥା ସ୍ଥାପିତ ହୋଇଅଛି ।

ଏମାନଙ୍କ ରହିବା ପାଇଁ ସ୍ଥାୟୀ ଘର ନ ଥାଏ । ସିଆଳି ପତ୍ର ଓ ସିଆଳି ପଟକୁ ସଂଗ୍ରହ କରି ବିଭିନ୍ନ ଉପକରଣ ତିଆରି କରି ବିକ୍ରୟ କରନ୍ତି । ସିଆଳି ପତ୍ରକୁ ବ୍ୟବହାର କରି ଏକ ଗମ୍ବୁଜ ସଦୃଶ ଅସ୍ଥାୟୀ ଗୃହ ନିର୍ମାଣ କରିଥାନ୍ତି । ଯାହାର ଉପରି ଭାଗ ଗୋଜିଆ ଅଟେ । ଏମାନେ ଯେଉଁଠାରେ ରହନ୍ତି । ସେଠାରୁ ସିଆଳି ପଟ, ପତ୍ର ଓ ମାଙ୍କଡ଼ (ଶିକାର ପାଇଁ) ହ୍ରାସ ହେଲେ ଅନ୍ୟତ୍ର ଚାଲିଯାଆନ୍ତି ଓ ସେହି ଡାଳପତ୍ରର ଘର (କୁମ୍ଭା)କୁ ସେଠାରେ ଛାଡ଼ି ଦେଇଯାନ୍ତି । ତାଙ୍କର ଏହି ଜାଜାବର ଜୀବନ ଯାପନ ସମୟରେ ବର୍ଷକୁ ଥରେ ଖଣ୍ଡାଧାର ପାହାଡ଼ ପାଦଦେଶକୁ ଆସି ଦୁଇ ତିନି ମାସ ରହି ସିଆଳି ପଟର ରସି, ଶିକା, ପଘା ପ୍ରସ୍ତୁତ କରି ବିକ୍ରୟ କରନ୍ତି । ମାଙ୍କଡ଼ ଶିକାର କରିଥାନ୍ତି । ଏକଦା ମାଙ୍କଡ଼ିଆ ମାନଙ୍କର ଥଇଥାନ ପାଇଁ ସରକାର ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥାକୁ ଅର୍ଥ ପ୍ରଦାନ କରିଥିଲେ । ଏହି ଅର୍ଥରେ କେତୋଟି କାନ୍‌ଭାସ ତମ୍ବୁ କ୍ରୟ କରି ବ୍ଲକରେ ଗଛିତ ଥିଲା । କିନ୍ତୁ ଏହି କାନ୍‌ଭାସ୍ ତମ୍ବୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହି ନେବା କଷ୍ଟସାଧ୍ୟ ଯୋଗୁଁ ସେମାନେ ଏହାକୁ ଗ୍ରହଣ କରି ନ ଥିଲେ । ଏହା ଥିଲା ମୁଁ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଥିବା ସମୟର ଦୃଷ୍ଟାନ୍ତ । ଏମାନେ ଯାଯାବର ଜୀବନ ଯାପନ କରୁଥିଲେ ହେଁ ଏମାନଙ୍କର ସ୍ୱତନ୍ତ୍ର ସାମାଜିକ ଚଳଣି ଅଛି । ଦେବ ପୂଜା, ମନ୍ତ୍ର ସାଧନ, ଜଡ଼ିବୁଟିର ଔଷଧ ବ୍ୟବହାର, ଜାଲ ଦ୍ୱାରା ମାଙ୍କଡ଼ ଶିକାର, ମନ୍ତ୍ର ଦ୍ୱାରା ମାଙ୍କଡ଼ ବନ୍ଧନ ଏମାନଙ୍କର ସ୍ୱତନ୍ତ୍ର ସଂସ୍କୃତି ।

❖❖❖

# ଭୂୟାଁ ଓ ପାଉଡ଼ି ଭୂୟାଁ

ସୁନ୍ଦରଗଡ଼ ଜିଲାରେ କାମକରୁଥିବା ସମୟରେ ମୁଁ ଦେଖିଲି "ପାଉଡ଼ି ଭୂୟାଁ" ଗୋଟିଏ ଆଦିମ ଜନଜାତି ରୂପେ ଚିହ୍ନିତ ହେବା ସ୍ଥଳେ "ଭୂୟାଁ" ଏକ ଜନଜାତି ରୂପେ ଚିହ୍ନିତ । ବିହାରର ଭୂୟାଁ ପିଢ଼ର ମୂଳ ବାସିନ୍ଦା ଭୂୟାଁ ଏକ କୃଷିଜୀବି ସଂପ୍ରଦାୟ ; ଯେଉଁ ମାନଙ୍କର ସମ୍ପ୍ରସାରିତ ବାସସ୍ଥଳୀ ସୁନ୍ଦରଗଡ଼ ଜିଲା ଓ ସମ୍ବଲପୁର ଜିଲାର କୁଚିଣ୍ଡା ଆଦି ଅଞ୍ଚଳକୁ ପରିବ୍ୟାପ୍ତ । ବହୁ ପ୍ରାଚୀନତମ ଜନଜାତି ଭୂୟାଁ ଏକ କୃଷିଜୀବି ସଂପ୍ରଦାୟର ଓ ଏହି ଅଞ୍ଚଳର ଅଧିବାସୀ ମାନଙ୍କ ଜୀବନ, ସଂସ୍କୃତି ଓ ଜୀବିକା ସହ ସାମଞ୍ଜସ୍ୟ । ଏହି ଭୂୟାଁ ମାନେ କେହି କେହି ନିଜକୁ ପରଜା ଭୂୟାଁ ବୋଲି ପରିଚୟ ଦେଇଥାନ୍ତି । ଏମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନ ଚିତ୍ର ପରିପ୍ରେକ୍ଷିରେ ଆଦିବାସୀ ରୂପେ ପରିଗଣିତ ପଶ୍ଚିମାଞ୍ଚଳର ବସବାସ କରୁଥିବା ସାଧାରଣ ବର୍ଗର ଜୀବନ ଶୈଳୀ ଓ ଭାଷାର ଏମାନଙ୍କର ଜୀବନ ଶୈଳୀ ଓ ଭାଷାର ଉପଲବ୍ଧ ହୁଏ । ଏମାନେ ମଧ୍ୟ ଭାଇଜୀଅନ୍ତିଆ, ପୁଅଜୀଅନ୍ତିଆ, କରମା, ଛେରଛେରା, ପୁଷପୁନେଇଁ ଓ ମକର ଆଦି ପର୍ବ ପାଳନ କରିଥା'ନ୍ତି । ଏମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଅନ୍ୟ ଆଦିବାସୀଙ୍କଠାରୁ ଉନ୍ନତତର । ଏହି ସଂପ୍ରଦାୟରେ ବହୁତ ଶିକ୍ଷିତ କର୍ମଚାରୀ, ଡ଼ାକ୍ତର, ଇଞ୍ଜିନିୟର, ଓକିଲ, ମନ୍ତ୍ରୀ ଓ ରାଜନେତା ବାହାରିଲେଣି ।

ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ଏ ଜାତିର ବିସିଷ୍ଟ ରାଜନୈତିକ ନେତାମାନେ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନନ୍ଦ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ଗଦାଧର ମାଝୀ, ବିଧାୟକ ରଣଜିତ୍ ଭିତ୍ରିୟା, ବିଧାୟକ ଡ଼ା. ପ୍ରଫୁଲ୍ଲ ମାଝୀ ଓ ଅନ୍ୟମାନେ ଯେଉଁମାନେ ଏହି ଅଗ୍ରଣୀ ତଫସିଲଭୁକ୍ତ ଜନଜାତିର ଗର୍ବ ଓ ଗୌରବର ନିଦର୍ଶନ । ଏଠାରେ ଅବତାରଣା କରିବାର ତାତ୍ପର୍ଯ୍ୟ ଏହିଯେ, ଆଦିବାସୀ ମାନଙ୍କ ମଧ୍ୟରେ 'ଭୂୟାଁ' ସାମାଜିକ, ଅର୍ଥନୈତିକ, ଓ ଶିକ୍ଷାକ୍ଷେତ୍ରରେ ଅପେକ୍ଷାକୃତ ଉନ୍ନତତର ସଂପ୍ରଦାୟ ଅଟେ ; କିନ୍ତୁ 'ପାଉଡ଼ି ଭୂୟାଁ'ମାନେ ଆଦିମ ଜନଜାତି ଶ୍ରେଣୀର ହେଲେହେଁ କେତେକ କ୍ଷେତ୍ରରେ ସଂସ୍କୃତି ଓ ସାମାଜିକ ନୀତିର ସାମଞ୍ଜସ୍ୟତା ଅଛି ।

❖❖❖

# ଆଦିବସୀର କ୍ରିଡ଼ା ପ୍ରତିଭା

ଆଦିବାସୀ କ୍ରିଡ଼ା ପ୍ରତିଭାର ବିକାଶ ପାଇଁ ସୁନ୍ଦରଗଡ଼ ଜିଲା ହେଉଛି ଉତ୍କୃଷ୍ଟ କ୍ଷେତ୍ର । ଏଠି ମୁଁ କାର୍ଯ୍ୟ କରୁଥିବା ସମୟରେ ବାଲିଶଙ୍କରା ବ୍ଲକ ଅଧିନରେ କେତେଗୁଡ଼ିଏ ଆଦିବାସୀ ଅଧୁଷିତ ଗାଁ'କୁ ଗସ୍ତ କରିବାକୁ ଯାଇଥିଲି, ସେତେବେଳେ ଦେଖୁଥିଲି ଆଦିବାସୀ . ପିଲାମାନେ ଅମରି ବାଡ଼ିକୁ ବ୍ୟାଟ୍ ଓ କାଗଜ ଗୁଡ଼ା ହୋଇଥିବା କନା ବିଣ୍ଡାକୁ ବଲ୍ ରୂପେ ବ୍ୟବହାର କରି ହକି ଖେଳୁଥିଲେ । ଏହା ପ୍ରାୟ ପ୍ରତି ଆଦିବାସୀ ଗ୍ରାମରେ ଦେଖିବାକୁ ମିଳୁଥିଲା । ଏହି କ୍ରିଡ଼ା ପ୍ରେମୀ ପିଲାମାନେ କ୍ରମେ କ୍ରମେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରକୁ ଗଲାବେଳକୁ ବ୍ୟାଟ୍ ବଲ୍ କିଣି ଖେଳୁଥିଲେ । ଏମାନେ ଆନ୍ତଃ ବିଦ୍ୟାଳୟ, ଆନ୍ତଃ କଲେଜ ସ୍ତରରେ ତାଙ୍କର କ୍ରିଡ଼ା ନୈପୁଣତା ଦେଖାଇ ସୁନ୍ଦରଗଡ଼କୁ ହକି ର ପ୍ରସିଦ୍ଧ ଭୂମି ବୋଲି ପ୍ରମାଣ କରାଇଥିଲେ । ବହୁ ବର୍ଷ ତଳେ ଆଦିବାସୀ ପ୍ରଦର୍ଶନୀ ମଣ୍ଡପରେ ସରକାରଙ୍କ ତରଫରୁ ବିଭିନ୍ନ କ୍ରିଡ଼ାର ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ମୁଁ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ଛାତ୍ର ମାନଙ୍କୁ ହକି ଓ ତୀର କ୍ଷେପଣ ପ୍ରତିଯୋଗୀତାରେ ଯୋଗଦାନ ପାଇଁ ନେଇଥିଲି ।

ଏମାନେ କୃତିତ୍ୱ ହାସଲ କରିଥିଲେ । ଯେଉଁ ବାଲିଶଙ୍କରା ଅଞ୍ଚଳରେ ହକି ଖେଳର ଶୈଶବ ଅବସ୍ଥା ଦେଖୁଥିଲି, ସେହି ଅଞ୍ଚଳରୁ ଆର୍ନ୍ତଜାତୀୟ ଖେଳାଳୀ ଦିଲ୍ଲିପ୍ ତିର୍କି ଓ ଅନ୍ୟ ପିଲାମାନେ କୃତିତ୍ୱ ହାସଲ କରିବେ ଏ କଥା କିଏ ବା ବିଶ୍ୱାସ କରନ୍ତା ? ପୁନଶ୍ଚ ସୁନ୍ଦରଗଡ଼ ଜିଲାରୁ ଆନ୍ତର୍ଜାତୀୟ ହକି ତାରକା ଆଦିବାସୀ ସମ୍ପ୍ରଦାୟର କ୍ରୀଡା ପ୍ରତିଭାର ଏକ ମାଇଲ ଖୁଣ୍ଟ । ଯାହା ହେଉ କ୍ରିଡ଼ା ଜଗତର ଏହି ଉଜ୍ଜଳ ତାରକା ମାନଙ୍କୁ ଧନ୍ୟବାଦ ।

❖❖❖

# ଆଦିମ ଜନଜାତିର ବିକାଶରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା

ଆଦିମ ଜନଜାତିର ସାମଜିକ ଓ ଅର୍ଥନୈତିକ ବିକାଶପାଇଁ ପ୍ରଶସ୍ତ ସୁଯୋଗ ରହିଛି । କେବଳ କିଛି କର୍ମଚାରୀ ଏବଂ କିଛି ଆର୍ଥିକ ବ୍ୟବସ୍ଥାର ଅଭିବୃଦ୍ଧି ହେଲେ ଏମାନଙ୍କର ବିକାଶ ତ୍ୱରାନ୍ୱିତ ହୋଇପାରିବ ତାହା ନୁହେଁ, ଉତ୍ସର୍ଗୀକୃତ ମନୋଭାବର ଆବଶ୍ୟକତା ଅଛି । ଏଠି ଲାଖ ଚାଷ, ମହୁଚାଷ, ଆମ୍ବ,ପଣସ, ଲିଚୁ, ଲେମ୍ବୁ, କମଳା, ବରକୋଳି, ପିଜୁଳି, କଦଳୀ, ସଜନା, ଅମୃତଭଣ୍ଡା ଭଳି ପାରମ୍ପରିକ ଓ ଅଣ ପାରମ୍ପରିକ ଉଦ୍ୟାନଭିତ୍ତିକ ଚାଷର ଭିତ୍ତିଭୂମି ରହିଛି । ଲାଖ ଉତ୍ପାଦନର ପ୍ରାକୃତିକ ଭିତ୍ତିଭୂମି ରହିଛି କେବଳ ଆନ୍ତରିକତା ଓ ଗବେଷଣାତ୍ମକ ମନୋଭାବ ପ୍ରକଟିତ ହେଲେ ଏ କ୍ଷେତ୍ରରେ ଆଦିମଜନଜାତିର ଲୋକମାନେ ଏହି ଚାଷପ୍ରତି ଆକୃଷ୍ଟହେବେ । ସରକାରୀ କଟକଣା ପ୍ରଯୁକ୍ତ ନିୟାମାବଳୀ ଭିତରେ ଆବଦ୍ଧହୋଇ କର୍ମଚାରୀମାନେ ଷ୍ଟେରିଓଟାଇପ୍ କାର୍ଯ୍ୟ ସମ୍ପାଦନ କରନ୍ତି । ଏହାଦ୍ୱାରା ଆଦିମଜନଜାତିର ବିକାଶ ଫଳପ୍ରଦ ହେବା ଅସମ୍ଭବ । ଏଠି ତିନିଗୋଟି ବିଷୟପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ । ଏଗୁଡ଼ିକ ହେଲା ଶିକ୍ଷା, ସାକ୍ଷରତା ଓ ସଚେତନତା ବାର୍ତ୍ତା ପ୍ରଚାର । ନିଶାନିବାରଣ ଓ ସାକ୍ଷରତା ତଥା ପାରମ୍ପରିକ ଓ ଅଣପାରମ୍ପରିକ ଚାଷରେ ମନୋନିବେଶ କରିବାପାଇଁ ସଚେତନତା ସୃଷ୍ଟି ଅତ୍ୟନ୍ତ ଜରୁରି ।

ଅଣ୍ଣୁଯୋଜନା ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏହାର ପରିଚାଳନା କମିଟି ୧୮୬୦ ଶିଳ୍ପବିଧି ଅନୁସାରେ ନିବନ୍ଧିତ । ଏହାର ପରିଚାଳନା କମିଟିରେ ସଭାପତି ହେଲେ ସରକାରୀ ପଦାଧିକାରୀ ଜିଲାପାଳ, ସମ୍ପାଦକ ହେଲେ ସରକାରୀ କର୍ମଚାରୀ, ସ୍ୱତନ୍ତ୍ରଅଧିକାରୀ (କାର୍ଯ୍ୟନିର୍ବାହୀ ଅଧିକାରୀ) । ଅଧିକାଂଶ ସଦସ୍ୟ, ସରକାରୀ କର୍ମଚାରୀ । କାର୍ଯ୍ୟାନିର୍ବାହ ପାଇଁ କର୍ମଚାରୀମାନଙ୍କର ସଂଶ୍ଳିଷ୍ଟିତା, ଏଭଳି ବ୍ୟବସ୍ଥା ମଧ୍ୟରେ ଅଣ୍ଣୁଯୋଜନାରେ ସୁଫଳ ଉପଲବ୍ଧ ହେବା କଥା; କିନ୍ତୁ କର୍ମଚାରୀ ମାନଙ୍କର ଆନ୍ତରିକତା,ଆବେଗିକତା, ଗବେଷଣାତ୍ମକ ମନୋଭାବ ଉତ୍ସର୍ଗୀକୃତ ସେବା ଚିନ୍ତାଧାରା ସଠିକ୍ ଭାବେ ଉଦ୍ଭବ ହୋଇ ପାରୁନଥିବାରୁ ସଫଳତାରେ ଆଶଙ୍କା ଉପୁଜୁଛି ।

ଅଣ୍ଣୁ ଯୋଜନାକୁ ସମ୍ପୂର୍ଣ୍ଣଭାବେ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନଦ୍ୱାରା

ପରିଚାଳନା କରାଗଲେ ଉତ୍ସର୍ଗୀକୃତ ସେବା ମନୋଭାବ, ଆନ୍ତରିକତା, ଆବେଗତା ଓ ଗବେଷଣାତ୍ମକ ଚିନ୍ତାଧାରାର ଉପଯୋଗରେ ତୁଳନାତ୍ମକ ପ୍ରାର୍ଥକ୍ୟ ଉପଲବ୍ଧ ହୁଅନ୍ତା । ଏହି ସଂସ୍ଥା ବିଭିନ୍ନ ସୂତ୍ରରୁ ପାଣ୍ଠି ସଂଗ୍ରହ କରି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରନ୍ତା । ସଂସ୍ଥାକୁ ମିଳୁଥିବା ବିଭାଗୀୟ ଅନୁଦାନର ସ୍ୱଚ୍ଛତା ଦୂରିଭୁତ ହୋଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ ହୁଅନ୍ତା । ଅଙ୍କୁଶ ଭୟରେ ସରକାରୀ ବା ଅର୍ଦ୍ଧସରକାରୀ କର୍ମଚାରୀମାନେ ଷ୍ଟେରିଓଟାଇପ୍ କାର୍ଯ୍ୟ ସମ୍ପାଦନର ମାନସିକତା ଦୂର ହୋଇପାରନ୍ତା । ଅବଶ୍ୟ ଏହା ମୋର ବ୍ୟକ୍ତିଗତ ମତ । ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ଏଭଳି ସ୍ୱୟଂ ପରିଚାଳିତ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇ ଫଳ ପରୀକ୍ଷା କରିବା କଥା । ଅଞ୍ଚେ ବହୁତେ ଏବେ ଏହି ଚିନ୍ତାଧାରା କାର୍ଯ୍ୟକାରୀ ହେଲାଣି । ସ୍ୱାସ୍ଥ୍ୟସେବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବେସରକାରୀ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେଲାଣି । ଆୟକାରୀ ଅଣୁ ପ୍ରକଳ୍ପମାନ ସ୍ୱୟଂ ସହାୟକଗୋଷ୍ଠୀ ଓ ବେସରକାରୀ ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଲାଣି; କିନ୍ତୁ ଦର୍ଶାଯାଇଥିବା ଅର୍ଥକରୀ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବା ଉଚିତ୍ ।

❖❖❖

# ପ୍ରଗତି ପଥରେ ଆଦିମ ଜନଜାତି
# ପାଉଡ଼ି ଭୂୟାଁ

ବହୁଦିନ ପରେ ମୋ'ର ଅତୀତର କର୍ମକ୍ଷେତ୍ର ପାଉଡ଼ି ଭୂୟାଁ ଅଧ୍ୟୁଷିତ (ଖୁଣ୍ଟ ଗାଁ ପାଉଡ଼ି ଭୂୟାଁ ଉନ୍ନୟନ ପ୍ରକଳ୍ପ ଅଞ୍ଚଳ)ର ଏକ ନିଭୃତ ଗାଁ' ସାନ ନୂଆଗାଁ ଭ୍ରମଣରେ ଯାଇଥିଲି । ଗାଁ' ର ମୁଖିଆ ମନୁ ସହ ସାକ୍ଷାତ୍ ହେଲି । ବହୁ ବାକ୍ ବତ୍ତା ନିପୁଣ ଭୂୟାଁ ବ୍ୟକ୍ତି ମନୁର ଜରାଗ୍ରାସ ଯୋଗୁଁ ବାକ୍ ଶକ୍ତି ବିହୀନ ହୋଇଯାଇଥିଲେ ହେଁ ସମ୍ୟକ୍ ବାର୍ତ୍ତାଳପ ମଧରେ ପୂର୍ବର ସ୍ମୃତିଚାରଣ କରିବାରେ ମୁଁ ଅତ୍ୟନ୍ତ ମୁଗ୍ଧ ହେଲି ।

ଏଇ ଗାଁ'ରେ ମୁଁ ମୋ'ର ପରିକଳ୍ପନାରେ ସ୍ଥାପିତ ଜ୍ଞାନ ମନ୍ଦିର ଓ ପ୍ରାୟ ୨୦ ବର୍ଷ ତଳୁ ଅବସ୍ଥାପିତ ବହୁମୁଖୀ ସଂଯୋଜିକା ସେଲୁଅନ୍ତି ବାଡ଼ା ସହ ସାକ୍ଷାତ୍ ହେଲା । ସେ ଜଣେ ନିଷ୍ଠାପର କର୍ମଚାରୀ ତା'ର କର୍ମ କ୍ଷେତ୍ରରେ କିଛି ନକରାତ୍ମକ ଓ କିଛି ସକରାତ୍ମକ ସତ୍ତା ଉପଲବ୍ଧ କଲି । ଜ୍ଞାନ ମନ୍ଦିରରେ ଆଉ ଅଶିକ୍ଷିତ ଓ ପୌଢ଼-ପୌଢ଼ା ମାନଙ୍କୁ ସାକ୍ଷର କରିବା ଚିନ୍ତାଧାରା ଧିମେଇ ଗଲାଣି । ପାଠ ପଢ଼ିବାକୁ ପ୍ରବର୍ତ୍ତା ଗଲାବେଳେ ଛୋଟ ଛୋଟଝିଅ ମାନେ ପୂର୍ବ ଭଳି ବାହାରର ଲୋକଙ୍କୁ ଦେଖି ତାଙ୍କ ପାଖକୁ ନ ଯାଇ, ପାହାଡ଼ ଉପରକୁ ଡ଼ରି ପଳାଇବା ମାନସିକତା ନାହିଁ । ଝିଅ ମାନେ ବହମୁଖୀ ସଂଯୋଜିକାଙ୍କର ଉଦ୍ୟମରେ ଅଣୁ ଯୋଜନା ଦ୍ୱାରା ସ୍ଥାପିତ ଆବାସିକ ଶେବାଶ୍ରମ (Education Complex)ରେ ପାଠ ପଢ଼ିଲେଣି । ଏମାନେ ଏଠାରେ ରହି ପୁଷ୍ଟିକର ଖାଦ୍ୟ ପାଇ ନିଜର ଶରୀର ସୌଷ୍ଟବତା ଗଠନ ସହ ଶିକ୍ଷା ଲାଭ କରି ସାମାଜିକ, ସାଂସ୍କୃତିକ ଦିଗରେ ସଚେତନତା ଲାଭ କରିବାକୁ ପ୍ରୟାସ କଲେଣି ।

ଏଠାରେ ଗୋଟିଏ କଥା ଦେଖିଲି ପୁଅ ପିଲାମାନେ ବିଦ୍ୟାଳୟକୁ ନ ଯାଇ ବୁଲୁଛନ୍ତି । ଏଇଭଳି କେତୋଟି ପିଲାଙ୍କୁ ଦେଖିଲି । ସସା ଦେହୁରୀ, ପିତା- ଗୁରୁ , ରାଜ ଦେହୁରୀ, ପିତା ଦୁଃଖନ, ସନ୍ତୋଷ ନାୟକ, ପିତା- ଡୁବୁରୁ । ଏମାନେ ଅ- ଆ- ବି ଜାଣନ୍ତିନି ତାଙ୍କୁ ବୟସ ୮/୧୦ ବର୍ଷ ହେଲାଣି । ପିଲା ମାନଙ୍କୁ ପଚାରିଲି "କାହିଁକି ପାଠ ପଢ଼ିବାକୁ ଯାଉନ"? ଉତ୍ତର ଦେଲେ "ମାଷ୍ଟର ଆସୁନି" । ଏମ୍.ପି.ସି. କୁ ପଚାରିଲି, ସେ କହିଲେ "ଏଠାରେ ଜଣେ ମାତ୍ର ଶିକ୍ଷକ, ସିଏ ପୁଣି କିଛି ଶୁଣି ପାରନ୍ତିନି ଦିନେ ଆସିଲେ ଦିନେ ନାହିଁ । ଏଭଳି ସ୍ଥିତିରେ ଏଠାରେ ପାଠପଢ଼ା ଯାହା ହେବା କଥା" । ପୁନଶ୍ଚ ପାଉଡ଼ି ଭୂୟାଁ ଭଳି ପଛୁଆ ଜାତିର ପିଲାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ବ୍ୟତିରେକ ସାଧାରଣ ବିଦ୍ୟାଳୟରେ ପାଠ ପଢ଼ା ଆଦୌ ଫଳପ୍ରଦ ହୋଇପାରୁନି । ଏଇ

ବହୁମୁଖୀ ସଂଯୋଜିକାର ଆଉ ଗୋଟିଏ ଭଲ କାମ କଥା ଶୁଣି ଖୁସି ହେଲି । ଏଠି ୩ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ କାମ କରୁଛି । ଏମାନଙ୍କର ଧନ୍ଦା ହେଲା ଲାଖ ଚାଷ । ଏହା ଏକ ଅତ୍ୟନ୍ତ ଲାଭକାରୀ ଧନ୍ଦା । ପୁନଶ୍ଚ ଏମାନଙ୍କର ଏହା ପାରମ୍ପରିକ ବୃତ୍ତି । ତେଣୁ ଏଥିରୁ ନିରୁତ୍ସାହିତହୋଇ ଓହରିବାର ଆଶଙ୍କା ନ ଥାଏ । ମୁଁ ସ୍ୱତନ୍ତ୍ର ଅଧିକାରୀ ଥିବା ସମୟରେ ଏହି ଚାଷ ପ୍ରବର୍ତ୍ତନ ପାଇଁ ପ୍ରଚେଷ୍ଟା ସ୍ୱରୂପ ସମସ୍ତ ପାଉଡ଼ି ଭୂୟାଁ ଚାଷୀ ମାନଙ୍କୁ ପ୍ରବର୍ତ୍ତାଇଥିଲି । ଏ ବିଷୟରେ ମୋର ପ୍ରାଥମିକ ପ୍ରଚେଷ୍ଟା ଅନ୍ୟତ୍ର ଉଲ୍ଲେଖ କରାଯାଇଛି । ଯାହା ହେଉ ଆଜି ମୋର ଅତୀତର ପରିକଳ୍ପନା ବାସ୍ତବରେ ପରିଣତ ହୋଇପାରିଛି । ଗରିବ ଆଦିମ ଜନଜାତିର ଅର୍ଥନୈତିକ ଅବସ୍ଥା ସୁଧାରିବା ପାଇଁ ଏଭଳି ଧନ୍ଦାକୁ ଏମାନେ ଆପଣେଇ ପାରିଛନ୍ତି । ଏହା ପ୍ରକଳ୍ପ ଅଧିକାରୀ, କର୍ମଚାରୀ ଓ କର୍ମୀ ମାନଙ୍କ ପାଇଁ ଏକ ଶ୍ରେୟସ୍କର ପଦକ୍ଷେପ । ବର୍ତ୍ତମାନ ଏହି ଅଂଚଳର ଜଣେ ସ୍ୱେଛାସେବୀ ପୂର୍ଣ୍ଣଚନ୍ଦ୍ର ମହନ୍ତ, ସେ ଆଦିବାସୀ ବର୍ଗର ନହେଲେହେଁ ଲାଖ ଚାଷ ପାଇଁ ଏକ ସମବାୟ ସଂସ୍ଥା ଗଠନକରି, ଆଦିବାସୀ ମାନଙ୍କୁ ସଂଶ୍ଳିଷ୍ଟ କରି ଏମାନଙ୍କର ହିତ ସାଧନରେ ବ୍ରତି ଅଛନ୍ତି ।

ପ୍ରଗତି ପଥରେ ପାଉଡ଼ି ଭୂୟାଙ୍କୁ ଭେଟିଲା ବେଳେ ଦେଖିଲି ଆଉ କେତେକ କ୍ଷେତ୍ରରେ ଆଧୁନିକ କୃଷି, ଫଳୋଦ୍ୟାନ, ଜଳସେଚନ, ଗମନାଗମନ,ସ୍ୱାସ୍ଥ୍ୟ, ସାମାଜିକ ଓ ସାଂସ୍କୃତିକ ବିକାଶରେ ଦିଗହରା ହୋଇପଡୁଛନ୍ତି । ଏଥିପାଇଁ ପଥ ପ୍ରଦର୍ଶକ ଆବଶ୍ୟକ ହେଉଅଛି । ଯଦିଓ ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଏହିଭଳି ପଥପ୍ରଦର୍ଶକ ସାଜିଛନ୍ତି ଏଥିପାଇଁ ଗଭୀର ଅନୁସନ୍ଧାନ ଓ ବାସ୍ତବ ମୁଲ୍ୟାୟନ ହେବା ଆବଶ୍ୟକ । ସରେଇକେଲାର ଜଣେ ପାଉଡ଼ି ଭୂୟାଁ ବ୍ୟକ୍ତିଙ୍କୁ ଭେଟିଲି । ଇଏ ଇନ୍ଦିରାଆବାସ ଗୃହର ହିତାଧିକାରୀ । ମୁଁ ପଚାରି ବୁଝିଲି ତାଙ୍କ ଗାଁ ରୁ ୩ ଜଣ ହିତାଧିକାରୀ ଅଛନ୍ତି । ଏଇଭଳି ସବୁ ଗାଁ'ରେ ଇନ୍ଦିରା ଆବାସ, ସବୁ ଗାଁ 'ରେ ସ୍ୱୟଂ ସହାୟକ ଗୋଷ୍ଠୀ ଉପଲବ୍ଧ । ମୋର କର୍ମ ଅବଧି ଠାରୁ ଏପର୍ଯ୍ୟନ୍ତ ପ୍ରାୟ ୨୦ ବର୍ଷ ମଧ୍ୟରେ ଅର୍ଥନୈତିକ ପରିବର୍ତ୍ତନ କେତେକାଂଶରେ ହୋଇଥିଲେ ହେଁ ସାମାଜିକ ବିକାଶ ଆଶାନୁରୂପ ହୋଇନି । ସଂସ୍ଥାର କର୍ମଚାରୀମାନଙ୍କରଠାରେ ଅନୁଭୂତି ପରେପ୍ରେକ୍ଷିରେ ଦକ୍ଷତା ଓ କର୍ମ ନିପୁଣତା ଭରି ରହିଛି । ନାରୀ ଶିକ୍ଷା ଆଶାତିତ ଭାବେ ଉନ୍ନତି ହୋଇଥିଲେ ହେଁ ପୁଅ ପିଲା ମାନଙ୍କ ପାଇଁ ହାଲୁକା ନଜର ରହୁଛି । ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେତନତାର ବିଶେଷ ଧ୍ୟାନ ଦେବା ଆବଶ୍ୟକ ରହିଛି । ଉତ୍ସର୍ଗୀକୃତ ଭାବ ରହିଲେ ଏ ଜାତିର ଅର୍ଥନୈତିକ ଓ ସାମାଜିକ ଉତ୍‌ଥାନ ଆହୁରି କ୍ରିୟାନ୍ୱିତ ହୋଇପାରିବ ? ଏଭଳି ମୋଟା ମୋଟି ଅନୁଭୂତି ପରିପ୍ରେକ୍ଷୀରେ ମୁଁ ଆଗାମୀ ପିଢ଼ି ପାଇଁ ସଚେତନତା ବାର୍ତ୍ତା ବାଣ୍ଟି ରହିଲି ।

# ଏକ ଅନନ୍ୟ ସଫଳତା ଗାଥା

ମୁଁ ପ୍ରତିବର୍ଷ ଆଦିବାସୀ ମେଳା ଦେଖିବାକୁ ଯାଏ । ଆଦିବାସୀ ମେଳା ଅଭିନବ ଚିନ୍ତାଧାରାରେ ଏବର୍ଷ (୨୦୧୦) ଆୟୋଜିତ ହୋଇଥିଲା । ଏ ମେଳା ମନେ ହେଉଥିଲା ସତେ ଯେପରି ଓଡ଼ିଶାର ଆଦିବାସୀ ଗ୍ରାମ୍ୟଜୀବନ ଜୀବନ୍ତଭାବେ ଉଠି ଆସିଛି ଭୁବନେଶ୍ୱରକୁ ।

ଆଦିମଜନଜାତିର ସରଳ ନିଷ୍କପଟ ଜୀବନଶୈଳୀ ଭିତରେ ଖାଦ୍ୟାଭ୍ୟାସ, ବେଶପରିପାଟୀ, ଜୀବିକା ନିର୍ବାହନର ଶୈଳୀ, ସଂସ୍କୃତି, ପରମ୍ପରାଗତ ଲୋକ ସଂଗୀତ, ଲୋକନାଚ, ଲୋକଗୀତ, ବସବାସ, ଶିକ୍ଷା ଓ ସାକ୍ଷରତା ପ୍ରକ୍ରିୟା, ଗୃହଉପକରଣ, ଘରସଜ୍ଜା, କୃଷି, ପଶୁପାଳନ, ଫଳୋଦ୍ୟାନ, ମହୁଚାଷ, ଜଳସେଚନର ମଡ଼େଲ୍ ଜରିଆରେ ଉପଲବ୍ଧ ହୋଇଥିଲା ଏ ଥିଲା ବିଚିତ୍ର ଜୀବନର ଦର୍ଶନ ଓ ନିଦର୍ଶନ । ଏ ସବୁର ନମୁନା ପ୍ରଦର୍ଶନ ଥିଲା ଗତାନୁଗତିକ ଧାରା ଯାହା ୧୯୫୧ ମସିହାଠାରୁ ଅନୁସୃତ ହୋଇ ଆସୁଅଛି । ଅବଶ୍ୟ ମଝିରେ କେତେବର୍ଷ ଏହା ସ୍ଥଗିତ ଥିଲା । ଏବେ ତାହା ନିରବଛିନ୍ନ ଭାବେ ପ୍ରତିବର୍ଷ ପ୍ରଦର୍ଶିତ ହୋଇ ଆସୁଅଛି; କିନ୍ତୁ ଏ ଗତାନୁଗତିକ ଧାରାକୁ ଉନ୍ନତ ହୋଇ ଏବର୍ଷ ଭିନ୍ନ ଢଙ୍ଗରେ ପ୍ରଦର୍ଶିତ ହୋଇଥିଲା ।

ପାରମ୍ପରିକ ଭିତ୍ତିରେ ଗୋଟିଏ ଆଦିବାସୀ କିପରି ପ୍ରାତଃକର୍ମ କରେ, ମୁଖ ପ୍ରକ୍ଷାଳନ, ଦନ୍ତଶୋଧନ, ଶୌଚକାମ, ସ୍ନାନ, ଭୋଜନ, ମଦ୍ୟପାନ, ପରିଧାନ, ଦେବ ପୂଜନ, କୃଷି, ଫଳଚାଷ, ପଶୁପାଳନ, ପଶୁଶିକାର, ଜଙ୍ଗଲ ସଂରକ୍ଷଣ, ଜଙ୍ଗଲକ୍ଷୟ, ଜଙ୍ଗଲଜାତ ପଦାର୍ଥ ସଂଗ୍ରହ, ଭକ୍ଷଣ ଓ ବିପଣନ, ଗୃହନିର୍ମାଣ, ଗୃହଉପକରଣ ନିର୍ମାଣ, ସାହିତ୍ୟ ଓ ସଂଗୀତ, ନାଚର ସନ୍ଧାନ ଓ ତନ୍‌ମଧ୍ୟରୁ ଆନନ୍ଦ ଗ୍ରହଣ, ନିଜ ଭାଷାରେ ଭାବର ଆଦାନ ପ୍ରଦାନ, ବୈବାହିକ ପ୍ରକ୍ରିୟା ଓ ଶୁଦ୍ଧିକର୍ମ ସମ୍ପାଦନ, ମନ୍ତ୍ରତନ୍ତ୍ରର ଉପଯୋଗ, ଅତିଥିସେବା ଇତ୍ୟାଦି ଜୀବନ ଶୈଳୀ ଏହି ମଣ୍ଡପରେ ସ୍ଥାନିତ ମଡେଲ୍ ଜରିଆରେ ଉପଲବ୍ଧ ହେଉଥିଲା । ପରମ୍ପରାଗତ ଓ ଆଧୁନିକ ବିକାଶ ପ୍ରକ୍ରିୟାରେ ଜୀବନ ଚିତ୍ର ଉପଲବ୍ଧ ହେଉଥିଲା । ନମୁନା ଆଦିବାସୀ ବସ୍ତି, ନମୁନା ଆଦିବାସୀ ବିପଣନ କେନ୍ଦ୍ର, ନମୁନା ଆଦିବାସୀ ଖାଦ୍ୟପ୍ରସ୍ତୁତ ଓ ବିପଣନ କେନ୍ଦ୍ର, ଆଦିବାସୀ ଭାଷା ଓ ଗବେଷଣା କେନ୍ଦ୍ର ଓ ଆଦିବାସୀ ହରିଜନ ଗବେଷଣା ଓ ତାଲିମ କେନ୍ଦ୍ରଦ୍ୱାରା ସ୍ଥାନିତ ପ୍ରାଚୀନ ସଂସ୍କୃତି ଆଧାରିତ ଏହି ମଣ୍ଡପମାନଙ୍କରେ ପ୍ରଦର୍ଶିତ ହୋଇଥିଲା ।

ତେବେ ଏ ପ୍ରବନ୍ଧରେ ତାହାର ତାତ୍ପର୍ଯ୍ୟ ଅବତାରଣା କରିବା ପରିପ୍ରେକ୍ଷୀରେ ମୁଁ ଏଠାରେ ଉଲ୍ଲେଖ କରେ ଯେ ଉପରୋକ୍ତ ଉପମଣ୍ଡପଗୁଡ଼ିକୁ ବୁଲି ଉପଭୋଗ କରୁକରୁ ମୁଁ ଯାଇ ପହଞ୍ଚିଲି ଆଦିବାସୀ ପାରମ୍ପରିକ ଓ କୁଟୀର ଶିଳ୍ପର ଉତ୍ପାଦନ ସାମଗ୍ରୀର ବିପଣନ କେନ୍ଦ୍ରରେ । ଏଠି ରାଜ୍ୟର ବହୁ ଅଞ୍ଚଳର ଆଦିବାସୀ ମାନଙ୍କଦ୍ୱାରା ଉତ୍ପାଦିତ ତଥା କୁଟୀରଶିଳ୍ପ ମାଧ୍ୟମରେ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ହେଉଥିଲା ।

ପ୍ରଦର୍ଶନୀରେ ଏହି ବିକ୍ରୟ ପ୍ରକ୍ରିୟାରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେବା ଅବସରରେ ଆଦିବାସୀ ଅଞ୍ଚଳରେ ଗଠିତ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଏହି ବିକ୍ରୟ କାର୍ଯ୍ୟ ସମ୍ପାଦନ ହେଉଥିଲା । ପ୍ରତି ଉପମଣ୍ଡପର ଷ୍ଟଲର ନାମ ଓ ଠିକଣା ଲେଖାଥିବାରୁ ଏଗୁଡ଼ିକ ଦୃଷ୍ଟିରେ ଆସି ଯାଉଥାଏ । ହଠାତ୍ ନଜରପଡ଼ିଲା ବଣେଇ ଉପମଣ୍ଡପ ଉପରେ । ଏହା ଦେଖି କୌତୁହଳ ଲାଗିଲା; କାରଣ ବଣେଇ ସହ ମୋର ଅତୀତ କର୍ମଜୀବୀ ଜୀବନ ଜଡ଼ିତ । ପାଉଡ଼ିଭୂୟାଁ ଜୀବନଶୈଳୀ ସହ ସମ୍ପର୍କିତ ମନ କହୁଥିଲା - " ସତେ ଏଇ ବଣେଇ ? ଯାହାର ବକ୍ଷରେ ବହିଯାଉଛି ବ୍ରାହ୍ମଣୀର ସ୍ୱଚ୍ଛ ଜଳଧାରା, ଯେଉଁଠି ଦଣ୍ଡାୟମାନ ହୋଇଛି, ସୁଦୃଶ୍ୟ ଜଳପ୍ରପାତ ସର୍ଜିତ ଖଣ୍ଡାଧାର ମହାପର୍ବତ ସହ ଛେଲିଆ ଟୋକା ଓ ପତ୍ରକସା ପାହାଡ଼ । ଯାହାର କୋଳରେ ସାଇତିଛି ଓଡ଼ିଶାର ଅନ୍ୟତମ ଆଦିମ ଜନଜାତି ପାଉଡ଼ିଭୂୟାଁର ବିଚିତ୍ର ଜୀବନ ଯେଉଁ ଜୀବନ ; ଯେଉଁ ଜୀବନ ଶୈଳୀ ସମାଜିକ, ଅର୍ଥନୈତିକ, ସାଂସ୍କୃତିକ ଚିତ୍ରକୁ ଅକ୍ଷୁର୍ଣ୍ଣ ରଖି ଆଧୁନିକତାର ତୂଳୀରେ ମୁଁ ଆଙ୍କୁଥିଲି ବିକାଶର ଚିତ୍ର । ରାଜକର୍ମ ଅବସରରେ ମୁଁ ସନ୍ଧାନ କରୁଥିଲି ଏ ବିଚିତ୍ର ଜୀବନ ଭିତରେ ଅମୃତାୟାନ । ଶିକ୍ଷା, ସାକ୍ଷରତା, ସଚେତନତା, କୃଷି, ଫଳଚାଷ, ଜଳସେଚନ ଓ କୁଟୀର ଶିଳ୍ପର ଭିନ୍ନଭିନ୍ନ ରଙ୍ଗର ତୂଳୀ ଥିଲା ମୋ' ହାତରେ । ଭାବପ୍ରବଣତାରେ ଆଙ୍କୁଥିଲି ବିକାଶର ଚିତ୍ର, ତା' ସହିତ ଧରି ଥିଲି ବି ଭାବାବେଗର ଲେଖନୀ, ଲେଖୁଥିଲି ସଫଳତାର କାହାଣୀ, ନିରକ୍ଷର ପାଉଡ଼ିଭୂୟାଁକୁ ସାକ୍ଷର କରି ଶିକ୍ଷାକୁ ଅବୋଧମନରେ ସ୍ପର୍ଶକରାଇ ଜୀବିକାର ସୁଗମମାର୍ଗ ଦର୍ଶାଇ ସାରସ୍ୱତ ସ୍ୱପ୍ନ ଦେଖିଥିଲି । ରଚନା କରିଥିଲି ବହୁ ଭାଷା, ଭାଷାନ୍ତର ଓ ଭାବାବେଗର ଆଲେଖ୍ୟ ବହୁ ଆବେଗର କାହାଣୀ" ।

କିନ୍ତୁ ଏଇ ବଣେଇ ଷ୍ଟଲ୍ ଦେଖୁଦେଖୁ ମୋର ଭାବପ୍ରବଣତା ଅଟକିଗଲା ।

କାରଣ ଏଠି ଆଉ ଏକ ନୂଆକାହାଣୀ ରଚନା କରିବାକୁ ଉପାଦାନ ପାଇଲି । ତେବେ ଏ କାହାଣୀଟି କ'ଣ ?

ମୁଁ ଉପମଣ୍ଡପରେ ଦେଖୁଦେଖୁ ନଜରପଡ଼ିଲା କାଙ୍ଗୁ, ରୁମ୍ବା, କୋଳଥ, ଗଙ୍ଗେଇ ଆଦି ବହୁ ଆଦିବାସୀ ପାରମ୍ପରିକ ଉତ୍ପାଦିତ ପଦାର୍ଥର ବିପଣନ ପିଣ୍ଡି ଉପରେ ଯେଉଁଠି ବିପଣନ ଦାୟିତ୍ୱ, ନେଇଛନ୍ତି ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟଗାଁ ଅଧୀନସ୍ଥ ରଙ୍ଗି ଗାଁ'ର ସ୍ୱୟଂ ସହାୟକ ଗୋଷ୍ଠୀ । ପିଣ୍ଡି ଉପରେ ଏଠି ଦେଖିବାକୁ ପାଇଲି ଦୁଇଜଣ ମହିଳା ଓ ଜଣେ ପୁରୁଷ । ଏମାନେ ମତେ କେହି ଚିହ୍ନିବାରେ ଟିକିଏ ବ୍ୟତିକ୍ରମ ହେଲେ ହେଁ ଜଣେ ମହିଳା ମତେ କହିଲେ 'ଜୁହାର ଆଜ୍ଞା '! ନମସ୍କାର କଲେ । ଟିକିଏ ରହି ଚିହ୍ନିବାକୁ ଚେଷ୍ଟା କରି ଚିହ୍ନିଗଲି ।

ସେହି ମହିଳାର ପରିଚୟ ମତେ ଚକିତ କଲା । ନିରକ୍ଷର ମହିଳା, ଜଣେ ପାଉଡ଼ିଭୂୟାଁ ମହିଳା ଯାହାକୁ ମୁଁ ଦେଖିଥିଲି ମୋ'ର କର୍ମଜୀବୀ ଜୀବନ ପି.ବି.ଡି.ଏ, ଖୁଣ୍ଟଗାଁରେ ସ୍ୱତନ୍ତ୍ର ଅଧିକାରୀ ଥିବା ସମୟରେ । ଜଣେ ପାଉଡିଭୁୟାଁ ଯୁବତୀ, ଯିଏ ଥିଲା ମୋର ପିଅନ (ଅର୍ଦଳୀ) ପୂର୍ଣ୍ଣଚନ୍ଦ୍ର ଗିରିର ସ୍ତ୍ରୀ । 'ଫଗୁଣୀ' । ଆବସସ୍ଥଳୀ ପରିସରରେ ଯାହାର ପାରମ୍ପରିକ ଜୀବନଶୈଳୀ ସହ ଓତଃପ୍ରୋତଭାବେ ଜଡ଼ିତ ଥିଲି । ସେତେବେଳେ ଥିଲା ତା'ର ପରିଧାନ ପରିପାଟୀ ସମ୍ପୂର୍ଣ୍ଣ ପାରମ୍ପରିକ ଓ ପ୍ରାଚୀନ । ପରିମଳ ବ୍ୟବସ୍ଥା ତଦନୁରୂପ । ସନ୍ତାନ ପରିଚର୍ଯ୍ୟାରେ ଅସ୍ୱାସ୍ଥ୍ୟକର, ଖାଦ୍ୟପେୟର ପୁଷ୍ଟିସାଧନ ରହିତ । ଏଭଳି ପାଉଡ଼ିଭୁୟାଁ ରମଣୀ 'ଫଗୁଣୀ'ର ଗାଁ'ଥିଲା ଏହି ପାଉଡ଼ିଭୂୟାଁ ପ୍ରକଳ୍ପ ଇଲ୍ଲାକାଧୀନ ଫୁଲଝର ଗ୍ରାମରେ । ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଗିରି ଜଣେ ପାରମ୍ପରିକ ମଦ୍ୟସେବନପ୍ରିୟ ବ୍ୟକ୍ତି । ମଦ୍ୟସେବନ ପ୍ରଭାବରେ ସ୍ତ୍ରୀ ଫଗୁଣୀ ଉପରେ କ୍ଷୁବ୍ଧ ହେଲେ ଫଗୁଣୀ ଧୈର୍ଯ୍ୟର ସହ ସହି ନିଏ । ଅସଙ୍ଗତ ବ୍ୟବହାର ପ୍ରଦର୍ଶନ କରେନି, ଶାନ୍ତ, ସରଳ ଗୁଣ ସମ୍ପନ୍ନ ନାରୀ ଫଗୁଣୀ ଆମ ସମସ୍ତଙ୍କୁ ଯଥାମାନ୍ୟ ପ୍ରଦାନ କରି ସ୍ନେହାସ୍ପଦ ହୋଇପାରିଥିଲା ।

ତେବେ ଏଠି ଏସବୁକୁ ବର୍ଣ୍ଣନା କରିବାର ତାତ୍ପର୍ଯ୍ୟ ଏହି ଯେ ପୁର୍ଣ୍ଣ ଜଣେ ପାଉଡ଼ିଭୂୟାଁ ସାକ୍ଷର ଯୁବକ ହିସାବରେ ପ୍ରଥମେ ଏହି ସଂସ୍ଥାରେ କର୍ମକରି ଜୀବିକା ଆରମ୍ଭ କରିଥିଲା । ଯେଉଁଦିନଠାରୁ ଆରମ୍ଭ ହୋଇଥିଲା ପାଉଡ଼ିଭୂୟାଁ ବିକାଶର ପ୍ରଥମ ପର୍ବ ।

ପୂର୍ଣ୍ଣଚନ୍ଦ୍ର ଯେ ଏଇ ସଂସ୍ଥାରେ ସଫଳତା କାହାଣୀର ନାୟକ ହେବାପରେ ତା'ର ସ୍ତ୍ରୀ ଫଗୁଣୀ ଯେ ଆଉ ଏକ ସଫଳତା ନିଦର୍ଶନ ହୋଇପାରିବ ମୁଁ ଏକଥା ସ୍ୱପ୍ନରେ କଳ୍ପନା କରିପାରି ନଥିଲି । ଫଗୁଣୀକୁ ଦେଖି ଚିହ୍ନି ନପାରିବାର କାରଣ ତାର ଶରୀର

ଗଠନରେ ପରିବର୍ତ୍ତନ ଓ ବେଶଭୂଷାରେ ତୁଳନାତ୍ମକ ଭାବେ ପରିବର୍ତ୍ତନ ଏପରିକି କଥାଭାଷାରେ ସମ୍ୟକ ପରିବର୍ତ୍ତନରୁ ମୁଁ ଭାବୁଥିଲି "ସତେ କଣ ଏ ଫଗୁଣୀ" ?

ତାପରେ ପରବର୍ତ୍ତୀ କାହାଣୀ ଲେଖିବାକୁ ଗଲେ ଫଗୁଣୀ ଓ ପୂର୍ଣ୍ଣର ତିନିପୁଅ ବାବୁଲି, ରଣଜିତ ଓ ବିଶ୍ୱଜିତ କୁ ଦେଖିବାକୁ ହେବ । ସିଙ୍ଗାଣୀର ଷଡଷଡ ଧାର ନାକପୁଡାରୁ ନିଗିଡି ଆସୁଥିବା ସିଙ୍ଗାଣୀବୁହା ପାଟିରେ ଭାତ ଖାଉଥିବା ଧୂଳିଧୂସରିତ ବାଳକ ମାନେ କଇଁ କଇଁ ହୋଇ କାନ୍ଦୁଥିବା, ସେହି ବାବୁଲି, ରଣଜିତ ଓ ବିଶ୍ୱଜିତ । କିଛି ଦିନ ପରେ, ବାବୁଲିକୁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ତରଫରୁ ସ୍ୱତନ୍ତ୍ର ଶିକ୍ଷାଦାନ (ପ୍ରାଥମିକ ଶିକ୍ଷା) କରାଯାଉଥିଲା । ପରେ ସେ ଓ ତା'ର ଅନ୍ୟ ଦୁଇଭାଇ ସଚେତନ ହୋଇ ଶିକ୍ଷା ଲାଭ କଲେଣି । କାଚ-କାଞ୍ଚନ ସଂସ୍ପର୍ଶରେ ଆସିଲା ଭଳି ପୂର୍ଣ୍ଣର ପରିବାର ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥାର କର୍ମଚାରୀମାନଙ୍କ ଗହଣରେ ଜୀବନ ବିତାଇ ସ୍ୱତଃ ସଚେତନହୋଇ ତାର ପିଲା ମାନଙ୍କୁ ଶିକ୍ଷିତ ଓ ଉପଯୁକ୍ତ ଥଇଥାନ କରିପାରିଛି ।

ବାବୁଲି ସ୍ଥାନୀୟ ଆବାସିକ
ବିଦ୍ୟାଳୟରେ ଶିକ୍ଷକତା କରୁଛି ।
ରଣଜିତ ମାଟ୍ରିକ୍ ପରେ କମ୍ପ୍ୟୁଟର ପଢି ନିଯୁକ୍ତି ଅପେକ୍ଷାରେ ।
ବିଶ୍ୱଜିତ ମାଟ୍ରିକ୍ ପାସ୍ କଲାଣି ।

ସ୍ୱଂୟ ସହାୟକ ଗୋଷ୍ଠୀର ସଭାନେତ୍ରୀ, ତା'ର ବେଶ ପରିପାଟୀ, ପ୍ରସାଧନ ଓ ପରିଧାନରେ ଶାରୀରିକ ସୌନ୍ଦର୍ଯ୍ୟ ଓ ପୁଷ୍ଟିସାଧନଦ୍ୱାରା ସୁଠାମ ଚେହେରା ମତେ ତାକୁ ଚିହ୍ନିବାରେ ଭ୍ରମ ସୃଷ୍ଟି କରିଥିଲେ ହେଁ ସେ ଯେ ମୋର ସେଇ ଅତିପ୍ରିୟ ପାଉଡ଼ିଭୂୟାଁ ଜୀବନର ବିକାଶର କାହାଣୀର ନାୟିକା ଓ ପାଉଡ଼ିଭୂୟାଁ ବିକାଶର ମାଇଲଖୁଣ୍ଟ ଏହା ନିଶ୍ଚିତ ରୂପେ ପ୍ରଣିଧାନ ଯୋଗ୍ୟ । ପାଉଡ଼ିଭୂୟାଁ ବିକାଶରେ ଗୋଟିଏ ଘରୁ ତିନିଜଣ ମାଟ୍ରିକଲ୍ୟୁଟ୍ ବାହାରିବା ବାସ୍ତବିକ ରାଜ୍ୟରେ ଆଦିମଜନଜାତି ବିକାଶ ପ୍ରକ୍ରିୟାର ଏକ ଅନନ୍ୟ ନିଦର୍ଶନ ଏକ ଆଦର୍ଶ ସଫଳତା । ଗଣ ମାଧମ ବନ୍ଧୁମାନଙ୍କର ନଜର ଅନ୍ତରାଳରେ ଏ ସ୍ୱତନ୍ତ୍ର ନିଦର୍ଶନ ଲୁକ୍କାୟିତ । ତେଣୁ ଏହା ଲୋକ ଲୋଚନକୁ ଆସି ପାରିନାହିଁ । ସମୟ ଆସିଲେ ଏ ସଫଳତା କାହାଣୀ ଲୋକ ଲୋଚନକୁ ଆସିବ ।

❖❖❖